# ସମାରୋହ

ଅକ୍ଟୋବର ୨୦୨୫ www.samaroha.in



# KALINGA COMMERCIAL CORPORATION LTD

**A Leading Turnkey Service Provider for Mining Sector**

**(ISO 9001 : 2008 Certified)**

*Our Strength is-*
*Unity &*
*Teamwork with*





*Commitment and*
*Dedication*

*Our Motto –*
*No Words but Deeds*





*Aiming for Excellence*
*in Achievement with*
*Customer Satisfaction*


Our Vision:
Aspire to set Benchmark on Global Mining,Value Creation and Corporate Social Responsibility

***CORPORATE OFFICE***

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**



Bringing SMILE
to the Rural Life...
Mining
Power & Steel
Green Energy
Education
Agritech
SNM
SNM GROUP
Weigh Bridge Road, Barbil, Dist : Keonjhar - 758 035, Odisha
Website: www.snmgroups.com


खान मंत्रालय
Ministry of Mines
भारत सरकार | Govt. of India
सत्यमेव जयते
ବିଜୟର ପର୍ବ
ଶାରଦୀୟ
ଦୁର୍ଗା ପୂଜା
ଉପଲକ୍ଷେ ହାର୍ଦ୍ଦିକ
ଅଭିନନ୍ଦନ
नालको NALCO
A Navratna CPSE under Ministry of Mines
Government of India
Nalco Bhawan, Nayapalli, Bhubaneswar-751013, India
www.nalcoindia.com
Follow us on: nalcoindia NALCO_India nalco_india nalco_India nalcoindia

# ସମାରୋହ

( କଳା, ସାହିତ୍ୟ, ସଂସ୍କୃତିର ପାରିବାରିକ ମାସିକ ପତ୍ରିକା )


**Editor:**
Sailorani Mishra
**ସଂପାଦିକା:**
ଶୈଳରାଣୀ ମିଶ୍ର
**Associate Editor:**
Rabi Narayna Nanda
Kishore Kumar Mohanty
**ସହଯୋଗୀ ସଂପାଦକ:**
ରବି ନାରାୟଣ ନନ୍ଦ
କିଶୋର କୁମାର ମହାନ୍ତି
**Publisher:**
Bibhuti Bhusan Nanda
Gandarpur, Cuttack-753003
**ପ୍ରକାଶକ:**
ବିଭୂତି ଭୂଷଣ ନନ୍ଦ
ଗଣ୍ଡରପୁର, କଟକ-୭୫୩୦୦୩
**DTP:**
Printtech Offset Pvt. Ltd.
Bhubaneswar-24
**ଡିଟିପି:**
ପ୍ରିଣ୍ଟଟେକ୍ ଅଫ୍‌ସେଟ୍ ପ୍ରା:ଲି
ଭୁବନେଶ୍ୱର-୨୪
**Printer:**
Bibhuti Bhusan Nanda
Lipsa Printers, Gandarpur, Cuttack
**ମୁଦ୍ରଣ:**
ବିଭୂତି ଭୂଷଣ ନନ୍ଦ
ଲିପ୍‌ସା ପ୍ରିଣ୍ଟର୍ସ, କଟକ
**Managing Editor:**
Kalyani Nanda
**ପରିଚାଳନା ସଂପାଦିକା:**
କଲ୍ୟାଣୀ ନନ୍ଦ

**Volume - 35 Issue - 1**
**October - 2025**
**Price- Rs. 20/-**

*Owned, Printed and Published by*
*Bibhuti Bhusan Nanda, Gandarpur, Cuttack, Odisha*


## ସୂଚୀପତ୍ର

### ପ୍ରବନ୍ଧ


**ତମସୋ ମା ଜ୍ୟୋତିର୍ଗମୟ** ଇଂ ପ୍ରଶାନ୍ତ କୁମାର ଆଚାର୍ଯ୍ୟ....୮
**ଆଦିଶକ୍ତି ଜଗତଜନନୀ ମାଆ ଦୁର୍ଗା** ଶ୍ରୀମତୀ ରୀତା ସ୍ୱାଇଁ............୯


### କଥା ଓ କାହାଣୀ


**ଅସାଧାରଣ** ପଞ୍ଚାନନ କାନୁନ୍‌ଗୋ........... ୧୨
**ସାଥି** ଚକ୍ରଧର ସାହୁ................. ୧୬
**ଦାଢ଼ିଆ ବୁଢ଼ା** ବିନୋଦ....................... ୨୩
**ଦୁଃଖ ସହ ସୁଖର ପ୍ରତିଯୋଗିତା** ବନମାଳୀ ସେନାପତି........... ୨୬
**ମୃତ୍ୟୁ ପଛରେ ...** ଆଶାରାଣୀ ପଣ୍ଡା............... ୨୯
**ସେଇ ବୁଢାଟା ବଦମାସ୍** ସୁବାସ ମହାନ୍ତି.................୩୧
**ବିବାହ ବଜାର** ବାସନ୍ତୀ ପାତ୍ର....................୩୫
**ମାଇଲସ୍ ଟୁ ଗୋ ବିଫୋର ଆଇ ସ୍ଲିପ୍** ପ୍ରଦୀପ୍ତ କବି ............... ୩୯
**କୁନ୍ତୀର କୋହ** ଜ୍ୟୋତ୍ସ୍ନା ସାମନ୍ତରାୟ............ ୪୭
**ମନ୍ଦିର ପ୍ରତିଷ୍ଠା** ଡଃ ସୁକାନ୍ତ ମହାରଣା...........୫୦


### କବିତା


**ଜୀବନବୋଧ** ଖଗେଶ୍ୱର ମହତାବ............. ୫୫
**ବହି** ଅକ୍ଷୟ ପାତ୍ର.................... ୫୫
**ଇତିହାସ** ତାରକ ମହାନ୍ତି................. ୫୬
**ପହଲଗାମ** ଆଶୁତୋଷ କରଣ............. ୫୭
**ଆକାଂକ୍ଷା** ଦେବଯାନୀ ରାୟ.............. ୫୭
**ଗରୀବର ଝିଅ** ମନୋଜ କୁମାର ବେହେରା.....୫୮
**ଅନାଥ** ରାଜଶ୍ରୀ ମହାପାତ୍ର............... ୫୯
**କବି ଓ କବିତା** ଶରତ କୁମାର ଦାସ............ ୫୯
**ଓଃ, ସେଇ ଫାଲ୍‌ଗୁନ** ସମରେନ୍ଦ୍ରନାଥ ମହାପାତ୍ର.......୬୦

## ସମାରୋହ ନିୟମାବଳୀ

- ଏହା ପ୍ରତିମାସର ଦ୍ୱିତୀୟ ସପ୍ତାହରେ ପ୍ରକାଶ ପାଏ ।
- ସମାରୋହ ସମସ୍ତ ଲେଖକ ଲେଖିକାଙ୍କୁ ସମାନ ଗୁରୁତ୍ୱ ପ୍ରଦାନ କରେ ଓ ବିଶେଷତଃ ନୂତନ ଲେଖକଙ୍କୁ ଉତ୍ସାହିତ କରିବାରେ ବିଶ୍ୱାସ କରେ, କିନ୍ତୁ ଲେଖା ଉନ୍ନତମାନର ହୋଇଥିଲେ ହିଁ ଏହା ପ୍ରକାଶିତ ହୁଏ ।
- ଲେଖା ପଠାଇବା ସମୟରେ ଏହାର ଏକ ନକଲ ପାଖରେ ରଖନ୍ତୁ କାରଣ ଅମନୋନୀତ ଲେଖା ଫେରସ୍ତ ଦିଆଯାଏ ନାହିଁ ।
- ଲେଖା ସହିତ ନିଜର ସଂପୂର୍ଣ୍ଣ ଠିକଣା, ଦୂରଭାଷ ନମ୍ବର ଓ ପରିଚୟ ପଠାନ୍ତୁ ।
- ଅନ୍ୟ ପତ୍ରିକାରେ ପ୍ରକାଶିତ ହୋଇଥିବା କିମ୍ବା ପ୍ରକାଶ ପାଇଁ ଦେଇଥିବା ଲେଖା ପଠାନ୍ତୁନାହିଁ ।
- ଲେଖା ପଠାଇବାର ୬ ମାସ ମଧ୍ୟରେ ଏହା ପ୍ରକାଶିତ ନ ହୋଇଥିଲେ କିମ୍ବା କୌଣସି ଉତ୍ତର ନପାଇଲେ ଲେଖାଟି ଅମନୋନୀତ ବୋଲି ଧରିନେବେ ।
- ଲେଖାଟିଏ ସମାରୋହକୁ ପ୍ରକାଶ ପାଇଁ ପଠାଇବା ପରେ ୬ ମାସ ପର୍ଯ୍ୟନ୍ତ ତାହା ଅନ୍ୟତ୍ର ପ୍ରକାଶ ପାଇଁ ଦିଅନ୍ତୁ ନାହିଁ ।
- ଚାହିଁଲେ ଆପଣ ଲେଖାକୁ (ଶ୍ରୀଲିପି / ଆକୃତି)ରେ ପଠାଇ ପାରନ୍ତି । ପଠାଇବାର ଇ-ମେଲ୍ ଠିକଣା:- thesamaroha@gmail.com
- ହାତଲେଖା ସ୍ପଷ୍ଟ ହୋଇନଥିଲେ ଏବଂ ପଢ଼ି ହେଉନଥିଲେ ଲେଖା ପ୍ରକାଶ ନିମନ୍ତେ ବିଚାରକୁ ନିଆଯିବ ନାହିଁ ।
- ଫିଚର, ମହିଳା ମହଲ, ତନ୍ମାତ୍ର, ବ୍ୟକ୍ତିତ୍ୱ, ଖେଳ ଖେଳାଳୀ ପ୍ରଭୃତିର ପୃଷ୍ଠା ନିମନ୍ତେ ଉତ୍ତମ ମାନର ତଥ୍ୟ ସମ୍ବଳିତ ଲେଖା ପ୍ରକାଶ ଯୋଗ୍ୟ । ତେବେ ଏ ସମସ୍ତ ଲେଖା ପଠାଇବା ପୂର୍ବରୁ ସଂପାଦିକାଙ୍କ ସହିତ ଯୋଗାଯୋଗ କରି ଅନୁମତି ନେବା ଆବଶ୍ୟକ ।

**ସମସ୍ତ ଲେଖା, ମନିଅର୍ଡ଼ର ପଠାଇବା ନିମନ୍ତେ ଏବଂ ସମସ୍ତ ଯୋଗାଯୋଗ ନିମନ୍ତେ ଡି-୯, ବିଜେବି ନଗର ପରିବର୍ତ୍ତେ ସହଯୋଗୀ ସଂପାଦକଙ୍କର ନିମ୍ନୋକ୍ତ ଠିକଣାଟି ବ୍ୟବହାର କରିବାକୁ ଅନୁରୋଧ ।**

ପରିଚାଳନା ସଂପାଦିକା

**ସମାରୋହ ଆଜୀବନ ପୃଷ୍ଠପୋଷକ**

- ଶ୍ରୀ ଦେବ ପଟ୍ଟନାୟକ
- ଶ୍ରୀ ଲକ୍ଷ୍ମୀକାନ୍ତ ମିଶ୍ର
- ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ
- ଡା. ଅମରେନ୍ଦ୍ରନାଥ ଦାସ

## ତନ୍ମାତ୍ର

ଓଡ଼ିଆ ଚଳଚ୍ଚିତ୍ର : "ଚ୍ୟାଲେଞ୍ଜ".................................୬୧

## ଖେଳ ଓ ଖେଳାଳୀ

**ବିନା ମେଘେ ବଜ୍ରପାତ :**

**ଅଧିନାୟକ ପରିବର୍ତ୍ତନ ପ୍ରସଙ୍ଗ**...............................୬୨

## ଜ୍ୟୋତିଷ ବିଚାର

**ମାସିକ ରାଶିଫଳ** ଜ୍ୟୋତିର୍ବିଦ - ବିଶ୍ୱନାଥ ନାୟକ............ ୬୫

ପଢ଼ନ୍ତୁ ! ପଢ଼ନ୍ତୁ !

**ମାସିକ ଓଡ଼ିଆ ପତ୍ରିକା**



**ଯୋଗାଯୋଗ ଠିକଣା**

ସହଯୋଗୀ ସଂପାଦକ : ସମାରୋହ

ସି-୧୬୩, ବିଡିଏ ଡୁପ୍ଲେକ୍ସ, ପ୍ରଜ୍ଞାବିହାର, ବରମୁଣ୍ଡା, ଭୁବନେଶ୍ୱର-୩

ଫୋନ୍ ନମ୍ବର : ୦୬୭୪-୨୩୫୪୮୭୩, ମୋବାଇଲ ନମ୍ବର : ୯୦୯୦୪୬୮୦୪୬

E-mail: thesamaroha@gmail.com

| | | |
|---|---|---|
| **ସମାରୋହର ଦେୟ** | ବାର୍ଷିକ................ଟ. ୩୦୦.୦୦ | ଦ୍ୱିବାର୍ଷିକ..............ଟ. ୬୦୦.୦୦ |
| | ୩ ବର୍ଷ ପାଇଁ...........ଟ. ୯୦୦.୦୦ | ୫ ବର୍ଷ ପାଇଁ...........ଟ. ୧୫୦୦.୦୦ |
| | *ପ୍ରତ୍ୟେକ ମାସିକ ସଂଖ୍ୟା ଡାକ ଯୋଗେ ଗ୍ରାହକଙ୍କ ନିକଟକୁ ପଠାଇଦିଆଯିବାର ବ୍ୟବସ୍ଥା ରହିଛି ।* | |

# ସଂପାଦକୀୟ

ବହୁ ଘଟଣା ଘଟି ଚାଲିଥାଏ, ଚାଲିଛି ଏବଂ ଆଗକୁ ଚାଲିବ ମଧ୍ୟ। ଏହା ସୃଷ୍ଟିର ନିୟମ। ତେଣୁ ସେଥିରୁ ମୁକ୍ତି ପାଇ ନିଜକୁ ନିଷ୍ଠାରେ ପ୍ରତିଷ୍ଠା କରିବା ସହଜସାଧ୍ୟ ନୁହେଁ। ଜଗତ ଏକ ଜଞ୍ଜାଳର ସମାହାର। ଏଥିରେ ବିଚରଣ କରୁଥିବା ପ୍ରତ୍ୟେକ ବ୍ୟକ୍ତି ତାରି ସହିତ ଓତଃପ୍ରୋତ ଭାବେ ଜଡ଼ିତ। ମୁକୁଳି ପାରିବାର ଉପାୟ ଆଉ ରହେନାହିଁ। ଜନ୍ମରୁ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲିଥାଏ। ପ୍ରକୃତରେ ଅନ୍ତିମ ସମୟ ଆସିଗଲେ ସବୁକିଛିର ପରିସମାପ୍ତି ଘଟେ ଏବଂ ଘଟାନ୍ତର ହୁଏ।

ଆମ ସଂସ୍କୃତି ଘଟାନ୍ତର ପରେ ମଧ୍ୟ ପୁନର୍ବାର ଜନ୍ମଠାରୁ ଏ ପର୍ଯ୍ୟନ୍ତ ସୃଷ୍ଟି ଚକ୍ରରେ ଭାସି ବୁଲୁଥିବା ଆମେମାନେ ନିଜକୁ ଚିହ୍ନିବାକୁ ଚେଷ୍ଟା କରିନାହୁଁ କିମ୍ବା ସଂସାର, ସଂସ୍କାର ଆମକୁ ସେ ସୁଯୋଗ ଦେଉନାହିଁ। ତେଣୁ ଚକ୍ଷୁ ସମ୍ମୁଖରେ ଜଗତ ସହିତ ଜଗତବାସୀଙ୍କୁ ନିମ୍ନଗାମୀ ଦେଖି ମଧ୍ୟ ନ ଦେଖିଲା ପରି ଆମେମାନେ ପ୍ରତିମୁହୂର୍ତ୍ତରେ ଭୁଲିଯାଇ ଭଲିଯାଇ ପୁଣି ସେଇ ଗୁଳାରେ ଚକ ଗଡ଼ାଇ ଗତି କରିଚାଲିଥାଉ। ତେଣୁ ସବୁ କିଛିର ପରିବର୍ତ୍ତନ ହୋଇ ଚାଲିଥିଲେ ମଧ୍ୟ ଧର୍ମ ପୁସ୍ତକଠାରୁ, ଶ୍ରମପୁସ୍ତକ ଇତ୍ୟାଦି ସବୁ ପାଠ କରି ସାରିବା ପରେ ମଧ୍ୟ ଆମେ ନିଜକୁ ସଜାଡ଼ିପାରୁନାହିଁ, କିମ୍ବା ସଜାଡ଼ିବାକୁ ଚେଷ୍ଟା କରୁନାହୁଁ। ଊଣା ଅଧିକ ସବୁକିଛି ଅନୁଭବ କରିସାରିବା ପରେ ମଧ୍ୟ ଆମର ଦୃଷ୍ଟି ଶୁଦ୍ଧ ହୋଇପାରେନାହିଁ। ତେଣୁ ବେଳକୁ ବେଳ ପାହାଡ଼ ପର୍ବତ ଠାରୁ ଆରମ୍ଭ କରି ଗଛଲତା, ଫୁଲଫଳ ସବୁ କିଛିର ରୂପରୁ ଅରୂପ ବା ବିସ୍ତୃତ ରୂପ ହେବାକୁ ଆରମ୍ଭ କଲାଣି। ତେଣୁ ଉପାୟ ଖୋଜିବାରେ ଆମେ କେବଳ ଅନୁସନ୍ଧାନୀ ହୋଇଛୁ। ଆଗକୁ ପାଦେ ଆଗେଇବାର ଯୋଗ୍ୟତା ଏପର୍ଯ୍ୟନ୍ତ ହାସଲ କରିପାରିନାହୁଁ।

ନିକଟରେ ଆମର ଦେବୀ ପୂଜା, ଗଣେଶ, ବିଶ୍ୱକର୍ମା ପୂଜା ଇତ୍ୟାଦି ବହୁ ଆଲୋକ ସଜ୍ଜାରେ ଆତ୍ମବଡ଼ିମା ସହକାରେ ଆଗେଇ ଚାଲିଲା- ଚାଲିଲା ଭଜନ - କୀର୍ତ୍ତନ ସହିତ ପ୍ରବଚନ ମାଳା - ସେ ସବୁରେ କିଛି ତତ୍ତ୍ୱ ଆମେ ଭିତରକୁ ପ୍ରବେଶ କରାଇ ପାରିଲୁ ନାହିଁ। ବରଂ ଗହଳିରୁ ନିଃଶ୍ୱାସ ମିଳିଲା ବୋଲି ଆମକୁ ସାମୟିକ ଶାନ୍ତି ମିଳିଲା। ପ୍ରକୃତ ନୀରବତା ଯେଉଁଥିରେ ଏଇ ସତ୍ୟର ପ୍ରକୃତ ରୂପ ଦର୍ଶନ ହୋଇଥାଏ ତାହା ହୋଇପାରିଲା ନାହିଁ। ଚିରାଚରିତ ପନ୍ଥାରେ ବର୍ଷ ବର୍ଷ ଧରି - ଯୁଗ ଯୁଗ ଧରି ଏହା ଚାଲୁ ରହିଛି। କିନ୍ତୁ ଆମେମାନେ ବେଳକୁ ବେଳ ନିମ୍ନଗତି କରିଚାଲିଛୁ। ଯାହା ପାଇଗଲୁ ବୋଲି ବାହାରେ ଡେଣ୍ଡୁରା ବଜା ଚାଲିଛି। ସେ ସତ୍ୟ ସେ ନୀରବତା ଆମକୁ ଉପଯୁକ୍ତ ରୂପ କିମ୍ବା ମାର୍ଗ ଦେଖାଇ ପାରିଲା ନାହିଁ। କାରଣ ଆଶା ଓ ତୃଷ୍ଣା ଆମକୁ ସେ ଅମୃତ ଦେବା ସମ୍ଭବ ହେଲାନାହିଁ। ଯାହାର ସ୍ୱାଦ ଚାଖିବା ମଧ୍ୟ ଆମ ପକ୍ଷେ ସମ୍ଭବ ହୋଇ ପାରିଲା ନାହିଁ।

ତେବେ ଏତେ ସବୁ ଆଡ଼ମ୍ବର ଭିତରେ କଣ ସବୁ କିଛି ବିଫଳ ହୋଇଯିବ ? ନା ଆମର ଯେତିକି ପାଇବାର ଥିବ ସେତିକି ନିଶ୍ଚୟ ପ୍ରାପ୍ତ ହୋଇଥିଲା ନା ନିଜ ଭିତରଟାକୁ ସରି କହି ବସିପାରିଲେ ସେ ସୁଖ ବା ଦିବ୍ୟାନନ୍ଦ ପାଇବାର ଅମୃତ ମହୋତ୍ସବ ହୋଇଯିବ। ଆଉ ଅଧିକ ନୁହେଁ। ଏଇ ପବିତ୍ର କାର୍ତ୍ତିକ ମାସରେ ମଧ୍ୟ ଆମେ ଏହାକୁ କେବଳ ଅନୁଭବ ନୁହେଁ, ସେଥିରେ ପୂର୍ଣ୍ଣ ବୁଡ଼ି ରହି କିଛି ଦିବ୍ୟାନନ୍ଦ ପ୍ରାପ୍ତ ହୋଇପାରିବା।

"ସମାରୋହ" ର ପାଠକ ପାଠିକା, ଲେଖକ ଲେଖିକା ସମସ୍ତଙ୍କୁ ସମ୍ମାନ ଜଣାଇ ଆସନ୍ତା ସମୟର ଉଚ୍ଚତର ଅନୁଭୂତି କାମନା କରି ରହିଲି।

ଯତ୍ନ କଲେ ରତ୍ନ ମିଳେ। ସେଇ ରତ୍ନ ପ୍ରାପ୍ତି ନିମନ୍ତେ ମନୁଷ୍ୟଙ୍କୁ ଇତର ଜୀବଜନ୍ତୁଙ୍କ ଠାରୁ ଶ୍ରେଷ୍ଠ ବୋଲି କୁହାଯାଏ। ଯଦି ମନୁଷ୍ୟ ସେମାନଙ୍କର ଠାରୁ ନିମ୍ନ ସ୍ତରକୁ ଯାଇ ଭୟଙ୍କର ବିକୃତ କରେ- ତେବେ କାହାକୁ ଆଉ ଦୋଷୀ କରିବା ?

ହେ ମନୁଷ୍ୟ ଗୋଷ୍ଠୀ ସାବଧାନ ହୁଅ। ଆଗ ପଛ ବିଚାର କରି କାର୍ଯ୍ୟ କରିଚାଲ। ଏକମାତ୍ର ବିଶ୍ୱ ଉପରେ ବିଶ୍ୱାସ ରଖ। ସେଥିରେ ପୁଣି ସବୁକିଛି ଚିତ୍ରପଟ୍ଟ ପରିବର୍ତ୍ତନ ହୋଇଯିବ।

ଏତିକି ଉତ୍କଣ୍ଠା ଓ ଆଶା ବିଶ୍ୱାସର ସହିତ ଭଗବାନଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରି ବିରତି ନେଲି। ସମସ୍ତ ଜଗତ ସୁଖ ଓ ଶାନ୍ତିରେ ପ୍ରତିଷ୍ଠିତ ହେଉ।

ହରିଓଁ ତତ୍‌ସତ୍‌
ବ୍ରହ୍ମାର୍ପଣମସ୍ତୁ

ସୌଦାମିଣୀ ମିଶ୍ର

ପ୍ରବନ୍ଧ

# ତମସୋ ମାଂ ଜ୍ୟୋତିର୍ଗମୟ

**ଇଂ ପ୍ରଶାନ୍ତ କୁମାର ଆଚାର୍ଯ୍ୟ**

ପରଂବ୍ରହ୍ମଙ୍କ ସ୍ୱରୂପ ସଂପର୍କରେ ବହୁ ପୁରାକାଳରୁ ଗବେଷଣା ବହୁଭାବରେ ହୋଇଛି। କୌଣସି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତ ବା ନିଷ୍କର୍ଷ ବାହାରି ପାରିନାହିଁ । ପରଂବ୍ରହ୍ମଙ୍କ ଦିବ୍ୟ ପରିପ୍ରକାଶ ମାନ ରୂପ ମଧ୍ୟରେ ପଞ୍ଚଭୂତ ହିଁ ଶ୍ରେଷ୍ଠ । ପରଂବ୍ରହ୍ମ ପରମାତ୍ମାଙ୍କର କୌଣସି ନିର୍ଦ୍ଦିଷ୍ଟ ସ୍ୱରୂପ ବା ନାମ ନାହିଁ । ସିଏ ସର୍ବସ୍ୱରୂପ ଓ ସର୍ବନାମ । ପୁଣି ଅରୂପ ଓ ଅନାମ । ସିଏ ଜ୍ୟୋତି ସ୍ୱରୂପ । ତେଣୁ ସିଏ ପରମଜ୍ୟୋତି । ଜ୍ୟୋତି– ଯାହା ସଦା ଭାସ୍ୱର, ଜାଜ୍ୱଲ୍ୟମାନ। ଅନିର୍ବାପ । ଅଖଣ୍ଡ । ଅନାହତ । ପ୍ରତ୍ୟେକ ସୃଷ୍ଟି ଭିତରେ ଯାହା ନିହିତ ଅଛି । ଭାରତୀୟ ଧାର୍ମିକ ଶୃଙ୍ଖଳାରେ ଜ୍ୟୋତିର ଏକ ସ୍ୱତନ୍ତ୍ର ପରମ ଗୁରୁତ୍ୱ ରହିଛି । ଏଣୁ ଉଭୟ ଦୀପାବଳୀ ପାଳନ ଏକ ପ୍ରାଚୀନ ନିର୍ଣ୍ଣୟ। ପରମାତ୍ମାଙ୍କ ଆନନ୍ଦମୟ ଇଚ୍ଛାର ପ୍ରକଟ ହେଉଛନ୍ତି ଏ ସଚରାଚର ଦୃଶ୍ୟମାନ ଜଗତ। ବିନା ଆଲୋକରେ ଦୃଶ୍ୟ ଦ୍ରଷ୍ଟାର ବୋଧଗମ୍ୟ ନୁହେଁ । ଏଣୁ ଜ୍ୟୋତି ଓ ଧାରକ ଦୀପ ଉଭୟ ମହତ୍ୱପୂର୍ଣ୍ଣ । ଦୀପାବଳୀ ସେଇ ଚେତନାର ଏକ ସଂକେତ । ଆଲୋକର ପର୍ବ ଭାବେ ହିନ୍ଦୁ ପରଂପରାରେ ଏହା ଏକ ଆନନ୍ଦର ପର୍ବ । ଦୀପାବଳୀ ପାଳନ ସଂପର୍କରେ କେତୋଟି ପୌରାଣିକ କଥାକୁ ଭାରତୀୟ ସମାଜ ବ୍ୟବସ୍ଥା ଗ୍ରହଣ କରି ନେଇଛନ୍ତି । ଆଜି ଏହାର ପାଳନରେ ଆଧ୍ୟାତ୍ମିକତା ଅପେକ୍ଷା ଔପଚାରିକତା ବେଶୀ– ଲକ୍ଷଣ କରାଗଲାଣି ତଥାପି ପୂର୍ଣ୍ଣତଃ ଏହା ଅପସୃୟମାଣ ହୋଇନାହିଁ ।

ଦୀପାବଳୀ ସହିତ ଜଡିତ ଭାରତୀୟ ପୌରାଣିକ କଥାଟି ଉତ୍ତର ଓ ଦକ୍ଷିଣ ଭାରତ ଭେଦରେ ଦ୍ୱିବିଧ । ପ୍ରଭୁ ଶ୍ରୀରାମ ଏହି ଦିନ ରାବଣକୁ ବଧକରି ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ଫଳତଃ ରାମ ପ୍ରାଣ ପ୍ରଜାଗଣ ଶ୍ରୀରାମଙ୍କୁ ପାଖରେ ପାଇ ଆନନ୍ଦରେ ମହୋତ୍ସବ ରଚାଇଥିଲେ । ସେଇ ସ୍ମୃତିକୁ ଉଦ୍‌ଜୀବିତ କରି ରଖିବାକୁ ପ୍ରତିବର୍ଷ ଏହା ପାଳନ କରାଯାଇଥାଏ। ମାତ୍ର ଦକ୍ଷିଣ ଭାରତରେ ପାଳନ ପଛପଟେ ଶ୍ରୀକୃଷ୍ଣଙ୍କ ଦ୍ୱାରା ନରକାସୁର ବଧ ସ୍ମୃତି ସାଇତା ରହିଛି । ଅନ୍ୟ କେତେକ ସ୍ଥାନରେ ବିଶ୍ୱାସ ରହିଛି ଯେ ପାଣ୍ଡବ ମାନେ ଏହିଦିନ ୧୨ ବର୍ଷ ବନବାସ ଓ ଏକ ବର୍ଷ ଅଜ୍ଞାତବାସ ସମାପନାନ୍ତେ ହସ୍ତିନାକୁ ଫେରିଥିଲେ। ଏହିପରି ଅନେକ କାରଣ ଦୀପାବଳୀ ପର୍ବ ସହ ସଂଯୁକ୍ତ ହୋଇଯାଇଛି ଅବଲୀଳାକ୍ରମେ ।

ପ୍ରକୃତରେ କାର୍ତ୍ତିକ ମାସର ପଞ୍ଚଦଶ ଦିବସ ହିଁ ଦୀପାବଳୀ ଭାବେ ପାଳନ କରାଯାଏ। ଏକ ପରି ସଂଖ୍ୟାନରୁ ଜଣାଯାଏ ଯେ ଭାରତର ବିଭିନ୍ନ ଲୋକେ ବିଭିନ୍ନ ଭାବେ ଏହାକୁ ପାଳନ କରିଥାନ୍ତି । ଦିଓ୍ୱାଲି, ଦିବାଲି ବା ଦୀପାବଳୀ ନାମରେ ଏହା ନାମିତ । ଏହା ଅନ୍ଧକାର ଉପରେ ଆଲୋକର ବିଜୟ ବାର୍ତ୍ତା ବିଶ୍ୱକୁ ପ୍ରଦାନ କରିଥାଏ । କ୍ଷେତ୍ର ବିଶେଷରେ ଏହା ପାଞ୍ଚଦିନ ପାଳନ ମଧ୍ୟ କରାଯାଏ ।

ତାତ୍ତ୍ୱିକ ଦୃଷ୍ଟିକୋଣରୁ ମନ୍ଦ ଉପରେ ଭଲର, ଅନ୍ଧାର ଉପରେ ଆଲୋକର, ଅସତ୍ୟ ଉପରେ ସତ୍ୟର, ଅଧର୍ମ ଉପରେ ଧର୍ମର, ପାପ ଉପରେ ପୂର୍ଣ୍ଣ୍ୟର ବିଜୟ ହିଁ ଆଲୋକର ପର୍ବ ଦୀପାବଳୀ । ସେଥିପାଇଁ ପ୍ରାଚୀନ ଋଷିକଣ୍ଠରୁ ଝରି ପଡିଥିଲା ମହା ଉଜ୍ଜ୍ୱଳତାର ସମାହାର ପରମାତ୍ମାଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା– "ତମସୋ ମାଂ ଜ୍ୟୋତିର୍ଗମୟ' । ଆମ ବିଶ୍ୱାସରେ ହିଂସା, ଦ୍ୱେଷ, ନର୍କ, ପାପ, ଅଧର୍ମ, ଅନ୍ୟାୟ ଇତ୍ୟାଦି ଘୋର ଅନ୍ଧକାର ଭଳି କଳା । ଏ ସମସ୍ତ କଳଙ୍କଭଳି କଳାକୁ ମାନବଜାତିଠାରୁ ଅପସାରିତ କରି ଆଲୋକ ସଦୃଶ ଜ୍ଞାନାଗ୍ନି ପ୍ରଜ୍ୱଳନ ଏହାର ମୂଳକଥା । ସେଇଥିପାଇଁ ତ ଅନ୍ଧାର ଭଳି କଳା ଆମ ମହାପ୍ରଭୂ ଶ୍ରୀ ଜଗନ୍ନାଥ । କିନ୍ତୁ ତାଙ୍କ ଅଧରର ନାଲି ହିଁ ଆଲୋକର ରଂଗ, ପ୍ରେମର ରଂଗ, ଅଫୁରନ୍ତ ଆନନ୍ଦର ରଂଗ, ସୁଖର ରଂଗ । ମହାପ୍ରଭୁଙ୍କ ଦେହର ରଂଗ କଳା । ବୋଧ ହୁଏ ଏହା ଏକ ପ୍ରତୀକ । କେଉଁ ଅଜଣା ସମୟରୁ ମହାପ୍ରଭୁ ପ୍ରତୀକାତ୍ମକ ଭାବେ ଘୋଷଣା କରିଚାଲିଛନ୍ତି ହେ ପ୍ରାଣୀଗଣ ନିଜ ପାଖରେ ଥିବା ଅନ୍ୟାୟ,ଅଧର୍ମ,ପାପାଦି କଳା କଳଙ୍କକୁ ମୋ ଉପରକୁ ଆଞ୍ଜୁଳି କରି ଟେକି ଦିଅ । ମୋ ଓଠର ଲାଲିମା ହସ ନେଇ ସୁଖି ହୁଅ । ସଦା ହସୁଥାଅ । ଏଭଳି ଆଲୋକର ପର୍ବରେ ପ୍ରଭୁଙ୍କ ପ୍ରତୀକାତ୍ମକ ବାଣୀ କେବଳ ଏଇ ଜୀବଲୋକ ପାଇଁ ଅଭିପ୍ରେତ ନୁହେଁ । ଅପରନ୍ତୁ ପ୍ରେତଲୋକ ଉଦ୍ଦେଶ୍ୟରେ ମଧ୍ୟ ଆମେ ଡାକି ଥାଉ ଜ୍ୱଳମାନ ଆଲୋକ ଦେଖାଇ– ବଡ ବଡିଆ ହୋ ଅନ୍ଧାରରେ ଆସ । ଆଲୋକରେ ଯାଅ । ଗଙ୍ଗାଯାଅ, ଗୟାଯାଅ, ବାଇଶି ପାହାଚରେ ଗଡଗଡଉଥାଅ । ପ୍ରେତଲୋକରୁ ପିତୃପୁରୁଷଙ୍କୁ ଉଦ୍ଧାର କରିବା ଲକ୍ଷରେ ଅଜ୍ଞାତ ସମୟରୁ ଏଭଳି ନିର୍ଣ୍ଣୟ ଦୀପାବଳୀର ବିଶିଷ୍ଟତା ।

*ଜ୍ୟୋତ୍ସ୍ନା, ଏଚ୍.ଆଇ.ଜି.-୨୧୮*
*ବି.ଡି.ଏ କଲୋନୀ, ବରମୁଣ୍ଡା, ଭୁବନେଶ୍ୱର*
*ମୋ : ୯୪୩୭୦୭୭୭୬୭*

# ଆଦିଶକ୍ତି ଜଗତଜନନୀ ମାଆ ଦୁର୍ଗା

ଶ୍ରୀମତୀ ରୀତା ସ୍ୱାଇଁ

ୟା ଦେବୀ ସର୍ବଭୂତେଷୁ ମାତୃ ରୂପେଣ ସଂସ୍ଥିତା
ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋ ନମଃ ।

ଦୁନିଆର ସବୁଠାରୁ ସୁନ୍ଦର ଓ ମଧୁର ଶବ୍ଦ ହେଉଛି ମାଆ । ସେ ହେଉଛନ୍ତି ସାରା ଜଗତର ମାଆ । ସନ୍ତାନ ପାଇଁ ମାଆ ହୋଇଥାଏ ଶକ୍ତି, ବୁଦ୍ଧି ଓ ଜ୍ଞାନର ପ୍ରତିମା । ଭିନ୍ନ ଭିନ୍ନ ରୂପରେ ସନ୍ତାନର ଆବଶ୍ୟକତାକୁ ବୁଝି ସୁଖ ପ୍ରଦାନ କରିବା ସହ ଏ ମର୍ତ୍ତ୍ୟମଣ୍ଡଳରେ ଦେବୀ ପାଲଟି ଯାଇଛନ୍ତି ସେଇ ମାଆ ।

ସର୍ବମଙ୍ଗଳ ମାଙ୍ଗଲ୍ୟେ ଶିବେ ସର୍ବାର୍ଥ ସାଧିକେ
ଶରଣ୍ୟେ ତ୍ର୍ୟମ୍ବକେ ଗୌରୀ ନାରାୟଣୀ ନମୋସ୍ତୁତେ ।

ଅଖଣ୍ଡ ବ୍ରହ୍ମାଣ୍ଡର ମାଆ ସାଜି ମଙ୍ଗଳମୟ ପରିବେଶ ସୃଷ୍ଟି କରି ଅଶୁଭ ଫଳର ଧ୍ୱଂସକାରିଣୀ ସାଜି ଧନଧାନ୍ୟ ଗୋପଲକ୍ଷ୍ମୀ ପ୍ରଦାନ ନିମନ୍ତେ ସନ୍ତାନର ସୁଖ ଦୁଃଖର ସାଥୀ ହେବାକୁ ପରମ ମଙ୍ଗଳମୟୀ ମଙ୍ଗଳକାରିଣୀ ମାଆ ଦୁର୍ଗତିନାଶିନୀ ଦୁର୍ଗା ଓହ୍ଲାଇ ଆସନ୍ତି ଧରାଧାମକୁ । ହିନ୍ଦୁ ଧର୍ମ ଅନୁସାରେ ଦୁର୍ଗା ପୂଜା ମାଆ ଜଗତଜନନୀ ଦୁର୍ଗାଙ୍କର ରାକ୍ଷସ ମହିଷାସୁର ଉପରେ ବିଜୟଲାଭ ଉଦ୍ଦେଶ୍ୟରେ ପାଳନ କରାଯାଏ ।

ଆଦିଶକ୍ତି ଜଗତଜନନୀ ମାଆ ଦୁର୍ଗା ସନାତନ ଧର୍ମର ଏକ ପ୍ରମୁଖ ଦେବୀ ଓ ଭଗବତୀ ଅଟନ୍ତି, ଯାହାଙ୍କୁ ଆମେ ଦେବୀ, ଶକ୍ତି, ପାର୍ବତୀ, ଭଗବତୀ, ମା ତାରିଣୀ, ଜଗଦମ୍ବା ଏବଂ ସିଂହାସନୀ ଆଦି ନାମରେ ଜାଣିଥାଉ । ମାଆ ଦୁର୍ଗା ଶକ୍ତି ସମ୍ପ୍ରଦାୟର ପ୍ରମୁଖ ଦେବୀ ଅଟନ୍ତି । ଶାନ୍ତି, ସମୃଦ୍ଧି ତଥା ଧର୍ମ ଉପରେ ଆଘାତ କରୁଥିବା ନକରାତ୍ମକ ରାକ୍ଷସୀ ଶକ୍ତିର ବିନାଶ କରିବା ପାଇଁ ମାଆ ଦୁର୍ଗାଙ୍କର ଉତ୍ପତ୍ତି ହୋଇଛି ।

ଭାରତୀୟ ଋତୁଚକ୍ରକ୍ରମେ ଧରାମଣ୍ଡନ କରେ ଶରତ ଋତୁ । କାଶତଣ୍ଡୀର ହାସ, କୁମୁଦର ବିକାଶ, ଧବଳ ଜ୍ୟୋସ୍ନାର ପ୍ରକାଶ ଆଉ ସବୁଜ ଶସ୍ୟାଶ୍ରୀର ସରସା ମାଧୁରୀ ଧରି ଶରତ ଧରଣୀ ପୃଷ୍ଠକୁ ଶୁଭ ଆଗମନ କରେ । ଆଶ୍ୱିନ ମାସରେ ପୁରପଲ୍ଲୀ ତଥା ସହରବଜାର ଉତ୍ସବ ମୁଖରିତ ହୋଇ ପାଳନ ହୁଏ ଦଶହରା ପର୍ବ । ଏହି ପର୍ବର ଶୁଭାରମ୍ଭ ଅନେକ ଦିନ ପୂର୍ବରୁ ହିଁ ଆରମ୍ଭ କରାଯାଇଥାଏ । ଭାଦ୍ରବ ମାସ ସୁନିଆ ତିଥିରେ ପବିତ୍ର ସ୍ଥାନରୁ ମାଟି ସଂଗ୍ରହ କରାଯାଇ ମାଆ ଦୁର୍ଗାଙ୍କର ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରାଯାଇଥାଏ ।

ଦୁର୍ଗାପୂଜା ହେଉଛି ଏକ ଧାର୍ମିକ ପର୍ବ, ଯେଉଁଥିରେ ଦେବୀ ଦୁର୍ଗାଙ୍କୁ ପୂଜାର୍ଚ୍ଚନା କରାଯାଏ । ଏହା ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ । ଏହା ଏକ ପାରମ୍ପରିକ ଅବସର ଯାହା ଲୋକମାନଙ୍କୁ ଏକ ଭାରତୀୟ ସଂସ୍କୃତିରେ ଏକାଠି କରେ । ଏହି ପରମ୍ପରା ୧୦ଦିନ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ରୀତିନୀତି ଅନୁସାରେ ସମ୍ପନ୍ନ ହୋଇଥାଏ ।

ପ୍ରତିବର୍ଷ ଦେବୀ ଦୁର୍ଗାଙ୍କର ଦୁଇଥର ପୂଜାପର୍ବ ଅନୁଷ୍ଠିତ ହୋଇଥାଏ । ଗୋଟିଏ ଆଶ୍ୱିନ ମାସ ଶୁକ୍ଳପକ୍ଷରେ 'ଦେବୀପୂଜା' ଓ ଅନ୍ୟଟି ଚୈତ୍ରମାସରେ 'ବାସନ୍ତୀ ପୂଜା' ନାମରେ ନାମିତ । ଲୋକଶ୍ରୁତି ଅନୁସାରେ ଦୁର୍ଗାପୂଜା ସାଧାରଣତଃ ବସନ୍ତ ଋତୁର ଏକ ଉତ୍ସବ, ଯାହା ବାସନ୍ତୀ ପୂଜା ନାମରେ ନାମିତ । ଏହି ଦେବୀପୂଜା ପୁରପଲ୍ଲୀ ଓ ସହର ବଜାରରେ 'ଦଶହରା ପର୍ବ' ଭାବରେ ପାଳିତ ହୋଇଥାଏ । ଏହି ଦଶହରା ମଧ୍ୟ ବର୍ଷକରେ ଦୁଇଥର ପାଳିତ ହୁଏ । ଗୋଟିଏ ଜ୍ୟେଷ୍ଠମାସ ଶୁକ୍ଳଦଶମୀ ତିଥି 'ଗଙ୍ଗାଦଶହରା' ନାମରେ ନାମିତ ଓ ଅନ୍ୟଟି ଆଶ୍ୱିନ ମାସ ଶୁକ୍ଳପକ୍ଷ ଦଶମୀ ତିଥି 'ବିଜୟା ଦଶମୀ' ନାମରେ ନାମିତ । 'ଗଙ୍ଗା ଦଶହରା'ରେ ଗଙ୍ଗାଙ୍କୁ ପୂଜା କଲାବେଳେ ଦଶହରାରେ ଦେବୀ ଦୁର୍ଗାଙ୍କୁ ପୂଜାର୍ଚ୍ଚନା କରାଯାଏ । ଏହାକୁ 'ବିଜୟା ଦଶମୀ' କହିବାର ତାତ୍ପର୍ଯ୍ୟ ହେଉଛି, ଏହି ତିଥିରେ ପ୍ରଭୁ ରାମଚନ୍ଦ୍ର ବନଦୁର୍ଗାଙ୍କୁ ପୂଜାକରି ରାବଣକୁ ମାରିବା ପାଇଁ ଲଙ୍କା ଅଭିମୁଖେ ବିଜୟ ଯାତ୍ରା ଆରମ୍ଭ କରିଥିଲେ । ନବମୀ ତିଥିରେ ମହିଷାସୁର ଭଳି ଅସୁରକୁ ଦେବୀଦୁର୍ଗା ବଧ କରିଥିଲେ । ମହିଷାସୁର ବଧ ପରେ ଜଗତର ଦୁଃଖ ଦୂର ହୋଇ ଦଶମୀ ତିଥିରେ ସମସ୍ତ ମଙ୍ଗଳ କାର୍ଯ୍ୟ ଆରମ୍ଭ ହୋଇଥିଲା । ଘଟପୂଜା ମାଧ୍ୟମରେ ଓଡ଼ିଶାରେ ଏହା ଅନାଦି କାଳରୁ ପ୍ରଚଳିତ ଓ ଉତ୍କଳୀୟ ସଂସ୍କୃତି ଓ ପରମ୍ପରା ମଧ୍ୟରେ ସାମିଲ ହୋଇସାରିଛି । ଖଣ୍ଡାୟତର ଖଣ୍ଡା, ନାପିତର କ୍ଷୁର ଓ ନହୁରୁଣୀ, କରଣର ଲିଖନ, ରଜକର କୁରାଢ଼ୀ ଏବଂ ବିଭିନ୍ନ ବୃତ୍ତିକାରମାନଙ୍କ ବୃତ୍ତିର ସାଜ ସରଞ୍ଜାମ ସହ ବସେ ସେଇ ମାତୃଘଟ ପାଖରେ । ଦୁର୍ଗାଙ୍କ ଚରଣ ସ୍ପର୍ଶ ପାଇ ତାହା ଶିଖରରେ ଉପନୀତ ହୁଏ । ବିଭିନ୍ନ ଜାତିର ଲୋକେ ନିଜର ସେବାୟତଙ୍କ ଠାରେ ଅନୁକୂଳ ଆରମ୍ଭ କରିଥାନ୍ତି, ଯାହାକୁ 'ଭେଟି' କହନ୍ତି ।

"ଆଶ୍ୱିନେ ଦଶମୀ ଶୁକ୍ଳା ଶ୍ରାବଣେନ ସମନ୍ୱିତା
ବିଜୟା ଦଶମୀ ପ୍ରୋକ୍ତା ସାଚୈବାତ୍ୟନ୍ତ ଦୁର୍ଲ୍ଲଭା
ଆଶ୍ୱିନସ୍ୟ ସିତେ ପକ୍ଷେ ଦଶମ୍ୟାଂ ତାରକୋଦୟେ
ସକାଳୋ ବିଜୟୋ ଜ୍ଞେୟଃ ସର୍ବକାର୍ଯ୍ୟାର୍ଥ ସିଦ୍ଧୟେ
ଲସସନ୍ଧ୍ୟାମତି-କ୍ରାନ୍ତଃ କିଂଚିଦୁନ୍ନତତାରକଃ
ବିଜୟୋ ନାମ କାଲୋଽୟଂ ସର୍ବକାର୍ଯ୍ୟାର୍ଥ ସାଧ।"

'ଦଶହରା ଦିନର ଅନ୍ୟତମ ଆକର୍ଷଣ ହେଉଛି 'ରାବଣ ପୋଡ଼ି'। ଆମ ଓଡ଼ିଶାର ପୁରୀ ସହରରେ ଦଶହରା ପରଦିନ ଦୁର୍ଗା ମୂର୍ତ୍ତିମାନଙ୍କର ମେଳନ ହୁଏ, ଯାହାକି 'ଗୋସାଣୀ ଯାତ' ନାମରେ ବେଶ୍ ପ୍ରସିଦ୍ଧ। ଏହି ଦିନ 'ସୋମନାଥ ବ୍ରତ' ଉଦ୍‌ଯାପନ କରାଯାଇଥାଏ। ବର୍ଷକ ମଧ୍ୟରେ ଯେତେସବୁ ପର୍ବପର୍ବାଣି ଅନୁଷ୍ଠିତ ହୁଏ ସେଥିମଧ୍ୟରୁ 'ଦଶହରା' ପର୍ବ ସବୁଠାରୁ ଶ୍ରେଷ୍ଠ। ଏହି ଋତୁରେ ଆକାଶର ନିର୍ମଳ ଶୋଭା, ଧରଣୀରାଣୀର ସବୁଜିମା ସାଙ୍ଗକୁ ନଈପଠାର କାଶତଣ୍ଡୀ ଫୁଲ ସବୁରି ପ୍ରାଣରେ ଖୁସି ଭରିଦିଏ।

ଦଶହରା ବଙ୍ଗଳାର ଏକ ଜାତୀୟ ପର୍ବ। 'ନବରାତ୍ର'ରୁ ଶେଷ ତିନିରାତ୍ର ବିଶେଷତଃ 'ଅଷ୍ଟମୀ' ରାତ୍ରିର ଗୁରୁତ୍ୱ ସେଠାରେ ବେଶୀ ଅନୁଭୂତ ହୋଇଥାଏ।

ବିଶ୍ୱାସ ରହିଛି, ମହାଳୟା ଅମାବାସ୍ୟା ଦିନ ଦେବୀ ଦୁର୍ଗା ପୃଥିବୀପୃଷ୍ଠକୁ ଅବତରଣ କରିଥାନ୍ତି ଯାହାକୁ ତାଙ୍କର ପିତାଙ୍କର ଆଳୟ ବୋଲି ବିଶ୍ୱାସ କରାଯାଏ। ଯେହେତୁ ଦକ୍ଷ ଯଜ୍ଞରେ ସତୀ ରୂପରେ ଝାସ ଦେଲାପରେ ମାଆ ପାର୍ବତୀ ରୂପରେ ପର୍ବତପୁତ୍ରୀ ହିମାଳୟଙ୍କ କନ୍ୟା ଭାବରେ ଆବିର୍ଭୂତ ହୋଇଥିଲେ ଏହି ଧରାଧାମରେ। ତେଣୁ ମହାଳୟା ଅମାବାସ୍ୟାର ପାବନ ଅବସରରେ ମାଆ ପୃଥିବୀପୃଷ୍ଠକୁ ଆସିଥାନ୍ତି। ସେଥିପାଇଁ ଆଶ୍ୱିନ ଶୁକ୍ଳ ପ୍ରତିପଦାଠାରୁ ଦେବୀ ପକ୍ଷ ଆରମ୍ଭ ହୋଇଯାଇଥାଏ।

ମାଆ ଦୁର୍ଗାଙ୍କର ଷୋଡ଼ଶ ଉପଚାର ପୂଜା ଆଶ୍ୱିନ କୃଷ୍ଣ ଅଷ୍ଟମୀ ବା ମୂଳାଷ୍ଟମୀଠାରୁ ବିଭିନ୍ନ ଶକ୍ତିପୀଠରେ ଆରମ୍ଭ ହୋଇଥାଏ ଏବଂ ତାହା ଦୁର୍ଗାଷ୍ଟମୀ ବା ଆଶ୍ୱିନୀ ଶୁକ୍ଳ ଅଷ୍ଟମୀ ପର୍ଯ୍ୟନ୍ତ ୧୬ଦିନ ବ୍ୟାପୀ ଚାଲିଥାଏ। ଶୁକ୍ଳ ଷଷ୍ଠୀ ଦିନ ଚଣ୍ଡୀପାଠ, ସହବୋଧନ, ଆମନ୍ତ୍ରଣ, ଅଧିବାସ ଆଦି ପୂଜା କରାଯାଏ। ଦେବୀ ମହାମାୟାଙ୍କୁ ଧରାପୃଷ୍ଠକୁ ଅଣାଯାଉଥିବାରୁ ବୋଧନ ଓ ଆବାହନୀ ପୂଜା କରାଯାଇଥାଏ। ଦୁର୍ଗାପୂଜା ପଦ୍ଧତିରେ ଦୁର୍ଗାଦେବୀଙ୍କର ପୂଜା ସହିତ ଜ୍ଞାନ ଓ ବିଦ୍ୟାର ଦେବତା ଶ୍ରୀଗଣେଶ, ତ୍ରିଭୁବନ ବିଜୟୀ କୁମାର କାର୍ତ୍ତିକ, ବିଦ୍ୟା ପ୍ରଦାୟିନୀ ସରସ୍ୱତୀ, ଧନଧାନ୍ୟ ପ୍ରଦାୟିନୀ ମା' ଲକ୍ଷ୍ମୀ ପୂଜା ପାଆନ୍ତି। ସପ୍ତମୀରେ ନବପତ୍ରିକା ସ୍ଥାପନ ପୂର୍ବକ ଶ୍ରୀଗଣେଶଙ୍କୁ ପୂଜା କରାଯାଏ। ଦୁର୍ଗାଙ୍କର ଅନ୍ୟ ନାମ ଶାକମ୍ଭରୀ। ସେ ଶସ୍ୟର ଅଧିଷ୍ଠାତ୍ରୀ ଦେବୀ। ତେଣୁ ନବପତ୍ରିକାରେ ଶାକମ୍ଭରୀ ଦୁର୍ଗାଙ୍କୁ ଆରାଧନା କରାଯାଏ। ନବପତ୍ରିକା ହେଉଛି- କଦଳୀ, ଡାଳିମ୍ବ, ଧାନ, ହଳଦୀ, ମାଣ, ସାରୁ, ଜୟନ୍ତୀ, ବେଲ ଓ ଅଶୋକ। ମହାଷ୍ଟମୀ ଦିନ ଦୁର୍ଗାପୂଜାର ପ୍ରକୃତ ମହତ୍ତ୍ୱ ବହନ କରିଥାଏ। ଏହିଦିନ ସକଳ ଦେବାଦେବୀଙ୍କ ପ୍ରଦତ୍ତ ଅସ୍ତ୍ରରେ ସଜ୍ଜିତ ହୋଇ ମାଆ ଦୁର୍ଗା ଚାମୁଣ୍ଡା ରୂପରେ ମହିଷାସୁରକୁ ବଧ କରିଥିଲେ। ଅଷ୍ଟମୀ ଆରମ୍ଭରେ ପୁଷ୍ପାଞ୍ଜଳି ପ୍ରଦାନ କରାଯାଏ। ରାତିରେ ଅଷ୍ଟମୀର ଶେଷ ଓ ନବମୀର ଆରମ୍ଭର ସନ୍ଧିକ୍ଷଣରେ ସନ୍ଧିପୂଜା ହୁଏ। ନିୟମ ଅନୁସାରେ ୪୮ ମିନିଟ୍ ଧରି ଅନୁଷ୍ଠିତ ଏହି ପୂଜାର ୨୪ମିନିଟ୍ ଅଷ୍ଟମୀ ଓ ଶେଷ ୨୪ମିନିଟ୍ ନବମୀ ତିଥିର, ଏହି ସମୟକୁ ସନ୍ଧିକ୍ଷଣ କହନ୍ତି। ଉକ୍ତ ସମୟରେ ଅସୁରକୁ ମାଆ ଦୁର୍ଗା ବଧ କରିଥିଲେ। ନବମୀ ଦିନ କଳ୍ପାରମ୍ଭ ଓ ମହାସ୍ନାନ କରାଯାଇଥାଏ। କେତେକ ସ୍ଥାନରେ ଏହି ଦିନ କୁମାରୀ ପୂଜା କରାଯାଇଥାଏ। ୧ ବର୍ଷରୁ ୧୬ବର୍ଷ ବୟସ ଭିତରେ ଜଣେ କନ୍ୟାକୁ ବସାଯାଇ ପୂଜା କରାଯାଏ। ଦଶମୀ ଦିନ ଦେବୀ କୈଳାସ ପର୍ବତକୁ ପ୍ରତ୍ୟାବର୍ତ୍ତନ କରନ୍ତି। ଦଶମୀ ପରଦିନ ଭସାଣି ଉତ୍ସବ ପାଳନ କରାଯାଏ।

ଐତିହାସିକ ଦୃଷ୍ଟିରୁ ବିଚାରକଲେ ଶକ୍ତିପୂଜା ଭାରତର ପ୍ରାଚୀନତମ ପରମ୍ପରା। ବୈଦିକ ଋଷିଗଣ ପ୍ରାର୍ଥନା କରନ୍ତି- 'ଓଁ ଅସତୋ ମାସଦ୍‌ଗମୟ, ତମସୋ ମା ଜ୍ୟୋତିର୍ମୟ, ମୃତ୍ୟୋର୍ମାମୃତଂ ଗମୟ।'ହେ ଭଗବାନ! ମୋତେ ଅସତ୍ୟରୁ ସତ୍ୟ, ଅନ୍ଧକାରରୁ ଆଲୋକ ଓ ମୃତ୍ୟୁରୁ ଅମୃତତ୍ୱ ଆଡ଼କୁ ଘେନିଯାଅ।

ଅସତ୍ୟର ଅର୍ଥ ଦୁର୍ବଳତା, ଅନ୍ଧକାର ଅର୍ଥ ଅଜ୍ଞାନ ଓ ମୃତ୍ୟୁର ଅର୍ଥ ଦୁଃଖ। ମୁନିଋଷିଗଣ ଦୁର୍ବଳତା, ଅଜ୍ଞାନତ୍ୱ ଏବଂ ଦୁଃଖ ପରିହାର ପୂର୍ବକ ଶକ୍ତି ଜ୍ଞାନ ଏବଂ ସୁଖପ୍ରାପ୍ତି ଆଶାରେ ଆଶାୟୀ। ତେଣୁ ସେଇ ମହାଶକ୍ତିର ପୂଜା, ମାଆ ଦୁର୍ଗାଙ୍କର ଆରାଧନା।

ଶକ୍ତିପୂଜା ବିଷୟରେ ବ୍ରହ୍ମବୈବର୍ତ୍ତ ପୁରାଣ, ମାର୍କଣ୍ଡେୟ ପୁରଣ, ଶିବ ପୁରାଣ, ଦେବୀ ଭାଗବତ, କାଳିକା ପୁରାଣ, ଚଣ୍ଡୀପୁରାଣ ଆଦିରେ ଉଲ୍ଲେଖ ରହିଛି। ଦେବୀଙ୍କୁ ଦ୍ୱିଭୁଜା, ଚତୁର୍ଭୁଜା, ଅଷ୍ଟଭୁଜା ଓ ଷୋଡ଼ଭୁଜା ରୂପେ ପୂଜା କରିବାର ବିଧି ରହିଛି।

ଦେବୀ ଦୁର୍ଗାଙ୍କ ସ୍ଥିତି ଓ କାର୍ଯ୍ୟଶକ୍ତିକୁ ନେଇ ବିବିଧ ରୂପର କଳ୍ପନା କରାଯାଇଛି। ସୃଷ୍ଟିକର୍ତ୍ତା ବ୍ରହ୍ମା ସେହି ରୂପଗୁଡ଼ିକୁ ବର୍ଣ୍ଣନା କରିଛନ୍ତି-

ପ୍ରଥମଂ ଶୈଳପୁତ୍ରୀଚ ଦ୍ୱିତୀୟଂ ବ୍ରହ୍ମଚାରିଣୀ
ତୃତୀୟଂ ଚନ୍ଦ୍ରଘଣ୍ଟେତି କୁସ୍ମାଣ୍ଡତି ଚତୁର୍ଥକମ୍
ପଞ୍ଚମଂ ସ୍କନ୍ଦମାତେତି ଷଷ୍ଠ କାତ୍ୟାୟନୀ ତଥା
ସପ୍ତମଂ କାଳରାତ୍ରୀଚ ମହାଗୌରୀତି ଚାଷ୍ଟକମ୍
ନବମଂ ସିଦ୍ଧିଦାତ୍ରୀଚ ନବଦୁର୍ଗା ପ୍ରତିର୍ଭିତା।

ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରୀ, ମହାଗୌରୀ ଏବଂ ସିଦ୍ଧିଦାତ୍ରୀ। ଏହିପରି ନଅଗୋଟି ରୂପକୁ ଆଶ୍ୱିନୀ ଶୁକ୍ଳ ପ୍ରତିପଦାଠାରୁ ନବଦିନ ବ୍ୟାପୀ ଆରାଧନା କରାଯାଏ। ନଅପ୍ରକାର ଅନ୍ଧକାର ଦୂର କରି ତା' ପରଦିନ ବିଜୟାଦଶମୀ ଅନୁଷ୍ଠିତ ହୁଏ। ସ୍ୱୟଂ ବ୍ରହ୍ମା ଆଦିଶକ୍ତି ଭଗବତୀଙ୍କୁ ନବ ରୂପରେ ଉପାସନା କରି ଏହି ନବ ରୂପର ନାମକରଣ କରିଥିଲେ।

**ପ୍ରଥମ ଦିନ** ଅର୍ଥାତ୍ ପ୍ରତିପଦ ଦିନ ମାଆଙ୍କୁ ଶୈଳପୁତ୍ରୀ ନାମରେ ପୂଜା କରାଯାଏ। କାରଣ ହିମାଳୟଙ୍କ ପୁତ୍ରୀ ରୂପରେ ସେ ସଂସାରରେ ଜନ୍ମ ନେଇଥିଲେ। ଏହି ରୂପରେ ମାଆଙ୍କୁ ଚନ୍ଦ୍ରମା ସହିତ ଜଡ଼ିତ କରାଯାଇଥାଏ। ମାଆ ଶୈଳପୁତ୍ରୀଙ୍କୁ ପୂଜା କଲେ ଚନ୍ଦ୍ରଗ୍ରହର ସମସ୍ତ

ଦୋଷ କଟିଯାଏ ବୋଲି ମନାଯାଏ। ଏହି ଦିନ ମାଆଙ୍କୁ ମନ୍ଦାର ଫୁଲରେ ପୂଜା କରାଯାଇ ଘିଅ ଭୋଗ ଲାଗିହୁଏ। ମାଆ ହଳଦିଆ ରଙ୍ଗର ବସ୍ତ୍ର ପରିଧାନ କରନ୍ତି। ହଳଦିଆ ବସ୍ତ୍ର ହେଉଛି ଶୁଭ ବା ଅନୁକୂଳର ପ୍ରତୀକ। **ଦ୍ୱିତୀୟ ଦିନ**ରେ ମାଆ ବ୍ରହ୍ମଚାରିଣୀ ରୂପେ ପୂଜା ପାଆନ୍ତି। କାରଣ ମାତା ପାର୍ବତୀ ଜନ୍ମନେଇ ଶଙ୍କରଙ୍କୁ ନିଜ ସ୍ୱାମୀ ରୂପରେ ପାଇବା ପାଇଁ ବ୍ରହ୍ମଚାରୀ ବ୍ରତ ପାଳନ କରି ବହୁ ତପସ୍ୟା କରିଥିଲେ। ସେହିଦିନ ମାଆ ସବୁଜ ରଙ୍ଗର ବସ୍ତ୍ର ପରିଧାନ କରନ୍ତି। ବୀଜଟିଏ ଭୂମିରୁ ଉତ୍‌ଥିତ ହେଲେ ଯେପରି ସବୁଜ ରଙ୍ଗ ଧାରଣ କରିଥାଏ, ମାତା ପାର୍ବତୀ ଯୁବାବସ୍ଥାରେ ତପସ୍ୟା କରୁଥିବାରୁ ସବୁଜ ରଙ୍ଗ ବସ୍ତ୍ରରେ ପୂଜା ପାଆନ୍ତି। ଜ୍ୟୋତିଷଶାସ୍ତ୍ର ଅନୁସାରେ ମାଆ ବ୍ରହ୍ମଚାରିଣୀ ମଙ୍ଗଳ ଗ୍ରହ ସହିତ ଜଡ଼ିତ। ମାଆଙ୍କର ଏହି ସ୍ୱରୂପକୁ ପୂଜା କଲେ ମଙ୍ଗଳଗ୍ରହ ଦୋଷ ଖଣ୍ଡନ ହୋଇଥାଏ। ଏହି ଦିନ ସେବତୀ ଫୁଲ ଚଢ଼ାଯାଇ ଚିନି, ମିଶ୍ରି ଓ ପଞ୍ଚାମୃତ ଭୋଗ ଲାଗି ହୋଇଥାଏ। **ତୃତୀୟ ଦିନ**ରେ ମାଆ ଚନ୍ଦ୍ରଘଣ୍ଟା ରୂପରେ ପୂଜା ପାଆନ୍ତି। କାରଣ ଶଙ୍କର ମାତା ପାର୍ବତୀଙ୍କୁ ବିବାହ ନିମନ୍ତେ ଆସିଥିବା ସମୟରେ ସବୁ ଅସ୍ତ୍ରଶସ୍ତ୍ର ଧରି ବିଭିନ୍ନ ରୂପରେ ଆସିଥିଲେ। ହିମାଳୟ ଓ ତାଙ୍କ ପତ୍ନୀ ମେନାବତୀ ଶଙ୍କରଙ୍କ ଏହି ରୂପଗୁଡ଼ିକୁ ଦେଖି ଡରିଯାଇ ବିବାହ ନ ଦେବା ପାଇଁ ଇଚ୍ଛା କରିଥିଲେ। ମାତା ପାର୍ବତୀ ପିତା-ମାତାଙ୍କୁ ସାନ୍ତ୍ୱନା ଦେବାପାଇଁ ଅସ୍ତ୍ରଶସ୍ତ୍ର ଧରି ନିଜର ଉଗ୍ରରୂପ ଦେଖାଇଥିଲେ, ଯାହାଫଳରେ ପିତା-ମାତା ପାର୍ବତୀ ଦେବୀଙ୍କର ଏହି ରୂପ ଦେଖି ଶଙ୍କରଙ୍କ ସମକକ୍ଷ ବୋଲି ବିଚାରିଥିଲେ। ଏହିଦିନ ଗ୍ରେ କଲର ବା ଧୂସର ରଙ୍ଗ ବସ୍ତ୍ର ପିନ୍ଧାଯାଏ। ଧୂସର ରଙ୍ଗ ହେଉଛି ବାଲାନ୍ସର ପ୍ରତୀକ। କାରଣ ଦେବୀ ପାର୍ବତୀ ଶଙ୍କର ଏବଂ ନିଜର ମାତା-ପିତାଙ୍କର ଭାବପ୍ରବଣତାକୁ ବାଲାନ୍ସ କରାଇଥିଲେ। ଏହିଦିନ ଚନ୍ଦ୍ରଘଣ୍ଟା ରୂପରେ ପୂଜାକଲେ ଶୁକ୍ର ଗ୍ରହ ଦୋଷ ଖଣ୍ଡନ ହୋଇଥାଏ। ପଦ୍ମଫୁଲରେ ପୂଜା ସହିତ କ୍ଷୀର ଏବଂ କ୍ଷୀରରେ ତିଆରି ଜିନିଷ ଭୋଗ ଲାଗି ହୁଏ। **ଚତୁର୍ଥ ଦିନ** ମାଆ କୁଷ୍ମାଣ୍ଡା ରୂପରେ ପୂଜା ପାଆନ୍ତି। କାରଣ ସେ ନିଜ ହାତରେ ହଣ୍ଡାସ୍ୱରୂପ ଏକ କଳସୀ ଧରିଥାଆନ୍ତି। ସେତେବେଳେ ସେ ଗର୍ଭରେ ପ୍ରଭୁ କାର୍ତ୍ତିକେୟଙ୍କୁ ଧାରଣ କରିଥାନ୍ତି। ତେଣୁ କୁଷ୍ମାଣ୍ଡା ରୂପରେ ପୂଜା ପାଆନ୍ତି। ଏହିଦିନ ସେ କମଳା ରଙ୍ଗର ବସ୍ତ୍ର ପରିଧାନ କରନ୍ତି। କମଳା ରଙ୍ଗ ହେଉଛି ଉତ୍ସାହର ପ୍ରତୀକ। କାରଣ ସେ ମାଆ ହେବା ପାଇଁ ବହୁ ଉତ୍ସାହିତ ଅଛନ୍ତି। କୁଷ୍ମାଣ୍ଡା ରୂପରେ ପୂଜାକଲେ ସୂର୍ଯ୍ୟ ଗ୍ରହଙ୍କର ଦୋଷ ଖଣ୍ଡନ ହୋଇଥାଏ। ଏହିଦିନ ଚମେଲି ଫୁଲ ପୂଜା ସହିତ ମାଲପୁଆ ଭୋଗ ଲାଗି ହୁଏ। **ପଞ୍ଚମୀ ଦିନ** ସ୍କନ୍ଦମାତା ରୂପରେ ପୂଜା ପାଆନ୍ତି। ସେ କାର୍ତ୍ତିକେୟଙ୍କୁ ଜନ୍ମ ଦେଇସାରିଛନ୍ତି। ଚାରିଆଡ଼େ ତାଙ୍କୁ ମାଆ ରୂପରେ ପୂଜା କରାଯାଉଛି। ଏହା ହେଉଛି ସ୍କନ୍ଦମାତା ରୂପ। ସେହିଦିନ ଧଳା ରଙ୍ଗର ବସ୍ତ୍ର ପିନ୍ଧନ୍ତି। କାରଣ ଧଳା ରଙ୍ଗ ହେଉଛି ନିଃସ୍ୱାର୍ଥପରର ପ୍ରତୀକ। ମାଆ ପିଲାପାଇଁ ନିଃସ୍ୱାର୍ଥପର ସେବା କରେ। ମାଆ ସ୍କନ୍ଦମାତା ବୁଧ ଗ୍ରହକୁ ନିୟନ୍ତ୍ରଣ କରନ୍ତି। ମାଆଙ୍କୁ ହଳଦିଆ ଫୁଲ ସହିତ କଦଳୀ ଭୋଗ ଲାଗି ହୁଏ। **ଷଷ୍ଠୀ ଦିନ** କାତ୍ୟାୟନୀ ରୂପରେ ପୂଜା ପାଆନ୍ତି। କାତ୍ୟାୟନୀ ହେଉଛି ମାଆଙ୍କର ଯୁଦ୍ଧ କରିବାର ରୂପ ତଥା ମହିଷାସୁରକୁ ବଧ କରିବାର ସମୟ। ସେଦିନ ମାଆ ଲାଲ ରଙ୍ଗର ବସ୍ତ୍ର ପରିଧାନ କରନ୍ତି। ଲାଲ ରଙ୍ଗ ହେଉଛି ଯୁଦ୍ଧ ବା ଆକ୍ରମଣ କରିବାର ପ୍ରତୀକ। କାତ୍ୟାୟନୀଙ୍କୁ ପୂଜା କଲେ ବୃହସ୍ପତି ଗ୍ରହଦୋଷ ଖଣ୍ଡନ ହୋଇଥାଏ। ଗେଣ୍ଡୁ ଫୁଲ ସହ ମହୁ ଭୋଗ ଲାଗି ହୁଏ। **ସପ୍ତମୀ ଦିନ** ସେ କାଳରାତ୍ରୀ ନାମରେ ପୂଜା ପାଆନ୍ତି। ଏହି ରୂପ ହେଉଛି ମାଆଙ୍କର ସବୁଠାରୁ ଭୟାନକ ବା ଉଗ୍ରରୂପ। କେଶର ଆକାର ମଧ୍ୟ ଉଗ୍ରରୂପ। ସେ ରାକ୍ଷସକୁ ବଧ କଲାବେଳେ ତାଙ୍କ ରାଗ ଏତେ ହୋଇଯାଇଥିଲା ଯେ ଶଙ୍କରଙ୍କ ଉପରେ ମଧ୍ୟ ରାଗରେ ଗୋଡ଼ ରଖି ଦେଇଥିଲେ। ଏହି ରୂପରେ ରାକ୍ଷସମାନଙ୍କୁ ସେ ବିନାଶ କରନ୍ତି। ନୀଳ ରଙ୍ଗର ବସ୍ତ୍ର ପରିଧାନ କରନ୍ତି। ନୀଳ ରଙ୍ଗ ହେଉଛି ଜିତିବାର ପ୍ରତୀକ। ଦୁଷ୍ଟ ଶକ୍ତିକୁ ପରାସ୍ତ କରି ଆଗକୁ ଅଗ୍ରସର ହେବା। ଏହି ରୂପରେ ମାଆ ଶନିଗ୍ରହକୁ ନିୟନ୍ତ୍ରଣ କରିଥାନ୍ତି। କଇଁ ବା କୃଷ୍ଣପଦ୍ମ ସହିତ ଗୁଡ଼ ଭୋଗ ଲାଗି ହୁଏ। **ଅଷ୍ଟମୀ ଦିନ** ମାଆ ମହାଗୌରୀ ରୂପରେ ପୂଜା ପାଆନ୍ତି। ରାକ୍ଷସ ମହିଷାସୁରକୁ ବଧ କଲା ପରେ ଏହି ଖୁସିର ବାର୍ତ୍ତା ସାରା ବିଶ୍ୱରେ ମହା ରୂପରେ ଖେଳିଯାଏ। ମାତା ପାର୍ବତୀ ଶଙ୍କରଙ୍କୁ ପ୍ରାପ୍ତ ନିମନ୍ତେ ତପସ୍ୟା କଲା ପରେ ତାଙ୍କର ଶରୀରର ରଙ୍ଗ କଳା ପଡ଼ିଯାଇଥିଲା। ଶଙ୍କର ତାଙ୍କୁ କୃପା କରି ଶରୀରର ରଙ୍ଗ ଗୋରା କରାଇଥିଲେ। ସେଥିପାଇଁ ସେ ମହାଗୌରୀ ନାମରେ ପୂଜା ପାଆନ୍ତି। ସେଦିନ ସେ ପିଙ୍କ୍ ବା ଗୋଲାପୀ ରଙ୍ଗର ବସ୍ତ୍ର ପରିଧାନ କରନ୍ତି। ଗୋଲାପୀ ରଙ୍ଗ ହେଉଛି ପ୍ରେମର ପ୍ରତୀକ। ଶଙ୍କର କିପରି ତାଙ୍କ ପ୍ରତି ଆକର୍ଷିତ ହୋଇଥିଲେ ଏହା ହେଉଛି ଏକ ଉଦାହରଣ। ମହାଗୌରୀ ରୂପ ମାଆଙ୍କର ଶାନ୍ତ ରୂପ। ଏହି ରୂପରେ ମାଆ ରାହୁ ଗ୍ରହଙ୍କୁ ନିୟନ୍ତ୍ରଣ କରିଥାନ୍ତି। ଧଳାଟଗର ପୂଜା ସହିତ ନଡ଼ିଆ ଭୋଗ ଲାଗି ହୁଏ। **ନବମୀ ଦିନ**ରେ ସେ ସିଦ୍ଧିଦାତ୍ରୀ ନାମରେ ପୂଜା ପାଆନ୍ତି। ମାଆ ରାକ୍ଷସ ମହିଷାସୁର କବଳରୁ ସମସ୍ତଙ୍କୁ ରକ୍ଷା କରି ସିଦ୍ଧିଲାଭ କରିଥିବାରୁ ତାଙ୍କୁ ସିଦ୍ଧିଦାତ୍ରୀ କହନ୍ତି। ମାଆ ଏହି ରୂପରେ କେତୁ ଗ୍ରହକୁ ନିୟନ୍ତ୍ରଣ କରିଥାନ୍ତି। କ୍ଷୀରି, ପୁରି ଓ ଚଣା ଇତ୍ୟାଦି ଭୋଗ ଲାଗି ସହିତ ଅନ୍ନଭୋଗ କରି ମାଆଙ୍କୁ ମଧ୍ୟ ଅର୍ପଣ କରାଯାଇଥାଏ। ପର୍ପଲ ବା ବାଇଗଣୀ ରଙ୍ଗର ବସ୍ତ୍ର ପରିଧାନ ସହ ଚମ୍ପାଫୁଲ ଚଢ଼ାଯାଏ। ବାଇଗଣୀ ରଙ୍ଗ ଜିତିବାର ଏକ ପ୍ରତୀକ।

ଏହି ସମୟରେ ଅନେକ ଓଡ଼ିଆ ଭଜନ ପରିବେଷଣ କରାଯାଏ। ବିଶେଷକରି ଦେବୀ ଦୁର୍ଗାଙ୍କୁ ଉତ୍ସର୍ଗୀକୃତ। ଲୋକମାନେ ନୂତନ ପୋଷାକ ପିନ୍ଧନ୍ତି। ବିଭିନ୍ନ ପୂଜାମଣ୍ଡପ ପରିଦର୍ଶନ କରନ୍ତି। ବିଶେଷ ଖାଦ୍ୟ ଉପଭୋଗ କରନ୍ତି। ବହୁ ସାଂସ୍କୃତିକ ସମାବେଶରେ ଅଂଶଗ୍ରହଣ କରନ୍ତି। ତେଣୁ ଦଶହରାକୁ ଓଡ଼ିଶାର ଜାତୀୟ ଉତ୍ସବ କହିଲେ ଅତ୍ୟୁକ୍ତି ହେବ ନାହିଁ।

*ଖଜରା, କସର୍ଦା, କଟକ*

କଥା ଓ କାହାଣୀ

# ଅସାଧାରଣ

## ପଞ୍ଚାନନ କାନୁନ୍‌ଗୋ

ସାଧାରଣ ମଣିଷ ଏମାନେ । କିଏ ଚାଷୀଘରୁ ଆସିଛି । ଆଉ କିଏ ବାପା ତା'ର ଚାଷବାସ କରି ପାଠ ଦି' ଅକ୍ଷର ପଢ଼ାଇଥଲା । ସେ କଲେଜରେ ନେତା ବନିଗଲା ଯେ ଚାଲିଲା ସେଇ ଆଡ଼େ । ଏମ୍.ଏଲ୍.ଏ ଟିକେଟ୍ ନେଇ ଛିଡ଼ା ହେଲା । ଜିତିଲା ବି । ଆଉ ଜଣେ ଜଣେ ପଇସାବାଲା ପୁଅ । ଆଉକିଏ ଆଦିବାସୀ ଇଲାକାରେ ସ୍କୁଲ ମାଷ୍ଟ୍ର ଥିଲା । ସୁଯୋଗ ଉଣ୍ଡି ରାଜନୀତିକୁ ପଶି ଆସିଛି । କିଏ ସବୁ ଦଳରେ ଯୋଗଦେଇ ସଭାସମିତି କରୁ କରୁ ସୋପାନ ପରେ ସୋପାନ ଅତିକ୍ରମ କରିଛି । ଏମ୍.ଏଲ୍. ଏ ହେଇଛନ୍ତି, ଏମ୍.ପି. ହୋଇଛନ୍ତି, ମନ୍ତ୍ରୀ ହେଇଛନ୍ତି । ଏଇ ମନ୍ତ୍ରୀଙ୍କ କଥା ଅଲଗା ଥିଲା । ସଂଗ୍ରାମୀ ଥିଲେ । ସ୍ୱାଧୀନତା ପାଇଁ ଲଢୁଥିଲେ । ତ୍ୟାଗୀ ଥିଲେ । କଷ୍ଟ ସହିଥିଲେ । ସେମାନଙ୍କ ସଂଖ୍ୟା ଆସ୍ତେ ଆସ୍ତେ ଲୋପ ପାଇଲା । ବୟସ ହେଲା ଝଡ଼ିପଡ଼ିଲେ ଅବା ସମୟ ସେମାନଙ୍କୁ ଝାଡ଼ିଝୁଡ଼ି ଅଲଗା କରିଦେଲା । ଏବେ ଯିଏ ଆସିଲେ ଦେଶର ନୁହଁନ୍ତି, ରାଜ୍ୟର ନୁହଁନ୍ତି, ଦଳର, ଦଳନେତାଙ୍କର, ଭୋଗବାଦୀ ଦୁନିଆ । ତା'ରି ଭିତରେ ସେମାନଙ୍କପରିଚୟ ।

ଡ୍ରାଇଭର ଭାବେ ମାନସ ଏମାନଙ୍କୁ ବହୁ ପାଖରୁ ଦେଖୁଛି । ଡ୍ରାଇଭର ସେ । ମନ୍ତ୍ରୀଙ୍କ ଡ୍ରାଇଭର । ଚଳପ୍ରଚଳ ସେକ୍ରେଟେରିଏଟ୍‌ରେ ବିଧାନସଭାରେ, ରାଜଧାନୀରେ । ବେଳେ ବେଳେ ମନ୍ତ୍ରୀଙ୍କ ଟୁର୍ ପ୍ରୋଗ୍ରାମରେ ଦୂର ଦୂରାନ୍ତକୁ ଯିବାକୁ ହୁଏ । ବୁଝିପାରେ ନାହିଁ ସାଧାରଣ ମଣିଷ ଗୁଡ଼ାକ ଅସାଧାରଣ ପାଲଟି ଯା'ନ୍ତି କେମିତି । ଭୋଟବେଳେ ଆ ଦୁଆର ତା' ଦୁଆର ବୁଲିଲାବେଳେ ପାଣି ମାଗି ପିଉଥିଲେ । କୋଉ ଗିଲାସ ଆଉ କୋଉ ପାଣି ପରଖୁ ନଥିଲେ । ହଠାତ୍ ଦରକାର ପଡ଼ିଲା ମିନରାଲ ୱାଟର ବୋତଲ । ବୋତଲ ପାଣି କିଣାହେଇ ବଙ୍ଗଳାରେ ଥୁଆହେଲା ଯୋଉଠି ବସିଲେ ସେଠିକି ଆସିଲା । ସେଇ ଯୋଉ ପାଣି ପିଉଥିଲେ ସେସବୁ ଅଛୁଆଁ ହୋଇଗଲା । ସେ ପାଣି ସାଧାରଣ ଲୋକ ପିଇବେ । କାରଣ ଏମାନେ ବନିଗଲେ । ଅସାଧାରଣ । ମନସୁର ଅଲୀ ଗାଁର ପିଲା । ତା ପିଲାବେଳର ଗାଁ ଏବେ ନାହିଁ । ମନୁଆ ଗାଁଟା ଭିତରେ ଆତ୍ମୀୟତା ଭରି ରହିଥିଲା । ସମସ୍ତେ ଆପଣାର ଲାଗନ୍ତି । ସହର ଜୀବନରେ ସେ ମିଶି ବି ମିଶିପାରେ ନାହିଁ । ସହରଟା ଖାପଛଡ଼ା ଲାଗେ । ଏଠି ଯେମିତି ଗୋଟାଏ ଗୋଲାମୀ ଗୋଲାମୀ ଭାବର ମଣିଷଙ୍କ ଆତଯାତ । ସବୁ ଭିତରେ ଛଳନା ଭରି ରହିଛି । ଯାହା ଚାଲିଛି ତାକୁ ସହିନେଇ ଆଗକୁ ମାଡ଼ି ଯିବାର ପ୍ରତିଯୋଗୀତା ରହିଛି । ଧରାବନ୍ଧା ନିୟମ ଭିତରେ ସମସ୍ତେ କିଛି ଖୋଜୁଛନ୍ତି ।

ମନେଅଛି ଡ୍ରାଇଭର ମାନସର । ସେଦିନ ମନ୍ତ୍ରୀ ସରକାରୀ କାର୍ଯ୍ୟରେ ବାଲେଶ୍ୱର ଯାଇଥିଲେ । ହଠାତ୍ ମନକଲେ କ୍ଷୀରଚୋରା ଗୋପୀନାଥଙ୍କୁ ଦର୍ଶନ କରିବେ । ଗଲାବେଳକୁ ପହଡ଼ ପଡ଼ିଛି । ପହଞ୍ଚୁ ପହଞ୍ଚୁ ଖୋଜିଲେ, ପଚାରିଲେ କୁଆଡ଼େ ଗଲେ କଲେକ୍ଟର । ଆସିନାହାଁନ୍ତି ।

– ନା ସାର୍

– ଏଡିଏମ୍ ସାର୍ ଆସିଛନ୍ତି । କଲେକ୍ଟରଙ୍କ ଆଉ ଗୋଟାଏ ମିଟିଂ ଥିଲା ରହିଗଲେ ।

– ଏଡିଏମ୍ ପରିଚୟ ଦେଇ ସାମ୍ନାକୁ ଆସି ଅଣ୍ଟାନୁଆଁଇ ପ୍ରଣାମ କଲେ ।

– ମନ୍ତ୍ରୀ । ତାଙ୍କ ହାବଭାବରୁ ଜାଣି ହୋଇ ଯାଇଥିଲା ।

– ଚିଡିଚିଡି ହେଲେ ।

– ଆଜ୍ଞା ସେଠି ଗେଷ୍ଟ୍ ରୁମ୍ ଖୋଲା ହୋଇଛି ।

– ଟିକେ ଚାଲନ୍ତୁ ରେଷ୍ଟ ନେବେ । ମନ୍ଦିର ପହଡ଼ ଭାଙ୍ଗିବାକୁ ଆଉ ଘଣ୍ଟାଏ ବାକି ଅଛି ।

– କ'ଣ ଟିକେ ଆଗରୁ ଖୋଲି ପାରିବ ନାହିଁ... ?

– ଚେଷ୍ଟା କରୁଛି ସାର୍ ।

– ଡ୍ରାଇଭର ମନସୁର ଅଲୀ ବୁଝିପାରୁ ନଥିଲା । ଏଇ ମଣିଷ ଏସ୍ୱୀ ନଥିଲା ବେଳେ କାଲି ମନ୍ଦିର ଯିବାବେଳେ ଘଣ୍ଟାଘଣ୍ଟାଧରି କ୍ୟୁରେ ଛିଡ଼ା ହେଇଥିଲେ ଏବେ ସେ ପହଡ଼ ଭାଙ୍ଗିବାକୁ ନିର୍ଦ୍ଦେଶ ଦେଉଛନ୍ତି କାହିଁକି ?

ଦେବଦର୍ଶନରେ ପ୍ରୋଟୋକଲ । ବଡ଼ ଅଖାଡୁଆ ଲାଗୁଥିଲା । ସେ ନିଜେ ମୁସଲମାନ । ତାଙ୍କର ପ୍ରର୍ଥନା ସମୟ ଅଛି । ଯିଏ ଯୋଉଠିଁ ଥାନ୍ତୁ ସମୟ ଅନୁସାରେ ଏକାଠି ହୁଅନ୍ତି । କେହି ଆସି ନପାରିଲେ ପାଖ ପରିଷ୍କାର ଯାଗାକୁ ଝଡ଼ାଝଡ଼ି କରି ମୁଣ୍ଡରେ ଟୋପି ଅବା ରୁମାଲଟାଏ ବାନ୍ଧି ପ୍ରର୍ଥନାରେ ବସିଯାନ୍ତି । ଏ ଧର୍ମରେ ନିଆରା ବ୍ୟବସ୍ଥା । ଠାକୁର ଭକ୍ତଙ୍କ

ଇଚ୍ଛାନୁସାରେ ଚାଲିବାକୁ ବାଧ ହୋଇଥାନ୍ତି । ମନେ ମନେ ହସିଲା । ନୀରବ ରହିଲା । ସେ ପଠାଣ । ହିନ୍ଦୁ ରିତିନୀତି ଉପରେ ଭାବିବାକୁ କିଏ ? ମନ୍ତ୍ରୀ ସାଧାରଣ ମଣିଷଭିତରୁ ଜଣେ । ପଦ ପଦବୀର ମର୍ଯ୍ୟଦା ଅଛି ସତ । ହେଲେ ସେହି ସବୁ ପଦ ପଦବୀ ମଣିଷକୁ ସାଧାରଣ ମଣିଷଠାରୁ ଦୂରେଇ ଦିଏ କାହିଁକି । ଡ୍ରାଇଭର ଅଲ୍ଲୀର ଛୋଟ ମୁଣ୍ଡକୁ ଏକଥାର ଉତ୍ତର ଆସେ ନାହିଁ ।

ଥରେ ଅଲୀ ପୁରୀ ରଥଯାତ୍ରାରେ ଦିଅଁ ଦର୍ଶନରେ ସ୍ତ୍ରୀକୁ ସାଙ୍ଗରେ ନେଇ ଯାଇଥିଲେ । ସେ ଦିନ ଛୁଟି ଥିଲା । ସହଯେ ତ ମନ୍ତ୍ରୀଙ୍କର ଦିଲ୍ଲୀ ପ୍ରୋଗ୍ରାମ ଥଲା । ରାତିରେ ଦିଅଁମାନେ ରଥରେ ଥାଇ ଗୁଣ୍ଡିଚା ଆଗରେ ରହି ଦର୍ଶନ ଦେବାର ବ୍ୟବସ୍ଥା ଥିଲା । ହଜାର ହଜାର ଭକ୍ତ ଦାଣ୍ଡରେ ରୁଣ୍ଡ ହେଇ ତିନି ଦିଅଁଙ୍କୁ ଦର୍ଶନ କରୁଛନ୍ତି । ରଥ ଚଢ଼ିବାକୁ ମନା । ଦିଅଁଙ୍କୁ ଛୁଇଁବାକୁ ମନା । ଦେଖୁଛନ୍ତି । ଅଲ୍ଲୀ ତ' ସହଜରେ ମୁସଲମାନ । ସ୍ତ୍ରୀ ଅନେକ ଦିନଧରି ଅଳି କରି ଆସୁଛି ଜଗନ୍ନାଥଙ୍କୁ ଦେଖିବ । ବେଳ ମିଳୁ ନଥିଲା । ଏଥର ଗୋଟାଏ ପାସ୍ ଯୋଗାଡ଼ କରି ସ୍ତ୍ରୀକୁ ସାଙ୍ଗରେ ନେଇ ଆସିଛି । ତିନି ଠାକୁରେ ରଥରେ ବିରାଜମାନ କରିଛନ୍ତି । ସୁନାବେଶ କାଲି ହେବ । ମନ୍ଦିର ଦୁଆରେ ସମସ୍ତଙ୍କୁ ଦର୍ଶନ ଦେବାର ବ୍ୟବସ୍ଥା ଅଛି । ଏଠି ସେ ପତିତପାବନ । ଜାତି, ଧର୍ମ ନିର୍ବିଶେଷରେ ସମସ୍ତେ ଠାକୁରଙ୍କୁ ଦେଖିବେ । ଅଲୀଙ୍କୁ ମନ୍ତ୍ରୀ ଡ୍ରାଇଭର ଭାବେ ଅନେକ ଚିହ୍ନିଛନ୍ତି । ଅଫିସରଙ୍କ ଠାରୁ ରାଜନେତା କର୍ମୀମାନେ ଚିହ୍ନିଛନ୍ତି । ଭଲ ବି ପାଆନ୍ତି । ସେ ଦେଖୁଛି ଏ କ'ଣ ? ପୋଲିସ ଗହଳି ଆଡ଼େଇ କିଛି ଲୋକଙ୍କୁ ରଥ ଆଡ଼କୁ ନେଉଛି । ଅଲ୍ଲୀ ସ୍ତ୍ରୀକୁ ଦେଖାଇ ଦେଲା । ଏ ଜଣେ କ୍ୟାବିନେଟ୍ ମନ୍ତ୍ରୀ । ବଡ଼ କ୍ଷମତାଶାଳୀ । ହଠାତ୍ ସିଡ଼ି ଲାଗିଲା ରଥରେ, ମନ୍ତ୍ରୀ ଆଉ ତାଙ୍କ ପିଲାଏ ଚଢ଼ିଲେ । ସେମାନେ ଠାକୁରଙ୍କୁ କୁଣ୍ଢାଇଲେ । ମୁସଲମାନ ସ୍ତ୍ରୀ ଲୋକ ହେଲେ, ତା ଭିତରେ ଲୁଚି ରହିଛି ଅନ୍ୟ ଏକ ପରିଚୟ । ମନ୍ତ୍ରୀଙ୍କ ଡ୍ରାଇଭର ସ୍ତ୍ରୀ । ହଠାତ୍ କହି ପକାଇଲା ଆମେ ଟିକେ ଯା'ନ୍ତେ ନାହିଁ ? ଏ ମନ୍ତ୍ରୀଙ୍କର ନ ହୁଅନ୍ତୁ, ଯୋଉ ମନ୍ତ୍ରୀଙ୍କର ତ ଡ୍ରାଇଭର ।

ଅଲ୍ଲୀ ବୁଝାଇଥିଲା, ଆରେ – ସେ ଡ୍ରାଇଭର ହିନ୍ଦୁ ଆମେ ପରା ମୁସଲମାନ ।

ଆମେ ସବୁ ଯାଇପାରିବା ନାହିଁ ।

କାହିଁକି ? ଏପରା ଜଗତର ନାଥ । ସାଲବେଗ ତ ପୁଣି ପଠାଣ ଥିଲା ।

ନାହିଁ, ଏଇଠି ଆଖିପୁରାଇ ଦେଖ । ଚକାଆଖି ସମସ୍ତଙ୍କୁ ଦେଖୁଛି । ଅଲ୍ଲୀ ସ୍ତ୍ରୀକୁ ବୁଝାଇଦେଲା ।

ଅଲ୍ଲୀ ମନ୍ତ୍ରୀଙ୍କର ଏହି ଅସାଧାରଣ ରୂପ ଅନେକ ଯାଗାରେ ଅନେକ ଭାବରେ ଦେଖୁଛି ।

ଦିନକର ଘଟଣା, କାଲିପରି ମନେଅଛି । ସେ ମନ୍ତ୍ରୀଙ୍କୁ ନେଇ ସମ୍ବଲପୁର ସର୍କିଟ ହାଉସରେ ପହଞ୍ଚୁ ପହଞ୍ଚୁ ରାତି ଗୋଟାଏ ଟପି ଯାଇଥିଲା । ନିଜ ବିଭାଗୀୟ ଅଫିସରମାନେ ବସି ବସି ଢୁଳଉଥିଲେ । ଗାଡ଼ି ଶବ୍ଦ ଶୁଣି ମନ୍ତ୍ରୀ ଆସିଗଲେ ବୋଲି ଆଖୁ ମଳମଳ କରି ଉଠି ଆସିଲେ । ମନ୍ତ୍ରୀ ଓହ୍ଲାଇ ଭିତରକୁ ଗଲାବେଳେ ସମସ୍ତଙ୍କ ଉପରେ ଆଖୁ ବୁଲେଇ ଆଣିଲେ । ପଚାରିଲେ କମିଶନର କାହିଁକି ଆସି ନାହାନ୍ତି ?

କିଏ ଜଣେ କହିଲେ – ସାର୍ ଏହି ଅଳ୍ପ ସମୟ ହେବ ଯାଇଛନ୍ତି, ତାଙ୍କୁ ଜର ।

ମନ୍ତ୍ରୀଙ୍କ ମୁହଁ ଫଣଫଣ ହେବା ବାରିହୋଇ ପଡୁଥିଲା । ଖାଇବା ପରେ ସେ କୁଆଡ଼େ ଫଳ ଖାନ୍ତି । ଖୋଜା ପଡ଼ିଲା । ନଥିଲା । ରାଗ ଆହୁରି ବଢ଼ିଗଲା ।

ଏଠି ସବୁ ଅସଜଡ଼ା – ସର୍କିଟ୍ ହାଉସରେ ନ ରହି ବରଂ କୋଉ ହୋଟେଲରେ ରହିଥିଲେ ଭଲ ହୋଇଥାନ୍ତା । କହିଲେ, ଆପଣମାନେ କାହିଁକି ଅଛନ୍ତି, ଗଲେ ନାହିଁ ଭାରି । ଘର କାମ କରିଥାନ୍ତେ । ସରକାରୀ କାମ ଚୁଲିକୁ ଯାଉ ।

ଏଇ ଅସାଧାରଣ ମଣିଷମାନେ ପଦବୀରୁ ଗଲାପରେ ଖୁବ୍ ଅସହାୟ ହୋଇ ଉଠନ୍ତି । ପୁନିଅଁ ଆଲୁଅର ତୋଫା ଭାବ ନଥାଏ । ଅମାବାସ୍ୟାର ଅନ୍ଧାର ଘୋଟିଆସେ । ତଥାପି ସାଧାରଣଙ୍କ ଭଳି କୌଣସି ଜାଗାରେ କ୍ୟୁରେ ଛିଡ଼ା ହେବାଟା ଅପମାନ ମଣନ୍ତି । ଗାଡ଼ିରେ ଗଲାବେଳେ ରାସ୍ତାକଡ଼ରେ ଛିଡ଼ା ହୋଇ ଚା ଖା'ନ୍ତି ନାହିଁ । କାହା ହାତରେ ମଗାଇ ଆଣନ୍ତି, ଥରେ ଜିତିଲା ପରେ ପୂର୍ବ ପରିଚୟ ପୁରାପୁରି ଭୁଲି ଯା'ନ୍ତି । ତାଙ୍କ ଭିତରେ ଉଙ୍କିମାରେ । ସେ ଦିନେ ମନ୍ତ୍ରୀଥିଲେ ।

ଅଲ୍ଲୀ ଦେଖୁଛି । ଅନେକ ମନ୍ତ୍ରୀଙ୍କୁ ସାଙ୍ଗରେ ନେଇ ସଭାକୁ ଯାଇଛି । ସାହିତ୍ୟ ଫାଇତ୍ୟ କିଛିରେ ଧାର ଧାରନ୍ତି ନାହିଁ । ମାହାଙ୍ଗାର ବୈଷ୍ଣବ ପାଣି ଜୟନ୍ତୀ ସଭାକୁ ଥରେ ଜଣେ ମନ୍ତ୍ରୀକୁ ଡକା ହୋଇଥିଲା । ଗାଡ଼ିରେ ଗଲାବେଳେ ମୋବାଇଲରେ କାହାକୁ ପଚାରିଲେ ।

ତମେ କହିପାରିବନା ଜଗନ୍ନାଥ ପାଣି ଆଉ ବୈଷ୍ଣବ ପାଣିଙ୍କର କ'ଣ ହୁଅନ୍ତି । ସେପଟୁ କ'ଣ ଉତ୍ତର ଆସିଲା ସେ ଜାଣିନାହିଁ । ତେବେ ଭାଷଣରେ ସେ କହିଲେ ଦି ଭାଇ ଜଗନ୍ନାଥ ବୈଷ୍ଣବ ପାଣି ଓଡ଼ିଶାର ଗର୍ବ, ତାଙ୍କ କକାପୁଅ ଭାଇ ଜଗନ୍ନାଥ ଆମ ସମସ୍ତଙ୍କର ଗର୍ବ । କାହିଁକି ଯେ ଏସବୁ ସଭାକୁ ଡାକନ୍ତି । ଜଗନ୍ନାଥ କିଏ ବୈଷ୍ଣବ କିଏ ଜାଣନ୍ତିନି । ସେ ପଠାଣ ହୋଇ ମଧ ଗାଡ଼ିରେ ଅନେକ ସାହିତ୍ୟିକ, ଅଧାପକଙ୍କର କଥାବାର୍ତ୍ତାରୁ ଜାଣିଛି ଜଣଙ୍କ ପରମାହାଙ୍ଗା ଆଉ ଜଣଙ୍କ ଘର ଭଦ୍ରକ । ସଭାସ୍ଥଳରୁ ବାହାରୁଥିବା କିଏ ଜଣେ କହିଲା, ସନାତନର କାନରେ ପଡ଼ିଲା । ଗାଡ଼ିରେ ତାଙ୍କ ଅଞ୍ଚଳର ଜଣେ ଯୁବ ସରପଞ୍ଚ ଯାଇଥିଲେ । ଏଇଟା ମନ୍ତ୍ରୀଙ୍କର ନିତିଦିନିଆ ଅଭ୍ୟାସ । ସେ ଯୁଆଡ଼େ ଯା'ନ୍ତି ସାଙ୍ଗରେ ଜଣେ କାହାକୁ ନିଅନ୍ତି । ସେ ମନ୍ତ୍ରୀଙ୍କ ଖାତିର ଦେଖିବେ, ଭାଷଣ ଶୁଣିବେ । ଅଞ୍ଚଳରେ ଠାବେ ଠାବେ କହିବେ । ଗାଡ଼ି ଫେରିଲାବେଳେ ମନ୍ତ୍ରୀ ସାଙ୍ଗରେ ଯାଉଥିବା ତାଙ୍କ ଅଞ୍ଚଳର ସରପଞ୍ଚଙ୍କୁ କହିଲେ, ବୁଝିଲ ବାବା ମୋର ସାହିତ୍ୟ ଜମାରୁ ଭଲ ହଉ ନଥୁଲା, ସହଯେ ତ ଇଂଲିଶି ମିଡ଼ିଅମ୍ ସ୍କୁଲରେ ପାଠ ପଢ଼ିଲି । କଲେଜରେ ସବ୍ଜେକ୍ଟ ପୁରା ଅଲଗା ରହିଲା ସେ ସରପଞ୍ଚଟା ନାଟୁଆଟାଏ । ବୈଷ୍ଣବ ପ୍ରାଣୀଙ୍କ ଗୀତିନାଟ୍ୟ କରିବାରେ ଓସ୍ତାଦ । କହିଲା ଆପଣ ଏ ବିଷୟଟାରେ ମତେ ପଚରିଲେ ନାହିଁ । ଖୋସାମତିଆ ଢଙ୍ଗରେ କହିଲା ତଥାପି ଭଲ କହିଲେ । ଧେତ୍‌ତେରିକା, ସେମାନେ କାହିଁକି ଡାକୁଛନ୍ତି କେଜାଣି । ଏ ବିଭାଗଟା ଭାରି ଅଡୁଆ ।

ଗୀତ, ନାଚ, ତାମସା, ଆସରରେ ସମୟ ଯାଉଛି । ମନେ ମନେ ଭାବୁଥିଲେ ଜଳସଂପଦଙ୍କ ବାଚସ୍ପତି ବିଭାଗଟାଏ ଥିଲେ ସବୁବେଳେ ହାତରେ.....

ସତେତ, ସେ ସବୁ ସଂଗଠକମାନେ ଏହି ସବୁ ସଭାକୁ ମନ୍ତ୍ରୀମାନଙ୍କୁ ନନେଲେ ଚଳନ୍ତା ନାହିଁ । ଏମାନେ କ'ଣ ମନ୍ତ୍ରୀ ହେଇଗଲେ, ସବ୍ ଜାନ୍ତା, ମଣିଷ ପାଲଟି ଯା'ନ୍ତି । ଅସାଧାରଣ ଜ୍ଞାନୀ, ଗୁଣି ଲୋକ ପାଲଟି ଯା'ନ୍ତି । ଅଲ୍ଲୀ ଭାବୁଥିଲା । ଏମିତି ଅନେକ ବାର ଦେଖୁଛି ମନ୍ତ୍ରୀମାନେ ସଭାକୁ ଗଲାବେଳେ ପୂର୍ବ ପ୍ରସ୍ତୁତ ଲେଖା କାଗଜ ପଢ଼ି ପଢ଼ି ଯା'ନ୍ତି । କୋଉ ସଭାରେ କୋଉ କଥା କହନ୍ତି ନିଜେ ବି ବୁଝି ନଥାନ୍ତି । ସେ କାଗଜଟା ପଢ଼ିଲେ ବି ଠଉରେଇ ପାରନ୍ତି ନାହିଁ । ସାଧାରଣ ଜ୍ଞାନ ଥିଲେ ହୁଏତ ଧରି ପାରନ୍ତେ । ଯୋଗାଯୋଗ କରି ଦି' ପଦ କହନ୍ତେ । ସେ ଯେଉଁ ପି.ଆର.ଓ ଲେଖୁ ଦେଇଛନ୍ତି ସେ ବି କ'ଣ ସବୁ ଜାଣନ୍ତି ।

ମନ୍ତ୍ରୀଙ୍କର ସବୁରକମ ସଭାକୁ ଯିବାରେ ଭୁଲ୍ କାହାର । ମନ୍ତ୍ରୀଙ୍କର ନା ଯୋଉମାନେ ଯୋଗାଡ଼ିଆ ଡାକିଥାନ୍ତି ସେମାନଙ୍କର । ଅନେକ ମନ୍ତ୍ରୀଙ୍କର ଅଭ୍ୟାସ ଫେରିବା ବାଟରେ ସାଙ୍ଗରେ ନେଇଥିବା ଲୋକଙ୍କୁ ପଚାରନ୍ତି, କେମିତି ହେଲା ଭାଷଣ ।

କ'ଣ ଆଉ କିଏ କହିବ । ସେ କିଛି ବୁଝି ଥା'ନ୍ତୁ, ନଥା'ନ୍ତୁ କୁହନ୍ତି ବହୁତ ତାଳିମାଡ଼ ହେଲା । ସଭାର ଏହି ଆଚରଣ ସଂପର୍କରେ ମଧ ସେ ଅଜ୍ଞ । ଦିନେ ସିକ୍ୟୁରିଟି ଅଫିସ୍‌ର ବିଶ୍ୱାଳ କହିଲା, ଭାଇ ଆମ ମନ୍ତ୍ରୀ ଯାହାସବୁ କହିଲେ ଲୋକେ ତାକୁ ପସନ୍ଦ କରୁ ନଥିଲେ । ବାରମ୍ବାର ତାଳିମାରି ନ ଶୁଣିବାର ପେଖେନା କାଢୁଥିଲେ ।

ମୁରବୀ ଢଙ୍ଗରେ ଅଲ୍ଲୀ କହିଲା – ଚୁପ୍ ! ମନ୍ତ୍ରୀ କହିଲେ – ଆମେ ଶୁଣିଲେ । ସେତ ଆଉ ସାଧାରଣ ମଣିଷ ନୁହନ୍ତି । ଆମେ ବୁଝିବା ନ ବୁଝିବା ସମାନ ।

ବିଶ୍ୱାଳ ପୋଲିସ ବିଭାଗରଏସ୍.ଆଇ । ମନ୍ତ୍ରୀଙ୍କ ପାଖରେ ଦେହରକ୍ଷୀ ଭାବେ ଅଛି । ବଡ଼ ଡବଡବିଆଟାଏ । ତାକୁ ଆକଟକରି ରଖେ ଅଲ୍ଲୀ । ସେ ବୟସରେ ସାନ ହୋଇଥିବାରୁ ମାନତି କରେ ।

ମନ୍ତ୍ରୀମାନଙ୍କ ଠାରୁ ଅନେକ ଅସାଧାରଣ ପ୍ରତିଭା ସମସ୍ତେ ଆଶା କରନ୍ତି । ସେଥିପାଇଁ ସବୁ ସଭାରେ ତାଙ୍କୁ ଖୋଜାପଡ଼େ । ବିଶେଷତଃ ସାଂସ୍କୃତିକ କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗ ମନ୍ତ୍ରୀ ଶିକ୍ଷାନୁଷ୍ଠାନରେ ଶିକ୍ଷା ବିଭାଗର ମନ୍ତ୍ରୀଙ୍କ ଖୋଜା ଯାଇଥାଏ । ଏମିତି କ'ଣ ଜଣେ ଜଣେ ନେତା ନାହାନ୍ତି ସବୁ କାମକୁ ଫିଟ୍ । କବିତା ଦି' ପଦ ଝାଡ଼ିଦେଇ ଭାଷଣ ଏଣୁତେଣୁ କହିବାର କାଇଦା ହାସଲ କରିଛନ୍ତି । ସବୁ ସଭାରେ ତାକୁ ଡକାଯାଏ । ବରାଦ ମଧ ଅସୁମାରୀ । ସଂଗଠକମାନେ ଭାବନ୍ତି ମନ୍ତ୍ରୀ ଜଣେ ଆସିଲେ ସଭାଟା ଜମିବ । ସାମ୍ବାଦିକମାନେ ଆସିବେ । ସମ୍ବାଦପତ୍ର ପ୍ରକାଶ ପାଇବ । ଟେଲିଭିଜନରେ ଦେଖହେବ । କୁସୁମ ପରଶେ ପଟ ନିସ୍ତରେ । ବିଭାଗୀୟ ମନ୍ତ୍ରୀ ନହେଲେ ଆଉ କୋଉ ମନ୍ତ୍ରୀ ନେଇଯା'ନ୍ତି ।

ମନ୍ତ୍ରୀ ଥିବାବେଳର ଅସାଧାରଣ କାମ, ମନ୍ତ୍ରୀ ପଦରୁ ଯିବାପରେ ନିଜ ଭିତରେ ଉକୁଟି ବାହାରୁଥିବା ଅସାଧାରଣ ସ୍ୱଭାବ ସବୁ ସେ ଦେଖି ଚାଲିଛି ।

ଭାବେ ସିନା, ଅଲ୍ଲୀ କିଛି କୁହେ ନାହିଁ । ଏପରିକି ଘରେ ସ୍ତ୍ରୀ ପିଲାଙ୍କ ଆଗରେ ମଧ କିଛି କହିବା ନିଜ ସ୍ୱଭାବ ବିରୋଧ । ମନ୍ତ୍ରୀଙ୍କର ଅସମ୍ମାନ ହେବ । ମନ କଥା ମନରେ ମରେ । ସେ କେବଳ ବାହକ । ସେ କେବଳ ଶ୍ରୋତା, ଶୁଣେ । ପେଟ ଭିତରେ ଜାବୁଡ଼ି ରଖେ ।

ହେଲେ ମନ ବେଳେବେଳେ ବୋଲମାନେ ନାହିଁ । ଭାବିଚାଲେ ସାଧାରଣ ପରିବାରରୁ, ସାଧାରଣ ସମାଜରୁ ଆସିଥିବା ଅପାଠୁଆ, ଅର୍ଦ୍ଧପାଠୁଆ ମଣିଷଗୁଡ଼ାକ ଅଚାନକ ଏତେ ଅସାଧାରଣ ହେଲେ କେମିତି ।

ଆଉଦିନେ ଜଣେ ମନ୍ତ୍ରୀଙ୍କୁ ଗୋଟିଏ ଟେଲିଭିଜନ ଚାନେଲକୁ ନେଇ ଯାଇଥିଲା । ତାଙ୍କ ଅଞ୍ଚଳର ନିଜ ଦଳର ଗୋଟିଏ କର୍ମି ଭିଜିଲାନ୍ସ ହାତରେ ଧରା ପଡ଼ିଛି । ଜଣଙ୍କର ବଦଳି ପାଇଁ ଲକ୍ଷେଟଙ୍କା ନେଉଥିଲା । ଟେଲି ଭିଜିଅନରେ ସେ ସଂପର୍କରେ ଆଲୋଚନା ଥିଲା । ଯାହାର ବଦଳିହେବ ମନ୍ତ୍ରୀଙ୍କ ବିଭାଗୀୟ ଅଫିସର ଜଣେ ।

ଟି.ଭି. ଆଙ୍କରର ପ୍ରଶ୍ନକଲା ଏ ଲୋକ ଆପଣଙ୍କ ଦଳର । ଆପଣଙ୍କ ଲୋକ ?

ଟିକିନି ଉତ୍ତର ହେଲା

ମୁଁ ଆକୁ ଆଦୌ ଚିହ୍ନିନାହିଁ । ଦଳର ଅନେକ କର୍ମୀ ଅଛନ୍ତି, ତାଙ୍କରି ଭିତରୁ ଜଣେ ହେଇଥିବ । ଭଲ ହେଇଛି । ଧରାହେଲା ତା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ।

କୌଣସି ସାଧାରଣ ମଣିଷର ବିବେକ ଅନୁମତି ଦେବନାହିଁ । ଏପରି ନିଆଁଗିଳା ମିଛ କହିବାକୁ । ସେମାନେ ସାଧାରଣ । ଭଲମନ୍ଦ ବିଚାର ଅଛି । ସମାଜକୁ ଭୟ ଅଛି । ହେଲେ ମନ୍ତ୍ରୀ...

ଅଲ୍ଲୀ ଦେଖୁଛି ଯେ ଲୋକଟା ଅନେକଥର ମନ୍ତ୍ରୀଙ୍କ ଘରକୁ ସନ୍ଧ୍ୟାବେଳେ ବରା, ପକୁଡ଼ି, ଚପ୍ ନେଇ ଆସେ । ବେଳେବେଳେ ଚିଙ୍ଗୁଡ଼ି, କଙ୍କଡ଼ା, ଇଲିଶି ମାଛ ଆଣେ । ମନ୍ତ୍ରୀ ନିର୍ବାଚନ ମଣ୍ଡଳୀର ଗଲେ ତାକୁ ଡକାଇ ପଠାନ୍ତି । ବେଳେବେଳେ ତା' ଗାଡ଼ିରେ ଛାଡ଼ିଦେଇ ଆସିବାକୁ କହନ୍ତି । ଅଥଚ ସେ ତାକୁ ଚିହ୍ନି ନାହାନ୍ତି ।

ଟି.ଭି. ବାଲା ଆଉପାଦେ ଯାଇ ଗୋଟାଏ ଫଟୋ ଦେଖାଇଲା, ଇଏ ଆପଣଙ୍କ ସାଙ୍ଗରେ ବସିଛି । ତାକୁ ଚିହ୍ନି ପାରୁ ନାହାଁନ୍ତି । ଉତ୍ତର ହେଲା ଏମିତି ହଜାର ହଜାର ଲୋକ ଦେହରେ ଘସି ହୁଅନ୍ତି । କାହାକୁ ଚିହ୍ନିବୁ କାହାକୁ ମନେ ରଖିବୁ । ନିଚ୍ଛକ ସତକଥା । ନିଚ୍ଛକ ସତକଥା । ଅନେକ ଲୋକ ପାଖକୁ ଆସନ୍ତି ତେବେ ମନ୍ତ୍ରୀ ଯଦି ମାନିଥା'ନ୍ତେ, ସେ ତାକୁ ଜାଣିଛନ୍ତି ବୋଲି କହିଥାନ୍ତ, କୋଉ ପ୍ରଳୟ ହୋଇଯାଇଥା'ନ୍ତା । ବୋଧହୁଏ ତାଙ୍କ ଭିତରେ ଥିବା ନିଆରା ପ୍ରତିଭା ଏପରି କଥା କୁହାଇଲା ।

ନିକଟର ମଣିଷଟା ଅଦୃଶ୍ୟ ହୋଇଗଲା । ଚିହ୍ନା ମଣିଷ ଅଚିହ୍ନା ମନେହେଲା ।

ସବୁ ମନ୍ତ୍ରୀଙ୍କ ସ୍ୱଭାବରେ ଅନେକ ଅସାଧାରଣ ଲକ୍ଷଣ ସେ ଦେଖୁଛି ।

ଥରେ ଜଣେ ମନ୍ତ୍ରୀଙ୍କୁ ଗୋଟାଏ ସଭାକୁ ନେଇ ଯାଇଥିଲା । ସିକ୍ୟୁରିଟି ଅଫିସର ବି ଥିଲା । ହଠାତ୍ ଗୋଛାଏ କଲେଜ୍ ଟୋକା କୋଉଠି ଥଲେ କେଜାଣି ମାଡ଼ି ଆସିଲେ । ଗୋଟାଏ ଛିଣ୍ଡା ଯୋତାମାଳ ମନ୍ତ୍ରୀଙ୍କ ବେକରେ ପକାଇଦେଲେ । ଧସ୍ତାଧସ୍ତି ହେଲା । ପୋଲିସ ସେମାନଙ୍କୁ ଆରେଷ୍ଟ

କଲା। ମନ୍ତ୍ରୀ ଅବିଚଳିତ। କଳାପତାକା ଦେଖାଅ ଯୋତାମାଳ ପିନ୍ଧାଅ ଅବା ଅଣ୍ଡାମାଡ଼ କର, ପ୍ରଗତି ପଥରେ ମୁଁ ଚାଲିଛି କହି ଭାଷଣ ଆରମ୍ଭ କଲେ। ବିକାଶ ଆରମ୍ଭ କରିଛି ଆଗକୁ ବଢ଼ିବ ବେଶ୍ ଭଲକଥା। ସାଧାରଣରେ ଧାରଣା ହେଲା ମନ୍ତ୍ରୀଙ୍କ ଭିତରେ ଅସୀମ ଧୈର୍ଯ୍ୟ ଅଛି । ରାଗରୋଷ ନାହିଁ । ସଭାସାରି ଆସିଲାବେଳକୁ ମନ୍ତ୍ରୀ ପୋଲିସ୍ ଅଫିସରକୁ ଡାକି କହିଲେ

ସେମାନଙ୍କୁ ଛାଡ଼ିଦେଲେ ଭଲ । ଗଣତନ୍ତ୍ରରେ ଏପରି ସବୁ ବିରୋଧ ହୁଏ । ଆମପରି ଗଣତନ୍ତ୍ରପ୍ରେମୀ ଆକୁ ସହ୍ୟକରିବ ନାହିଁ ତ କିଏ କରିବ ?

ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଡାଲମା ଚାମୁଚରେ ନେଇ ଖାଇବା କିମ୍ବା ଆହାର ଯୋଗାଣ କେନ୍ଦ୍ର ଉଦ୍‌ଘାଟନ କରିବା ଅବସରରେ ଥାଳିଧରି ମାଗିବା, ଥାଳି ପକାଇ ଖାଇବା ମନ୍ତ୍ରୀଙ୍କ ଭିନ୍ନ ପରିଚୟ ବିଷୟରେ ସେ ଜାଣିଛି । ମିଡିଆରେ ପ୍ରସ୍ତୁରିତ ହୋଇଛି । ଏସବୁ କାରବାର । ଯୋତାମାଳ, ମନ୍ତ୍ରୀଙ୍କୁ ପାଳଭୂତ କରି ପୋଡ଼ିବା, ତାଙ୍କ ଫଟୋରେ ନିଆଁ ଲଗାଇବା ଅନେକ ଘଟିଥାଏ । ଆକୁ ବି ମିଡ଼ିଆରେ ପ୍ରଗରିତ ହୁଏ । ଭଲ ମନ୍ଦ ମନ୍ତ୍ରୀଙ୍କ ପାଇଁ ସମାନ ।

ଅନେକ କାହାଣୀ ମନ ଭିତରେ ଆଉଟ୍ ପାଉଟ୍ ହୁଏ ଅଲ୍ଲୀର । ଏଇ ସମାଜରେ ସେ ବଢ଼ିଛି । ରାଜନୀତିକୁ ପାଖରୁ ଦେଖୁଛି । ମନ୍ତ୍ରୀମାନଙ୍କର ସାରଥିବନି ଅନେକ ସ୍ଥାନକୁ ଯାତ୍ରା କରିଛି ।

ମନ୍ତ୍ରୀ ହେବା ପରର ଅବସ୍ଥା ମଧ୍ୟ ଦେଖୁଛି । କାହାର ପ୍ରୋଟୋକଲ ମନେପଡ଼ି ମନଟା ଛଟପଟ ହେଉଛି ତ କିଏ ଅଭିନେତାଙ୍କ ପରି କାଚ ଢାଙ୍କୁଣି ଭିତରେ ରହି ଦୁନିଆକୁ ଦେଖୁଛନ୍ତି । ରାସ୍ତାର ଲୋକଙ୍କ ପାଖରୁ ବିନା ଆୟୋଜନରେ ଯିବାକୁ ପସନ୍ଦ କରି ନଥାନ୍ତି ।

ମନ୍ତ୍ରୀ ମଣିଷ ସବୁ ସାଧାରଣ ନୁହଁନ୍ତି । ଅସାଧାରଣ । ମନ୍ତ୍ରୀ ଥିଲେ କି, ମନ୍ତ୍ରୀ ପଦରୁ ଗଲେ । ଜଣେ ଅଧେ ଅନ୍ୟ ଭାବରେ ଭିନ୍ନ । ସେପରି ମନ୍ତ୍ରୀଙ୍କୁ ବି ଅଲ୍ଲୀ ପାଖରେ ଦେଖୁଛି । ମନ୍ତ୍ରୀ ଥିବାବେଳେ ସେ ଭୁଲି ଯାଇ ନଥାନ୍ତି ଯେ ସମସ୍ତଙ୍କ ଭିତରେ ଜଣେ ହୋଇଥିଲେ, ଏବେ ମନ୍ତ୍ରୀବେଳେ ବି ସେହି ମଣିଷଟି ତାଙ୍କ ଭିତରେ ଅଛି । ଏପଦଟି କେତେବେଳେ ଋଲିଯିବ । ସେଥିପାଇଁ ଯେଉଁ ମଣିଷକୁ ନେଇ ମନ୍ତ୍ରୀ ହୋଇଥିଲେ ସେଇ ମଣିଷକୁ ନିଜ ଭିତରେ ବଞ୍ଚାଇ ରଖିଥାନ୍ତି । ପ୍ରୋଗ୍ରାମରେ ଗଲେ ବାଟରେ ଢାବା ଖଟିଆରେ ଶୋଇଯା'ନ୍ତି । କେହି ଯଦି ବହୁତ ରାତିପାଏ ବଙ୍ଗଳା କି ସର୍କିଟ୍ ହାଉସ୍‌ରେ ଅପେକ୍ଷା କରିଥାନ୍ତି। ତାକୁ ତାଗିଦ କରନ୍ତି, କୁହନ୍ତି । କାହିଁକି ଏତେ ରାତିଯାଏଁ ଅଛନ୍ତି । କାଲି ପରା ସକାଳ ଆଠଟାରେ ରିଭ୍ୟୁ ମିଟିଂ ଅଛି । ମନ୍ତ୍ରୀପଦରୁ ଯିବା ପରଦିନ ସକାଳେ ରାସ୍ତାରେ ଚାଲି ଚାଲି ଯାଉଥିବାର ଦେଖୁଛି । ଆଉ ମନ୍ତ୍ରୀଥିବାବେଳେ ଛକ ଚା' ଦୋକାନରେ ବସି ଚା' ଖାଉଥିବାର ଅଭ୍ୟାସ ତାଙ୍କ ଭିତରର ମଣିଷକୁ ବଞ୍ଚାଇ ରଖୁଥିଲା । ଅନ୍ୟମାନଙ୍କ ସାଙ୍ଗରେ ଗପ କରୁଥିଲେ । ଭୁଲି ଯାଇ ନଥିଲେ ସେ ଛାଡ଼ି ଆସିଥିବା ଦିନଗୁଡ଼ାକୁ, ଯୋଉଠିକୁ ଦିନେ ନା ଦିନେ ଫେରିଯିବା ସତ୍ୟ । ସେ ବି ମନ୍ତ୍ରୀଙ୍କ ଭିତରେ ଏକ ପ୍ରକାର ନିଆରା, ଅସାଧାରଣ । ବେଳେବେଳେ ଅଲ୍ଲୀ ମୁଣ୍ଡ ଗୋଳମାଳ ହୋଇଯାଏ । ଭାବି ପାରେନା କିଏ ଅସାଧାରଣ ସେମାନେ ନା ଇଏ ବା ସମସ୍ତେ ନିଜ ନିଜ କ୍ଷେତ୍ରରେ ଅସାଧାରଣ ।

ସ୍ତ୍ରୀ ଆଶିବାକୁ ମନସୁର କହିଲା- ଈଶ୍ୱର-ଆଲ୍ଲା ସବୁ ଏକ। ଜଗନ୍ନାଥଙ୍କୁ ଅନା ଦେଖିବୁ କେମିତି ଚାହିଁଛନ୍ତି। ସେ ଯାଇ କୁଣ୍ଢାଇ ଧରିଲେ କଳା ଠାକୁର ତାଙ୍କୁ ବେଶୀ ଭଲ ପାଇବେ। ଆମେ ତଳେ ଛିଡ଼ା ହୋଇ ଡାକିଲେ ଶୁଣିବେ ନାହିଁ। ଆମ ଧର୍ମରେ ଦେବା ଦେବୀ ନାହାନ୍ତି। ସେମାନଙ୍କର ଅଛନ୍ତି। ସେମାନେ ତାଙ୍କ ପାଖକୁ ଯାଉଛନ୍ତି। ତଥାପି ଆଶିବାର ମନ ବୁଝୁ ନଥିଲା।

ଆ'ରେ ସହସ୍ର ଯୋଜନ ଦୂରରେ ଥାଇ ଡାକହେଲା ଗଜରାଜ। ତା ଡାକ ଶୁଣି ପ୍ରଭୁ ଚକ୍ର ପେଶି କୁମ୍ଭୀର ଠାରୁ ଗଜଉଦ୍ଧାର କଲେ। ସେ କଥା ମୁଁ ଶୁଣିଛି ଏମିତି ସବୁ ମନ୍ଦିରକୁ ସାର୍‌ଙ୍କ ସାଙ୍ଗରେ ଦିଆଁ ଦର୍ଶନରେ ଯାଇଥିବା ବେଳେ। ମନସୁର ପଛକୁ ଚାହିଁଲା କିଏ ଜଣେ ଡାକୁଛି ମନସୁର ଭାଇ..

ସେଇ ମନ୍ତ୍ରୀଙ୍କ ଡ୍ରାଇଭର।

ଆରେ ତମେ ଗଲ ନାହିଁ।

ସେ ମଜାକରି କହିଲା ଏଠି ରହିଲେ କ'ଣ ଠାକୁର ମୋ ଡାକ ଶୁଣିବେ ନାହିଁ।

ସେମାନେ ଯାହା ଆଣିବେ ସେଥିରୁ ମୁଁ ପୁଳାଏ ନେବି ନାହିଁ।

ହୋ ହୋ ହସିଥିଲେ ଦୁଇ ଡ୍ରାଇଭର

ମନସୁର, ମୁରଖ – ଦୁଇ ମନ୍ତ୍ରୀଙ୍କର ସାରଥି। ଜଣେ ମୁସଲ୍‌ମାନ ଜଣେ ହିନ୍ଦୁ। ଦୁଇ ସାଧାରଣ ମଣିଷର ଖୋଲା ହସ। ଠାକୁରେ ଶୁଣିଲେ କି କ'ଣ ଉପରେ ବସି ହସୁଛନ୍ତି। ନାଲି ଓଠରୁ ହସ ଝରି ପଡୁଛି !

# ସାଥି

ଚକ୍ରଧର ସାହୁ

ଗଣିଆ ଗୋଡ଼ କଚାଡ଼ି ଦୁମ୍‌ଦାମ୍ ପାଦରେ ଘରୁ ବାହାରିଲା। କବାଟଟାକୁ ଖୁବ୍ ଜୋରରେ ଟାଣି ଖାପିଦେଲା ଚୌକାଠ ଦେହରେ। ଗାରୁଗାରୁ ହୋଇ କଞ୍ଚି ପକାଇଲା ତ ଧପଡ଼ିଲା ରାସ୍ତାକୁ।

ତାକୁ ଖୁବ୍ ଚଞ୍ଚଳ ଯାଇ ଠାକିବାକୁ ହେବ ସେଇ ପୋଖରୀ ତଳ ବିଲ ମଝିରେ। ଘରଠୁ ବେଶି ଦୂର ନ ହେଲେ ବି ନିହାତି ଦଶ ପନ୍ଦର ମିନିଟ୍ ଲାଗିବ। ତେଣୁ ସେ ଖୁବ୍ ଜୋରରେ ପାଦ ପକେଇଲା। ଖାଲି ଫାଁ ଫାଁ ନିଃଶ୍ୱାସ ଯାଉଥାଏ ତା'ର। ମନେ ମନେ ରାଗରେ ଗର୍ଜନ କରୁଥାଏ- ହାଁ, କ'ଣ ଭାବିଛି ସେ ମୋତେ। ତା' ମନ ଯେତେବେଳେ ଚାହିଁବ, ଫୋନ୍ କରିଦେବ। ଆଉ ମୁଁ ସବୁବେଳେ କ'ଣ ତା' ଫୋନ୍ ଉଠାଇବାକୁ ବାଧ୍ୟ। ନ ଉଠାଇଲେ ପୁଣି ରୁଷିବ। ମୁଁ ଫୋନ୍ କଲେ ଶୁଣିଯିବନି ଦିନେ କି ଦି'ଦିନ। ମୋର କ'ଣ ଆଉ କିଛି କାମଧନ୍ଦା ନାହିଁ। ଘରେ ଖାଲି ଆରାମରେ ଶୋଇଛି। ମୁଁ କେତେବେଳେ କ'ଣ କରେ ଜାଣିନାହିଁ ସେ। ଫେର ଏମିତି କାହିଁକି ହେଉଛି। ରହ...., ତାକୁ ଆଜି ଭଲ କି ଶୁଣାଉଛି। ହୁଁ, ଡାକିଦେଇ ପୁଣି କହୁଛି କ'ଣ ନା ଯଦି ଏଇନା ନ ଆସିବୁ .... ତୋତେ ଆଉ କେବେ ବି ଭେଟିବି ନାହିଁ। ଶେଃ...ଏଡ଼େ ଜିଦଖୋର। କେଜାଣି ମୁଣ୍ଡରେ ତା'ର ବୁଦ୍ଧିଶୁଦ୍ଧି କିଛି ଅଛି ନା ଖାଲି ଗୋବର ପୂରିଛି।

ଚାହୁଁ ଚାହୁଁ ପୋଖରୀ ହୁଡ଼ା ଦିଶିଯିବାରୁ ଗଣିଆ ନିଜ ମନକୁ ଟିକେ ଶାନ୍ତ କଲା। ତା'ର ଏଇ ଅବସ୍ଥାକୁ ଚିହ୍ନି କେହି କାଳେ କିଛି ପଚାରିଦେବ ଭାବି ପାଦକୁ ଧୀମା ଚଳାଇଲା ଆଉ ନିଃଶ୍ୱାସ ପ୍ରଶ୍ୱାସକୁ ସହଜ କଲା।

ମଧ୍ୟାହ୍ନ ସମୟରେ ପୋଖରୀର ଏଇ ବାଆଁ ପଟ ବିଲଟା ବେଶି ନିଛାଟିଆ। ସର ବେଳେବେଳେ ତାକୁ ଏଇଠିକି ଡାକେ ଦିନ ଦୁଇଟାରୁ ଅଢ଼େଇଟା ଭିତରେ; ଖାସ୍ କରି ଛୁଟି ଦିନ ମାନଙ୍କରେ। ସେତେବେଳେ ଏଇ ଖଣ୍ଡମଣ୍ଡଳଟା ଏକେବାର ଜନଶୂନ୍ୟ। କୁଆ କୋଇଲିଟାଏର ବି ଦେଖା ନଥାଏ। ତା' ବାପା କାମରୁ ଫେରି ନଥାଏ। ଗଣିଆର ବାପା ଖାଇପିଇ ଘୁଙ୍ଗୁଡ଼ି ମାରି ଶୋଇପଡ଼ିଥାଏ। ହେଲେ ଆଜି କାହିଁକି ଏତେ ଚଞ୍ଚଳ ଡାକିଛି ଭାବି ମନେ ମନେ ବିରକ୍ତ ହେଲା ଗଣିଆ।

ତା'ପରେ ପିଚୁରାସ୍ତା ତଳକୁ ଗଡ଼ିଲା ତ ଜାମୁକୋଳି ଗଛଟାକୁ ଲକ୍ଷ୍ୟ କରି ଏକମୁହାଁ ଚାଲିଲା। ସେଇ ଗଛ ମୂଳଟା ସେମାନଙ୍କ ପାଇଁ ଖୁବ୍ ନିରୋଳା। ତା' ଚାରିପାଖରେ ବାଡ଼ ଘେରିଲା ପରି ରହିଥାଏ.... ଅମରୀ, ପୁଟୁସ୍, ବନ୍ଦିରି ଭଳି କେତେ ଅନାବନା ଗଛ ଆଉ ଅନାମିଆ ଗୁଳ୍ମ। ଜାମୁ ଗଛମୂଳଟାରେ ଦି'ଟା ବଡ଼ ବଡ଼ ପଥର ବି ପଡ଼ିଥାଏ। ସେମାନଙ୍କ ପାଇଁ ସତେ ଯେମିତି କିଏ କେଉଁ କାଳରୁ ଥୋଇ ଦେଇଛି ସେଇଠି। ଗୋଟେ ପଥର ଉପରେ ବସି ସର ଅପେକ୍ଷା କରେ ଗଣିଆକୁ ସେ ଆସିଲେ ଖୁବ୍ ଖୁସି ହୁଏ। କେବେକେବେ ଚକୋଲେଟ୍ ଦି'ଟା କି ଚିପ୍‌ସ ଦି' ପ୍ୟାକେଟ ସାଙ୍ଗରେ ଧରିଥାଏ ତ ବଢ଼ାଇଦିଏ ଗୋଟେ। ଦୁହେଁ ପାଖାପାଖି ବସନ୍ତି। ଏକା ସଙ୍ଗେ ପାଟି ଚାଲେ, ଗପ ଚାଲେ। ଥଟ୍ଟା ମଜା ଖୁବ କମ୍। ଗମ୍ଭୀର ଗୁରୁତ୍ୱପୂର୍ଣ୍ଣ କଥା ବେଶୀ। ନିଜ ନିଜ ଚଳନ୍ତି ଦୁନିଆର ଦୁଃଖ ସୁଖ।

ସର ଓ ଗଣିଆ ଏକା ଜାତିର। ଆଦିବାସୀ ସଂପ୍ରଦାୟ ଭୁକ୍ତ। ଗଣିଆର ତଳ ଶ୍ରେଣୀରେ ପଢ଼େ ସର। ଦୁହିଁଙ୍କ ସାହି ମଧ୍ୟରେ ଦୂରତା ଦୁଇ ତିନି କିଲୋମିଟର ହେବ। ସ୍କୁଲ୍ ଅଲଗା ଅଲଗା ହେଲେ ବି ସେମାନଙ୍କର ଟିଉସନ୍ ସାର୍ ଜଣେ। ସେଇ ଟିଉସନ୍ କ୍ଲାସରୁ ହିଁ ପରସ୍ପର ମଧ୍ୟରେ ଚିହ୍ନା ପରିଚୟ । କ୍ଲାସ୍ ସରିଲେ ରୁମ୍ ବାହାରେ ଦୁଃଖସୁଖ ବାଣ୍ଟନ୍ତି ଏକ ଆରେକକୁ। ଆନ୍ତରିକତାର ଦେଣ ନେଣ ହୁଏ ପରସ୍ପର ମଧ୍ୟରେ। ନିଜ ନିଜର ଲକ୍ଷ୍ୟ ସାଧନ ପାଇଁ ଜଣେ ଅନ୍ୟ ଜଣକ ସମ୍ମୁଖରେ ଦୃଢ଼ ସଂକଳ୍ପ ରଖେ।

ଦୁହେ ଖୁବ୍ ଗରିବ ଘରର ପିଲା। ସମାଜରେ ନିମ୍ନ ଶ୍ରେଣୀର। ସରର ବାପା ମୂଲ ଲାଗେ। ଗଣିଆର ବାପା ଟ୍ରଲି ଟାଣେ। ଘରର ଖରାପ ପରିସ୍ଥିତି ଯୋଗୁଁ ସେମାନେ ସିନା ଅଧାରୁ ପାଠ ଛାଡ଼ିଥିଲେ ହେଲେ ଉଭୟ ଶିକ୍ଷାର ମୂଲ୍ୟ ବୁଝନ୍ତି। ସ୍ୱପ୍ନ ଦେଖନ୍ତି, ପିଲାମାନଙ୍କୁ କିପରି ଉଚ୍ଚ ଶିକ୍ଷିତ କରିବେ। ମଣିଷ ପରି ମଣିଷ କରି ସମାଜରେ ଉଚ୍ଚ ସ୍ଥାନ ଦେବେ। ସେଥିପାଇଁ ଅର୍ଥର ଗୁରୁତ୍ୱକୁ ବି ସେମାନେ ଭଲଭାବେ ବୁଝନ୍ତି। ଯେନତେନ ପ୍ରକାରେ ପରିବାରର ଗୁଜୁରାଣ ମେଣ୍ଟାନ୍ତି ସିନା ପଲାମାନଙ୍କ ଶିକ୍ଷା ସମ୍ବନ୍ଧୀୟ ବନ୍ଦୋବସ୍ତରେ ସାଲିସ୍ କରନ୍ତି ନାହିଁ। ସକାଳରୁ ସଞ୍ଜ

ଯାଏ ହାଡ଼ଭଙ୍ଗା ପରିଶ୍ରମ କରନ୍ତି । କର୍ତ୍ତବ୍ୟର ଦ୍ୱାହି ଦେଇ ସର ଆଉ ଗଣିଆ ବି ସେମାନଙ୍କୁ କେବେ ଅଣଦେଖା କରନ୍ତି ନାହିଁ ଶୂନ୍ୟରେ 'ହୋଅ'ଟେ ଉଡ଼େଇ । ମାଆ, ବାପାଙ୍କୁ ସେମାନଙ୍କ ଅନ୍ତରରେ ଉପଯୁକ୍ତ ସ୍ଥାନ ଦେଇ ନିଜ ନିଜ ପାରିବା ପଣିଆରେ ସେମାନଙ୍କର ଖୁବ୍ ସେବାଯତ୍ନ କରନ୍ତି । ହାତରେ ସୁଯୋଗ ଥାଏ ତ ଜମାରୁ ହେଳା କରନ୍ତି ନାହିଁ ।

ସର ଭୋର ସକାଳୁ ଉଠି ଘର କାମରେ ମା' ସହ ହାତ ମିଶାଏ । ବାପା କାମକୁ ବାହାରିବା ପୂର୍ବରୁ ତା' ଆଗରେ ପଖାଳ କଂସା ଥୋଇଦିଏ । ସାଙ୍ଗକୁ ମା' ସଜିଲ୍ କରିଥିବା ପିଆଜ, କଞ୍ଚାଲଙ୍କା,ଶାଗଭଜା ଆଉ ଆଳୁ, ବାଇଗଣ କି ବିଲାତି ପୋଡ଼ାରୁ ରଞ୍ଚେ । ତା' ଆଦର ଯତ୍ନ ଦେଖି ମା' ବାପା ଦି'ଟା ଭାରି ଖୁସି ହୁଅନ୍ତି । ମନେ ମନେ ତାକୁ ଆଶୀର୍ବାଦ କରି ଭଗବାନଙ୍କ ପାଖରେ ପ୍ରାର୍ଥନା କରନ୍ତି । କହନ୍ତି– ଝିଅକୁ ଆମର ଏମିତି ଦୟା କରିଥାରେ କାଳିଆ; ସେ ଯେମିତି ବହୁତ ପଢୁ, ଆଗକୁ ବଢୁ । ବାପା କାମକୁ ଗଲାପରେ ଯାଇ ନିଜର ପଢ଼ାପଢ଼ି କରେ ସର । ତା'ପରେ ସ୍କୁଲକୁ ଯାଏ ।

ଗଣିଆ ହାତରେ କିନ୍ତୁ ସେମିତି କିଛି ଘରକାମ ନଥାଏ । ବାପା ବ୍ୟସ୍ତରେ ଥିଲେ କେତେବେଳେ କେମିତି ଦୋକାନରୁ ସଉଦାପତ୍ର ଆଣିଦିଏ । ନହେଲେ ଟ୍ରଲି ଚକାତଳୁ ପଥର ହଟାଇ ଦିଏ । ଆବୁଡ଼ାଖାବୁଡ଼ା ଜାଗା ଉପରୁ ଗାଡ଼ି ଗଡାଇବାରେ ବାପାଙ୍କୁ ଅସହଜ ହେଲେ ପଛରୁ ଠେଲି ଦିଏ ଟିକେ । ତା'ପରେ ନିଜେ ପଢ଼ିବସେ ।

ଏବେ କିନ୍ତୁ ଗଣିଆ ଉପରେ ଦାଉ ସାଧିଛି ସମୟ । ମା' ଗଲାଦିନୁ ତା'ଭାଗ୍ୟ ଯେମିତି ପଥର ତଳେ ଚାପି ହୋଇଯାଇଛି । ସକାଳୁ ରାତିଯାଏ ଖାଲି କାମ ଆଉ କାମ । କୋଉ ଘର କରଣା କାମ ତାକୁ ଜଣା ଥିଲା ଯେ ! ଏକେ ତ ମରଦ ପିଲା; କୋଉ ଶାଶୁ ଘରକୁ ଯାଇଥାନ୍ତା ଯେ ମାଆ ତାକୁ ହାତଧରି ଶିଖାଇ ଦେଇଥାନ୍ତା ଘର ଓଳେଇବା, ଚୁଲି ଧରାଇ ରୋଷେଇ କରିବା କି ଲୁଗାପଟା କାଚିବା । ନିଜେ ପଚାରି ବୁଝି ଯାହା ବା ଶିଖିଥାନ୍ତା, ଥିଲା ଥିଲା ସେ ହଠାତିଆ ଚାଲିଗଲା ନା ।

ପହିଲୁ ପହିଲୁ ଦିନା କେତେ ତ ତା' ମୁଣ୍ଡ ଖରାପ ହୋଇଯାଇଥିଲା । ମଗଜ ଘୂରିଯାଇଥିଲା ଏକେବାର । କୋଉ କାମଟା ଆଗ ଆଉ କୋଉଟା ପଛରେ କରିବ ସ୍ଥିର କରିପାରୁନଥିଲା ସେ । କ୍ରମଶଃ ସମୟର ହେଜ ତା'ର ସମସ୍ୟାକୁ ଖୁବ୍ ସହଜରେ ଦୂର କରିଦେଲା । ହେଲେ ଟା' କେମିତି ହୁଏ, ସେ ଶିଖନ୍ତା କେମିତି ! ଆଉ ଭାତ, ଡାଲି, ଭଜା, ତିଅଣ ଆଦି କରିବା ? ମଇଳା ଲୁଗା କାଚିବା ? ତା' ବାପା କେଜାଣି ଜାଣିଥିଲେ ଜାଣିଥିବ । ହେଲେ ତାକୁ ସେ ପଚାରିଥାନ୍ତା କେମିତି ? ମା' ଗଲା ଦିନୁ ତା' ମୁହଁକୁ ବି ସେ ଭଲ କରି ଚାହିଁ ପାରେନି । ଏମିତିରେ ଖୁବ୍ ଶାନ୍ତଶିଷ୍ଟ ସୁଧାର ମଣିଷଟେ ସେ । ତା' କାମ ଭଲ ତ ସେ ଭଲ । ଖୁବ୍ ପରିଶ୍ରମୀ । ଯୋଉଦିନ ଭଲ ରୋଜଗାର ହୋଇଥାଏ, ମା' ଆଉ ତା'ର ଦରକାରୀ ଜିନିଷ ଆଗ ମନେ ପକାଇ ଆଣୁଥିଲା । ବାକୀ ପଇସା ମା'କୁ ଦେଉଥିଲା ସଞ୍ଚିବା ପାଇଁ । ରୋଜଗାର ସେତେ ନ ହୋଇଥିଲେ ଖୁବ୍ ଭାଙ୍ଗି ପଡ଼େନି ଦୁଃଖରେ । ମନକୁ ବୁଝାଇ ଆଶା ରଖେ ଆସନ୍ତାକାଲିକୁ । ଖୁସିରେ ଗଦଗଦ୍ ହୁଏନି ସିନା ଖୁବ୍ ସନ୍ତୁଷ୍ଟ ଥାଏ ତା' ଛୋଟ ସୁଖୀ ପରିବାରକୁ ନେଇ । ସେଇ ସନ୍ତୋଷ ଭାବଟେ ସୁଦ୍ଧା ଦେଖାଯାଏନି ତା' ମୁହଁରେ । ହେଲେ ଗଣିଆର କୌଣସି କଥାରେ କି କାମରେ କେବେ ବି ବିରକ୍ତ ହୁଏନା । ଦୁଃଖସବୁକୁ ଅନ୍ତର ତଳେ ଚାପି ବାପା ଯେ ନିଜେ ଭାଙ୍ଗିରୁଜି ଯାଉଥାଏ ଭଲ ଭାବେ ଅନୁଭବ କରିପାରେ ଗଣିଆ । ନିଜେ ମଧ ଭାରି ମନ ଦୁଃଖ କରେ ନିଜ ଭବିଷ୍ୟତ କଥା ଚିନ୍ତା କରି । ତା' ବାପା ତାକୁ ନେଇ ଦେଖିଥିବା ସ୍ୱପ୍ନ ସ୍ୱପ୍ନରେ ରହିଯିବ ଭାବି ।

ଠିକ୍ ସେତିକିବେଳେ ସର ହିଁ ସାହାଯ୍ୟର ହାତ ବଢ଼ାଇଥିଲା ଗଣିଆ ଉଦ୍ଦେଶ୍ୟରେ । ଫୋନ୍ କରି ବତାଇଥିଲା ସବୁକଥା । ଚାଁ କେମିତି କରିବାକୁ ହୁଏ । ଭାତ,ଡାଲି, ଭଜା, ତିଅଣ ଆଦି କରିବା ଆଉ ମଇଳା ଲୁଗାପଟା ସଫା କରିବାର ପ୍ରଣାଳୀ । ପ୍ରତିଶ୍ରୁତି ବି ଦେଇ କହିଥିଲା ଯାହା ବା କିଛି ସମସ୍ୟା ଆସିଲେ ବିଚଳିତ ହେବୁ ନାହିଁ । ନିର୍ଦ୍ୱନ୍ଦ୍ୱରେ ପଚାରିବୁ ଏ ସାଥିକୁ ତୋର । ଏମିତି କି ଭେଟି ବି ପାରିବୁ ମୁଁ ଫୋନ୍ କରି ଡାକିଲେ ।

ହେଲେ ଆଜି କାହିଁକି ସର ଡାକିଛି, ଅଟକଳ କରିପାରୁନଥିଲା ଗଣିଆ । କାହିଁକି ନା, ସେ ତ ତା'ର କୌଣସି ସମସ୍ୟା କଥା କହିନାହିଁ । ତା'ପରେ ....ଝାଡୁମରାରୁ ବିଛଣା ପାରିବା ଯାଏ ସବୁ ତ ଶିଖାଇ ଦେଇଛି ଯେ ତାକୁ ଆଉ ସ୍କୁଲ୍ କି ଟିଉସନ୍ ବନ୍ଦ କରିବାକୁ ପଡୁନି । ବାପା ସ୍ୱାଭାବିକ ଜୀବନ ବିତାଇଲାଣି । ଖାଲି ମା' ନା ଧରିଲେ ଦୁଃଖ ତ କରୁନି ମୋଟେ, ଖୁବ୍ ବିରକ୍ତ ହେଉଛି । ମୋଟାମୋଟି କହିବାକୁ ଗଲେ ଯୋଉ ପାହାଡ଼ ଭଳି ଦୁଃଖ ତା'ର ଥିଲା ଖଣ୍ଡେ ପଥର ହୋଇ ଦେହସୁଆ ହୋଇଗଲାଣି । ଏମିତି ଭାବନାର ସୂତାଖିଅକୁ ଲମ୍ୱାଇ ଲମ୍ୱାଇ ଯାଇ ଶେଷରେ ସେ ସର ପାଖରେ ପହଞ୍ଚିଗଲା ।

ସର ଲକ୍ଷ୍ୟ କଲା, ଗଣିଆର ମୁହଁଟା ଯେମିତି ଉତୁରି ପଡ଼ିଛି କ୍ରୋଧରେ । ଓଠ ଦି'ଟା ଆଗକୁ ପିରକି ଆସିଛି ଦୁଇ ଗାଲ ଧରି । ଚିଲା ଆଖି ଯୋଡ଼ା ଜଳୁଛି ଯେମିତି । ଖୁଣ୍ଟର ଦାମ୍ଭିକତାରେ ତାକୁ ଠିଆ ହୋଇଥିବା ଦେଖି ପଥର ଉପରୁ ଉଠି ପଡ଼ିଲା ସିଏ । ତା' ଗାଲ ଦୁଇଟାକୁ ଦୁଇ ହାତର ଆଙ୍ଗୁଠି ଚିମୁଟାରେ ଟାଣି ପଚାରିଲା– କ'ଣ, ରାଗିଛୁ ମୋ' ଉପରେ... ?

ତା' ଦୁଇହାତକୁ ଗାଲରୁ ଜୋର କରି ଛଡ଼ାଉ ଛଡ଼ାଉ– ହୁଁ, ଛାଡ୍ । ତୋ ଗେହ୍ଲା ସେତିକି ଥାଉ । ଏଇ ଅବେଳଟାରେ ମୋତେ କାହିଁକି ଡାକିଛୁ, ଚଞ୍ଚଳ କହ ।

ତା'ପରେ ନିଜେ ଗୋଟେ ପଥର ଉପରେ ବସି ତା' ହାତ ଟାଣି ବସାଉ ବସାଉ ସର କହିଲା – ଓହ....ବାପା, ତୁ ବସ୍ ତ ଆଗ । ମୁଁ ଜାଣିଛି ଭୋଳା ମଉସାର ଆଉ ଟିକେକୁ ଘର ଲେଉଟାଣି । ସେ ପହଞ୍ଚୁ ପହଞ୍ଚୁ ତାକୁ ଖାଇବାକୁ ଦେବୁ । ହେଲେ ଆଜି ସ୍କୁଲ ଛୁଟି ଆଉ କଥାଟା ସେମିତି ଜରୁରୀ ବୋଲି ଡାକିଦେଲି ।

ସ୍କୁଲ ଛୁଟି କଥା ହେଜି ଆଉ ଜରୁରୀ କଥାଟି ଶୁଣିବାର ଉତ୍କଣ୍ଠାରେ

ଗଣିଆ ଟିକେ ଶାନ୍ତ ହେଲା। ତାକୁ ଆଉ ଟିକେ ସାନ୍ତ୍ୱନା କରିବାକୁ ସର ନିଜ ଅଣ୍ଟିରୁ କାଢ଼ିଲା ପାଚିଲା ପିଜୁଳିଟେ। ତାକୁ ଧରାଇ ଦେଇ କହିଲା – ଏଇ ନେ ଖାଆ। ଭାରି ସୁଆଦିଆ।

ଗଣିଆ ପିଜୁଳି ଖାଉ ଖାଉ କହିଲା –ହଁ, ଏଥର କହ; କ' ସେଇ ଜରୁରୀ କଥା।

: ହେଲେ ଦେଖ୍, ତୁ ରାଗିବୁ ନାହିଁ କହୁଛି। ସର ଫୁଲେଇ ହୋଇ କହିଲା।

ଗଣିଆ କୃତ୍ରିମ ବିରକ୍ତିଭାବ ଦେଖାଇ କହିଲା –ଆରେ....ତୁ କହନା ଶୀଘ୍ର। ମୁଁ ଫେରିଲେ ପୁଣି ଡାଲିରେ ଛୁଙ୍କ ଦେବି। ଆଳୁରୁ ଚୋପା ଛଡ଼ାଇବି।

ସର ଅଚାନକ ପଚାରିଲା – ତୁ ଏବେ ଏବେ ମାଆଟେ ଚାହୁଁନା, କହ...

: ହାଁ, କ'ଣ କହିଲୁ ! ତୋର ତାହାହେଲେ ଏଇଟା ମଜା କରିବାର ବେଳ, ନାଇଁ... ! ମୁଁ ଯାଉଛି ....।

ନିଜ ଜାଗାରୁ ଉଠିବାକୁ ଉଦ୍ୟତ ହେଉଥିବା ଗଣିଆକୁ ତତ୍କ୍ଷଣାତ୍ ଟାଣିଧରି ଅଟକାଇଲା ସର। ସାକୁଲେଇ କହିଲା – ଆରେ ନାଇଁରେ....। ମୁଁ ଜମାରୁ ମଜା କରୁନାହିଁ। ତୋତେ ସତସତିକା ପଚାରୁଛି।

: ମାନେ ! ମା' ଗୁଡ଼ା କ'ଣ ହାଟ ବଜାରରେ ବିକ୍ରି ହେଉଛନ୍ତି। ତୁ ଟଙ୍କା ଧରି ଯିବୁ... ଆଉ କିଣି ଆଣିବୁ ଗୋଟେ। ମୁଁ ତ ଆଶ୍ଚର୍ଯ୍ୟ ହେଉଛି, ତୋ' ମୁଣ୍ଡରେ ଏମିତି କଥା ସବୁ ଆସେ କେମିତି ! ସାମାନ୍ୟ ଉତ୍ତେଜିତ ହୋଇ ପଡ଼ିଲା ଗଣିଆ।

ସେଇଠୁ ସର ଗମ୍ଭୀର ଭାବ ଧରି ଧୀର ନମ୍ର ସ୍ୱରରେ ବୁଝାଇଲା – ଆରେ ତୁ ରାଗ ନା ଏମିତି। ମୁଁ କ'ଣ କହିବାକୁ ଚାହୁଁଛି ଆଗ ବୁଝ ତ ଥରେ। ତା'ପରେ ମୁଁ କ'ଣ ମୂର୍ଖ ନା କୁନିଛୁଆଟେ ହେଇଛି। ମୋତେ ପରା ଆସି ଚଉଦ ବର୍ଷ ହେଲାଣି। ମା' କ'ଣ ଆଉ କେମିତି ମିଳେ ମୁଁ କ'ଣ ଜାଣିନି।

ସର କଥା ଶୁଣି ଗଣିଆ ଖାଲି ବଲ ବଲ କରି ଚାହିଁ ରହିଲା ତା' ମୁହଁକୁ। ବୁଝିପାରିଲାନି ସେ ତା' ଜରୁରୀ କଥା କହିବାକୁ ଯାଉଛି, ନା ବିଜ୍ଞାନରେ ପଢ଼ିଥିବା ପୃଥିବୀର ବିବର୍ତ୍ତନ କଥା।

ସର କହି ଚାଲିଥିଲା ଆତ୍ମମଗ୍ନ ହୋଇ – ଗୋଟେ ନାରୀର ପ୍ରଥମ ରୂପ ଖାଲି କନ୍ୟା। ଜନ୍ମ ନିଏ ତ ତା' ଜନ୍ମଦାତା ଆଉ ଜନ୍ମ ଦାତ୍ରୀଙ୍କ କାଖରେ କୋଳରେ ରହି ଗେଲବସରରେ ବଢ଼ ହୁଏ। ଚାଲି ଶିଖିଲେ, ଖେଳକୁଦ ଜାଣିଲେ ଭାଇଟିଏର ପିଛା ଧରି ଭଉଣୀ ହୋଇଯାଏ। ତା'ପରେ ଆଉ ଟିକେ ଯେତେବେଳେ ଫୁଲ ଓ ପ୍ରଜାପତି ମାନଙ୍କୁ ଭଲ ପାଇ ବସେ, ସେମାନଙ୍କ ସମ୍ପର୍କକୁ ନିରେଖେ ତା' ଭିତରୁ ପ୍ରେମିକାଟିଏ ଉଙ୍କିମାରେ। ପ୍ରେମର ଅଙ୍କୁରୋଦ୍‌ଗମ୍ ହୁଏ ତା'ଠି। ଶୟନେ ଜାଗରଣେ ତା' ମନ ଖାଲି ପ୍ରେମିକଟିଏ ଖୋଜେ।

: ହଉଁ.... ଆଲୋ ରହ। ରହିଯା ସେଇଠି। ତୋ' ଜ୍ଞାନର ଗାଡ଼ିରେ ଟିକେ ବ୍ରେକ୍‌ଦେ। ତୁ ତାହାହେଲେ ବହି ପାଠ ଛାଡ଼ି କୋଉ ଉପନ୍ୟାସ ଫୁପନ୍ୟାସ ପଢୁଛୁ ଏଇନା, ନାଇଁ ! କହିଲା କ'ଣ ନା ପ୍ରେମିକା ସାଜି ପ୍ରେମିକଟେ ଖୋଜେ। ତା'ପରେ ଦିନେ ତା'ର ସ୍ୱପ୍ନର ରାଜକୁମାର ସତକୁ ସତ ପକ୍ଷୀରାଜ ଘୋଡ଼ାରେ ଆସେ। ତା' ଗଳାରେ ବରଣମାଳା ପିନ୍ଧାଇ ତା' ଉଆସକୁ ରାଣୀ କରି ନେଇଯାଏ ତାକୁ। ହେଲେ ଏକଥା କାହାକୁ ଜଣାନାହିଁ ? ତୁ ମୋତେ କୋଉ ଜରୁରୀ କଥା କହିବାକୁ ଡାକିଛୁ ନା ଆଇ ମା' କାହାଣୀ କହିବାକୁ। ଉଦ୍‌ବିଗ୍ନତାରେ ଏକ ପ୍ରକାର ଖତେଇ ହୋଇ ଗଣିଆ ଝିଂଗାସିଲା ତାକୁ।

ତା' ବିରୋଧୀଭାସ ସହ ବିରକ୍ତି ପ୍ରକାଶରେ ସର ମୁହୂର୍ତ୍ତେ ନୀରବି ଗଲା। ହେଲେ....ଜରୁରୀ କଥାଟା ଯେ ତାକୁ ନ ଜଣାଇ ଛାଡ଼ି ହେବନି ଭାବି ସାକୁଲେଇ କହିଲା – ଆରେ ତୁ ବୁଝ୍। ମୁଁ ସେଇ କଥା କହିବାକୁ ଯାଉଛି। ବାହାଘର ପରେ ନାରୀଟିଏ ମାତୃତ୍ୱ ପାଇଁ ଖୁବ୍ ବ୍ୟାକୁଳ ହୋଇପଡ଼େ। କୋଳକୁ ପିଲାଟେ ଆସିଲା ପରେ ମା' ହୋଇଯାଏ। ସନ୍ତାନ ପ୍ରତି ସେବା ଯତ୍ନ, ବାତ୍ସଲ୍ୟ, ଧ୍ୟାନ ଆଦି କର୍ତ୍ତବ୍ୟରେ ତା' ମାଆପଣ ଏତେ ଦୃଢ଼ ହୋଇଯାଏ ଯେ ସନ୍ତାନଟି ତା' ବିନା ମୁହୂର୍ତ୍ତେ ରହିପାରେନା। ତାକୁ ସବୁବେଳେ ଲୋଡ଼େ। ତେବେ ତୁ କ'ଣ ସତରେ ଆଉ ମାଆଟେ ଲୋଡୁନାହୁଁ। ତୋ' ମନ କ'ଣ ଚାହୁଁନି, ତୁ ଗୋଟେ ମାଆ ପାଖରେ ଗେହ୍ଲା ପୁଅଟେ ହୋଇ ରହନ୍ତୁ। ସକାଳୁ ତୋ' ଆଖି ଫିଟନ୍ତା ସେଇ ମାଆର ଡାକରେ। ଶ୍ରଦ୍ଧାର ସହିତ ସେ ବ୍ୟସ୍ତ କରନ୍ତା, ଆରେ ସେତିକି ପଢ଼ିଥା; ସ୍କୁଲବେଳ ହେଇଯିବ। ତରବର ନ ହୋଇ ଟିକେ ଆରାମରେ ଖାଇଦେବୁ ଆ...। ରାତିରେ ତୋ' ନିଦ ପାଇଁ ତ ତୋ' ଦେହରେ ତା' କୋମଳ ହାତର ଛୁଆଁ ହିଁ ଯଥେଷ୍ଟ।

ହୁଁ...। ତା କଥା ଶୁଣି ଦୀର୍ଘଶ୍ୱାସଟେ ଛାଡ଼ିଲା ଗଣିଆ। ଘୋର ଅବସାଦରେ ବୁଡ଼ି କହିଲା, ମୁଁ ତ ଦିନେ ଏସବୁର ଅଧିକାରୀ ଥିଲିନା ସର। ଭାରି ଭଲ ପାଉଥିଲି ମୋ' ଜନ୍ମଦାତ୍ରୀ ମାଆକୁ। ତା' ସ୍ନେହ, ଆଦର, ଆଶ୍ୱାସନା, ଆକଟ ଆଉ ଉପଦେଶକୁ। ସମାଜରେ ତା'ର ନାମ ଯଶ ବଢ଼ାଇବାକୁ ଏକେବାର ତା'ର ବାଧ ସନ୍ତାନଟେ ବି ହୋଇଥିଲି। ହେଲେ ମୋଠି ସେ କି ଦୋଷ ଦେଖିଲା ଯେ ମୋ' ଆଡୁ ଏକେବାର ମୁହଁ ଫେରାଇ ନେଲା। ମୋତେ ଛାଡ଼ି ସେ କେମିତି ଯାଇପାରିଲା କହ।.... ତା'ର ଅନୁପସ୍ଥିତିରେ ମୁଁ ତ ମୋ' ଘରର ମାଆଟେ ହୋଇସାରିଲିଣି, ମୋର ଆଉ ମା' କ'ଣ ଦରକାର।

ସେତେବେଳକୁ ...ଗଣିଆର ଆତୁରତାରେ ସରର ଦୁଇ ଆଖିରୁ ଜମାଟବନ୍ଧା ଲୁହ ସବୁ ଉଛୁଳି ଗଡ଼ି ଆସିଲାଣି ଗାଲ ଉପରକୁ। ଦୁଃଖାର୍ଦ୍ର କଣ୍ଠରେ ସେ ତଥାପି ବୁଝାଇବାକୁ ଚେଷ୍ଟା କରି କହିଲା –ହଁ, ତୋ' ଦୁଃଖ ମୁଁ ବୁଝିପାରୁଛି ଆଉ ତୋ' କଥାରେ ଏକମତ ବି। ହେଲେ ତୁ ଟିକେ ମଉସା କଥା ଭାବ୍। ତାକୁ ତା'ର ନିଃସଙ୍ଗତା କ'ଣ କମ୍ କଷ୍ଟ ଦେଉଥିବ। ଘରର ମୁରବୀ ସିଏ। ପରିବାରକୁ ସୁରୁଖୁରୁରେ ଚଳାଇବାର ସମ୍ପୂର୍ଣ୍ଣ ଦାୟିତ୍ୱ ତାଙ୍କରି କାନ୍ଧରେ। ଅତ୍ୟାବଶ୍ୟକ ସାମଗ୍ରୀ ସହ ତୋ'

ପଢ଼ାପଢ଼ି ଏବଂ ଭବିଷ୍ୟତ ପାଇଁ ଅର୍ଥ ଉପାର୍ଜନ କରିବାକୁ ତାକୁ ଅକ୍ଳାନ୍ତ ପରିଶ୍ରମ କରିବାକୁ ପଡ଼େ। ସେଥିପାଇଁ ସେ ଏତେ କଷ୍ଟ ସହେ ...ଯାହା ତୋର ତାଙ୍କୁ ରାନ୍ଧିବାଢ଼ି ଯୋଗାଇବାରେ ଜମାରୁ ଊଣା ହୁଏ ନାହିଁ ଜାଣିଥା। କାହିଁକି ନା, ଜଣେ ପୁରୁଷ ଲୋକ ପାଖରେ ତା' ପତ୍ନୀ ଓ ପୁଅର ସ୍ଥାନ ଖୁବ୍ ସ୍ୱତନ୍ତ୍ର। ପୁଅଟେ ବାପା ସହିତ ଯେତେ ସାଥି ଭଳି ଚଳିଲେ ବି ତା'ର ସବୁ ଦୁଃଖକୁ ତା' ଅନ୍ତରରୁ ଟାଣିପାରେ ନାହିଁ, ଯେହେତୁ ଦୁଃଖ ସବୁ ଏକା ପ୍ରକାରର ନୁହେଁ। ଭିନ୍ନ ଭିନ୍ନ। ତେଣୁ କୋଉ ଦୁଃଖକୁ କିଏ ଆପଣାଇ ଲାଘବ କରିପାରିବ ତାହା ଦୁଃଖୀ ମଣିଷର ଆସ୍ଥା ଉପରେ ନିର୍ଭର କରେ। ଧର୍.... ଯେମିତି ତୋ' ଉପରେ ମୋର ଆଉ ମୋ' ଉପରେ ତୋର ଆସ୍ଥା ଅଛି। ପୁଣି କାହିଁକି କହିଲୁ, ଆମେ ପରସ୍ପରର ଭଲ ସାଥି କିନା। ଜଣେ ତା' ପ୍ରକୃତ ସାଥି ପାଖରେ ନିଃସଙ୍କୋଚରେ ଅଧିକାଂଶ ଦୁଃଖ ବଖାଣିଥାଏ।

ତା' କଥା ଶୁଣି ହଠାତ୍ ମୁଣ୍ଡ ଟୁଙ୍ଗାରିଲା ଗଣିଆ। ଅତର୍କିତେ ବି କହି ଉଠିଲା – ହଁ, ...ତୁ ବୋଧହୁଏ ଠିକ୍ କହୁଛୁ ସର। ମୋ' ପାଇଁ ମା' ନ ହେଲା ନାହିଁ, ବାପା ପାଇଁ ସାଥୀଟିଏ ନିହାତି ଦରକାର। ହେଲେ.... ଏ ବାବଦରେ ତାକୁ ବୁଝାଇବ କିଏ। ନିଜପାଇଁ ସାଥିଟେ ଖୋଜି ଆଣିବାକୁ ତାକୁ କହିବ କିଏ। ମା' ଗଲାଦିନୁ ନାରୀମାନଙ୍କୁ ତା'ର ପ୍ରବଳ ଘୃଣା। ତାଙ୍କ ଛାଇ ବି ପଡ଼ିଲେ ସେ ବିଷେଇ ଉଠେପୂରା।

: ହଁ, ମାଉସୀ ତାକୁ ଯେମିତି ପ୍ରତାରଣା କରିଛି, ଧୋକା ଦେଇଚି.... ତା' ସ୍ୱଭାବ ଏମିତି ବଦଳିଯିବାଟା ଅତି ସାଧାରଣ କଥା। ଗଣିଆ ସହିତ ସହମତ ହେଲା ସର। ଆହୁରି କହିଲା, ମୋତେ ତ ଆଶ୍ଚର୍ଯ୍ୟ ଲାଗୁଛି, ସେ ଏମିତି କରିପାରିଲା କେମିତି ! ମା'ବାରଣ କରିବାରୁ ଏଇ ବର୍ଷେ ହେବ ତମ ଘରକୁ ଯାଉନାହିଁ; କିନ୍ତୁ, ଆଗରୁ ଯାଉଥିଲି ନା। ମାଉସୀ ଦେଖିବାକୁ ଯେମିତି ସୁନ୍ଦର ତା' ବ୍ୟବହାର ବି ସେମିତି। ଭାରି ସ୍ନେହୀ। ଏଭଳି କାମିକା, ଥକେ ନାହିଁ ଜମା। ମଉସା କାମରୁ ଫେରିଲେ ଖାଲି 'ରଙ୍ଗ...ରଙ୍ଗ' ଘୋଷି ହେଉଥିବ। ଆଉ ରଙ୍ଗ ମାଉସୀ ମୁହଁରେ ହସଟେ ମାଖି ଲୋଟିଯାଉଥିବ ତାଙ୍କରି ସେବାରେ।

: ମୁଁ ବି ମା' ବିନା କୋଉ ଚଳିପାରୁଥିଲି। ଖାଲି ମା' ଡାକରେ ପରା ସମୟ ଠଉରାଇ ମୋର ସବୁ କଥା ବୁଝି ଦେଉଥିଲା ସେ। ମୋତେ ଆଉ ବାପାକୁ ତା' ଜୀବନଠୁ ବଳି ଭଲ ପାଉଥିଲା। ଖୁବ୍ ଖୁସିରେ ଥିଲୁ ଆମେ। ସେଇ ରଡ୍ ସିମେଣ୍ଟ ଡିଲର୍ ବଳିଆ ସାହୁ ଯୋଉଦିନ ଆମ ଘରେ ପଶିଲା ...., ଜାଣ୍ ତା' ଅଶୁଭ ଦୃଷ୍ଟି ଆମ ସୁଖର ସଂସାରରେ ନିଆଁ ଲଗାଇଦେଲା। ବାପାକୁ ଖୋଜିବାକୁ ଆସି ମାଆର ସାକ୍ଷାତ ପାଇଗଲା ପରେ ତା'ର କ'ଣ ହେଲା କେଜାଣି ଆମେ ବାପ ପୁଅ ଘରେ ନଥିବା ବେଳେ ଆମ ଘରକୁ କାଳେ ବାରମ୍ବାର ଆସୁଥିଲା। ଏ ବିଷୟରେ ସାହିଲୋକେ ବହୁତ ଟୁପୁରୁଟାପର, ଫୁସୁରୁଫାସର ହେଲେ। ଆମ କାନରେ ବି ପଡ଼ିଲା। ହେଲେ ମୁଁ ବାପାକୁ କିଛି କହିପାରିଲି ନା ସେ ମୋତେ। ତା'ପରେ ମୁଁ ଛୋଟ ପିଲାଟା, ସମ୍ପର୍କରେ ଏଣେ ପୁଅ... ବାପା, ମା' ମଝିକୁ ପଶିଥାନ୍ତି କିପରି ! ବାପା ଅବଶ୍ୟ ବିନା ସଫେଇରେ ସଙ୍ଗେ ସଙ୍ଗେ ବଳିଆସାହୁ ପାଖରୁ କାମ ଛାଡ଼ିଦେଲା। ତା'ପରେ .... ହଠାତ୍ ଦିନେ ଏମିତି ହେଲା, ତୁ ବିଶ୍ୱାସ କରିପାରିବୁନି ଜମା। ମୁଁ ଟିଉସନ୍‌ରୁ ଫେରି ଘରେ ଦେଖେ ତ ବାପା ଦୁଆର ବନ୍ଧକୁ ଆଉଜି ଏମିତି ବସିଥାଏ, ସତେ ସିମେଣ୍ଟ ବୁରାଟାଏ। ପୂରା ନିଶ୍ଚଳ, ମୁର୍ଦ୍ଦାରଟେ ପରି। ମୋର ଧୈର୍ଯ୍ୟ ବଢ଼ାଇ ବାପାକୁ ସାଷ୍ଟମ କରିବାକୁ ଯେତେବେଳେ ମାଆକୁ ଖୋଜିଲି, ସେ ନାହିଁ ....। ମୋର କେତେ ବାର ମାଆ ମାଆ ଡାକ ଚାଳ ଭେଦ କରି ଶୂନ୍ୟରେ ମିଳେଇଗଲା ପଛେ 'ଓ' ପଦଟେ ଶୁଭିଲା ନାହିଁ। ବାପା ପାଖକୁ ଫେରିଆସି ଡାକଟେ ମାରିବାରୁ ତା' ଆଖିରୁ ଦୁର୍‌ଦୁର୍ ହୋଇ ଲୁହ ଗଡ଼ିପଡ଼ିଲା। ତାକୁ ପାଣି ପିଆଇଲା ପରେ ଚାପା ଗଳାରେ କହିଲା – ମା' ନାହିଁ....। ବଳିଆ ସାହୁ ସାଙ୍ଗରେ ଫୁର୍‌ର ହୋଇଯାଇଛି କୁଆଡ଼େ। ତାହା ଶୁଣି ପରକ୍ଷଣଟା ମୁଁ ପୂରା ମୂକ ପାଲଟିଗଲି। କ'ଣ ବା ଆଶ୍ୱସନା ଦେଇଥାନ୍ତି ତାକୁ। ହେଲେ ତା' ପାଦ ପାଖକୁ ଯେତେବେଳେ ନଜର ପଡ଼ିଲା ..., ମୁଁ କ୍ଷୁବ୍ଧ ହୋଇଗଲି ପୂରା। ଥୁଆ ହୋଇଥିବା ପଲିଥିନ ଯୋଡ଼ିକରୁ ଗୋଟିକରେ ଥିଲା ଗରମ ବିରିଆନି ଆଉ ଆରଟିରେ ଗୋଟେ ଲେଖାଁ ନେଲ୍ ପଲିସ୍ ଆଉ ଲିପ୍‌ଷ୍ଟିକ୍।

: ହାଁ, ସତରେ ...! ସର ଚମକି ପଡ଼ିଲା ତ ଶବ୍ଦ ଦୁଇଟି ତା' ମୁହଁରୁ ଛିଟିକି ପଡ଼ିଲା ଆପଣାଛାଏଁ।

ଗଣିଆ ସବୁ ସତ ବୋଲି ତାକୁ ଆଶ୍ୱସ୍ତ କରି କହିଲା – ଏସବୁ ବାପା ଆଣିଥିଲା ତା'ରି ପାଇଁ। ହେଲେ ଆଗରୁ ମୋଟେ ସଜବାଜ ହେଉ ନଥିଲା ମାଆ। ବଳିଆ ସାହୁ ସମ୍ପର୍କରେ ଆସିବା ଦିନଠୁ ଦେଖୁଥିଲି, ଘଣ୍ଟା ଘଣ୍ଟାଧରି ଆଇନା ସାମନାରେ ବସି ନିଜକୁ ଖୁବ୍ ସଜଉଥିଲା। ମୋ' ଆଖିକୁ ଆଗ ଅପେକ୍ଷା ଆହୁରି ସୁନ୍ଦର ଦିଶୁଥିଲା ସତ, କେମିତି ଗୋଟେ ଅଜବ ଲାଗୁଥିଲା ବି। କେବେ କେବେ ରାତିରେ ଆମ ଥାଳିରେ ବିରିଆନି ପରଷି ଦେଉଥିଲା ତ ଆଉ କେବେ ଚାଉମିନ୍। ଦିନେ ଦିନେ ରୁଟି ସହ କେକ୍ ନହେଲେ ରସଗୋଲା। ଆମେ ପଚାରିବୁ କାଳେ ସେଥିପାଇଁ ଆଗତୁରା କହି ପକାଉଥିଲା, ହେଇ ବଳିଆ ବାବୁଙ୍କ ପୁତୁରାର ଜନ୍ମଦିନ ଥିଲା ତ ଆଣି ଦେଇଥିଲେ। କୋଉଠି ତାଙ୍କର ବଡ଼ ବାକିଆ ଟଙ୍କାଟା ଅଟକିଥିଲା, ମିଳିଗଲାରୁ ଖୁସିରେ ମିଠା ବାଣ୍ଟୁଥିଲେ। ଏମିତି ଯାହା କିଛି। ହେଲେ ଦେଖ ତ ମୋ' ବାପାକୁ କେତେ ଭଲ। ଖୁବ୍ ସରଳ, ନିଷ୍କପଟ ଆଉ ଉଦାର ନା। ମାଆର ନିନ୍ଦା ନ ହେବାକୁ, ଘର ପରିବାରର ମାନ ସମ୍ମାନ ପଦାରେ ନ ପକେଇବା ପାଇଁ ନିଜେ କେମିତି ଜଳୁଥିଲା। ମାଆକୁ ଖୁସି କରିବା ପାଇଁ କିଭଳି ପ୍ରାଣପଣେ ଚେଷ୍ଟା କରୁଥିଲା। ହେଲେ ଲୋକ କଥାଟେ ନାହିଁ ନା ବାମନ ହୋଇ ଚନ୍ଦ୍ରକୁ ହାତ ବଢ଼େଇବା। ମାଆ ସେମିତିକା ବଡ଼ ଇଛାଟେ ମନରେ ରଖି ଶୀଘ୍ର ପୂରଣ କିରବାକୁ ଚାହୁଁଥିଲା ବୋଧେ। ଚାହୁଁ ଥାଇପାରେ ବଡ଼ ଘରିଆ ସ୍ତ୍ରୀ ଲୋକଙ୍କ ପରି ଦାମୀ ଶାଢ଼ୀ, ସୁନା ଗହଣା ପିନ୍ଧି ସଜ ହୁଅନ୍ତା ସବୁବେଳେ। ଦିନରାତି ଖାଲି ସ୍ୱାମୀ ସହ ଗାଡ଼ିରେ ବୁଲନ୍ତା। ମଲ୍,

ହୋଟେଲ ଯାଆନ୍ତା । ସିନେମା ଦେଖନ୍ତା । ଘରେ ଚାକର ବାକର ରଖି ଅୟସ କରନ୍ତା । ହେଲେ ବାପା ଭଳି ଜଣେ ଶ୍ରମିକର ସ୍ୱଳ୍ପ ରୋଜଗାରରେ କେମିତି ପୂରଣ କରିପାରିବ ତା'ର ଆକାଶ ଛୁଆଁ ଭଳି ବିରାଟ ସ୍ୱପ୍ନ । ସେଇଥି ପାଇଁ ବୋଧେ ... ।

ସର ଗଣିଆର ବ୍ୟଥିତ ଅସ୍ତବ୍ୟସ୍ତ ମନକୁ ସଙ୍ଗେ ସଙ୍ଗେ ସଜାଡ଼ି ରଖିବା ପାଇଁ ଆଶ୍ୱାସିଲା – ହୋଅ ... ତୁ ଛାଡ ସେସବୁ କଥା । ରଙ୍ଗ ମାଉସୀ ବଳିଆ ସାହୁ ସହଗଲା ପରେ ସେ କ'ଣ ଆଉ ଫେରିବ କେବେ । ଫେରି ଆସିଲେ ବି ଭୋଳା ମଉସା ତାକୁ ରଖିବନି ଆଉ । ଏବେ ତା' ସୁଖ ପାଇଁ ସାଥିଟେ ଆଣିବା ଜରୁରୀ ନା । ଆଣିବା ... ?

ଗଣିଆର ମଗଜ ଠିକ୍ ହେବ କ'ଣ ସର କଥା ଶୁଣି ବିଜୁଳି ଝଟକା ଖାଇଲା ଭଳି ଲାଗିଲା ତାକୁ । ଦୈବାତ୍ ଆଖିରେ ପଡ଼ିଥିବା କମେଡ଼ି ରିଲ୍ସର । "ମୁଝେ ମାରେ, ମୁଝେ ମାରୋ" ସଂଳାପଟି ମନେ ମନେ ଚୋବାଇ କୃତ୍ରିମ ବିରକ୍ତିରେ କହିଲା – ହଁ ହଁ, ଚାଲ୍ । ଏଇ ସଙ୍ଗେ ସଙ୍ଗେ ଧରି ଆଣିବା ଗୋଟେ । ଆଲୋ, ଏଇଟା କ'ଣ ତୋ' ପିଲା ବେଳର କଣ୍ଢେଇ ଖେଳ ଭାବିଛୁ । କଣ୍ଢେଇ ପେଡ଼ିରୁ ନିଜେ ପୁଅ କଣ୍ଢେଇଟେ ବାଛି ବର ଆଉ ଝିଅ କଣ୍ଢେଇଟେ ବାଛି କନ୍ୟା କରିଦେବୁ । କୋଉଥି ପାଇଁ ନା ସେମାନେ ନିର୍ଜୀବ । ମୂକ । କଥା କହି ମତାମତ ଦେଇ ପାରନ୍ତି ନାହିଁ ।

ତା' କଥା ଶୁଣି କୌତୁକିଆ ହାଲ୍‌କା ହସଟେ ହସିଦେଲା ସର । କହିଲା – ଆରେ ମୁଁ ତୋ' ଭଳି ଏତେ ନିର୍ବୁଦ୍ଧିଆ ନୁହେଁ । ବୁଝିଲୁ । କଣ୍ଢେଇ ବାହାଘରରେ ତ ବର ମିଛ, କନ୍ୟା ମିଛ । ଏପରିକି ବାହାଘର ମିଛ । ମୁଁ କିନ୍ତୁ ମଉସା ମନକୁ ପାଇଲା ଭଳି ସତ ସତିକା ସାଥିଟେ ଦେଖିଛି । ମୋର ବିଶ୍ୱାସ ସେ ନିଶ୍ଚୟ ପସନ୍ଦ କରିବ ।

ଗଣିଆ ତା' କଥା ଶୁଣି ଭ୍ରୁକୁଞ୍ଚିତ କରି ମୁହୂର୍ତ୍ତେ ନୀରବ ରହିଲା ।

ତାହା ଦେଖି ସର ପଚାରିଲା । – ତୋ' ଚିତିରି ମାଉସୀ କଥା ମନେ ଅଛି ତୋର ?

କ୍ଷଣଟେ ସ୍ମୃତିକୁ ଘାଣ୍ଟି ଗଣିଆ ଉଚ୍ଛାଟିତ ହୋଇ କହିଲା – ହଁ ... ମାଆର ମାମୁଁ ଝିଅ ଭଉଣୀ, ଚିତିରି ମାଉସୀ । ତା' ବାହାଘର ଆଗରୁ ଆମ ଘରକୁ ଦୁଇ ତିନି ଥର ଆସିଥିଲା । ମୋତେ ଭାରି ଭଲ ଲାଗେ ତାକୁ । ହେଲେ ବାପା ମନେ ମନେ ତାକୁ ଭାରି ରାଗେ । ଜମାରୁ ପସନ୍ଦ କରେ ନାହିଁ । ସେ ପାଣି ଗ୍ଲାସେ ବଢ଼ାଇ ଦିଏ କି ଖାଇବାକୁ ବାଢ଼ିଦିଏ ଯଦି 'ରଙ୍ଗ...କୁଆଡ଼େ ଗଲୁ । କ'ଣ କରୁଛୁ ରଙ୍ଗ' କହି ଜୋରରେ ଚିଲ୍ଲାଏ । ଖଟରେ ଏକୁଟିଆ ଗଡୁଥିବ, ଯଦି ଚିତିରି ମାଉସୀ ପଶିଯାଏ ସେ ଘରକୁ ... ଔଣନିଃଶ୍ୱାସୀ ହୋଇ ବାହାରି ଆସେ ପଦାକୁ । ଆଉ ତୁ ତାକୁ ହିଁ ... । ହଠାତ୍ ମନରେ ପ୍ରଶ୍ନଟେ ଉଙ୍କି ମାରିବାରୁ କଥାର ସୁଅକୁ ଆଗକୁ ନ ବଢ଼ାଇ ଅଟକାଇଦେଲା ଗଣିଆ । ଚକିତ କୁଟିଳ ଦୃଷ୍ଟି ତୋଳି ପଚାରିଲା – ହେଲେ କହିଲୁ, ସେ କେମିତି ବାପାର ସାଥି ହୋଇପାରିବ: ହଁ ... ? ଆଉ ତୁ ତୁ ତାକୁ ଦେଖିଲୁ କୋଉଠି ?

ସର ମୁହଁରେ ମୁଚୁକୁନ୍ଦଟେ ଆଙ୍କି କହିଲା – ଆରେ ... ଆମ ସାହିରେ ତୋ' ମାଆର ମାମୁଁ ଘରନା । ସେଇଠି ଦେଖିଲି, ଆଉ କୋଉଠି । ସିଏ ଦୋ ଦୋ ଚିହ୍ନା ହୋଇ ନିଜେ ମୋତେ ପାଖକୁ ଡାକିଲା । ଠିକ୍‌ରେ ଜାଣି ପାରିବାରୁ ତୋ' କଥା ହିଁ ବେଶି ପଚାରିଲା । ଭୋଳା ମଉସା ଆଉ ତୋ' ପାଇଁ ସତରେ ସେ ଖୁବ୍ ମନ ଦୁଃଖ କରୁଥିଲା । ତାକୁ ହିଁ ନେଇ ମୋ' ଜରୁରୀ କଥା ।

: ହଁ, ଚିତିରି ମାଉସୀକୁ ନେଇ ! ଏବେ ତା' ଖବର କ'ଣ ? ଟିକେ ଚିନ୍ତିତ ହୋଇ ପଚାରିଲା ଗଣିଆ ।

: ମୋ' ବାପା ଯାହା କହୁଥିଲା, ତା' ଅବସ୍ଥା ଏଇନା ଭାରି ଖରାପ । ସିଏ ଯାହାକୁ ବାହା ହୋଇଥିଲା ... ମାନେ ତୋ ମଉସା, ଅମଣିଷଟା କାଳେ । ବାପା, ମାଆର ଗୋଟେ ବୋଲି ପୁଅ ଆଉ ଅଧ ବାଟିଏ ଜମି ଦେଖି ସିନା ସେ ଘରେ ବାହା ଦେଇଥିଲେ ତୋ' ମାଉସୀକୁ, ସେ ଅପଦାର୍ଥ ତାକୁ ଟିକିଏ ଖୁସି ଦେଇପାରିଲାନି । କର୍ମ କୁଢ଼ିଆକୁ ମଦୁଆ; ଜୁଆଡ଼ିଟା ସୁଦ୍ଧା । ବାହା ହେଇଗଲେ ବଦଳିଯିବ ଭାବିଥିଲେ ତା' ବାପା, ମା' । ମାତ୍ର ତାଙ୍କ ଭାବନାକୁ ସେ ମିଛ କରିଦେଲା । ଦିନ କେଇଟା କି ମାସେ କେତେ ଟିକେ ବାଗରେ ଥିଲା । ତା'ପରେ ଦିନକୁ ଦିନ ତା' ଉପଦ୍ରବ ଅତିଷ୍ଠ କରିଦେଲା ସମସ୍ତଙ୍କୁ । ଆଗରୁ ଘରେ ପାଟିତୁଣ୍ଡ କରି ମା, ବାପାଙ୍କୁ ଡରେଇ ଧମକେଇ ତ ଟଙ୍କା ପଇସା ଲୁଟୁଥିଲା ... ତୋ' ମାଉସୀକୁ ପାଇ ତା' ଉପରେ ମଧ ସେଇ ଜୁଲୁମ୍ କଲା । ଆପତ୍ତି କରି ପାଟି ଖୋଲିଲେ ମାଡ ଦେବାକୁ ପଛେଇଲା ନାହିଁ । ତା'ପରେ ଏମିତି ପରିସ୍ଥିତି ହେଲା ଯେ ତା'ରି ଚିନ୍ତା ଆଉ ତା' ଦାନର ପୀଡା ଯୋଗୁଁ ବର୍ଷକ ଭିତରେ ତା' ବାପା, ମା' ଦି'ଟା ଆଗପଛ ହୋଇ ଆଖି ବୁଜିଲେ । ହେଲେ ସେଥିପାଇଁ କାଳେ ତା' ମନରେ ଟିକେ ବି ଦୁଃଖ କି ପଶ୍ଚାତାପ ନଥିଲା । ଓଲଟା ସେମାନଙ୍କ ଯିବା ପରେ ପରେ ଜମି ବାଡ଼ି ସବୁ ବିକି ଦିନରାତି ଖାଲି ଅୟସ ଆରାମରେ ବୁଡ଼ି ରହିଲା । ଆମେ ବହିରେ ପଢ଼ିନାହାନ୍ତି, ବସି ଖାଇଲେ ନଈ ବାଲି ସରେ । ଯେତେବେଳେ ସବୁ ଧନ ସମ୍ପତ୍ତି, ଗୋଲ୍ ହୋଇଗଲା ଆଉ ତା' ହାତ ଶୂନ୍, ତୋ' ମାଉସୀର ପିନ୍ଧା ଗହଣାକୁ ମଧ ଛାଡ଼ିଲାନି । ଦିନେ ରାତିରେ ସେ ଶୋଇଥିବା ବେଳେ ତା' ଚେନ୍, ମୁଦି ଆଉ ଶଙ୍ଖା ଦି'ପଟ ଲୁଟି ଗାଁରୁ ଅନ୍ତର୍ଦ୍ଧାନ ହୋଇଗଲା କୁଆଡ଼େ । ତୋ' ମାଉସା କିନ୍ତୁ ତା' ବାହୁଡ଼ିବାକୁ ଅପେକ୍ଷା କରି ସେଇ ଘରେ ପଡ଼ିରହିଲା ତା' କୁନି ପୁଅକୁ ଧରି । ନିଜେ ବଞ୍ଚି ଛୁଆକୁ ବଞ୍ଚାଇବା ପାଇଁ ଯା' ତା' ଘରେ ନାନା ପାଇଟି କଲା । ଭାଗ୍ୟ ଆଦରି ଜୀବନରେ ଗୋଟିଏ ଲକ୍ଷ୍ୟ ରଖିଲା, ଯେତେ ଦୁଃଖ କଷ୍ଟ ଆସୁ ପଛେ ପୁଅକୁ ସେ ମଣିଷ ପରି ମଣିଷଟେ କରିବ । କିନ୍ତୁ, ତା' ଲକ୍ଷ୍ୟପଥରେ ସେ ଅବାଧରେ ଆଗେଇ ପାରିଲାନି ଜମା ।

: ମାନେ ! ତା' ଜୀବନରେ କ'ଣ ଆଉ କିଛି ଅଘଟଣ ଘଟିଲା ? ସ୍ଥାଣୁପ୍ରାୟ ବସିଥିବା ଗଣିଆ ମୁହଁରୁ ସ୍ୱତଃ ବାହାରି ପଡ଼ିଲା ପ୍ରଶ୍ନଟି ।

ସର ଦୀର୍ଘ ନିଃଶ୍ୱାସଟେ ଛାଡ଼ି କହିଲା – ଆରେ ...ମନକୁ ଯେତେ ଟାଣ କରୁ ପଛେ ଏକ୍ଲା ନାରୀଟିଏ ବିଭିନ୍ନ ପରିସ୍ଥିତି ସହ ସଂଘର୍ଷ କରି ଏ

ସମାଜରେ ତିଷ୍ଠି ରହିବା ଏତେ ସହଜ ନୁହେଁ ପୁଣି ଦିନେ ଅଧେ ତ ନୁହେଁ ... ବର୍ଷ ବର୍ଷଧରି ଦଶ ବର୍ଷ। ତଥାପି ତୋ' ମାଉସୀ, ମଉସାର ବାହୁଡ଼ା ଅପେକ୍ଷାରେ ଥିଲା। ହେଲେ ସେ ଫେରୁ ନଥିଲା ଜମା। କେତେ ଲୋକ କେତେ ପ୍ରକାର କଥା କହୁଥିଲେ। ସବୁ କିନ୍ତୁ ମନଗଢ଼ା। କିଏ କହୁଥିଲା, ଏଟା ଏତେ ପିଉଥିଲା; ରୋଗ ବାଗରେ ପଡ଼ି ମରିଯାଇଥିବ କୋଉଠି। ନହେଲେ କୋଉ ଗାଡ଼ି ଚକା ତଳେ ପେଶି ହୋଇଯାଇଥିବ। ଆଉ କିଏ କାହାଠୁ ଶୁଣିଛି ବୋଲି କହୁଥିଲା ଯେ କଲିକତାରେ ଗୋଟେ ବିଧବାକୁ ବାହାହୋଇ ରହିଛି। ହେଲେ – ସେମିତି କହିବା ପଛରେ ସେମାନଙ୍କର କିଛି ମନ୍ଦ ଉଦ୍ଦେଶ୍ୟ ଥାଇପାରେ ଭାବି ସେମାନଙ୍କୁ ରୀତିମତ ଉପେକ୍ଷା କରୁଥିଲା ତୋ' ଚିତିରି ମାଉସୀ। ତଥାପି ସେମାନଙ୍କ ମଧ୍ୟରୁ କିଛି ଅସାମାଜିକ ଅଭଦ୍ର ଲୋକ ତା' ଚଲାପଥରେ ସମସ୍ୟା ହୋଇ ଛିଡ଼ା ହେଉଥିଲେ। ସୁଯୋଗ ଉଣ୍ଡି ନାନା ହଇରାଣ ହରକତ କରୁଥିଲେ। ଦିନେ, ଏମିତି ବ୍ୟବହାର କଲେ ତା' ସହିତ ଯେ ଭୟରେ ନିଜ ଘର ଛାଡ଼ି ସେ ଆଶ୍ରା ନେଲା କାମପାଇଟି କରୁଥିବା ତା' ବାବୁ ଘରେ। କିନ୍ତୁ, ଦେଖ୍ ତା' ଫଟୋ କପାଳ। ସେଠି ବି ସଂକଟ ତା' ପିଛା ଛାଡ଼ିଲା ନାହିଁ। ମୋ' ମାଆ କହୁଥିଲା ... ସେଇ ବାବୁ ବି ଦିନେ ତା' ଭରସା ତୁଟାଇ ତାକୁ ତା' ରାକ୍ଷସ ରୂପ ଦେଖାଇ ଦେଲା ଯେ କୌଣସି ମତେ ଲୁଚିଛପି ରାତାରାତି ଚାଲି ଆସିଲା ଏଠିକି। ମାନେ ତା' ବାପଘରକୁ। ମାତ୍ର ଏଠିବି ସେ କୋଉ ଭଲରେ ଅଛି। ତା' ଭାଇ ଭାଉଜ କାଳେ ଅତି ନିର୍ମମ ଅତ୍ୟାଚାର କରୁଛନ୍ତି ତା' ଉପରେ। ସେଇଥିପାଇଁ ଭାବୁଛି, ତାକୁ ତୋ' ବାପା ପରି ଜଣେ ଉଦାର ହୃଦୟବାନ ମଣିଷର ସାଥି କରିଦେଲେ ସମସ୍ତ ଦୁଃଖକଷ୍ଟରୁ ସେ ଉଦ୍ଧାର ପାଇଯାନ୍ତା। ଗୋଟେ ସୁନ୍ଦର ଜୀବନ ଜୀଇଁ ତା' ସ୍ୱପ୍ନକୁ ସାକାର କରିପାରନ୍ତା।

କିନ୍ତୁ ଗଣିଆ ହଠାତ୍ ସରକୁ ତା' ଇଚ୍ଛା ପୂରଣର ସାନ୍ତ୍ୱନା ଦେଇ ପାରିଲା ନାହିଁ। ଟିକେ ଦ୍ୱନ୍ଦ୍ୱରେ ପଡ଼ି ବ୍ୟସ୍ତ ବିବ୍ରତ ହୋଇ କହିଲା – ମୁଁ ଜାଣିଛି, ତୁ ଠିକ୍ କହୁଛୁ। ହେଲେ ତାହା କେମିତି ସମ୍ଭବ ହେବ, ମୁଁ ଜମା ଜାଣିପାରୁନି।

ସର ହସି ହସି କହିଲା – ଆରେ ବୁଦ୍ଧୁ, ତୁ ସିନା କିଛି ଜାଣି ପାରୁନୁ; ହେଲେ ମୋ ପାଖରେ ଗୋଟେ ଭଲ ଆଇଡିଆ ଅଛି। ସେଇଟା ଏବେ କହିବି ନାହିଁ। ମଉସାର ଫେରିବା ବେଳ ହେଲାଣି ତୁ ଶୀଘ୍ର ଘରକୁ ଯାଆ। ମୁଁ ପରେ ଫୋନ୍ କରି ତୋତେ ଜଣାଇବି ଗଣିଆ ବି ସମୟ ବାବଦରେ ସେଇ ମାତ୍ର ସଚେତନ ହେଲା ତ ସରଠୁ ବିଦାୟ ନେଇ ସଙ୍ଗେ ସଙ୍ଗେ ଫେରି ଆସିଲା ଘରକୁ।

କିନ୍ତୁ ତା' ପରଦିନ ସକାଳୁ ସକାଳୁ ଯୋଜନା କାର୍ଯ୍ୟକାରୀ କରିବାକୁ ବିଛଣାରୁ ଉଠିଲା ନାହିଁ ଜମା। କାଖ ତଳେ ପିଆଜ ରଖି କୃତ୍ରିମ ଜର ସୃଷ୍ଟି କରିଥିଲା ନିଜ ଦେହରେ। ଦୈନନ୍ଦିନ କାର୍ଯ୍ୟଧାରାରେ ବ୍ୟତିକ୍ରମ ଲକ୍ଷ୍ୟ କରି ତା' ବାପା ଶଙ୍କିତ ମନରେ ତା' ପାଖକୁ ଆସିଲା। ଯେତେବେଳେ ଅନୁଭବ କଲା ତା' ଦେହ ତାତିରେ ଖଇ ଫୁଟୁଛି, ଯନ୍ତ୍ରଣାରେ କହୁରୁଛି ଗଣିଆ ... ଭାରି ବ୍ୟସ୍ତ ହୋଇ ପଡ଼ିଲା। ତାକୁ ଛାଡ଼ି ଟ୍ରଲି ନେଇ କାମକୁ ଯିବ କେମିତି ... ଭାବି ପାରିଲାନି ଆଦୌ। ଏଣେ ମାତ୍ର ଅଳ୍ପଦିନ ରହିଲା ତା' ପରୀକ୍ଷା। ସେ ସୁସ୍ଥ ନହେଲେ ପଢ଼ିବ କେମିତି। ଆଉ ତାକୁ ଭଲ କରିବା ପାଇଁ ଉଚିତ ସମୟରେ ଔଷଧ ଦେବା, ପଥି ଖୁଆଇବା ନିହାତି ଜରୁରୀନା, ଏସବୁ ସେ କରିବ କେମିତି ! ଏମିତି ଭାବନାରେ ତା' ମୁଣ୍ଡ ଭାରୀ ହୋଇଗଲା ପୂରା।

ବାପାକୁ ଚିନ୍ତାଶୀଳ ଅବସ୍ଥାରେ ଦେଖି ସାହସ କରି ଗଣିଆ ପଚାରିଲା – ତୁ ବସି ବସି କ'ଣ ଭାବୁଛୁ ବାପା ?

ଭୋଳା କହିଲା – ଆରେ ପାଗଳା, ମୋର ଆଉ କିଏ ଅଛି ଯେ କାହା କଥା ଭାବିବି। ତୋରି ଦେହ ଖରାପ ନେଇ ବ୍ୟସ୍ତ ଲାଗୁଛି ଭାରି।

ଗଣିଆ ବାପାକୁ ବାଟକୁ ଆଣିବା ପାଇଁ ବୁଝାଇଲା – ହଁ ବାପା, ଏକଥା ସତ। ସବୁବେଳ କାହାର ସମାନ ନଥାଏ। ଜୀବନରେ ବେଳେବେଳେ ଏମିତି ଖରାପ ସମୟ ଆସେ। ସେତେବେଳେ ଜଣେ ଏକୁଟିଆ ମଣିଷ ପକ୍ଷେ ପରିସ୍ଥିତିକୁ ସମ୍ଭାଳିବା ଖୁବ୍ କଷ୍ଟକର ହୋଇପଡ଼େ। ସାଥିଟିଏର ନିହାତି ଆବଶ୍ୟକ ପଡ଼େ ମନରେ ଧୈର୍ଯ୍ୟ, ସାହସ, ଶକ୍ତି ଏକଜୁଟ କରିବା ପାଇଁ।

ତା' କଥାର ମର୍ମ ତ ବୁଝି ପାରିଲାନି ଭୋଳା, କାଳେ ମୁଣ୍ଡକୁ ଜର ଚଢ଼ିଯାଇଥିବ ଭାବି ଆଶଙ୍କିତ ମନରେ ପଚାରିଲା – ସାଥି ...! ଆରେ ତୋର କ'ଣ ହେଇଚି ଗଣିଆ। ତୁ କୋଉ ସାଥି କଥା କହୁଛୁ ?

ଗଣିଆ ସ୍ମିତ ଉଦାସିଆ ହସଟେ ଉକୁଟାଇ କହିଲା – ଥରେ ତ ମାଆଟେ ଆଣିବାକୁ କହିଥିଲି ବୋଲି ଖୁବ୍ ଚିଡ଼ିଥିଲୁ ମୋ' ଉପରେ। କହିଥିଲୁ ... ତୋତେ ଯିଏ ଜନ୍ମ ଦେଇଛି, ସେଇ ଏକା ତୋ' ମା'। ତା' ଛଡ଼ା ଆଉ କେହି ବି ନୁହେଁ। ଏକଦମ୍ ଠିକ୍ କଥା। ହେଲେ ... ତୋ' ପାଇଁ, ମୋ' ପାଇଁ ଆଉ ଏ ପରିବାରର ସୁଖଦୁଃଖ ପାଇଁ ଯଦି ସାଥିଟିଏ ଆଣିପାରନ୍ତୁ, ଆମକୁ ଏଭଳି ଦିନ ଦେଖିବାକୁ ପଡ଼ନ୍ତା ନାହିଁ।

ଭୋଳାର ମନ ମୁହୂର୍ତ୍ତେ ଆନ୍ଦୋଳିତ ହେଲା ତା' କଥା ଶୁଣି। ହେଲେ ଗଣିଆ ଖୋଜୁଥିବା ସାଥିଟେ ଯେ ମିଳିବ ନାହିଁ, ଭାବି ଘୋର ନୈରାଶ୍ୟରେ ବୁଡ଼ି ରହିଲା। ତାକୁ ନୀରବ ରହିବା ଦେଖି ଗଣିଆ ପଚାରିଲା – କ'ଣ ହେଲା ବାପା, ଏମିତି ଚୁପ୍ ରହିଲୁ ଯେ ? ପ୍ରକୃତ ସାଥିଟେ ମନେ ମନେ ଖୋଜି ଅଥୟ ହେଉଛୁ ନା। ତୁ ଖାଲି ଦରକାର ବୋଲି କହ, ଅଧ ଘଣ୍ଟା ଭିତରେ ସେ ହାଜର ହୋଇଯିବ ଏଠି।

ଭୋଳା ଲୁହ ଡବ ଡବ ଆଖିରେ ଭାବ ବିହ୍ୱଳ ହୋଇ କହିଲା–ଆରେ ତୋର ମଙ୍ଗଳ ଛଡ଼ା ଏ ଜୀବନରେ ମୋର ଆଉ କିଛି ବି କାମନା ନାହିଁ। ତୋ' ଭଲ ପାଇଁ ସାଥିଟେ ଆଣିବୁ ଯଦି ଆଣ, ମୁଁ ମନା କରିବି ନାହିଁ।

ତା'ପରେ ଗଣିଆ ସରକୁ ତତ୍‌କ୍ଷଣାତ୍ ମେସେଜ୍ କରିଦେବାରୁ ସାଥି ଆସିବାର ନିର୍ଦ୍ଦିଷ୍ଟ ମାହେନ୍ଦ୍ରବେଳାଟି ନିକଟେଇ ଗଲା। ଚିତିରି ମୁଣ୍ଡରେ ଓଢ଼ଣା ଟାଣି ସର ଆଉ ତା' ପୁଅକୁ ଧରି ଯେତେବେଳେ ଏରୁଣ୍ଡି ବନ୍ଧ ଡେଇଁଲା, ଗଣିଆର ବାପା ଏକେବାର ତାଟକା ହୋଇଗଲା। ଗଣିଆ ସଙ୍ଗେ ସଙ୍ଗେ ଖଟରୁ ଉଠି ତା' ପାଖକୁ ଆସିଲା ଏବଂ ଖୁସିରେ ଉଛୁଳି ପଡ଼ି କହିଲା – ବାପା, ସାଥି ...!

ଭୋଲା କିଛି କହିବା ଆଗରୁ ଚିତିରି ତାକୁ ଓଲଗି ସାମ୍ନାସାମ୍ନି ହେଲା ତ ତା' ମୁହଁରୁ ଅତର୍କେ ଶବ୍ଦଟେ ବାହାରି ପଡ଼ିଲା - ତୁ... !

ହେଲେ ଚିତିରି ମୁହଁରୁ 'ହଁ' ଭଳି ଛୋଟିଆ ଶବ୍ଦଟେ ବି ଉକୁଟିଲା ନାହିଁ। ଖାଲି ଲୁହ ଛଳଛଳ ଆଖି ଦୁଇଟି ଧରି ଠିଆ ହୋଇ ରହିଲା ପାଷାଣ ପ୍ରତିମାଟେ ଭଳି।

ଭୋଲା ତ ତା' ବିଷୟରେ ସବୁ କିଛି ବହୁ ଆଗରୁ ଜାଣିଥିଲା। ବନ୍ଧୁବାନ୍ଧବ, ସାହି ପଡ଼ିଶାଠୁ ବି ଶୁଣିଥିଲା। ତେଣୁ ତା'ଠୁ ତା' ବିଷୟରେ ଆଉ କିଛି ବି ଶୁଣିବାକୁ ନ ଚାହିଁ ପଚାରିଲା - ହେଲେ ତୁ ତୋ' ନିଜ ଇଚ୍ଛାରେ ଆମର ସାଥି ହେବାକୁ ଆସିଛୁ ତ? ନା, ଏ ପିଲାମାନଙ୍କ କଥାରେ? ଚିତିରି କି ଉତ୍ତର ଦେବ ହଠାତ୍ କିଛି ଚିନ୍ତା କରିପାରିଲା ନାହିଁ। ମୁହୂର୍ତ୍ତେ ନୀରବି ଥତମତ ହୋଇ କହିଲା - ହଁ, କ'ଣ ବା କହିବି। ବିଧାତା ମୋ ପାଇଁ ଯୋଉ ସାଥି ବାଛିଥିଲା, ସେ ତ ଅଧା ବାଟରୁ ମୋ' ହାତ ଛାଡ଼ି ଦେଲା। ତା' ଗାଁ ଲୋକଙ୍କୁ ତାପରେ ସାଥି କରିଥିଲି ସେମାନଙ୍କ ସହଯୋଗରେ ଜୀବନ ଡଙ୍ଗାକୁ ବାହି କୂଳରେ ଲଗାଇବାକୁ। ହେଲେ ସେମାନେ ବି ଧୋକାଦେଲେ ମୋତେ। ଶତ୍ରୁ ହୋଇଗଲେ ମୋର। ସେଇଠୁ ଅତର୍କେ ଚାଲି ଆସିଲି ମୋ' ବାପଘରକୁ ନିରାପଦ ଆଶ୍ରାଟେ ଭାବି। କିନ୍ତୁ ଦେଖିଲି, ନିଜ ଲୋକମାନେ ପରଠୁ ଆହୁରି ପର। ମୋ' ସାଥି ଦେବାକୁ ନାରାଜ। ଆଉ ଏବେ ଯେତେବେଳେ ଗଣିଆ ଆଉ ସର ଭଳି ଭଲ, ବିଶ୍ୱସ୍ତ ସାଥି ଦୁହିଁଙ୍କୁ ଦେଖିଲି, ସେମାନଙ୍କ ଉପରେ ଭରସା ଆସିଲା ମୋର। ଭାବିଲି, ମୋ' ପାଇଁ ସାଥି ବାଛିବାରେ ଏମାନଙ୍କର ନିଷ୍ପତ୍ତି ଆଦୌ ଭୁଲ୍ ହେବ ନାହିଁ।

ଭୋଲା ତା'ପରେ ତା' ପୁରୁଣା ଶାନ୍ତ, ଗମ୍ଭୀର ଚେହେରାକୁ ଧାରଣ କରି ଘର ଭିତରକୁ ପଶି ଯାଉ ଯାଉ କହିଲା - ହେଉ ଠିକ୍ ଅଛି ତେବେ। ତୁ ଆସିଯା ଘରକୁ।

ଠିକ୍ ସେତିକିବେଳେ ସର ଗଣିଆକୁ ଚାହିଁ ଫିକ୍ କିନା ହସି ଦେଲା। ଗଣିଆ ମୁହଁରେ ବି ସେଇ ଏକା ଭଳି ହସଟେ ସଙ୍ଗେ ସଙ୍ଗେ ପାଖୁଡ଼ା ମେଲିଲା ସମତାଳରେ। ସେମିତି ହସିତ ବଦନରେ ଘର ଭିତରକୁ ଡାକିବାରୁ ଆସିବାକୁ ମନା କଲା ସର। ଓଲଟା 'ବାଇ' କହି ଚାଲିଯିବାକୁ ବାହାରିଲା।

ହେଲେ ଗଣିଆ ଇଶାରାରେ ତାକୁ ଅଟକିବାକୁ କହି ମାଉସୀ ପୁଅକୁ ସାଙ୍ଗରେ ଧରି ବଳେଇ ଦେବାକୁ ବାହାରିଲା। ସର ତା'ଠୁ ଦୂରେଇ ଯିବାର ଦେଖି ମନ ସେତେ ଊଣା କଲା ନାହିଁ ସିଏ। ବରଂ ମନ୍ଦ ମନ୍ଦ ହସି କହିଲା - ହେଉ ସାଥି, ଏବେ ତୁ ଟିକେ ଦୂରେଇ କି ଥାଆ। ଠିକଣା ସମୟରେ ତୋତେ ଆଣି ପାଖକୁ ଆଣି ସାରା ଜୀବନ ପାଇଁ ନିଶ୍ଚୟ ସାଥି କରିନେବି।

ତା'ପରେ ...ତିନିଟା ଉଲ୍ଲସିତ ହାତ ବିଦାୟ ମୁଦ୍ରାରେ ଶୂନ୍ୟରେ ଦୋହଲୁଥିଲା ଢେର୍ ସମୟ ଧରି। ସାରା ବାୟୁମଣ୍ଡଳରେ ଖେଳି ଯାଉଥିଲା ସାଥି ଭାବର ମୋହିନୀ ମଧୁର ମହକ।

*ଓମ୍ ବିହାର (ଲେନ୍ -୨)*
*ହୋଟେଲ ଶ୍ରୀକ୍ଷେତ୍ର ସାମ୍ନା,*
*ଧାଙ୍ଗଡପଡା, ଆଟୋପୁର, କେନ୍ଦୁଝର -୭୫୮୦୦୨*
*ଦୂରଭାଷ: ୮୨୪୯୫୦୨୨୧୨*



# ଦାଢ଼ିଆ ବୁଢ଼ା

**ବିନୋଦ**

ଯେଉଁମାନେ ବୟସ୍କ ହୋଇଗଲେଣି ସେମାନେ କହନ୍ତି ସେହି ବୁଢ଼ାକୁ ଦୀର୍ଘ ଦିନରୁ ଦେଖିଆସିଛନ୍ତି। ଟୋକାଟୋକାଳିଆ କହନ୍ତି, ସେହି ବୁଢ଼ାଟା ଏକ ବିଚିତ୍ର ଜୀବ। ପିଲାମାନେ ବୁଢ଼ାକୁ ଦେଖିଲେ କହନ୍ତି ଦାଢ଼ିଆ ବୁଢ଼ାଟା ଖାଇଦେବ। କେହି କେହି ବି କହନ୍ତି ସେଇ ବୁଢ଼ାଟା ଏକ ପାଗଳ।

ଦେହର ଚର୍ମରାଶି ଫଟା ଫଟା ହୋଇଗଲାଣି। ଆଖିରୁ ଗୋଡ଼ ଯାଏ ଚମ ଧଡ଼ ଧଡ଼। ପୋଷାକ ଛିଣ୍ଡା। ପାଦରେ କେଉଁ ପ୍ରାଚୀନ କାଳର ଜିନିଷ ପରି ହଳେ ଯୋତା। ଆଖିଗୁଡ଼ିକ ଅଧା ବାହାରି ଆସିବା ପରି ବୋଧ ହେଉଛି। ଲୋଳିତ ମୁଖମଣ୍ଡଳରେ ଦାନ୍ତଗୁଡ଼ିକ ବେଶ୍ ଫୁଟି ଆସିଥାଏ। କାନ୍ଧରେ ସେହି ନିୟମିତ ଦୁଇଟି ବ୍ୟାଗ।

ସେ ଯେ ପାଗଳ, ତା'ର ହାବଭାବକୁ ଦେଖିଲେ କେହି କହିପାରିବେ ନାହିଁ। ସେ କାହାରିକୁ ଖତେଇ ହୁଏନାହିଁ କି କିଏ କ'ଣ କହିଲା ସେ ସମ୍ପର୍କରେ ଖାତିର କରେନାହିଁ। ସେ କୁଆଡ଼େ ଯାଏ, କ'ଣ କରେ, ତାହାର ହିସାବ କେହି ରଖନ୍ତି ନାହିଁ। ତା'ର ଘର କହିଲେ ଫୁଟପାଥ୍। ଖରା ହେଉ କି ବର୍ଷା ବା ଶୀତ- ତାକୁ ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳେ। ଯେଉଁଠି ସେ ବସିଥାଏ କେହି କେହି ଦାନଶୀଳ ବ୍ୟକ୍ତି ତାକୁ ସାହାଯ୍ୟ ଦେଇଥାନ୍ତି। ସେ କାହାରିକୁ ମନା କରେ ନାହିଁ। ଯିଏ ଯାହା ଖାଇବାକୁ ଦିଅନ୍ତି ସେ ଖାଇଦିଏ।

ସେ କିଏ, କ'ଣ ତା'ର ପରିଚୟ, ତା' ଘର କେଉଁଠି, ସେ ପାଗଳ ନା ଭଲ ମଣିଷ, କାହିଁକି ସେ ଏପରି ଘର ଛାଡ଼ି ବୁଲୁଛି- ସେ ସମ୍ପର୍କରେ କିଛି ଜଣାନାହିଁ।

ସାଧାରଣତଃ ପାଗଳମାନେ ଅସ୍ୱାଭାବିକ ଆଚରଣ କରନ୍ତି। ବାଡ଼ି, ପଥର ଧରି ଲୋକଙ୍କୁ ଘଉଡ଼ାଇ ଦିଅନ୍ତି। ଲୋକଙ୍କୁ ଖତେଇ ହୁଅନ୍ତି। ଖରା, ବର୍ଷାରେ ମନଇଚ୍ଛା ବୁଲନ୍ତି। ସେମାନେ କାହାର କିଛି କ୍ଷତି କରନ୍ତି ନାହିଁ ମାତ୍ର ଲୋକେ ତାକୁ ଘୃଣା କରନ୍ତି। ତା' ପାଖ ଦେଇ ଯିବାକୁ ଚାହାଁନ୍ତି ନାହିଁ। ପାଗଳ ହୋଇଯାଇଛି ବୋଲି ତା'ର କୌଣସି ଅଧିକାର ନଥିବା ଲୋକେ ବିବେଚନା କରନ୍ତି।

ହେଲେ ଏ ଯେଉଁ ଦାଢ଼ିଆ ବୁଢ଼ା ସେଥିରୁ ବ୍ୟତିକ୍ରମ। ସେ ସମ୍ପୂର୍ଣ୍ଣ ସ୍ୱାଭାବିକ ଥିଲା। ସାଧାରଣ ମଣିଷ ପରି ବ୍ୟବହାର କରୁଥିଲା। କାହାକୁ ଖତେଇ ହେଉ ନଥିଲା କି କାହାକୁ ମାରି ଗୋଡ଼ାଉ ନଥିଲା। ବରଂ ତାକୁ ଯିଏ ଘୃଣାଭାବ ଦେଖାଉଥିଲା ସେ କୌଣସି ପ୍ରତିକ୍ରିୟା ପ୍ରକାଶ କରୁ ନଥିଲା।

ଦାଢ଼ିଆ ବୁଢ଼ା କାନ୍ଧରେ ସର୍ବଦା ଗୋଟିଏ ବ୍ୟାଗ ଝୁଲିଥାଏ। କଳା ବ୍ୟାଗ, ନାଲି ଫିତା। ଅନେକ ଦିନ ଧରି ମରାମତି ହୋଇ ନଥିବାରୁ ତାହାର ଅନେକ ସ୍ଥାନ ଫାଟିଗଲାଣି। ତଥାପି ସେହି ବ୍ୟାଗଖଣ୍ଡିକ ସତେ ଯେପରି ଦାଢ଼ିଆ ବୁଢ଼ାର ଜୀବନ ଡାଏରୀ ଥିଲା।

ଦାଢ଼ିଆ ବୁଢ଼ାକୁ ମୁଁ ଆଜି ନୁହେଁ କି କାଲି ନୁହେଁ, ଦୀର୍ଘ ବର୍ଷ ଧରି ଦେଖିଆସୁଛି। ଆଜି ଏ ଛକ ତ କାଲି ଆଉ ଏକ ଛକ। ଆଜି ଏହି ଗଳି ତ କାଲି ଅନ୍ୟ ଏକ ଗଳି। ସବୁଠି ସମାନ ବ୍ୟବହାର। ଅନେକ ଲୋକ ବି ତାକୁ ଚିହ୍ନି ସାରିଲେଣି। ତାକୁ କେହି ପୋଷାକ ଖଣ୍ଡିଏ ଦେଇଛି ତ କିଏ ଯୋତା ହଳେ ଦେଇଛି। ଏପରି ଭାବେ ସେ ଜୀବନ କଟାଇବାରେ ଲାଗିଥିଲା।

ଅନେକ ସମୟରେ ମୁଁ ଦାଢ଼ିଆ ବୁଢ଼ା ସହ କଥାହେବାକୁ ଚାହୁଁଥିଲି। ମାତ୍ର ସମୟ ଅଭାବ ହେଉ କି ମନଯୋଗିତାର ଅଭାବ- ଏହି କାରଣରୁ ତା' ସହ କଥାବାର୍ତ୍ତା ହୋଇପାରୁ ନଥିଲି। ଥରେ ଅଧେ ତା' ସହ କଥା ହେବା ଲାଗି ଚାହିଁଥିଲି। ମାତ୍ର ସେ ଏଡ଼ାଇ ଚାଲିଯାଇଥିଲା। ଏଥିଲାଗି ତା' ସହ କଥା ହେବାକୁ ମୁଁ ବିଶେଷ ମନ ବଳାଇ ନଥିଲି।

ତଥାପି ସେହି ପ୍ରକାର ଏକ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ମୋ ନଜରରୁ ହଟାଇ ପାରୁ ନଥିଲି। କିଛି ଗୋଟାଏ ସନ୍ଦେହରେ ସଦାବେଳେ ବୁଡ଼ିବା ଅପେକ୍ଷା ଏହାର ସତ୍ୟତା ପ୍ରକାଶ ପାଇଗଲେ ଭଲ ବୋଲି ବିବେଚନା କରୁଥିଲି।

ସମାଜରେ ତ ଅନେକ ପ୍ରକାର ମଣିଷ ବାସ କରନ୍ତି। ସାରା ପୃଥିବୀରେ ମଣିଷଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ପ୍ରାଣୀଙ୍କ ଚାଲିଚଳଣୀ, ପରମ୍ପରା, କର୍ତ୍ତବ୍ୟ, ଖାଦ୍ୟପଦାର୍ଥ, ଚରିତ୍ର, କାର୍ଯ୍ୟଧାରା, ଜୀବନ ପ୍ରଣାଳୀ ସବୁ ଗୋଟିଏ ପ୍ରକାର। ତେଣୁ କୌଣସି ଗୋଟିଏ ମଣିଷ ସମ୍ପର୍କରେ କିଛି

ଗୋଟାଏ କହିବା ସମ୍ଭବ ନୁହେଁ। ମୁଁ କିପରି ସେହି ଦାଢ଼ିଆ ବୁଢ଼ା ସମ୍ପର୍କରେ ଏକ ମତାମତ ଦେବି ?

ସେହି ବ୍ୟକ୍ତିଙ୍କୁ ମୁଁ ଦାଢ଼ିଆ ବୁଢ଼ା ବୋଲି କହିବା ଅଯୌକ୍ତିକ। ଅସମୀଚୀନ। କାରଣ ମୁଁ ସେହି ବ୍ୟକ୍ତିଙ୍କ ହାନିଲାଭରେ ନାହିଁ, ତାଙ୍କ ଜୀବନର ସମ୍ଭାବ୍ୟ ପରିଣତି ସମ୍ପର୍କରେ ଅଜ୍ଞ। ତାଙ୍କୁ ମୁଁ କେଇଥର କିଛି ଟଙ୍କା ଦେବା ବଦଳରେ ଅନ୍ୟ କିଛି କରିପାରିନାହିଁ। ତେଣୁ ତାଙ୍କୁ କାହିଁକି ମୁଁ ଅନ୍ୟମାନଙ୍କ ପରି ଦାଢ଼ିଆ ବୁଢ଼ା ବୋଲି ଧରିନେବି। ମୋ ବିବେକ ମୋତେ ବାଧା ଦେଉଥିଲା। ତଥାପି ଦାଢ଼ିଆ ବୁଢ଼ା ଶବ୍ଦଟି ମୋ ମନରେ ବଳପୂର୍ବକ ସ୍ଥାନୀତ ହୋଇଯାଇ ନଥିଲା। ବରଂ ଏକ ଶ୍ରଦ୍ଧା ଭାବନା ଅନୁସାରେ ତାହାକୁ ମୁଁ ଆପଣାଇଥିଲି। ଏଥିଲାଗି ମୁଁ ମୋ ନିଜ ନିକଟରେ କ୍ଷମା ମାଗିଥିଲି।

କିଛି ଦିନ ବିତିଲା। ଦିନେ ଏକ ଛୁଟି ଦିବସରେ ମୁଁ ନିଷ୍ପତ୍ତି ନେଲି ଦାଢ଼ିଆ ବୁଢ଼ାଙ୍କୁ ସାକ୍ଷାତ କରିବା ଲାଗି। ତାଙ୍କ ଲାଗି କିଛି ଖାଦ୍ୟ, ପୋଷାକ, ଯୋତା ଆଦି ସଂଗ୍ରହ କଲି। ଆଜି ଯାହାହେଲେ ବି ହିସାବନିକାଶ କରିବା ଲାଗି ହାଲୁକା ଭାବେ ନିଷ୍ପତ୍ତି ନେଲି।

ସେଦିନ ସକାଳୁ ସକାଳୁ ବାହାରିଗଲି ଦାଢ଼ିଆ ବୁଢ଼ାଙ୍କ ସନ୍ଧାନରେ। ତାଙ୍କୁ ଯେହେତୁ ସବୁଦିନେ ଗୋଟିଏ ସ୍ଥାନରେ ଦେଖିବା ସମ୍ଭବ ନଥିଲା ତେଣୁ ମୁଁ ସନ୍ଦେହରେ ଥିଲି- ଦେଖାହୋଇପାରିବ କି ନାହିଁ। ସାରା ସହରରେ ମୁଁ ତାଙ୍କୁ କେବେ କେମିତି ଦେଖୁଥିବାରୁ ନାନା ଆଶଙ୍କା ଭିତରେ ଥିଲି।

ସକାଳରୁ ଖରାବେଳ ହେଲା। ତଥାପି ଦାଢ଼ିଆ ବୁଢ଼ାଙ୍କ ସନ୍ଧାନ ପାଇଲିନାହିଁ। କାହାକୁ ପଚାରିଲେ ବି ମୋତେ ନାନା ପ୍ରଶ୍ନ କଲେ। କେହି କେହି ମୋତେ ତାଚ୍ଛଲ୍ୟ ମନୋଭାବ ପ୍ରଦର୍ଶନ କଲେ। ତେଣୁ ବିଚାରିଲି କାହାକୁ କିଛି ନପଚାରି ଦାଢ଼ିଆ ବୁଢ଼ାଙ୍କୁ ଖୋଜିବୁଲିବି।

ମଧ୍ୟାହ୍ନ ଅତିକ୍ରାନ୍ତ ହୋଇଯାଇଥିବା ସହ ମୁଁ ଅନେକ ପଥ ଘୁରିଥିବାରୁ ମୁଁ କ୍ଲାନ୍ତ ହୋଇପଡ଼ିଥିଲି। ସ୍ଥାନୀୟ ଏକ ହୋଟେଲରେ ଖାଇ ମୁଁ ପୁନର୍ବାର ସନ୍ଧାନରେ ବାହାରିଗଲି।

ହଠାତ୍ ମୋ ନଜରରେ ପଡ଼ିଲା ଏକ ସ୍କୁଲ ନିକଟରେ ଦାଢ଼ିଆ ବୁଢ଼ାଜଣକ ବୁଲୁଛନ୍ତି। ମୋ ଆନନ୍ଦ କହିଲେ ନସରେ। ମୁଁ ତୁରନ୍ତ ତାଙ୍କ ନିକଟକୁ ଚାଲିଗଲି। ସେ ସ୍ୱାଭାବିକତା ଭାବେ ତାଙ୍କ ବାଟରେ ଚାଲୁଥିଲେ। ମାତ୍ର ମୁଁ ଏକ ଗଛମୂଳେ ତାଙ୍କୁ ଅଟକାଇଲି। ତାଙ୍କ ସହ କରମର୍ଦ୍ଦନ କଲି। ସେ ବିଶେଷ ପ୍ରତିକ୍ରିୟା ପ୍ରକାଶ କଲେ ନାହିଁ କି ମୋ ପ୍ରତି ବିଶେଷ ଦୃଷ୍ଟି ଦେଲେ ନାହିଁ। ମୋ ନିକଟରେ ସୃଷ୍ଟି ହେଲା ଅନେକ ଆଶଙ୍କା। କାଳେ ସେ ମୋଠାରୁ ଦୂରେଇ ଯିବେ କି ? ଯଦି ସେ କଥା ଶୁଣିବେ ନାହିଁ ତେବେ ମୋର ସମସ୍ତ ଆଶା ପାଣିଫୋଟକା ପରି ମିଳାଇଯିବ ଯେ !

ଯା' ହେଉ ମୋର ଅନ୍ତର ଆବେଦନକୁ ବୋଧହୁଏ ଜାଣିପାରିଲେ ସେହି ଦାଢ଼ିଆ ବୁଢ଼ା। ମୁଁ ବି ତାଙ୍କୁ ମୋ ଅଭିପ୍ରାୟ ଜଣାଇଲି। ସେ କିଛି ସମୟ ମୋ ମୁହଁକୁ ଚାହିଁଲେ। କେଜାଣି କ'ଣ ହେଲା ସେ ମୋ କଥା ଅନୁସାରେ ରାଜି ହୋଇ ଏକ ଗଛମୂଳକୁ ଚାଲିଗଲେ। ମୋର ସମସ୍ତ ଆଶା ଯେ ଫଳବତୀ ହେବ ତାହା ମୁଁ ଠଉରାଇପାରୁଥିଲି।

ଗଛ ମୂଳେ ଉଭୟେ ବସିଲୁ। ମୁଁ ତାଙ୍କୁ ସଶ୍ରଦ୍ଧ ସମ୍ମାନ ଜଣାଇବା ସହ ତାଙ୍କ ଉଦ୍ଦେଶ୍ୟରେ ଆଣିଥିବା ସାମଗ୍ରୀଗୁଡ଼ିକୁ ଦେବା ଲାଗି ଅନୁମତି ମାଗିଲି। ସେ ମନା କଲେ ନାହିଁ। ସମସ୍ତ ଜିନିଷ ଗ୍ରହଣ କଲେ।

ପରେ ମୁଁ ତାଙ୍କୁ ସାକ୍ଷାତ କରିବାର ପ୍ରକୃତ ଉଦ୍ଦେଶ୍ୟ ସମ୍ପର୍କରେ କହିଲି। କିପରି ମୁଁ ଅନେକ ଦିନ ଧରି ଏସମ୍ପର୍କରେ ଭାବୁଥିଲି ତାହା ବି କହିଲି। ମୁଁ ଅତି ନିକଟରୁ ଅନୁଭବ କରୁଥିଲି ଦାଢ଼ିଆ ବୁଢ଼ାଜଣକ ପ୍ରକୃତରେ ଜଣେ ସାଧାରଣ ବ୍ୟକ୍ତି ନୁହଁନ୍ତି। ଏହା ପଛରେ ଅନେକ କଥା ରହିଛି।

ସେ ବୋଧହୁଏ ପ୍ରଥମ ଥର ଲାଗି ଏପରି ଏକ ଆବେଦନ ଶୁଣିଲେ। ତାଙ୍କଠାରେ ଯଦିଓ ସେପରି କିଛି ପ୍ରତିକ୍ରିୟା ପ୍ରକାଶ ପାଇ ନଥିଲା ତଥାପି ସେ ମୋର ସମସ୍ତ ଜିଜ୍ଞାସା ଦୂର କରିବାକୁ ବୋଧହୁଏ ନିଷ୍ପତ୍ତି ନେଲେ।

ମୋର ପ୍ରଶ୍ନ ଥିଲା ସ୍ୱାଭାବିକ। ବିଶେଷ କରି ତାଙ୍କ ଜୀବନର ରହସ୍ୟ ସମ୍ପର୍କରେ। ସେ ଯଦିଓ ପ୍ରଥମେ ସାମାନ୍ୟ ଇତଃସ୍ତତଃ ଦେଖାଯାଇଥିଲେ ତଥାପି ଗମ୍ଭୀର ମୁଖରେ ସେ ପ୍ରଶ୍ନ ପଚାରିବା ଲାଗି ସ୍ୱୀକୃତି ଦେଲେ।

ମୁଁ ଦୀର୍ଘ ଦିନ ଧରି ଯାହା ଯାହା ଚିନ୍ତା କରିଥିଲି ତାହାକୁ ଗୋଟି ଗୋଟି କହିବାରେ ଲାଗିଲି। ମୋଟାମୋଟି ତାଙ୍କ ଜୀବନର ରହସ୍ୟ ସମ୍ପର୍କରେ ମୋର ଉଦ୍‌ବିଗ୍ନତା ଦେଖି ସେ ଏସମ୍ପର୍କରେ କହିବା ଲାଗି ସମ୍ମତି ଦେଲେ।

ଅନେକ ଦିନ ଧରି ଯେଉଁ ବ୍ୟାଗଟିକୁ ମୁଁ ତାଙ୍କ କାନ୍ଧରେ ପଡୁଥିବା ଦେଖୁଥିଲି ସେହି ବ୍ୟାଗରୁ ସେ ଏକ ଡାଏରୀ ବାହାର କଲେ। ଏହା ସହ କିଛି ପୁରୁଣା ଫଟୋ ବି ବ୍ୟାଗ ଭିତର ଥାକରୁ ବାହାର କଲେ। ମୋର ଆଶା, ଉଦ୍ଦୀପନା ତଡ଼ିତ ବେଗରେ ବଢ଼ିଚାଲିଥିଲା।

ପରେ ସେ ଆରମ୍ଭ କଲେ ତାଙ୍କ ଜୀବନର କାହାଣୀ।

ସେ କୌଣସି ସାଧାରଣ ଲୋକ ନଥିଲେ। ପ୍ରତିପତ୍ତି ଘରର ସେ ସନ୍ତାନ।  ଉଚ୍ଚ ଚାକିରି ବି କରିଥିଲେ। ଦୂର ସହରର ପ୍ରମୁଖ ସ୍ଥାନରେ ଥିଲା ତାଙ୍କର କୋଠା। ଧନୀ ଘରେ ଜନ୍ମ ହୋଇ ସୁଦ୍ଧା ଅନ୍ୟମାନଙ୍କ ପରି ସେ ଐଶ୍ୱର୍ଯ୍ୟ ମଧ୍ୟରେ କାଳାତିପାତ କରିବାକୁ ଚାହୁଁ ନଥିଲେ। ସାଧାସିଧା ଜୀବନକୁ ସେ ପାଥେୟ କରୁଥିଲେ। ତାଙ୍କର ବାପା, ମା'ଙ୍କର ଦେହାନ୍ତ ହୋଇଯିବା ପରେ ସାରା ପରିବାରର ଭାର ତାଙ୍କ ଉପରେ ପଡ଼ିଲା। ଯଦିଓ ସେ ଉଚ୍ଚ ଚାକିରି କରୁଥିଲେ ତଥାପି ବଡ଼ ପରିବାରର ବୋଝରେ ସେ ଆକ୍ରାମାକ୍ରା ହୋଇଯାଉଥିଲେ।

ତାଙ୍କର ପୁଅଝିଅ ଥିଲେ। ସମସ୍ତଙ୍କୁ ମଣିଷ କରିବା ଲାଗି ସେ ସାରା ଜୀବନ ତ୍ୟାଗ କରିଦେଇଥିଲେ। ପିଲାମାନେ ଉଚ୍ଚଶିକ୍ଷା ଲାଭ କଲେ। ଚାକିରି କଲେ। ଶିକ୍ଷିତ ବୋହୂମାନେ ବି ଆସିଲେ। ପରିବାର ବେଶ୍ ହସଖୁସିରେ ଚାଲିଥିଲା। ସେ ପାଲଟିଯାଇଥିଲେ ପରିବାରର ଅମୂଲ୍ୟ ରତ୍ନ।

ଦିନେ ସେ ଚାକିରିରୁ ଅବସର ନେଲେ। ପିଲାମାନେ ଏଥିରେ ଦୁଃଖ କଲେ ନାହିଁ। ବରଂ ତାଙ୍କୁ ଅଧିକ ସ୍ନେହ କଲେ। କୌଣସି ପିଲା ତାଙ୍କଠାରୁ କିଛି ପାଇବା ଆଶା କଲେ ନାହିଁ କି ତାଙ୍କ ପ୍ରତି କୌଣସି ପ୍ରକାର ହେୟ ଜ୍ଞାନ କଲେ ନାହିଁ।

ଅବସରର କିଛିଦିନ ପରେ ସେ ନିଜ ଜୀବନର ସମୀକ୍ଷା କଲେ।

ବାସ୍ତବରେ ସେ ଜୀବନରେ କ'ଣ କରିଛନ୍ତି ?ସମାଜ ଲାଗି କ'ଣ କରିଛନ୍ତି ? ଏସବୁ ପ୍ରଶ୍ନ ତାଙ୍କୁ ଗଭୀର ଭାବେ ଆନ୍ଦୋଳିତ କରିବାରେ ଲାଗିଲା । ସେ ତ ଯାହା କିଛି କରିଛନ୍ତି ନିଜ ଓ ନିଜ ପରିବାର ଲାଗି । ଏଥିରେ ଜୀବନର ଲକ୍ଷ୍ୟ ସାକାର ହେଲା କିପରି ?

ଏହି ପ୍ରଶ୍ନ ତାଙ୍କୁ ସର୍ବଦା ଗଭୀର ଭାବେ ଅଭିଭୂତ କଲା । ତାଙ୍କୁ ଘର ଆଉ ରୁଚିଲା ନାହିଁ । ତାଙ୍କ ମନ ଭିତରେ ଆସୁଥିବା ପରିବର୍ତ୍ତନ ବେଳକୁ ବେଳ ଅସହ୍ୟ ହେଲା । ସେ ଏଣିକି ଘରକୁ ଯିବାକୁ ଚାହିଁଲେ ନାହିଁ । ସାରା ଐଶ୍ୱର୍ଯ୍ୟ ତାଙ୍କଠାରୁ ଦୂରେଇଗଲା । ଜୀବନବ୍ୟାପୀ ସେ ଯେଉଁ ଚାକିରି ମୋହରେ ବାନ୍ଧି ହୋଇଥିଲେ ତାହା ତାଙ୍କୁ ଅସୀମ ପ୍ରଶ୍ନବାଚୀ ଘେରକୁ ନେଇଗଲା ।

ସେ କ'ଣ ଏଥିଲାଗି ବଂଚିଥିଲେ ? ଦୁନିଆରେ ତ ସମସ୍ତେ ବଂଚନ୍ତି ନିଜ ପାଇଁ । ହେଲେ ଅନ୍ୟମାନଙ୍କ ଲାଗି କିଏ ବଂଚନ୍ତି ?ସମାଜରେ ଚାରିଆଡ଼େ ରହିଛି ଅନ୍ଧକାର । ଲୋକେ ଖାଇବାକୁ ପାଉନାହାନ୍ତି । ସମସ୍ୟାରେ ଅନେକ ଲୋକ ଛଟପଟ ହେଉଛନ୍ତି । ଅନେକ ଅନାଥ ଶିଶୁ ଜାଣିପାରୁନାହାନ୍ତି ସେମାନଙ୍କ ଜୀବନ ସମ୍ପର୍କରେ । ଏପରି ସ୍ଥିତିରେ ସେ କିପରି କହିବେ ସେ ଜୀବନରେ କିଛି କରିଛନ୍ତି ବୋଲି ।

ଦିନ କେଇଟା ଭିତରେ ସେ ଗଭୀର ମାନସିକ ଭାରାକ୍ରାନ୍ତ ମ୍ନରେ ଗତିକଲେ । ଠିକ୍ ଖାଇବା ପିଇବା କଲେ ନାହିଁ । କାହାରିକୁ ବିଶେଷ କଥାବାର୍ତ୍ତା କଲେ ନାହିଁ । ସାରା ପରିବାରରେ ଏହାକୁ ନେଇ ଘୋଟିଗଲା ସନ୍ଦେହର କଳାବାଦଲ ।

କାହିଁକି ତାଙ୍କର ଏ ପରିବର୍ତ୍ତନ ?କ'ଣ ପାଇଁ ଏ ନିଷ୍ଠୁର ପଦକ୍ଷେପ ?ପରିବାରର କୌଣସି ସଦସ୍ୟ ତ ତାଙ୍କୁ ଅଶାଳୀନ ଆଚରଣ ଦେଖାଇ ନାହାନ୍ତି । ପରନ୍ତୁ ତାଙ୍କୁ ହସଖୁସିରେ ରଖିବା ଲାଗି ପରିବାରର ସମସ୍ତଙ୍କ ଅବଦାନ ଥିଲା । ହେଲେ କ'ଣ ଏପରି ହୋଇଗଲା ଯେ, ସେ ଏପରି ଚରମ ବ୍ୟବହାର ପ୍ରଦର୍ଶନ କରୁଛନ୍ତି ?

ସେ ନିଷ୍ପତ୍ତି ନେଲେ ସେ ଏପରି କିଛି କରିବେ ଯେଉଁଥିରେ ମାନସିକ ଆନନ୍ଦ ପାଇବେ । ଅନ୍ୟ ମୁଖରେ ହସ ଫୁଟାଇବାକୁ ସକ୍ଷମ ହେବେ ।

ଦିନେ ନିଜର ପ୍ରିୟ ସଂସାର ତ୍ୟାଗ କରି ସେ ଫୁଟପାଥକୁ ଚାଲିଗଲେ । ଗଲେ ଯେ ଗଲେ ସାରା ପରିବାର ରହିଗଲେ ଅନ୍ଧାରରେ । ତାଙ୍କୁ ଖୋଜିବା ସମସ୍ତଙ୍କ ଲାଗି ବ୍ୟର୍ଥ ସାବ୍ୟସ୍ତ ହେଲା । ଧୀରେ ଧୀରେ ପରିବାର ବି ତାଙ୍କୁ ଭୁଲିଗଲେ । ସେ ବି ପରିବାରକୁ ।

ସେହିଦିନଠାରୁ ତାଙ୍କ ଘର ହୋଇଗଲା ଫୁଟପାଥ୍ । ଆଜି ଏଠି ତ କାଲି ସେଠି । ଆଜି ଏ ସହର ତ କାଲି ସେ ସହର । ତାଙ୍କର ପେନସନ ବାବଦକୁ ଯାହା ଆସେ ବିଭିନ୍ନ ଦାତବ୍ୟ ସଂସ୍ଥାକୁ ଦେଇଦେଉଥିଲେ । ଏହା ସହ ଲୋକେ ଯାହା କିଛି ଦେଉଥିଲେ ସେ ତାହାକୁ ଖର୍ଚ୍ଚ ନ କରି ସଂଚିବା ସହ ସେହି ଅନୁଷ୍ଠାନଗୁଡ଼ିକୁ ଦାନ ଦେଉଥିଲେ । ଆଜି ନୁହେଁ କି କାଲି ନୁହେଁ, ଦୀର୍ଘ ଦଶ ବର୍ଷ ଧରି ଏହା କରିଆସୁଥିଲେ ।

ତାଙ୍କ କଥା ଶୁଣି ମୁଁ ଯେତିକି ଆଶ୍ଚର୍ଯ୍ୟ ହୋଇଯାଉଥିଲି ଏକ ତ୍ୟାଗପୂତ ଜୀବନର ସଂଗ୍ରାମକୁ ମୁଁ ମଥାପାତି ସମ୍ମାନ ଜଣାଉଥିଲି । ସମାଜରେ ଏପରି ମଣିଷ ଥିବେ ବୋଲି ମୋର ଅବିଶ୍ୱାସ ଥିଲା ତାହା କ୍ରମଶଃ ଦୂର ହୋଇଗଲା ।

ସେ ଆଉ କିଛି କହିଲେ ନାହିଁ । ବାସ୍ । ବ୍ୟାଗଖଣ୍ଡିକୁ କାନ୍ଧରେ ଝୁଲାଇ ଚାଲିଗଲେ । ଯଦିଓ ମୋର ଅନେକ ସନ୍ଦେହ ଦୂର ହୋଇଯାଇଥିଲା ତଥାପି ମୋ ମନରେ ଅନେକ ପ୍ରଶ୍ନ ଉଙ୍କି ମାରୁଥିଲା । ସେ ଉଠିଚାଲିଯିବାରୁ କଥା ଅଧା ରହିଯାଇଥିଲା । ମୁଁ ନିରୁପାୟ ହୋଇ ତାଙ୍କୁ ପଛରୁ ହାତ ଯୋଡ଼ି ପ୍ରଣାମ କରି ସେଠାରୁ ବିଦାୟ ନେଲି ।

ଏହାରି ଭିତରେ ଅନେକ ଦିନ ବିତିଯାଇଥିଲା । ଦୀର୍ଘ ଦିନ ଧରି ତାଙ୍କୁ ଦେଖିବା ସମ୍ଭବ ହୋଇ ନଥିଲା ।

ଦିନେ ସ୍ଥାନୀୟ ଏକ ଜରାଶ୍ରମର ବାର୍ଷିକୋତ୍ସବରେ ଯୋଗଦେବା ଲାଗି ଯାଇଥାଏ । ସେହି ସଂସ୍ଥା ସହ ମୋର ପୂର୍ବରୁ ସମ୍ପର୍କ ଥିଲା । ଉତ୍ସବରେ ବହୁ ଲୋକଙ୍କ ସମାଗମ ହୋଇଥିଲା ।

କାର୍ଯ୍ୟାଳୟ ବୁଲୁ ବୁଲୁ ମୋ ଆଖି ଏକ ଫଟୋ ଉପରେ ପଡ଼ିଲା । ଦୋ ଦୋ ଚିହ୍ନା ବି ଲାଗିଲା । ମୁଁ ନିରେଖି ଚାହିଁ ଯାହା ଜାଣିଲି ସେଥିରେ ମୋର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସେ ଆଉ କେହି ନଥିଲେ, ସେଥିଲେ ସେହି ଦାଢ଼ିଆବୁଢ଼ା ଯାହାଙ୍କୁ ମୁଁ ଅତୀତରେ ସାକ୍ଷାତ କରିଥିଲି ।

ମୁଁ ଏକ ଛୋଟିଆ ଗୋଲକ ଧନ୍ଦାରେ ପଡ଼ିଯାଇଥିଲି । ଏସମ୍ପର୍କରେ ସଂସ୍ଥାର କର୍ମକର୍ତ୍ତାଙ୍କୁ ପଚାରିଲି ।

କର୍ମକର୍ତ୍ତା କହିଲେ- ଏ ହେଉଛନ୍ତି ଅଚ୍ୟୁତାନନ୍ଦ । ସେ ଚାକିରିରୁ ଅବସର ପରେ ସମାଜର ଦୁଃଖୀରଙ୍କଙ୍କ ଲାଗି ହାତ ଖୋଲି ଦେଇଥିଲେ । ନିଜର ସମସ୍ତ ପେନସନ ବାବଦ ଅର୍ଥ ସଂସ୍ଥାକୁ ଦାନ କରିବା ସହ ପ୍ରତି ମାସରେ ଯାହା ସଂଗ୍ରହ କରୁଥିଲେ ତାହାକୁ ଆଣି ଦେଉଥିଲେ । କେବଳ ଏତିକି ନୁହେଁ  ଅସହାୟ ଅବସ୍ଥାରେ ଥିବା ଲୋକଙ୍କୁ ବି ସେ ଗଭୀର ସମବେଦନା ଜଣାଇ ସାମର୍ଥ୍ୟମତେ ସହାୟତା କରୁଥିଲେ ।

ହେଲେ...

କର୍ମକର୍ତ୍ତାଜଣକ କେଜାଣି କାହିଁକି ହଠାତ୍ ବାଷ୍ପରୁଦ୍ଧ ହୋଇଗଲେ ।

ମୁଁ କିଛି ବୁଝିପାରିଲି ନାହିଁ ।

ପଚାରିବା ପରେ ସେ କହିଲେ- ପ୍ରାୟ ଦୁଇ ମାସ ତଳେ ଅଚ୍ୟୁତାନନ୍ଦଙ୍କ ଦେହାନ୍ତ ହୋଇଯାଇଛି । ସେ ଏଠାକୁ ଆସି ଗୋଟିଏ ରାତି ରହିବା ପରେ ତାଙ୍କର ଅକସ୍ମାତ ପରଲୋକ ହୋଇଯାଇଥିଲା ।

କର୍ମକର୍ତ୍ତାଜଣକ ମୋତେ ଏକ ଘରକୁ ନେଇଗଲେ । ସେଠାରେ ରହିଥିଲା ଅଚ୍ୟୁତାନନ୍ଦଙ୍କ ସେହି ଚର୍ଚ୍ଚିତ ବ୍ୟାଗ ସମେତ କିଛି ସାମଗ୍ରୀ ।

ମୋ ଆଖିରୁ ଲୁହ ଜକେଇ ଆସିଲା । ସେହି ମହାନ୍ ବ୍ୟକ୍ତିଙ୍କୁ ଶତବାର ପ୍ରଣିପାତ କଲି । ପାଟିରୁ ବାହାରି ଆସିଲା- ସତରେ ଏପରି ମଣିଷ ବି ଅଛନ୍ତି... ।

*ଦୂରଭାଷ: ୯୪୩୭୧୬୪୭୬୪*

# ଦୁଃଖ ସହ ସୁଖର ପ୍ରତିଯୋଗିତା

**ବନମାଳୀ ସେନାପତି**

ଦକ୍ଷିଣ ଦିଗର ଖୋଲା ଝରକା ଦେଇ ପବନ ଧୀରେ ଧୀରେ ଘରେ ପଶୁଛି। ତେଣୁ ସେ ଅନେକ ବେଳୁ ଫ୍ୟାନ ବନ୍ଦ କରି ସାରିଲାଣି। ବାହାରେ ଅନ୍ଧାର ତାର ଯୁଗ ଶେଷ କରିନାହିଁ। ଘର ଭିତରେ ନୀଳ ରଙ୍ଗର ଜିରୋ ଲାଇଟରେ ସୁବର୍ଣ୍ଣା ନିଜ ଛୋଟ ପୁଅର ମୁହଁକୁ ଚାହିଁ ରହିଥିଲା। କ'ଣ କରିବ କିଛି ସ୍ଥିର କରି ପାରୁନଥିଲା। ସେ ଫେରିଯିବ ନା ଏଇଠି ରହିଯିବ। ଏଇ ଜାଗାଟା କ'ଣ ତା' ପାଇଁ ସୁରକ୍ଷିତ ଆଶ୍ରୟସ୍ଥଳ ହୋଇପାରିବ ? କିଛି ସମୟ ପୂର୍ବରୁ ଛୁଆଟା ଶୋଇ ଶୋଇ କାଶୁଥିଲା। ତା' କାଶ ଶବ୍ଦରେ ହିଁ ସୁବର୍ଣ୍ଣାର ନିଦ ଭାଙ୍ଗିଗଲା।

ଧୀରେଧୀରେ ଝରକା ସେପାଖ ଫର୍ଚ୍ଚା ହେବାର ଦେଖାଗଲା। ଭୋର ହେବାର ସୂଚନା। ପୁଅ ଉପରେ ଚଦରଟି ପକେଇ ଦେଇ ପୁଣି ଟିକେ ଶୋଇବାକୁ ଚେଷ୍ଟା କଲା ସୁବର୍ଣ୍ଣା। ମୁଣ୍ଡ ଭିତରେ କିଲବିଲ କରୁଥିବା ଚିନ୍ତା ତାକୁ ଶୋଇ ଦେଲା ନାହିଁ। ସେ ଭାବିଲା ଏବେ ଯାଇ ଚା କରି ପିଇହେବ। ସବୁ କିଛି ବ୍ୟବହାର କରିବାର ସ୍ୱାଧୀନତା ହିମାଦ୍ରୀ ଦିଦି ଦେଇଛି।

ସେ ବାରବାର କହିଛି "ଖୁକୁ" ( ମୋଡାକନାମ) ତୋର ଯାହା ଦରକାର ତୁ ନେଇପାରିବୁ। ଖାଇ ପାରିବୁ। ବ୍ୟବହାର କରିପାରିବୁ। ମୋତେ କିଛି ପଚାରିବାର ଆବଶ୍ୟକତା ନାହିଁ।

ହିମାଦ୍ରୀ ଦିଦି ତା ବଡବାପାଙ୍କ ଝିଅ। ଏଇଟା ତାଙ୍କର ନିଜ ତିଆରି ଘର। ବଡ଼ବାପା ଗାଁରୁ ଆସି ଭୁବନେଶ୍ୱରରେ ଜାଗା କିଣି ଘର ତିଆରି କରିଥିଲେ। ପୂର୍ବରୁ ଅନେକ ଥର ସେ ଏ ଘରକୁ ସେ ଆସିଛି କିନ୍ତୁ ସେ ସମୟ ଆଉ ବେକାର ସମୟ ମଧ୍ୟରେ ଆକାଶ ପାତାଳ ଫରକ।

ବୁବୁନର ନିଦ ଭାଙ୍ଗିଗଲା। ତା'ର ମୁହଁ ହାତ ଧୋଇ ଦେଇ, ତାକୁ କାନ୍ଧରେ ପକେଇ ଗ୍ରାଉଣ୍ଡ ଫ୍ଲୋରକୁ ଓହ୍ଲାଇ ଆସିଲା ସୁବର୍ଣ୍ଣା।

ସିଡ଼ିରେ ଓହ୍ଲାଇ ଓହ୍ଲାଇ ଦେଖିଲା ସକାଳୁ ହିମାଦ୍ରୀ ଦିଦି ୱାସିଙ୍ଗ ମେସିନ ଚଲେଇ ସେଠାରେ ଠିଆ ହୋଇ ରହିଛି। ମୋତେ ଦେଖି କହିଲା, ତୋର ଆଉ ପୁଅର କିଛି ଲୁଗାପଟା ନେଇଆ ମୁଁ ଏଥିରେ ପକେଇ ଦେବି।"

ନାନା ମୁଁ ନିଜେ ହାତରେ କାଚି ଦେବି।

- ଆଚ୍ଛା ପୁଅ ସକାଳେ କ'ଣ ଖାଏ ? ପଚାରିଲା ହିମାଦ୍ରୀ

-ସେମିତି କିଛି ଠିକ୍ ନାହିଁ। ଯେଉଁ ଦିନ ଯାହା ମିଳିଲା। ଓହୋଃ। ତୁ ଚୁପ୍ କରତ। ଦେଖଯା, ଫ୍ରିଜରେ କ୍ଷୀର ଅଛି, ପାଉଁରୁଟି ଅଛି। ଡାଇନିଂ ଟେବୁଲ୍ ଉପରେ କଦଳୀ ଅଛି। ତୁ ଗୋଟେ କାମ କର ପୁଅକୁ ପାଉଁରୁଟି, କ୍ଷୀର ଓ କଦଳୀ ଖାଇବାକୁ ଦେଇ ଦେ। ମୁଁ ଯାଉଛି। ଆମେ ଦୁଇ ଜଣଙ୍କ ପାଇଁ ଦୁଇ କପ୍ ଚା କରି ଆଣେ।

- ତୁ କାହିଁକି ଚା କରିବୁ। ମୋତେ କ'ଣ ଚାହା ତିଆରି ଆସେନା କି ? କହିଲା ସୁବର୍ଣ୍ଣା।

- ତୁ ପରେ ଚାହା ତିଆରି କିରବୁ। ଏବେ ତୁ ଛୁଆଟାର ଖାଇବା ଖବର ବୁଝୁ।

ଡାଇନିଂ ଟେବୁଲ୍‌ର ପାଖ ଚେୟାରରେ ବୁବୁନ ଚୁପ୍‌ଚାପ୍ ବସିଥିଲା। ଚେହେରା ତା'ର ଏତେ ପତଳା ଯେ, କେହି ଦେଖିଲେ ଭାବିବ, ବୋଧେ ଦେହ ଖରାପ ଅଛି। ଖାଇବା ପୂର୍ବରୁ ହିମାଦ୍ରୀ ତା' ବେକରେ ଗୋଟିଏ ଛୋଟ ଟାୱେଲ ବାନ୍ଧି ଦେଇଛି ଯାହା ନାପ୍‌କିନ୍ ଭାବରେ କାମ କରିବ।

ବୁବୁନର କୌଣସି ଆପତ୍ତି ନଥିଲା। ସେ ଚୁପ୍‌ଚାପ ବସି ଖାଉଥିଲା। ଚାମଚରେ ଉଠେଇ ଖାଦ୍ୟ ବୁବୁନୁ ପାଟିରେ ଦେଲାବେଳେ ସୁବର୍ଣ୍ଣାର ଆଖି ଛଳଛଳ ହୋଇଯାଉଥିଲା। ଅନେକ ଦିନ ଧରି ଛୁଆଟା ଠିକ୍ ଭାବରେ ଖାଇ ନଥିଲା। ଗତ ଦୁଇ ଦିନ ହେଲା ସେ ଠିକ୍‌ଠାକ୍ ଖାଦ୍ୟ ପାଉଛି ଏଠି। ଦେଖାଯାଉ ଏଠି ସେ କେତେଦିନ ଧରି ରହିପାରୁଛି ?

ଗୋଟିଏ ଟ୍ରେରେ ଦୁଇ କପ୍ ଚାହା ନେଇ ଆସି ଡାଇନିଂ ଟେବୁଲ୍ ଉପରେ ରଖିଲା ହିମାଦ୍ରି ଦିଦି। ଗୋଟିଏ କପ ସୁବର୍ଣ୍ଣା ହାତକୁ ବଢ଼େଇ ଦେଇ ଅନ୍ୟ ଗୋଟିଏ କପରେ ଓଠ ଲଗାଇଲା ସେ। ଚାହା ପିଇଲା ବେଳେ ସୁବର୍ଣ୍ଣା ଚୁପ୍ ହୋଇଯିବାରୁ ସେ କହିଲା - "ତୁ' କ'ଣ ଏତେ ଭାବୁଛୁ। ତୁ ଏବେ ମୋ ପାଖରେ ଅଛୁ ଅର୍ଥ ଆଉ କୌଣସି ଚିନ୍ତା ତୋର କରିବା ଦରକାର ନାହିଁ। ହଁ ଶୁଣ। ଫ୍ରିଜରେ ମାଛ ଅଛି। ତାକୁ ଝାଲ କରିଦେବୁ। କପବୋର୍ଡରେ ଚାଉଳ ଅଛି ଭାତ ରାନ୍ଧିଦେବୁ। ପୁଅକୁ ଅଣ୍ଡା ସିଝେଇ ଖୋଇଦେବୁ। ପାରିବୁ ତ ?

-ହଁ ପାରିବି। ଆଉ ତୁ ?

– ମୁଁ କ୍ୟାଣ୍ଟିନ୍‌ରେ ଲଞ୍ଚ କରିନେବି। ମୋ ପାଇଁ ବ୍ୟସ୍ତହନା। ସାଢ଼େ ନ'ଟା ସୁଦ୍ଧା ମୁଁ ବାହାରିଯିବି। ତୁ ଘରେ ଏକା ରହିବୁ। କେହି ଡାକିଲେ କବାଟ ଖୋଲିବୁନି। କେହି ଆସିଲେ ବାଲ୍‌କୋନି ଉପରେ ଥାଇ କଥା ହେଇ ଯିବୁ। ୪ଟା ପରେ ବାସନ୍ତୀର ମା' ଆସିବ। ଘର, ଦୁଆର ପହଁରି ଦେଇ ସେ ରାତି ଖାଦ୍ୟ ତିଆରି କରିଦେବ। ତୋତେ ବୋର ଲାଗିଲେ ଟି.ଭିଟ ଦେଖିବୁ। ବୁବୁନକୁ କାର୍ଟୁନ ଦେଖେଇ ଦେବୁ।

ନା, ନା। ମୋ ପାଇଁ ତୋର ଏତେ ବ୍ୟସ୍ତ ହେବା ଦରକାର ନାହିଁ। ଥାକ ଭର୍ତ୍ତି ବହି ଥୁଆ ହୋଇଛି। ମୁଁ ପଢ଼ିବି।

ହିମାଦ୍ରୀ ଦିଦି ଚାଲିଯାଇଥିଲା। ମେନ ଡୋରଟା ବନ୍ଦ କରି ମୁଁ ଘରଟା ବୁଲି ବୁଲି ଦେଖିବାକୁ ଲାଗିଲି। ପ୍ରତୀକ ଘରର ସାଜସଜ୍ଜା ଦେଖିଲା ଭଳି। ପୂର୍ବରୁ ଘରର ସାଜସଜ୍ଜା ଓ ଫ୍ଲୋର ମାର୍ବଲ ହୋଇନଥିଲା। ହିମାଦ୍ରୀ ଦିଦି ଏ କାମ ସବୁ କରିଛନ୍ତି। ବଡ଼ବାପା ମରିଯିବା ପରେ। ସକାଳେ ହିମାଦ୍ରୀ ଦିଦି ଘର କଥା କହୁ କହୁ କହିଦେଲା " ତୁତ ଅନେକ ଦିନ ହେଲା ଆସିନାହୁଁ।

ଲଜ୍ୟାରେ ମୁହଁ ତଳକୁ କରିଦେଲା ସୁବର୍ଣ୍ଣା। ବାପା, ବଡବାପାଙ୍କ କଳି ଯୋଗୁଁ ବଡବାପା ଗାଁ ଛାଡ଼ି ଦେଇଥିଲେ। ଯଦିଓ ପିଲାମାନଙ୍କ ମଧ୍ୟରେ କୌଣସି ପାତର ଅନ୍ତର ନଥିଲା। ବଡବାପା ତାକୁ ବହୁତ ଭଲ ପାଉଥିଲେ। ସମୟ କେମିତି ଚାଲି ଯାଉଛି ତାହା ଜଣାପଡୁନି। ପୁଅକୁ ଟିକେ ଚାହିଁ ଦେଲେ ତାକୁ ଅପରାଧୀ ଅପରାଧୀ ପରି ଲାଗୁଛି। ବାପା ମା'ଙ୍କ କଥାକୁ ଅମାନ୍ୟ କରି, ସେମାନଙ୍କୁ ଅପମାନ ଦେଇ ସେ ରାଜନକୁ ବିବାହ କରିଥିଲା। ରାଜନର ଭଲ ପାଇବା ସେଦିନ ତାକୁ ପାଗଳି କରି ଦେଇଥଲା। ସେଇ ଅତିରିକ୍ତ ଭଲ ପାଇବା ତା ପାଇଁ କାଳ ପାଲଟି ଯାଇଥିଲା। ତା' ଆଖିରୁ ଧାର ଧାର ଲୁହ ବୋହି ଆସିଲା। ବୁବୁନ ଧୀରେ ଧୀରେ ଆସି କରୁଣ ଦୃଷ୍ଟିରେ ଚାହିଁବାରୁ ଆଖିରୁ ଲୁହ ପୋଛି ଦେଲା ସେ। ପୁଅକୁ କୋଳରେ ଧରି ସୋଫା ଉପରେ ଢୋଳେଇ ପଡ଼ିଥିଲା ସେ।

କଲିଂ ବେଲ ଅନେକ ଥର ବାଜିବା ପରେ ସୁବର୍ଣ୍ଣା ଉଠିପଡ଼ିଲା। ଦୁଆର ଖୋଲିବା ପୂର୍ବରୁ କବାଟର କାଚ ଲଗା ଗାତ ଦ୍ୱାରା ସେ ଦେଖିଦେଲା ଜଣେ ମଧ୍ୟ ବୟସ୍କା ସ୍ତ୍ରୀ ଲୋକ। ହିମାଦ୍ରୀ ଦିଦିର କହିବା ଅନୁଯାୟୀ ଏ ନିଶ୍ଚୟ କାମ ବାଲି ବାସନ୍ତୀ ହୋଇଥିବ। କବାଟ ଖୋଲିଲା ସୁବର୍ଣ୍ଣା।

ବାସନ୍ତୀ ଟିକେ ଆଶ୍ଚର୍ଯ୍ୟ ହୋଇଗଲା। ଜଣେ ନୂଆ ସ୍ତ୍ରୀ ଲୋକ ଏ ଘରେ। ମ୍ୟାଡାମତ ସକାଳେ କିଛି କହୁନଥିଲେ। ଘର କୋଣରେ ଚପଲ ରଖୁ ରଖୁ ସୁବର୍ଣ୍ଣା ଉଦ୍ଦେଶ୍ୟରେ ସେ କହିଲା – ତୁମେ ଶୋଇପଡ଼ିଥିଲ କି ? ମୋତେ ଅନେକଥର ବେଲ୍ ବଜାଇବାକୁ ପଡ଼ିଲା।

"ତୁମେ" ଶବ୍ଦଟା ତା କାନକୁ ଭଲ ଶୁଭିଲା ନାହିଁ। କୌଣସି ପରିଚୟ ନାହିଁ ହଠାତ୍ ତୁମେ ସମ୍ବୋଧନ କରିଦେଲା। ସୁବର୍ଣ୍ଣା ଭାବିଲା – ବୟସ ଦୃଷ୍ଟିରୁ ଏମିତି କହିଲା ନା ଜାଣିଗଲା ମୁଁ ଏହି ଘରେ ଜଣେ ଆଶ୍ରିତା।

– ଏବେ ଚାହା ତିଆରି କିରବ ନା ପରେ କରିବି ?

ବାସନ୍ତୀର ଏହି କଥାରେ ଅନ୍ୟମନସ୍କତାରୁ ଫେରି ଆସିଲା ସୁବର୍ଣ୍ଣା।

–ଯିବା ପୂର୍ବରୁ କରିଦେଲେ ଚଳିବ।

ବାସନ୍ତୀ ତା'ର ଦୈନନ୍ଦିନ କାର୍ଯ୍ୟ କରି ସାରି ଚାଲି ଗଲାଣି କେତେବେଳୁ। ଘରର ଛାତ ଉପରେ ପୁଅକୁ ଧରି ସେ ବୁଲୁଥିଲା। ବୁବୁନ ଅନେକ ଦିନ ପରେ ଆଜି ଠିକ୍ ଭାବରେ ଖାଇଛି। ତେଣୁ ଆନନ୍ଦରେ ସେ ଛାତରେ ଖିଲିଖିଲି ହୋଇ ହସି ହସି ଚାଲୁଥିଲା। କିଛି ସମୟ ପରେ କ୍ଳାନ୍ତ ହୋଇ ବୁବୁନ ତା' ମା' କୋଳରେ ଆଶ୍ରୟ ନେଲା। ପୁଣି ସେ ଡ୍ରଇଁ ରୁମ୍‌କୁ ଫେରି ଆସିଲା। ଡ୍ରଇଁ ରୁମ୍‌ରେ ଟଙ୍ଗା ହୋଇଥିବା ଫଟୋଗୁଡିକ ମଧ୍ୟରେ ଭାଇ ଭଉଣୀଙ୍କ ସହ ତା'ର ମଧ୍ୟ ଗୋଟିଏ ଫଟୋ ରହିଥିଲା। ସେହି ଫଟୋ ପାଖରେ ସେ ଅଟକି ଗଲା। ତା'ର ସାନଭାଇ, ସେ ଓ ହିମାଦ୍ରୀ ଦିଦିଙ୍କର ସେ ଫଟୋ। ସାନଭାଇର ଏବେ ଇଂଜିନିୟରିଂ ଶେଷ ବର୍ଷ। ଆଉ ବର୍ଷେ ପରେ ସେ ଚାକିରୀ ପାଇଯିବ। ହିମାଦ୍ରୀ ଦିଦି ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷୟିତ୍ରୀ। କିନ୍ତୁ ସେ ? ସେ କ'ଣ ? ନିଜର ନିର୍ବୋଧତା ପାଇଁ ନିଜର ଭବିଷ୍ୟତ ଅନ୍ଧାର କରିବା ସହ ଛୋଟ ଛୁଆଟାର ଜୀବନକୁ ନେଇ ଖେଳ ଖେଳୁଛି।

ସନ୍ଧ୍ୟା ନଇଁ ଆସୁଥିଲା। ପାଖ ମନ୍ଦିରରୁ ଶଙ୍ଖ, ଘଣ୍ଟାର ଶବ୍ଦ ଶୁଭୁଥିଲା। ପୁଅକୁ କୋଳରେଧରି ସେ ସେଠାରେ ବସି ରହିଥିଲା।

ସ୍କୁଲରୁ ଫେରି ଗୋଟିଏ ଚିହ୍ନା ଦୋକାନରୁ ବୁବୁନ ପାଇଁ ଡ୍ରେସ କିଣିଥିଲା ହିମାଦ୍ରୀ। ଡ୍ରେସ ବାଛିଲା ବେଳେ ସେ ଭାବୁଥିଲା ମୁଁ ଯାହା କିଣୁଛି ପୁଅକୁ ହେବତ ? କାରଣ ଏସବୁ ଜିନିଷ କିଣିବାରେ କୌଣସି ଅଭିଜ୍ଞତା ନାହିଁ ତା'ର। ସୁବର୍ଣ୍ଣା ପାଇଁ ମ୍ୟାକ୍ସି ଦୁଇଟି କିଣିବାକୁ ଇଚ୍ଛା ହେଉଥିଲା। କିନ୍ତୁ ଆଉ କିଛି ଦିନ ଯାଉ ଭାବି ଚୁପ୍ ହୋଇଗଲା।

ଗତକାଲି ସେ ବାହାଘର ଭୋଜି ଖାଇବାକୁ ଯାଇଥିଲା। ସେଠାରେ ସେ ଜଣକୁ ଦେଖି ଚମକି ପଡ଼ିଲା। ଏତେ ସାମଞ୍ଜସ୍ୟ ଥିବା ଲୋକ କ'ଣ ଅଛନ୍ତି ପ୍ରକୃତରେ। କ୍ୟାଟେରିଙ୍ଗ ପାର୍ଟି କିପରି ପ୍ରିପାରେସନ କରୁଛନ୍ତି ଚାଲି ଯାଇଥିଲା ଦେଖିବାକୁ। ମୁଣ୍ଡରେ ଲୁଗା ଦେଇ ଅନ୍ୟମାନଙ୍କ ସହ ରୁଟି ବେଲୁଥିବା ସ୍ତ୍ରୀ ଲୋକଟି ନିଶ୍ଚୟ "ଖୁକୁ"। ସୁବର୍ଣ୍ଣାକୁ ବହୁତ ସ୍ନେହରେ ତା' ବାପା ଏ ନାଁରେ ତାକୁ ଡାକୁଥିଲେ। ତା' ଜୀର୍ଣ୍ଣ ଶୀର୍ଣ୍ଣ ହାତରେ କାଚର କେଇପଟ ଚୁଡ଼ି। ରାୟ ଚୌଧୁରୀ ବଂଶର ଝିଅ କ୍ୟାଟେରିଙ୍ଗ ପାର୍ଟିରେ ରୁଟି ବେଲୁଛି। ଏହାକୁ ଭାଗ୍ୟର ବିପର୍ଯ୍ୟୟ ଛଡ଼ା ଆଉ କ'ଣ କୁହାଯାଇପାରେ। ଏକଦା ଏହି ଝିଅ କନଭେଣ୍ଟରେ ପଢ଼ି ପଢ଼ି ଦଶମ ପରୀକ୍ଷାରେ ୯୫% ମାର୍କ ରଖିଥିଲା। ସେ ଏ ବିଷୟରେ କାହାରିକୁ କିଛି କହିଲା ନାହିଁ। ସାଙ୍ଗମାନଙ୍କ ସହ ଡିନର ଶେଷ କରି ଗେଟ ପାଖରେ ବସି ରହିଲା। ଅତିଥିମାନେ ଖାଇ ସାରି ଫେରିଗଲେଣି। ଅନେକ ପଚାରୁଛନ୍ତି "ମାଡାମ, ଆପଣ କାହାକୁ ଓଏଟ କରିଛନ୍ତି କି ?" ସଂକ୍ଷିପ୍ତ ଉତ୍ତରଟି ଦେଇ ସେ ଚୁପ୍‌ଚାପ ବସିଥିଲା। ଆଜି ଯଦି ସେ ଏ ସୁଯୋଗ ଛାଡ଼ିଦିଏ, ତେବେ ଆଉ କେବେ ଏପରି ଆସିବ ବୋଲି କହିହେବ ନାହିଁ।

ଡ୍ରାଇଭର ଆସି ଦୁଇଥର ପଚାରି ଗଲାଣି। ତାକୁ ଟିକେ ଅପେକ୍ଷା କରିବାକୁ କହି ସେ ବସି ରହିଛି। ଶେଷରେ ପ୍ରତୀକ୍ଷାର ଅନ୍ତ ହେଲା। କ୍ୟାଟେରିଙ୍ଗ ଲୋକମାନଙ୍କ ସହ "ଖୁକୁ" ବି ଆସୁଛି। ଆଉ ଆଶ୍ଚର୍ଯ୍ୟର

କଥା ତା' କୋଳରେ ଛୋଟ ଶିଶୁଟିଏ। ଜଣେ ଜଣେ ସମସ୍ତେ ଗେଟ୍ ଅତିକ୍ରମ କରିଗଲେ। "ଖୁକୁ" ର ହାତକୁ ସେ ଧରିନେଲା। "ଖୁକୁ" ହିମାଦ୍ରୀକୁ ଦେଖି ଚମକି ପଡ଼ିଲା। ହାତଟାଣି ଚାଲିଯିବାକୁ ଚାହୁଁଥିଲା।

ହିମାଦ୍ରୀ ଗମ୍ଭୀର ସ୍ୱରରେ କହିଲା - ଏଠି ଡ୍ରାମା କରିବାକୁ ଚେଷ୍ଟା କରନି। ମୁଁ ଆଜି ତୋତେ ଆମ ଘରକୁ ନେଇକି ଯିବି। ସୁବର୍ଣ୍ଣାର ସାଥୀମାନେ ଗୁଣ୍ଡ ହୋଇଗଲେ ଆଉ ହିମାଦ୍ରୀଠାରୁ ସବୁ ଶୁଣିବା ପରେ ସେମାନେ ଫେରି ଯାଇଥିଲେ। ଦୁଇ ଭଉଣୀ ଓ ତା' ଛୁଆଟି ହିମାଦ୍ରୀ ଘରକୁ ଆସିଥିଲେ। ଡ୍ରାଇଭର ସମ୍ମୁଖରେ ସେ କିଛି ପଚାରି ନଥିଲା।

କ'ଣ ବା ସେ ପଚାରିଥାନ୍ତା। ମୁଣ୍ଡରେ ସିନ୍ଦୁର ପିନ୍ଧି ଜୀର୍ଣ୍ଣ ଶୀର୍ଣ୍ଣ ଦୁଇଟି ହାତର ଚୁଡ଼ି ଦେଖି ହିମାଦ୍ରୀ ସହି ପାରୁନଥିଲା। ତା'ର ରାଗ ହେଉଥିଲା। ତା'ର ସାନବାପା, ସାନ ବୋଉ ଆଉ ଭାଇ ଉପରେ। ଝିଅଟା ଯେତେ ଭୁଲ କଲେ ବି ତା' ଦୁର୍ଦ୍ଦିନରେ ତା' ପାଖରେ ଠିଆ ହେବା କଥା ସେମାନଙ୍କର।

କାଲି ରାତିରେ "ଖୁକୁ" କହିଲା - ମୁଁ ସେମାନଙ୍କ ସହ ଯୋଗାଯୋଗ ରଖିବାକୁ ଆଉ ଚାହୁଁନାହିଁ। ଚାରିବର୍ଷ ଯେତେବେଳେ ଦୁର୍ଦ୍ଦିନରେ କଟିଲାଣି। କାହାରି ସାହାଯ୍ୟ ବିନା ମୁଁ ଅବଶିଷ୍ଟ ଜୀବନ କାଟି ପାରିବି। ତାଛଡ଼ା ବାପା ମାଙ୍କୁ ଯେଉଁ ଅପମାନ ଦେଇ ମୁଁ ଘର ଛାଡ଼ିଥିଲି, ସେମାନଙ୍କୁ ଆଉ ମୁହଁ ଦେଖାଇବାକୁ ମୋର ଇଚ୍ଛା ନାହିଁ।

ଗାଡ଼ିରେ ତିନି ଚକିଆ ସାଇକେଲଟା ଉଠାଇବା ବେଳେ ବୁବୁନର କଥା ମନେ ପଡୁଥିଲା। ପିଲାବେଳେ ତା' ନିଜର ମଧ୍ୟ ଏହିଭଳି ଗୋଟିଏ ସାଇକେଲ ଥିଲା। ସେବଡ଼ିଯିବା ପରେ ଏଇ "ଖକୁ" ସେ ସାଇକେଲର ମାଲିକ ହୋଇଯାଇଥିଲା ଆଉ ଆଜି ସେଇ "ଖୁକୁ"ର ପୁଅ ପାଇଁ ସାଇକେଲ ନେବାବେଳେ ସବୁ କଥା ମନେ ପଡ଼ିଯାଉଛି। ଆଉ ଆମ ଏ ସମ୍ପର୍କ ଠିକ୍ ସିତାରର ତା'ର ପରି। ଗୋଟିଏ ତା'ରରେ ହାତ ମାରିଲେ ଅନ୍ୟ ଗୋଟିଏ ତା'ରରେ ହାତବାଜି ସେ ସ୍ୱର କରି ବାଜି ଉଠେ।

ସନ୍ଧ୍ୟା ନଇଁ ଆସିଥିଲା। ଘରେ ଛୁଆଟିକୁ ନେଇ ଏକାଥିବ "ଖୁକୁ"। କିଛି ଜାଣିବା ପାଇଁ ସେ କଲ୍ ବି କରିପାରିବନି କାରଣ ତା' ନିକଟରେ ମୋବାଇଲ ଫୋନ୍ ନାହିଁ। ନୂତନ ଯାଗା ସମସ୍ତଙ୍କୁ ଭଲ ଲାଗେ ନାହିଁ। କ'ଣ କରୁଥିବ ସେ ଏବେ କେଜାଣି? "ଖୁକୁ" ପାଇଁ ତା' ମନଟା ଆକ୍ତାବ୍ରା ହୋଇଯାଉଥିଲା। ଗୋଟିଏ କ୍ୟାବ୍ ବୁକ୍ କରି ସେ ଘରେ ପହଞ୍ଚିଗଲା। କଲିଂବେଲ ମାରିବା ମାତ୍ରେ "ଖୁକୁ" ଦରଜା ଖୋଲିଦେଲା।

ସାଇକେଲଟା ତା' ହାତକୁ ବଢ଼େଇ ଦେଇ ହିମାଦ୍ରୀ କହିଲା ଏଇଟା "ବୁବୁନ"ର। ବୁବୁନ ବଡ଼ବଡ଼ ଆଖି କରି ସେ ସାଇକେଲଟିକୁଚାହିଁଥିଲା। "ଖୁକୁ" କିନ୍ତୁ ଏତେଟା ଖୁସି ଜଣାପଡୁନଥିଲା। ହିମାଦ୍ରୀ କହିଲା - ସାଇକେଲଟା ଭଲ ହୋଇଛି ନା - ଜୀବନରେ ପ୍ରଥମ ଥର ପାଇଁ କେହି ବୁବୁନୁକୁ କିଛି ଦେଇଛି। ଖରାପ କାହିଁକି କହିବି।

"ବୁବୁନ" ସାଇକେଲ ପାଇ ଖେଳିବାକୁ ଲାଗିଲା। ହିମାଦ୍ରୀ ଡ୍ରେସ ଚେଞ୍ଜ କରି ବାଥରୁମ୍ ଭିତରକୁ ଚାଲିଗଲା। ସେ ଝରକା ଦେଇ ବାହାରକୁ ଚାହିଁ ଭାବୁଥିଲାତା' ବିପର୍ଯ୍ୟୟର କଥା। ବାହାଘରର ଛଅ ମାସ ପରେ ସେ ଅନୁଭବ କଲା ସେ ଅନ୍ତସତ୍ତ୍ୱା। କ'ଣ କରି ପାରିଥାନ୍ତା ସେ ଗୋଟିଏ ବର୍ଷ ପାଖାପାଖି ରାଣା ତା' ପାଖରେ ଥିଲା। ଯେତେବେଳେ ବୁବୁନ ତା ପେଟରେ ବଢୁଥିଲା। କିନ୍ତୁ ବୁବୁନ ଜନ୍ମ ହେବା ପରେ ତା' ବାପାକୁ ଦେଖିନାହିଁ। କୁଆଡ଼େ ଗଲା ସେ କିଛି ପତ୍ତା ମିଳିଲାନି। ବସ୍ତିର ଲୋକମାନେ ବହୁତ ଭଲ। ସେଇମାନଙ୍କ ଅକୁଣ୍ଠ ସାହାଯ୍ୟରେ ସେ ବୁବୁନକୁ ଜନ୍ମ ଦେଇଥିଲା।

ହିମାଦ୍ରୀ ଦିଦିର ଡାକରେ ସେ ସଚେତନ ହେଲା। ସେ, ହିମାଦ୍ରୀ ଦିଦି ଓ ବୁବୁନ ଡାଇନିଂ ଟେବୁଲ ପାଖରେ ବସିଲେ। ହିମାଦ୍ରୀ ଦିଦି ବୁବୁନକୁ କୋଳରେ ବସେଇ ହାତରେ ଖୋଇଦେଲା। ବୁବୁନ ହସିହସି ଖାଦ୍ୟ ଖାଉଥିଲା। ସୁବର୍ଣ୍ଣା କିନ୍ତୁ ଏକ ଥାରେ ବେଶି ଖୁସି ହୋଇ ପାରୁନଥିଲା। ସେ ଚାହୁଁନଥିଲା ବୁବୁନ ଓ ତା ମଝିରେ କେହି ଆସୁ।

ହିମାଦ୍ରୀ ଦିଦି ବୁବୁନକୁ ପାଇ ବହୁତ ଖୁସି ହୋଇଯାଇଥିଲା। ରାତିରେ ତିନି ଜଣ ଗୋଟିଏ ଖଟରେ ଶୋଉଥିଲେ। ହିମାଦ୍ରୀ ଦିଦି ବୁବୁନକୁ ଟାଣି ନେଇ ନିଜ କୋଳରେ ଶୋଇ ପକାଉଥିଲା। ଶିଶୁ ସଦାସର୍ବଦା ସ୍ନେହର ବଶବର୍ତ୍ତୀ। ସେଥିରୁ ବୁବୁନ କେମିତି ବାଦ ପଡ଼ନ୍ତା।

ହିମାଦ୍ରୀ ଦିଦିର ଏ ଭଲ ପାଇବା ତାକୁ ଅନେକ କଷ୍ଟ ଦେବାକୁ ଆରମ୍ଭ କଲା। ସୁବର୍ଣ୍ଣା ଭାବିଲା "ସେ ତ ଏମିତି ଚାହିଁ ନଥିଲା। କାହିଁକି ଏପରି ଘଟୁଛି। ବୁବୁନ କ'ଣ ତା' ପାଖରୁ ଧୀରେ ଧୀରେ ଦୂରେଇ ଯିବ। ସେ ତା' ବାପା-ମାଙ୍କୁ ଅପମାନ ଦେଇ ରାଣା ହାତ ଧରି ଘର ଛାଡ଼ିଥିଲା। ବାପା-ମା କେତେ ଅଭିଶାପ ଦେଇଥିବେ। ସେ ଅଭିଶାପ ମୋତେ ଲାଗିଗଲା କି? ସେହି ଅଭିଶାପ ପାଇଁ କ'ଣ ବୁବୁନ ମୋ ପାଖରୁ ଚାଲିଯିବ?

ସକାଳ ହେବା ଆଗରୁ ନିଦ ଭାଙ୍ଗିଗଲା ତା'ର। ଦେଖିଲା ବୁବୁନ ହିମାଦ୍ରୀ ଦିଦିର ବେକକୁ ଧରି ନିଶ୍ଚିନ୍ତରେ ଶୋଇ ପଡ଼ିଛି। ସେ ଅପେକ୍ଷା କଲା। ବୁବୁନ କେତେବେଳେ କଡ଼ ଲେଉଟଟେଇବ। ତାକୁ ଧରି ସେ ଚାଲିଯିବ। ହେଲେ ସେ ଯିବ କୁଆଡ଼େ? ବସ୍ତିର ସେ ଅଧାଫୁଟା ଟାଇଲ ଛପର ଘରକୁ, ଯେଉଁଠି ଦିନରେ ଖରା, ରାତିରେ ତାରା ଦେଖାଯାଏ। କ'ଣ କରିବ କିଛି ସ୍ଥିର କରିପାରୁନଥିଲା। ଏ ସୁଖ ସୁବିଧାକୁ ଛାଡ଼ିବାକୁ ଇଚ୍ଛା ବି ନଥିଲା କିନ୍ତୁ ତା' ବଦଳରେ ବୁବୁନ ...। ନା, ସେ ଚାଲିଯିବ। ବୁବୁନକୁ ନେଇ ସେ ଅନେକ ଦୂରକୁ ଚାଲିଯିବ।

ବାଥରୁମ୍ କାମ ସାରି ତା' ଲୁଗାପଟା ଘରେ ପଶିଲା ସୁବର୍ଣ୍ଣା। ହିମାଦ୍ରୀ ଦିଦିର ମାକ୍ସି ଓହ୍ଲାଇ ଦେଇ ନିଜର ସେ ପୁରୁଣା ଲୁଗା ପିନ୍ଧିଲା। ଲୋଚାକୋଚା ହୋଇ ବନ୍ଧା ହୋଇଥିବା ତା' ପୁଟୁଳିକୁ ହାତରେ ଧରିଲା। ଧୀରେ ଧୀରେ ଯାଇ ବୁବୁନକୁ ବିଛଣାରୁ ଉଠାଇ ଛାତିରେ ଚାପି ଧରିଲା। କବାଟ ଆଡ଼କୁ ସନ୍ତର୍ପଣରେ ଯାଉ ଯାଉ ପଛକୁ ଫେରି ଚାହିଁଲା। ହିମାଦ୍ରୀ ଦିଦି ଶୋଇ ରହି ହସୁଥିଲା।

ସେ ଆଉ ଅପେକ୍ଷା ନ କରି କବାଟ ଖୋଲି ବାହାକୁ ବାହାରି ଆସିଲା। ରାସ୍ତାରେ ଲାଇଟ ସବୁ ତାକୁ ପଚାରୁଥିଲେ ତୁ କୁଆଡ଼େ ଯିବୁ? ସିଧା ଚାଲୁଚାଲୁ ତା' ପାଟିରୁ ବାହାରି ଆସିଲା ଦୂରକୁ...। ବହୁ ଦୂରକୁ।

*ସମ୍ପାଦକ "ପରାଗ"*
*ଆଳି, କେନ୍ଦ୍ରାପଡ଼ା।*

# ମୃତ୍ୟୁ ପଛରେ ...

**ଆଶାରାଣୀ ପଣ୍ଡା**

ଆଜକୁ ଛଅମାସ ହୋଇଗଲା ନୀଳିମାଙ୍କ ନୂଆ ପଡୋଶୀ ଗୃହ ପ୍ରତିଷ୍ଠା କରି ଗୃହ ପ୍ରବେଶ କରିଥିଲେ। କିଛି ଦିନ ହେବ ଘର କାମ ଚାଲିଥିଲା। ଘର ପ୍ରତିଷ୍ଠା ଖୁବ୍ ଧୁମ୍‌ଧାମରେ ହୋଇଥିଲା। ବହୁତ ଦାମୀ, ଦାମୀ ଗାଡ଼ି ଆସିଥିଲା। ସହରର ବହୁ ମାନ୍ୟଗଣ୍ୟ ଲୋକ ଏ ଉତ୍ସବରେ ଯୋଗଦେଇଥିଲେ। ଏଥିରୁ ଜଣାପଡ଼ିଥିଲା ନୀଳିମାଙ୍କ ପଡୋଶୀ ଖୁବ୍ ନାମି, ଦାମୀ ବ୍ୟକ୍ତି। ନୀଳିମା ପରିବାର ସହ ଯାଇ ଭୋଜି ଭାତରେ ଆପ୍ୟାୟିତ ହୋଇ ଫେରିଥିଲେ। ସେଦିନ ନୀଳିମା କେବଳ ମହାପାତ୍ର ବାବୁଙ୍କୁ ସସ୍ତ୍ରୀକ ଦେଖିଥିଲେ। ତାଙ୍କ ଭାଇ, ଭଉଣୀଙ୍କୁ ଦେଖିନଥିଲେ। ବାପା, ମାଆଙ୍କୁ ଦେଖି ନଥିଲେ। ନିକଟ ସମ୍ପର୍କୀୟଙ୍କ ଗହଳି ଏତେ ଥିଲା ଯେ କାହାକୁ ଜାଣିବାର ଅବକାଶ ନଥିଲା। ଯା ପରେ ବଡ ବଡ ଟ୍ରକରେ ଜିନିଷ ବୁହା ହେଲା, ମହାପାତ୍ର ବାବୁଙ୍କ ଫ୍ୟାମିଲି କାର୍‌ରେ ଆସିଲେ। ସବୁ କିଛି ବାଲ୍‌କୋନିରେ ବସି ନୀଳିମା ଦେଖିଥିଲେ। ଭଦ୍ରାମୀ ଦୃଷ୍ଟିରୁ ଗୃହକର୍ତ୍ତୀଙ୍କୁ କହିଥିଲେ ଆମେ ଏଇ ପାଖରେ ଅଛୁ। ଯଦି କିଛି ଦର୍କାର ହୁଏ ତେବେ ମତେ କହିବେ। କିନ୍ତୁ ସେପଟରୁ କିଛି ଦର୍କାର ପଡ଼ିନି। ସ୍ୱାଭାବିକ ଢଙ୍ଗରେ ଦିନ ସବୁ ଗଡି ଯାଉଥାଏ। ଯଦି କେବେ ଗେଟ୍ ପାଖରେ କି ବଗିଚାରେ ମୋର ଭଦ୍ର ମହିଳାଙ୍କ ସହ ଦେଖାହୁଏ ତେବେ ସିଏ କଥା ଆରମ୍ଭ କରନ୍ତି। ବ୍ୟସ୍ତତାର ସହ, କାରଣ ତାଙ୍କର ଅଶୀତିପର ବୟସର ଶାଶୁ ତାଙ୍କ ପାଖରେ ରହୁଛନ୍ତି। ସେଥିପାଇଁ ଇଏଘର ଛାଡି କୁଆଡ଼େ ଯାଇ ପାରୁନାହାଁନ୍ତି। ନୀଳିମା ପଚାରନ୍ତି ଆପଣଙ୍କର କ'ଣ କେହି ଦିଅର, ନଣନ୍ଦ ନାହାଁନ୍ତି। ସିଏ କୁହନ୍ତି ଦିଅର ଆମେରିକାରେ ସ୍ଥାୟୀ ବାସିନ୍ଦା। ନଣନ୍ଦଙ୍କୁ ମା'ଙ୍କୁ ଦେଖିଯିବାକୁ ସମୟ ମିଳେନି। ମା' ବି ଏପରି ଯେ ମତେ ଟିକେ ସହଯୋଗ ନ କରି ହଇରାଣ କରୁଛନ୍ତି। ନୀଳିମାଙ୍କୁ କଥାଟା ଭଲ ଲାଗିଲାନି। ନୀଳିମା ବୟସ୍କା ବୁଢ଼ାବୁଢ଼ୀଙ୍କୁ ଭଲପାନ୍ତି। ସେମାନଙ୍କୁ ଦେଖିଦେଲେ ଭକ୍ତିରେ ମୁଣ୍ଡ ନଇଁଯାଏ। କେଇଦିନ ପରେ କିଛି ଫଳ ଆଉ ମିଠା ନେଇ ମହାପାତ୍ର ବାବୁଙ୍କ କଲିଂ ବେଲ୍‌ରେ ହାତଦେଲେ, ମିସେସ୍ ମହାପାତ୍ର ଯାଙ୍କୁ ଦେଖି ଖୁସି ହେଲେ। ମା'ଙ୍କୁ ଦେଖା କରିବାକୁ ଚାହିଁବାରୁ କହିଲେ ମା' ଏବେ ବିଶ୍ରାମ ନେଉଛନ୍ତି। ନିଦ ଭାଙ୍ଗିଗଲେ ଆଉ ଥରେ ହେବନି। ନୀଳିମା ଆଉ କିଛି ନକହି ଫେରି ଆସିଥିଲେ। ଯା ପରେ ବେଶ୍ କିଛି ଦିନ ଅତିକ୍ରାନ୍ତ କରି ଯାଇଥିଲା। ଦିନେ ସକାଳୁକାମବାଲୀ ଖବରଦେଲା ପଡ଼ିଶା ଘର ମା' କାଲି ରାତିରେ ଚାଲିଗଲେ। ନୀଳିମା ଚମକି ପଡ଼ିଲେ। ପଡ଼ିଶା ଘର ହୋଇ ସିଏ କିଛି ଜାଣି ପାରିଲେନି କିପରି। ଆହାଃ ଚାଲିଗଲେ ସିନା ନୀଳିମା ତାଙ୍କୁ ଟିକେ ଶେଷ ଦର୍ଶନ ବି କରି ପାରିଲେନି। ପାହାନ୍ତା ପହରୁ ଶବ ନେଇ ଦାହ କରିଦେଲେ କିଛି ବି ଗହଳି ଚହଳି ଲାଗିଲାନି। ଭାରି ଅଡୁଆ ଲାଗୁଥିଲା ନୀଳିମାଙ୍କୁ ବାହାରକୁ ଯାଇ ଦେଖିଲେ ଶ୍ମଶାନର ନୀରବତା ଛାଇ ଯାଇଛି।

ଏଇ ସାଙ୍ଗେ ସାଙ୍ଗେ ତାଙ୍କ ଘରକୁ ଯିବା ଉଚିତ ହେବନି। ତିନି ଦିନ ପରେ ସସ୍ୱାମୀ ଅବିନାଶ କହିଲେ ଆଜି ଆମେ ଦୁହେଁ ତାଙ୍କ ଘରକୁ ଯାଇ ସଙ୍ଖୁଳି ଆସିବା, ପଡ଼ିଶା ଘରଟା ଆଜି ନଯାଇ ଭୋଜି ଖାଇବାକୁ ଗଲେ ଖରାପ ଲାଗିବ। ଭଦ୍ରାମୀ ବୋଲି ଶବ୍ଦଟିଏ ଅଛି ତ ? ଏୟା ଭାବି ଦୁଇଜଣ ଯାକ ମହାପାତ୍ର ବାବୁଙ୍କ ଘରକୁ ଗଲେ, ଦୁଇଜଣ ଗେଟ୍ ଖୋଲି ଘର ଭିତରକୁ ଗଲେ ଦାଣ୍ଡ ଦରଜା ଖୋଲାଥିଲା। ମହାପାତ୍ର ବାବୁ ଘରେ ଥିଲେ। ଖୁବ୍ ଆଦରରେ ଘରକୁ ପାଛୋଟି ନେଲେ। ନୀଳିମା ଲକ୍ଷ୍ୟ କଲେ ଘରେ ମୃତିକିୟାର ଚିହ୍ନ ନାହିଁ। କେହି ଦୁଃଖିତ ନୁହଁନ୍ତି। ମହାପାତ୍ର ବାବୁଙ୍କ ସାନ ଭାଇ ବୋଧେ ଆମେରିକାରୁ ଆସି ଯାଇଛନ୍ତି। ପିଲାମାନେ କ୍ୟାରମ୍ ଖେଳିବାରେ ବ୍ୟସ୍ତ, ଟିଭିରେ ସିନେମା ଚାଲିଛି କେହି ବି ସେଥିରେ ବ୍ୟସ୍ତ ଅଛନ୍ତି। ଘରେ କେହି ମ୍ୟାଗି ଆଉ କେକ୍ ଖାଇଥିଲେ। ଅଇଁଠା ପ୍ଲେଟ ଏଣେତେଣେ ପଡ଼ିଛି। ଘରର ପରିଚାଳିକା ସ୍ନାକ୍ସ ସହ କଫି ଏମାନଙ୍କ ପାଇଁ ଆଣିଦେଲା। ସେସବୁ ଗ୍ରହଣ କରିବା ପୂର୍ବରୁ ନୀଳିମା ଆଉ କିଛି ଦେଖିବାକୁ ଡାଇନିଂ ପ୍ଲେସ୍‌କୁ ଉଠିଗଲେ। ସେଠାରେ ଗୋଟିଏ ବଡ ତୈଳଚିତ୍ରକୁ ସଫା କରାଯାଉଥିଲା। ଘରର କାମ କରୁଥିବା ଲୋକ ଏସବୁ କରୁଥିଲେ। ଫଟୋଟିକୁ ଦେଖି ଚମକି ପଡ଼ିଲେ ନୀଳିମା। ଆରେ ଏଇଟା ତ ଲତାଦିଦିଙ୍କର ଫଟୋ। ପ୍ରକାଶରେ କହିଲେ ଏ ଫଟୋ କାହାର ? ଲୋକଟି କହିଲା ବାପ ମା'ଙ୍କର। ଯିଏ ଚାରିଦିନ ହେଲା ସଂସାର ତ୍ୟାଗ କରିଛନ୍ତି। ନୀଳିମା ସ୍ତମ୍ଭିଭୂତ ହୋଇଗଲେ। ଆରେ ମହାପାତ୍ର ବାବୁଙ୍କ ମା' ଲତା ଦିଦି ଯିଏକି ଦିନେ ନୀଳିମାଙ୍କର ଶିକ୍ଷୟିତ୍ରୀ ଥିଲେ। ନୀଳିମାଙ୍କ ବାପଘର ପୁରୀ, ସିଏ ପିଲାଦିନେ ପୁରୀ ଜିଲ୍ଲା

ହାଇସ୍କୁଲରେ ପାଠ ପଢୁଥିଲେ । ସେଇ ସମୟରେ ଲତା ଦିଦି ସେଇ ସ୍କୁଲ୍‌ର ବିଜ୍ଞାନ ଶିକ୍ଷୟିତ୍ରୀ ଥିଲେ । ଯେମିତି ସୁନ୍ଦରୀ ସେମିତି ସ୍ନେହୀ । ମାଛିକୁ ମ କୁହନ୍ତିନି । ସିଏ ଯେ ମହାପାତ୍ର ବାବୁଙ୍କର ମା' ଏକଥା ନୀଳିମା କିପରି ଜାଣି ପାରିଲେନି । ଏତେ ପାଖରେ ଥାଇ ସିଏ ଦିଦିଙ୍କୁ ଶେଷ ଦର୍ଶନ କରିପାରିଲେନି । ସିନେମା ଫର୍ଦ୍ଦ ପରି ଦୃଶ୍ୟ ସବୁ ଦୃଷ୍ଟି ଗୋଚର ହେଉଥିଲା । ବେତ ଧରି ଶାସନ କରୁଥିବା ଛବି, ପ୍ରଣାମ କଲେ ମୁଣ୍ଡ ଉପରେ ହାତ ରଖିଥିବା ଦୃଶ୍ୟ, ଗଣିତର ସୂତ୍ର ସବୁକୁ ପ୍ରାଞ୍ଜଳ ଭାବେ ବୁଝାଉଥିବା ଚିତ୍ର ପିଠାପଣା ଆଦି ନିଜ ହାତରେ ଖୁଆଇ ଦେଉଥିବା ଦୃଶ୍ୟ, ସାହିର ଶେଷ ଘରେ ଭଡ଼ା ସୂତ୍ରରେ ରହୁଥିଲେ । ସ୍ୱାମୀ ଖୁବ୍ ଶୀଘ୍ର ଆରପାରିକୁ ଚାଲି ଯାଇଥିଲେ । ପୁଅ ଦୁହିଁଙ୍କୁ ହଷ୍ଟେଲରେ ରଖିଥିଲେ । ଝିଅ ସୁରଭୀ ତାଙ୍କ ପାଖରେ ରହୁଥିଲା । ସିଏ ନୀଳିମାଙ୍କର ସାଙ୍ଗ ଥିଲା । ତାଙ୍କ ପରି ସ୍ନେହଶୀଳା ମହିଳା କଳିକାଳରେ ବିରଳ, ସିଏ ପୁଣି ଏତେ ବଦନାମ୍ ନେଇ ସଂସାର ତ୍ୟାଗ କଲେ ଭାବିଲେ ନୀଳିମାଙ୍କ ଛାତି କୋହରେ ଫାଟି ପଡୁଛି । ପୁରୀରୁ ଦିଦି ଭୁବନେଶ୍ୱରର ପଟିଆ ସ୍କୁଲକୁ ବଦଳି ହୋଇ ଯାଇଥିଲେ । କେଇ ଦିନ ଯାଏଁ ସୁରଭୀ ସହ ଚିଠିର ଆଦାନ ପ୍ରଦାନ ହେଉଥିଲା ।

ୟା ପରେ ନିଜ ନିଜର କର୍ମଜଞ୍ଜାଳରେ ଦୁହେଁ ନୀରବିଗଲେ । ସେଦିନ ମିସେସ୍ ମହାପାତ୍ର ସାନଯାଆକୁ ସାଙ୍ଗରେ ନେଇ ଲୁଗାପଟା କିଣିବାକୁ ମାର୍କେଟ ଯାଇଥିଲେ । ମହାପାତ୍ର ବାବୁଙ୍କୁ ସବୁ କଥା କହିଲା ନୀଳିମା, ସିଏବି ଆଶ୍ଚର୍ଯ୍ୟ ହୋଇ ଅନାଇ ରହିଲେ । ସୁରଭିର ଫୋନ୍ ନଂ. ଆଣି ଘରକୁ ଆସିଲା । ଦିନ ଯାକ କିନ୍ତୁ କିଛି ଭଲ ଲାଗିଲାନି । ସନ୍ଧ୍ୟା ପରେ ସୁରଭିକୁ ଫୋନ୍ କଲା, ଆଗ ସିଏ ଚିହ୍ନି ପାରିଲାନି । ସବୁ ଶୁଣିବାରୁ ଜାଣି ପାରିଲା ଏଥରକ ଫୋନ୍‌ରେ ବି ଭୋ ଭୋ ହୋଇକାନ୍ଦିଲା ସୁରଭୀ । ମନ କଥା ସବୁ ଗପି ଦେଲା ବାଲ୍ୟ ସଙ୍ଗିନୀ ଆଗରେ । ବଡ଼ ଭାଉଜ ବଡ଼ ଘର ଝିଅ, ତାଙ୍କ ଘରକୁ କିଏ ଗଲେ ସିଏ ଭଲ ପାଆନ୍ତିନି । ପରିସ୍ଥିତିରେ ପଡ଼ି ଶାଶୁଙ୍କୁ ରଖିଥିଲେ । କିନ୍ତୁ ଶ୍ରଦ୍ଧା, ଭକ୍ତି ନଥିଲା । ସୁରଭି ଦର୍କାର ନଥିଲେ ଆସେନି । ମା'ର ଅବହେଳା ସହି ପାରେନି, ଇତ୍ୟାଦି... । ଆଉ ଶୁଣି ପାରୁନଥିଲେ ନୀଳିମା, ଆଖିକୁ ଲୁହ ଆସି ଯାଇଥିଲା । ପିଲାମାନଙ୍କୁ ମଣିଷ କରିବା ପାଇଁ କରିଥିଲେ କୁଚ୍ଛ ସାଧନା ଲତା ଦିଦି । କିନ୍ତୁ ପରିଣତ ବୟସରେ ଏତେ କଷ୍ଟ ପାଇଲେ, ପରମେଶ୍ୱରଙ୍କ ଉଦ୍ଦେଶ୍ୟରେ ହାତ ଯୋଡୁଥିଲେ ତାଙ୍କ ଆତ୍ମା ସଦ୍‌ଗତି ପାଉ ବୋଲି ।

*ଦୂରଭାଷ: ୯୯୩୮୧୯୯୪୧୪*


## କ୍ଷୀରୋଦ ଦାସଙ୍କ ପ୍ରକାଶିତ ପୁସ୍ତକ ସମୂହ



ଗଳ୍ପ ସଂକଳନ
- ଅସୁସ୍ଥ ସମୟ
- ନିରବତାର ଭାଷା
- ମୂକ ରାଜଜେମା
- ଭୋକ
- ଅନେକ ଯନ୍ତ୍ରଣା ଓ ଅନ୍ୟାନ୍ୟ ଗଳ୍ପ
- ସତସତିକା ଖେଳ
- ମୁଠାଏ ଦୀର୍ଘଶ୍ୱାସ
- କାଠ କଣ୍ଢେଇ
- ନିଃଶବ୍ଦ ପଦଧ୍ୱନି
- ଅନ୍ଧାରର ଆତ୍ମଲିପି
- ନବଘନର ଘର
- କଥାକଳ୍ପ
- ସଞ୍ଜ ସଙ୍ଗୀତ
- ମୁକ୍ତି ଓ ଅନ୍ୟାନ୍ୟ ଗଳ୍ପ
- ଶୂନ୍ୟ ଉପତ୍ୟକା
- ଅଧ୍ୟାୟ ଅଷ୍ଟାଦଶ
- ବୋଲେ ହୁଁ'ଟି
- ବନ୍ଦିନୀ ଓ ଅନ୍ୟାନ୍ୟ ଗଳ୍ପ
- ପୂର୍ଣ୍ଣ ପ୍ରତ୍ୟୁଷ

ଉପନ୍ୟାସ
- ସଂପର୍କର ସୂତାଖିଅ
- ବେଦନାର ବେଦ
- ପ୍ରିୟ ପୃଥିବୀ
- ଆଞ୍ଜୁଳାଏ ମୁକ୍ତି
- କଳାଜାଇ
- ଶେଷଦୃଶ୍ୟ
- ମହାନାୟକ
- ପ୍ରିୟ ପଞ୍ଚକ

ସଂପାଦନା
- ସମାରୋହ ଶ୍ରେଷ୍ଠଗଳ୍ପ
- ପ୍ରିୟଗଳ୍ପ
- ଜୀବନ
- ଗଳ୍ପର ଗାଁ
- ବାପା
- ବୋଉ
- ଝିଅ

9437163002

# ସେଇ ବୁଢାଟା ବଦମାସ୍

ସୁବାସ ମହାନ୍ତି

ଦଶହରା ଉପଲକ୍ଷେ ଦୁର୍ଗା ପଡ଼ିଆରେ ହେଉଥିବା ଅନ୍ଧ ପୁତୁଳି ଖେଳର ମଜା ନେଉଛନ୍ତି ଦର୍ଶକ। ମାତ୍ର ଦଶ ଟଙ୍କା ଟିକେଟ ବିନିମୟରେ ଆକର୍ଷଣୀୟ ପୁରସ୍କାର ରହିଛି। ଏହି ଖେଳକୁ ଦେଖି ନାରଣର ଲୋଭ ହେବାରୁ ସେ ଖେଳରେ ଭାଗ ନେଲା। ନିର୍ଦ୍ଧାରିତ ସ୍ଥାନରେ ଥିବା ମାଟି ଆଟିକାକୁ ଯିଏ ଭାଙ୍ଗି ଦେବ ସେ ପାଇବ ଫୁଲ, ଫଳ, ମାନପତ୍ର ସହିତ ପୁରସ୍କାର ରାଶି।

ନାରଣ ଆଖିରେ ଅନ୍ଧ ପୁତୁଳି ବାନ୍ଧି ହାତରେ ବାଡ଼ି ଖଣ୍ଡେ ଧରି ଚାଲୁଥିବା ବେଳେ ଉପସ୍ଥିତ ଜନତା ହସିଲେ। ସେ ଅଧା ବାଟ ଯାଇ ଫେରି ଆସିବାରୁ ଆହୁରି ହସ ସାଙ୍ଗକୁ ତାଳିର ଶବ୍ଦରେ କମ୍ପାଇ ଦେଲେ ଆବାଳବୃଦ୍ଧବନିତା। ଖେଳ ଶେଷ ହେବା ଆଗରୁ ସେ ଫେରିବା ବାଟରେ କେତେ କ'ଣ କଥା ଭାବିଭାବି ଘରେ ପହଞ୍ଚି ଗଲା।

ନାରଣ ଆମ ଗାଁର ଜଣେ ଅଭାବୀ ଓ ଗରିବ ଲୋକଙ୍କ ମଧ୍ୟରେ ଥିଲା ଅନ୍ୟତମ। ଅଣ୍ଟାରେ ଦଶ ଟଙ୍କା ଖୋସି ଆଣିଥିଲା ସେ ପୂଜାରେ ଖର୍ଚ୍ଚ କରିବାକୁ। ସେତକ କରି ପାରିଲା ନାହିଁ ତେଣୁ ଏ ବର୍ଷ ଦଶହରା ତା' ପାଇଁ ପୁରା ଫିକା ପଡ଼ିଗଲା ବୋଲି ବୋଲି କହୁକହୁ କହିଲା ମୋତେ।

ତା' କଥା ଶୁଣି ମୁଁ ଗଭୀର ଭାବରେ ଏହାକୁ ଚିନ୍ତନ ମନନ କରି ଚାଲୁଥିଲି ଆଜକୁ ଦୁଇ ବର୍ଷ ଧରି।

ଏଇ ସମାଜରେ କିଛି ଲୋକ ତୁମର ଉଭୟ ସଫଳତା ଓ ବିଫଳତାରେ ଟାହି ଟାପରା କରିବାକୁ ମନସ୍ଥ କରୁଛନ୍ତି ? ବହିରେ ପଢିଥିବା ପାଠକୁ ସେମାନେ କାମରେ ଲଗାଇବାକୁ ନାପସନ୍ଦ କରନ୍ତି। ପରିହାସ କରି ମଜା ନେବାରେ ସେମାନଙ୍କର ଏକ ସଉକରେ କାହିଁକି ପରିଣତ ହେଲାଣି ? ତେବେ ଏହାର ଗୁଢ଼ ରହସ୍ୟ ସେମାନଙ୍କୁ ଜଣାଥିବା ମୁଁ ନିଜକୁ ନିଜେ କହୁଥିଲି ।

ନାରଣ ସହିତ ଅଚାନକ ଦିନେ ମୋର ଭେଟ ହେଲା ତିହିଡି ପୁରୁଣା ହାଟ ବଜାରରେ। ସେ ବ୍ୟସ୍ତ ଥିବା ପରି ଲାଗିବାରୁ ମୁଁ ତାକୁ ପଚାରିଲି କ'ଣ ହେଇଛି କି ତୋର ସମସ୍ୟା ?

ସେ କହିଲା ଆପଣଙ୍କ ପରି ବାବୁ ଲୋକମାନେ ସେଥିରେ ମୁଣ୍ଡ ପୁରାଇଲେ ପାଗଳ ହେଇଯିବେ।

ହଉ ଶୁଣନ୍ତୁ

ଜୀବନରେ ଦୁଃଖିଙ୍କ ଦୁଃଖରେ ଯିଏ ସାମିଲ ହେଉଛନ୍ତି ସେମାନଙ୍କ ଦୁଃଖ ବଢିଯାଉଛି। ମୁଁ ଭାବୁଛି ଏମାନଙ୍କୁ ସାହାଯ୍ୟ କରିବା, ସହାନୁଭୂତି ଦେଖାଇବା ଆଦୌ ଭଲ ପ୍ରଥା ନୁହଁ। ଜାଣି ରଖିବା ଉଚିତ୍ ସେମାନଙ୍କ ପ୍ରତି ସଦୟ ମନୋଭାବ ପରିବର୍ତ୍ତେ ନିର୍ଦ୍ଦୟ ହେଲେ ତୁମର ଲାଭ ହିଁ ଲାଭ ହୁଏ। ଗରିବଙ୍କ ମୁଣ୍ଡରେ ଅବା ପିଠିରେ ପାଦ ରଖି ଉପରକୁ ଉଠିଯିବା ପାଇଁ ପ୍ରୟାସ ଜାରି ରଖିବା ଗୋଟିଏ ଭଲ ଅଭ୍ୟାସ।

ଦେଖ ଭଲକରି ନିରୀକ୍ଷଣ କର ବାବୁ, ଯେଉଁମାନେ ଟଙ୍କାର ପାହାଡ଼ ଉପରେ ବସିଛନ୍ତି, ଧନରେ ବଡ଼ ହେଇଛନ୍ତି ଅତୀତରେ ସେମାନଙ୍କର ରୀତିନୀତି କ'ଣ ଥିଲା ? ସେହି ଲୋକଙ୍କ ଠାରୁ କିଛି ନା କିଛି ଶିଖ । ହଁ ଏମାନଙ୍କୁ ଦୟା, ଧର୍ମ ଦେଖାଇଲେ ତୁମ ପାଦ ଚାଟି ପକାଇ ତ ଆଉକେବେ ଚୁଟି ଧରି ସାବାଡ କରି ଦିଅନ୍ତି ଦରିଦ୍ର ବୋଲାଉଥିବା କେତେକ ।

କଥାରେ ଅଛି ପରା ଗରିବଙ୍କୁ ନ କରିବ ଦୟା, ଗରିବଙ୍କର ଅନୁକୋଟି ମାୟା।

ଏହା ତୁମକୁ ମିଛ ଲାଗିପାରେ କିନ୍ତୁ ଶତକଡ଼ା ଶହେରୁ ଅଧିକ ଅଂଶ ସତ ହେଇଥିବା ମୋ ଅଭିଜ୍ଞତା ବାରବାର କହୁଛି ।

ହଁ ବାବୁ !

ଆପଣମାନେ ମାଇକ୍ ଧରି ଯାହା ଭାଷଣ ଦିଅନ୍ତି, ଉପଦେଶ ଛଳରେ କୁହନ୍ତି କାମରେ ତାହା କରନ୍ତି କି ? ବୋଲି ମୁଁ ଭାବନା ଚାରିଛକରେ ଠିଆ ହେଇ ପଡିଛି।

ସଭାମଞ୍ଚରେ ଏକଦା ଜଣେ ବକ୍ତା ବକ୍ତବ୍ୟ ଦେଉଥିଲେ ଅନାହାରଙ୍କୁ ଆହାର ଦେବା ଆମ ସମସ୍ତଙ୍କର ମୌଳିକ କର୍ତ୍ତବ୍ୟ। ମାନବ ସେବା ହିଁ ମାଧବ ସେବା। ମନ୍ଦିରରେ ଭଗବାନ ନାହାଁନ୍ତି ଏମାନଙ୍କ ଠାରେ ଈଶ୍ୱର ବିରାଜମାନ କରିଥାନ୍ତି। ସେମାନଙ୍କ ଉପକାର କରିଲେ, ସେମାନେ ଖୁସିରେ ରହିଲେ ଈଶ୍ୱର ଖୁସି ହେଇ ଆମକୁ ଭବସାଗରରୁ ପାରିକରି ଦିଅନ୍ତି ଭଲରେ ଭଲରେ।

ସଭା ସରିଗଲା ପରେ ସେହି ବ୍ୟକ୍ତି ଜଣକ ମୋତେ ପଚାରିଲେ ଆପଣ ଅଛନ୍ତି କେମିତି ? ଦ୍ୱିପ୍ରହରରେ କେଉଁଠି ଖିଆପିଆ କରାଯିବ ବଡ଼ଭାଇ ? ଉପାସରେ ଥାଇ କହିଲି ବାବୁ ଆଜି ମଧାହ୍ନରେ ଆପଣଙ୍କ ଘରେ ଖାଇବାକୁ ଆଶା ରଖିଛି।

ଚଟାପଟ ସେ ଭଦ୍ରବ୍ୟକ୍ତି ମୁହଁ ଖିଙ୍କାରି ଉତ୍ତର ଦେଲେ

ନାହିଁ ନାହିଁ ଆମ ଘରେ ସେ ବ୍ୟବସ୍ଥା ଉପଲବ୍ଧ ନୁହେଁ । ଏଠାକୁ ଆସିବା ଲାଗି ତୁମକୁ ଯିଏ ଡାକିଥିଲା ଯାଅ ତାକୁ କହିବ ଏ ବାବଦରେ । ତୁମ ପରି ଲୋକ ଆମ ଦେଶର, ରାଜ୍ୟର, ଆମ ଜିଲ୍ଲାର ଏମିତିକି ଆମ ସମାଜର ବିକଳ ଚିତ୍ରକୁ ପ୍ରଦର୍ଶନ କରୁଛ । ତୁମ ଲାଗି ଆମ ଦେଶ ଲଜ୍ଜିତ ହେଉଛି ବିଦେଶରେ । ଏତେଦିନ ଧରି ତୁମେମାନେ ବଞ୍ଚି ରହିଛ କ'ଣ ପାଇଁ ? ଏଣୁ ମାଗି ଖାଇବା ଛାଡ଼ି ଦେବାକୁ ସବୁବେଳେ ଚେଷ୍ଟା କଲେ ଭଲ ହୁଅନ୍ତା ବୋଲି କହି ସେଠାରୁ ଚାଲିଗଲେ କୁଆଡେ ପବନ ବେଗରେ ସେଇ ବାବୁ ଜଣକ ।

ଦେଖିଲ ତ ଏଇ ବାବୁଙ୍କର ଅସଲ ଚରିତ୍ର । ଏହା ହେଉଛି ଯେଉଁମାନେ ନିଜକୁ ଉଚ୍ଚ ବର୍ଗର ଲୋକ କୁହନ୍ତି ସେମାନଙ୍କର ନିଚ୍ଛକ ସାହାଯ୍ୟ ପଣିଆର ସଦ୍ୟତମ ଉଦାହରଣ । ହଁ ସେ ଏମିତି ମୋତେ ଶୋଧିଲେ ମୁଁ ବଞ୍ଚିଥିବା ଯାଏଁ ତାଙ୍କୁ ଆଉ କୌଣସି ସାହାଯ୍ୟ ମାଗିବାକୁ ଯିବି ନାହିଁ ଥରୁଟିଏ ।

ଗୌତମ ବୁଦ୍ଧଙ୍କ ବାଣୀ ହେଉଛି କାମନାର ବିନାଶ ହିଁ ଦୁଃଖର ବିନାଶ । ଏହା ପୁରାପୁରି ମୋ କ୍ଷେତ୍ରରେ ଖାଲି ନୁହେଁ ସମସ୍ତଙ୍କ ଜୀବଦ୍ଦଶାରେ ଭୁଲ୍ ହେଉଥିବା ମୁଁ ଉପଲବ୍ଧି କରୁଛି ।

ଏଇ ବିଶ୍ୱରେ କେଉଁ ଗୋଟିଏ ଲୋକର କାମନା ଶେଷ ହେଲାଣି ତୁମକୁ ଜଣା ଅଛି କି ? ପ୍ରତିଟି ମଣିଷର କାମନା ଗୋଟିଏ ପୁରିଗଲା ପରେ ଆଉ ଏକ କାମନାର ବାଇଚଢ଼େଇ ତା' ମନରେ ଆସି ବସା ବାନ୍ଧେ । ତେବେ ଏହି ବାଣୀକୁ ମୁଖସ୍ଥ କରି ପରୀକ୍ଷାରେ ଲେଖିବା ବ୍ୟତୀତ ଜୀବନରେ କାର୍ଯ୍ୟକାରୀ କରି ହୁଏନି କ'ଣ ପାଇଁ ? ଏଇ ଅଳିକ ସଂସାରରେ ବସବାସ କରୁଥିବା ପ୍ରତ୍ୟେକ ମଣିଷର ଅଭାବଟା ଗଣନ ସଂଖ୍ୟା ସଦୃଶ ଅସଂଖ୍ୟ ଓ ଅସୀମିତ । କେହି ତ କେହି ସ୍ୱୟଂ ଈଶ୍ୱର ଏହାକୁ ପୂରଣ କରିପାରି ନାହାଁନ୍ତି ବୋଲି ଆମେ ସମସ୍ତେ ଜାଣିଥିବା ପୋଥି ପୁରାଣ ତାର ମୂକସାକ୍ଷୀ । ଏହି କାମନା ବାସନାର ପରିସମାପ୍ତି ହେଉ ନଥିବା କାରଣରୁ ମଣିଷ ଦୁର୍ଦ୍ଦଶାର ଗୁଳିରେ ଶିକାର ହେଉଛି । ଦୁର୍ଦ୍ଦିନରେ ବଞ୍ଚି ରହି ନିନ୍ଦୁଛି ସେ ନିଜର ଭାଗ୍ୟ ଓ ଭାଗ୍ୟବିଧାତାଙ୍କୁ ଅକାରଣରେ ।

ବେଳାଭୂମିରେ ଶୋଇଥିବା ବାଲୁକା ରେଣୁର ଅତୀତ ପରିଚୟ ଥିଲା ବିଶାଳକାୟ ଶିଳା । ଦିନରେ ସୂର୍ଯ୍ୟଙ୍କ ତାପରେ ସଂପ୍ରସାରଣ ହେଇ ରାତିର କାକର ବିନ୍ଦୁର ସ୍ପର୍ଶରେ ଏହା ସଙ୍କୁଚିତ ହେଲା । ନିଜ ନିଜ ଭିତରେ ଶିଳା ଗୁଡିକ ଧୋକା ଖାଇ ନିୟମିତ ମର୍ମନ୍ତୁଦ ଦୁର୍ଘଟଣାରେ ସାମିଲ ହେଲେ । ଆଉକେତେକ ଶିଳା ନଦୀର ଢେଉ ମାଡ଼ରେ ଦିନକୁ ଦିନ ଦୁର୍ବଳରୁ ଅତିଦୁର୍ବଳରେ ହରାଇଲେ ସତ୍ତା । ଏପରି ସମୟ ଉପନୀତ ହେଲା ସେମାନେ ବାଲିରେଣୁ ବା ବାଲିରଗଡାରେ ପରିଣତ ହେଇ ପବନର ଇଙ୍ଗିତରେ କିଏ କୁଆଡେ ଉଡ଼ି ଯାଉଛି ତାହା ସେମାନଙ୍କୁ ଅବଗତ । ଆଉକେହି ନଦୀର ସ୍ରୋତରେ ଭାସିଭାସି ଲହଡି ବୁଢ଼ୀ ମା'ର କାଖରେ ବସି କୂଳରେ ପଡି ରହିଛନ୍ତି ଅନାଥ ଶିଶୁଟିଏ ପରି ।

ଆମେ ଗରିବମାନେ ହେଉଛୁ ଠିକ୍ ସେହି ଭଳିଆ ନିଜର ସତ୍ତା ପତ୍ତା ହରାଇ ଭିକମଗା ଅବସ୍ଥାରେ ଅଛୁ । କେଉଁଠି କିଛି ମିଳିଗଲେ ମାଗଣାରେ ଭାରି ମସଗୁଲ୍ ହେଇ ଥାଉ । ଛୋଟମୋଟ ଖରାପ ବେଳା ଆସିଲେ ଭାଙ୍ଗି ପଡି ହାଇପାଇ ହେଉ ଜୀବନର ତ୍ରିକୋଣଭୂମିରେ । ମାଗି ଖାଇବାରେ ଯେଉଁ ମଜା ଥାଏ ନାଗି ଖାଇଲେ ସେହି ଖୁସି ନଥିବା ଆମମାନଙ୍କର ଦୃଢ଼ ଧାରଣା ଉପୁଜିଲାଣି । ନିଜକୁ ଦେଖିବା ଠାରୁ ଦେଖାଇ ହେବା ଗୁଣଟା ଆମର ଢେର ବେଶୀ । ବିପଦବେଳେ ଧନୀ ଲୋକର ସାହାଯ୍ୟ ନେଇ ଖୁସି ହେଉଛୁ ସିନା । ସେଇ ଧନପତି ଲୋକର ଅସୁବିଧା ସମୟରେ ତା'ର ଦୁର୍ନାମ ଗାଇ ସୁଖ ଅନୁଭବ କରୁଛୁ । ତେବେ ଆମ ଭଳିଆ ନିମକ ହାରାମି ଆଉକେହି ଜଗତରେ ଥିବାର ଖବର ମୋ ପାଖରେ ନାହିଁ । ତୁମ ଥିଲା ବାଲା ଆମକୁ ଦାନ ଦେଇ ମୁଠାଏ ଦାନା ତୁମେ କୃତାର୍ଥ ହେଇଯାଉଛ । ପରବର୍ତ୍ତୀ କାଳରେ ତୁମେ ଆମ ଶ୍ରେଣୀକୁ ଟାଣି ଓଟାରି ବ୍ୟବହାର କରୁଛ ତୁମର କାର୍ଯ୍ୟ ହାସଲ ପାଇଁ ।

ନାରଣକୁ ବଇଲ ତା'ର ଅସୁବିଧା ବିଷୟରେ ପଚାରିବାରୁ ସେ ପ୍ରଥମେ ଚୁପଚାପ୍ ରହିଲା ।

ଅଧାରୁ ପାଠପଢ଼ା ଛାଡ଼ି ପୁଅଟା ବେକାର ହେଇ ଜଣେ ନାଚବାଲି ସାଥିରେ ନଟର ପଟର ହେଉଛି । ବର୍ଷେ ତଳୁ ଅଭିଆଡି ଝିଅଟା ଗୋଟେ ବିବାହିତ ଦରବୁଡ଼ା ସାଥିରେ ଡାରେନାରେ ବେପାର ଆରମ୍ଭ କଲାଣି । ବାତ୍ୟାରେ ଚାଳ ଛପର ଉଡ଼ିଯାଇ ପୁରୁଣା କାଳିଆ କାନ୍ଥ ପଡ଼ିଯାଇଛି । ମଥାନରେ ବଡ଼ ଭୁଅ ବାଟେ ଘର ଚଟାଣରେ ମୋର ବର୍ଷା ଜଳର ବନ୍ୟା ହେଉଥିବା ହେତୁ ବଢୁଛି ଚିନ୍ତା । ରୋଗୀଣା ସ୍ତ୍ରୀକୁ ଔଷଧ ଦେବା ପାଇଁ ମୋ ପାଖରେ କାଣି କଉଡିଟିଏ ସମ୍ବଳ ନାହିଁ । ଘରେ ନୁହେଁ ତ ମୁଁ ଏବେ ପଦାରେ ରହିବାକୁ ବାଧ ହେଉଛି । ମୁଁ ହଇରାଣ ହରକତ ହେଇ ଅଧା ଜୀବନ ବିତେଇ ସାରିଲିଣି । ତୁମେ ଦୁଇଜଣ କି ପ୍ରକାର ସାହାଯ୍ୟ ସମର୍ଥନ ଦେଇ ପାରିବ ମୋତେ କାହିଁ କିଛି ବାଟ ଘାଟ ଦିଶୁ ନାହିଁ । ମୋର ସୁବିଧା କ'ଣ ? ସବୁ ଅସୁବିଧା ଭିତରେ ସବୁଦିନ ଘାଣ୍ଟି ହେଉଥିବା କୁନ୍ଥେଇ କୁନ୍ଥେଇ ସେ କହିଲା ।

ବିଶ୍ୱ ନିୟନ୍ତା ମୋତେ ଦାନ ଦେଇ ନିଶ୍ୱ ହେଇ ଗଲେଣି ମୁଁ କିନ୍ତୁ ନିସ୍ୱ ଅବସ୍ଥାରେ ଅଛି । ମୁଁ ବୋଧହୁଏ ବିଶ୍ୱର ମାଳିକ ହେଲିଣି ସେଥିପାଇଁ ମୋର ଅନାଟନ ବଢୁଛି ବରଂ କମିବାରେ ନା ଧରୁ ନାହିଁ । ଚିନ୍ତା କରୁଛି ଏଇଥର ଆଉ କାହାକୁ ନ ମାଗି କିଛି କିଛି ଦାନ ଖଇରାତ କରିବାର ଅଭ୍ୟାସ ଆରମ୍ଭ କରିବି । ଆଉକେତେ ଦିନ ବଞ୍ଚିବି ଯେ , ଏତେ ହଇରାଣ ଗୁଡିକୁ ସାଇତି ରଖି ମୋ ମନର ଅମୁହାଁ ଭିତରେ ।

ତୁମେ ସବୁ ଖାଲି ଉପରେ ଉପରେ ଭଲ ଦିଶୁଥିବା ଲୋକ ଗୁଡାକ ଭିତରୁ ଜମା ଭଲ ନୁହେଁ ମୋ ପରିକା ଲୋକ ମାନଙ୍କ ପାଇଁ । ତୁମର ସ୍ୱାର୍ଥ ନ ଥିଲେ ତୁମେ କାହାରି ଭଲମନ୍ଦ ଶୁଣିବାକୁ ଇଚ୍ଛୁକ ନୁହଁ । ମୋତେ ଚାରି ହାତିଆ ଅନେଇଲା ନାହିଁ ଆଡ ଆଖିରେ ତୁମେ ଦୁଇ ଆଖିଆ କାହିଁକି ମୋ ଆଡ଼କୁ ଆଡ ନଜର ପକାଇବ ? ତୁମେ ସବୁ ଯେତେ ଭଲ ମଣିଷ କହୁଛ ନିଜକୁ ଆଗରେ ତୁମେ ହିଁ ମରିବ । ଆମେ ଗରିବ ଗୁରୁବା ବଞ୍ଚି ରହିବୁ ପୋକଜୋକ ଅଣ୍ଡାଳି ଖାଇବା ପର୍ଯ୍ୟନ୍ତ ।

ଧାର୍ମିକଙ୍କ ମତାନୁସାରେ ଅଭାବ ଅନାଟନର କାରଣ ହେଉଛି ପୂର୍ବଜନ୍ମର କର୍ମଫଳ ଅବା ଭଗବାନଙ୍କ ଅଭିଶାପ । ବିଜ୍ଞାନ କହୁଛି ଜ୍ଞାନ,

ଦକ୍ଷତା ଓ ପାରିବାପଣିଆର ଅଭାବ ଯୋଗୁଁ ମଣିଷ ହେଉଛି ଗରିବ । ସେ ବହୁତ ତଥ୍ୟର ସୁରାଗ, ଜ୍ଞାନ ବିଷୟରେ ଜାଣି ଏହାକୁ କାମରେ ଲଗାଇ ପାରୁ ନ ଥିବାରୁ ଦାରିଦ୍ରତା ସୀମାରେଖା ତଳେ ରହୁଛି ।

ଏସବୁ ଶୁଣି ଶୁଣି ବଇଲ ବିରକ୍ତ ଅନୁଭବ କରି ଚା' ପାନ ମଗାଇଲା ଆମ ତିନିଜଣଙ୍କ ଲାଗି । ମୁଁ ସିଗାରେଟ୍ ଖାଇବାବେଳେ ସେ ଦୁହେଁ ମୋତେ ବାରଣ କରୁଥିଲେ ଧୂମପାନ ନ କରିବାକୁ । ଏହି ଧୂମପାନ କର୍କଟ ରୋଗର ଏକ କାରଣ ବୋଲି ମୁଁ ଜାଣି ମଧ୍ୟ ଖାଉଥିଲି । ଏହାକୁ ଛାଡ଼ୁ ନ ଥିଲି ନା ଜାବୁଡ଼ି ଧରିଥିଲି ନାରଣ ମୋତେ ପଚାରିବାରୁ ମୁଁ ହତବାକ୍ ହେଇଗଲି ।

ମଣିଷ ଭଲ କାର୍ଯ୍ୟରୁ ଚଟକିନା ଅଭ୍ୟାହତ ନେଉଥିବା ବେଳେ ଖରାପ ଚିନ୍ତାଧାରା, ଯୋଜନାକୁ ସେ ମାଡିଜାକି ଧରିରଖେ । ଏଇଟା ହେଉଛି ମାଗନ୍ତା ମାନଙ୍କର ଗୋଟିଏ ବଦଗୁଣ । ଆମ କଷ୍ଟରେ ଦିନକ ଲାଗି ଚାଉଳ ଥିଲେ ଆମେ ଖଟିଖିଆମାନେ ଖଟିବା ପାଇଁ ନାରାଜ । ବଳ ବୟସ ଦେହରେ ଥିବା ଯାଏଁ ଆମେ ସଂସାର ବଢ଼ାଇ ଚାଲିଥାଉ । ଆମର ରୋଜଗାର ଆଠଣା ଥିଲାବେଳେ ଆମେ ବାରଅଣା ଖର୍ଚ୍ଚ କରି ହୀନସ୍ଥା ହେଉଛୁ ।

ତୁମେ ବଡଲୋକମାନେ ମାପିଚୁପି କପଡା ଅନୁସାରେ ଜାମା ତିଆରି କରୁଛ । ଆମେ ଋଣରେ ଯେବେ ଥାଉ ପଖାଳ ଖାଇବା ପରିତ୍ୟାଗ କରି ମାଉଁସ ପଲୁଅ ବଜାରରୁ କିଣି ଆଣୁ ତୁମ ସାଥେ ସମାନ ହେବା ପାଇଁ । ଫଳ ସ୍ୱରୂପ ଆମେ ଋଣରେ ବୁଡି ମରୁଥିବା ବେଳେ ତୁମେ ଉଦ୍ଧାର କରିବାକୁ ହାତ ବଢ଼ାଇ ନାକରେ ପାଣି ପୁରାଇ ଦେଉଛ ।

ହଁ ଶୁଣ ବଇଲ

ମୁଁ ପାଠ ପଢ଼ିବା ବେଳେ ଖିଲାପ କରି ବାପା ମା ଯେତେ ତାଗିଦ୍ କଲେ ତାକୁ ଶୁଣିଲି ନାହିଁ ଦିନେ । ପାଠପଢ଼ା ବୟସ ସରିଗଲା ପରେ ବେରୋଜଗାରୀଆ ହେଇ ନିଜକୁ ନିଜେ ନଷ୍ଟ କରିଦେଲି । ବୟସ ବଢ଼ିବାରୁ ବାହାଚୋରା ହେଇ ସଂସାର ମାୟାରେ ପଶିଗଲି ଯେ ଆଉ ବାହାରି ପାରୁନି । ବାପ ଗୋଷବାପା ଅମଳରୁ ଥିବା ଜମିବାଡ଼ି ବିକ୍ରି କରି ଭୂମିହୀନ ତାଲିକାରେ ନାଁ ଲେଖାଇ ଦେଲି ।

ଏବେ ମୋ ପେଟ ପୁରାଇବା ଲାଗି କାଠିକର ପାଠ ହେଉଛି । ପିଲା ଛୁଆଙ୍କ କଥା ବୁଝିବା ମୋ ପକ୍ଷରେ ସମ୍ପୂର୍ଣ୍ଣ ଅସମ୍ଭବ । ଏତିକିବେଳେ ମୋର ପୁଣି ଲୋଭ ବଢୁଥିବାରୁ ମୁଁ ଜୁଆଡି ହେଲି ଏଇ ପୂଜା ଅବସରରେ ।

ହଁ ରେ ନାରଣ ତୁ କଥା ତୋ ପାଟିରେ ବାଡବତା, ଗଣ୍ଠି, ବାଉଁଶ କିଛି ବି ନାହିଁ । ତୋ କଥା ଗୁଡାକ ବାଟୁଳି ପରି ଠୋଠା ବାଜୁଛି ମୋ ଦେହରେ । ତୋ ସାଙ୍ଗିଆ ଲୋକମାନେ ଗୋହିର ଗଭୀରିଆ ଗାତ ଖୋଳି ସୁନାମକୁ ସମାଧି ଦେଇପାରନ୍ତି କଥାରେ କଥାରେ । ତୁମ ପାଟିକୁ ଯାହା ଆସେ ତୁମେମାନେ ଆଗପଛ ଚିନ୍ତା ନ କରି ଉଗାଳି ପକାଇବାରୁ ଆମ ମାନଙ୍କର ଶତ୍ରୁ ହେଉଛ । ଏଣୁ ଭାବିଚିନ୍ତି ପାଟିରୁ ଶବ୍ଦ ବାହାର କଲେ ଭଲ ହୁଅନ୍ତା ବୋଲି ବଇଲ କହିଲା ନାରଣ ଉଦ୍ଦେଶ୍ୟରେ ।

ଆମ ସଂଖ୍ୟା ସମାଜରେ ବଢ଼ି ବଢ଼ି ଚାଲିଛି ଦରଦାମ ଯେମିତି ବଢୁଛି ବଜାରରେ । ଆମେ ଗରିବ ଅଛୁ ବୋଲି ତୁମେ ଧନୀ ଦେଖେଇ ହେଉଛ ଆମ ଭାରିଜାଙ୍କ ଆଗରେ । ସେମାନେ ଆମକୁ ଶୋଧି ପକାଉଛନ୍ତି ତୁମ ନାଁ ଧରି । ତୁମେ ଅର୍ବ ଖର୍ବ ଟଙ୍କା ଗୋଟାଇ ଅନେକ ପରିବାରକୁ ବଞ୍ଚିବାର ରାହା ହେଇ ପାରୁଛ । ଅଥଚ ଆମେ ତୁମ ଅଇଁଠା ପତ୍ର ଉଠାଇ ପେଟ ପୋଷିବା ପାଇଁ ସମର୍ଥ ହେଇପାରୁ ନାହୁଁ ।

ମୁଁ ତୁମର କେବଳ ନୁହେଁ ସାରା ଗାଁରେ, ମୋ ପରିବାରରେ ଅସଟା ଲୋକ ହେଇଛି । ଯାହା ମୁଁ କହୁଛି ସିଧାସଳଖ ତାହା ସମସ୍ତଙ୍କ ତଣ୍ଟିରେ କଣ୍ଟା ହେଇ ଅଟକି ଯାଉଥିବା ହେଉଛି ଚର୍ଚ୍ଚା । ମୋ କଥା ଗୁଡ଼ିକ ସତ ହେଇଥିବାରୁ ସମସ୍ତଙ୍କୁ ପିତା ଲାଗୁଛି ।

ମିଛ ପ୍ରଶଂସା ରସଗୋଲା ଭଳିଆ ମିଠା, ସତ ନିନ୍ଦା ଚିରେଇତା ସମ ପିତା ଲାଗେ । ପ୍ରଶଂସା ଶୁଣିବାକୁ ଭଲ ପାଉଥିବା ମଣିଷମାନେ ତଳକୁ ତଳ ଯାଆନ୍ତି । ନିନ୍ଦା ଶୁଣିଲେ ଜଣେ ସଚ୍ଚା ଲୋକ ନିଜକୁ ସୁଧାରି ନେଉଥିବାର ଅଛି ନଜିର ।

ତେବେ ତୁମର କେଉଁ ପ୍ରକାର ବଚନ ଦରକାର ତୁମେ ଚିନ୍ତା ଭାବନା କର ଯେମିତି ତୁମେ ବଦଳି ଯିବ ।

ମୁଁ ପଚାରିଲି ଆରେ ନାରଣ ସେହି ଅନ୍ଧପୁତୁଳି ଖେଳରେ ତୁମେ କାହିଁକି ଅଧା ବାଟରୁ ଫେରି ଆସିଲ ?

ସେ ଉତ୍ତର ଦେଲେ ମୋ ଭିତରେ ଆତ୍ମବିଶ୍ୱାସର ପାଚେରୀ ଭାଙ୍ଗି ଗଲା ଧୁସଧାସ ହେଇ । ସେଦିନ ମୁହଁ ସଞ୍ଜରେ ମୁଁ ଏହି ମାଟି ହାଣ୍ଡିକୁ ଭାଙ୍ଗି ପାରିବି ନାହିଁ ବୋଲି ମୋର ହୃଦବୋଧ ହେଲା । ଯାହା ପାଖରେ ଯେତେ ଆତ୍ମବିଶ୍ୱାସ ଅଛି ସେ ସେତେ ସଫଳ ହେଇପାରିଛି ଜୀବନରେ । ଆମେ ତିନିଜଣ ସେମିତି ହେଇପାରିଛନ୍ତି କି ?

ଦୀନଦୁଃଖିମାନେ ଖୁସିକୁ ପ୍ରକାଶ କରିବାରେ କୁଣ୍ଠିତ ହେବାର ଉଦ୍ଦେଶ୍ୟ ତୁମେ ଜାଣିଛ ? କାହାର ଶୁଭବେଳାରେ ଏମାନେ ଖୁସି ଅନୁଭବ କରି ପରିପ୍ରକାଶ କରି ନ ପାରିବାର ବଡ଼ କାରଣ ହେଲା ଏଇ ସମାଜ କହେ ଓଲଟା କଥା । ନିଜର ସ୍ୱାର୍ଥ ହାସଲ ପାଇଁ ଆମେ କାଳେ ଅଧିକାଂଶ ସମୟରେ ପ୍ରଫୁଲ୍ଲିତ ଥାଉ । ପୁରୁଣା ସମ୍ପର୍କ ଯୋଡିବା ପାଇଁ ଏହା ଏକ ଅଭିନବ ପରିକଳ୍ପନା । ଏଣୁ ଆମ ମାନଙ୍କର ଖୁସି ରହେ ଅପ୍ରକାଶ୍ୟ ।

ହଇରେ ବଇଲ ତୁମ ସ୍ତ୍ରୀ ପିଲାଛୁଆ ସଜବାଜ ହେଇ ଯାତ୍ରା, ପୂଜା , ମେଳା , ମହୋତ୍ସବକୁ ଗଲେ ଆମେ ଏଠି ପୁରା ଚୁପ୍ । ଆମ ମାଇକିନିଆ ନୂଆ ଶାଢ଼ୀ, ଶଙ୍ଖା ପିନ୍ଧିଲେ ଆମରି ଦୀନଦୁଃଖି ଦେଖେଇ ସେଖେଇ କୁହାକୁହି ହୁଅନ୍ତି । ଏଇ ଶାଢ଼ୀ ତାକୁ କିଏ ଦେଇଛି ବୋଧେ ସେ ଫରଫର କରି କାନି ଉଡାଉଛି । ତୁମେ ସବୁ ଚାଉଳ ଚୋବାଇଲେ ଆମେ କହୁ ବାବୁ ଆଜି ବହୁତ ଖୁସିରେ ପାଟିରେ ଚାଉଳ ପକାଇଛନ୍ତି । ଆମେ ଶଳେ ମହାପ୍ରସାଦ ଖାଇଲେ କୁହାଯାଏ ତା ଘରେ ଆଜି ଭାତ ପାଇଁ ଚାଉଳ ନ ଥିବାରୁ ସେ କେଉଁଠୁ ମାଗି ଆଣି ଭୋକ ବିକଳରେ ଖାଉଛି । ଆମେ ସବୁ ଗରିବ ନିଜେ ହିଁ ନିଜ ଗୋଷ୍ଠୀର ଶତ୍ରୁ ହେଇ ରହିଛୁ ସେମିତି ବି ରହିଥିବୁ । ଆମ ଝିଅ ମାଇକିନିଆ ତୁମ ସଭିଙ୍କର ଶାଳୀ ହେବାକୁ ଭାରି ଆଗଭର ହୁଅନ୍ତି । ତୁମ ଭାରିଜାମାନେ ଆମର ଗୁରୁମା ସଦୃଶ । ସେମାନଙ୍କୁ ଖଣ୍ଡେ ବାଟରୁ ଜୁହାର ହେବାକୁ ଆମେମାନେ ବହୁତ ତତ୍ପର ଦେଖାଉଛୁ । ଏମିତି କାହିଁକି ହେଉଛି ମୁଁ ଆସି ବୁଢାଟେ ହେଲିଣି ତଥାପି

ବି ବୁଝି ପାରୁନାହିଁ ଏଇ ସହଜିଆ କଥାକୁ ।

ଆମେ ହସିଲେ ଫସିଲୁ, କାନ୍ଦିଲେ ମଲୁ, ଚୁପ୍ ଚାପ୍ ରହିଲେ ଘାଂଟି ଗୋଳେଇ ହେଲୁ ମନେମନେ । ଆମ ଛତରା ଦଳ ମଉରାଳି ମାଛ ରୂପେ ଆଞ୍ଜୁଳେ ପାଣିରେ ବାଡ଼େଇ ପିଟି ହେଉଛୁ । ତୁମେ ମିରକାଳି ହେଇ ଗଭୀର ଜଳରେ, ପଙ୍କ ଭିତରେ ମୁହଁ ଗେଞ୍ଜି ଦେଇ ରହୁଛ ଅଜଣା ଚାଉଳର ଭାତ ଖାଇ । ତୁମେ ଜଡ଼ା ହେଇକି ବେଦ ଗାଉଥିବା ବେଳେ, ଆମେ ଜ୍ଞାନୀ ମାନୀ ଅବସ୍ଥାରେ ଥାଇ ମୂକ ପାଲଟୁଛୁ । କାରଣ ତୁମ ପାଖରେ ଉଭାପୋତା ଧନ ଅଛି, ଆମ ଅଣ୍ଟିରେ ଧନ ନ ଥାଇ ପୁଅ ବାହାଘର ଲାଗି ଭିଡ଼ିଭାଡି ହେଉଛୁ ।

ମୋ ଘରେ ମୋ ବ୍ୟତୀତ ଅନ୍ୟ ସମସ୍ତେ ଭଲ ମଣିଷ । ମୁଁ ଗୋଟେ ନିହାତି ଅଣଅଧିକା ଲୋକଟିଏ । ସମସ୍ତଙ୍କୁ ଟାଣ କଥା ଶୁଣାଇ ଆତ୍ମ ସନ୍ତୋଷ ଲାଭ କରୁଛି ନିଜକୁ ନିଜେ ।

ଏଇ ନିଆଁଲଗା ଦୁନିଆକୁ ଦେଖାଯାଏ ନାହିଁ ଆମ ହାତରେ ଗୋଡ଼ରେ ବେଡ଼ି ପଡ଼ିଛି । ଆମ ଇଚ୍ଛାମାନେ ମନର ବନ୍ଦୀ ଶାଳାରେ ସଜା ଭୋଗୁଛନ୍ତି । ଏଣୁ ଆମେ କୌଣସି କାମ କରିବାକୁ ଆଗେଇ ଯାଇ ପୁଣି ପଛକୁ ଫେରି ଆସୁ ବେଳେବେଳେ । ଆମ ଦରିଦ୍ର ଲୋକମାନଙ୍କ ପାଟିରେ ତୁଣ୍ଡି ବନ୍ଧାଯାଇଛି ତାହା ଅଦେଖା ହେଇ ରହିଛି । ବାକ୍ ସ୍ୱାଧୀନତାରେ ପରାଧିନତାର ଶିକୁଳି ତୁମେମାନେ ବାନ୍ଧି ଦେଇଛ ତୁମର ଅସଲ ମୁଖା ଖୋଲିଯିବା ଭୟରେ ।

ଜାଣିଛ ନା ନାରଣ

ଏ ମଣିଷ କେବେଠାରୁ ପଥର ହେଇଛି ତାହାର ତ ହିସାବ କାହାକୁ ଜଣାନାହିଁ, ଅତଏବ ଏତକ କୁହାଯାଉଛି ସେବେ ଠାରୁ ପଥର ଭିତରେ ମଣିଷ ପଣିଆ ଜନ୍ମ ଗ୍ରହଣ କରିଛି । ସେଥିପାଇଁ ହାଡ଼, ମାଂସ, ରକ୍ତରେ ଗଢ଼ା ସେମାନଙ୍କ ହୃଦୟରୁ ବିବେକ ଫେରାର । ଅବିବେକୀ, ଅବିଶ୍ୱାସୀ ମାନଙ୍କର ଭିଡ଼ରେ ଜିଉଁଛନ୍ତି ଆମେ ବିବେକୀ ଓ ହୃଦୟବାନ କେତୋଟି ବିଚରା ମଣିଷ ବୋଲି ବଇଲ କହିଲା ।

ମୁଁ ତୁମ ପରି ନୁହଁ ବୋଲି ମୋତେ ଶୁଣିବାକୁ ପଡୁଛି ସେଇ ବୁଢାଟା ଶଳା ପକ୍କା ବଦମାସ୍ । ସବୁ ସଜଡ଼ା ଘରକୁ ବିଗାଡି ଦେଉଛି ପଦେ ହାଣୁଆ କଥା କହି ।

ଏତକ ଶୁଣିବା ପରେ ଖୋଜୁଥିବା ପ୍ରଶ୍ନର ଉତ୍ତର ମୁଁ ପାଇଗଲି ସୂର୍ଯ୍ୟାସ୍ତର ନାଲି ରଙ୍ଗରେ ବିଭୋର ହେଇ ।

*ବାଁଶଡା, ଧାମରା, ଭଦ୍ରକ*
*ଦୂରଭାଷ: ୭୮୭୩୧୪୮୧୨୪*

**DM Associates**
**Chartered Accountants**
**307, Block - A, 3rd Floor, Nirmala Plaza**
**Forest Park, Bhubaneswar**
**Ph.: +91 674 259511-13**
**Telefax : +91 674 2595912**

*We undertake*
*Auditing, Taxation, Consultancy outsourcing*

# ବିବାହ ବଜାର

**ବାସନ୍ତୀ ପାତ୍ର**

ବିବାହ ମଣିଷ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା। ଖାସ୍ କରି ପୁରୁଷ ଅପେକ୍ଷା ଜଣେ ନାରୀ ପାଇଁ, ଏ ସଂସାରରେ ବଂଚି ରହିବା ପାଇଁ ଏକ ନିର୍ଭରଯୋଗ୍ୟ ସୁରକ୍ଷା, ଏକ ନିଶ୍ଚିନ୍ତ ଆଶ୍ରାସ୍ଥଳ ତଥା ଜଣେ ନିଷ୍ପାପର, ନିରହଙ୍କାର ପୁରୁଷର ଆବଶ୍ୟକତାକୁ ଅସ୍ୱୀକାର କରାଯାଇପାରେନା। ତେବେ ଏକଥା ମଧ୍ୟ ସତ୍ୟ ଯେ ପ୍ରତ୍ୟେକ ନାରୀ ଭାଗ୍ୟରେ, ଚାହିଁବା ସତ୍ତ୍ୱେ ସେ ସୁଖ ଶାନ୍ତି ମିଳିନଥାଏ। ନାରୀ ସମାଜର ଏ କ୍ରମାଗତ ଦୂରାବସ୍ଥା, ନାରୀ ଜୀବନରେ ଦିନକୁ ଦିନ ଘୋର ଅଧଃପତନ ତଥା ନାରୀ ଜାତିର ବେଳକୁ ବେଳ ଏ ଅବନତିରେ ଭାରତ ଭୂମି ଆଜି ଅହେତୁକ ଆଶଙ୍କାରେ ଥରି ଉଠୁଛି। ଯେଉଁ ଭାରତୀୟ ନାରୀ ଦିନେ ସାରା ଜଗତରେ ପୂଜ୍ୟା, ନମସ୍ୟା, ବନ୍ଦନୀୟା ହୋଇ ଉଠିଥିଲା, ଆଜି ସେ ଅର୍ଥର (ଯୌତୁକର) ବିରାଟ ପ୍ରଦର୍ଶନୀରେ କେମିତି ଯେ – ଏକ କାଷ୍ଠପିତୁଳିକା ହୋଇଗଲା! ଏହାର ଜୀବନ୍ତ ଉଦାହରଣ ଶିକ୍ଷୟିତ୍ରୀ ଶୁଭ୍ରାଦାସ।

ଏକ ଗରିବ ପରିବାରରେ ଜନ୍ମ ହୋଇଥିଲା ଶୁଭ୍ରା। ଛୋଟ ବେଳୁ ଅଭାବ ଅନ୍ଧକାରକୁ ସାମ୍ନା କରି, ଆଲୋକିତ ଭବିଷ୍ୟତର ଆଶାରେ ଆଗକୁ ପାଦ ବଢ଼େଇ ଥିଲା। ତେବେ, କେବଳ ଧନ ବ୍ୟତୀତ, ରୂପ, ଗୁଣ, ବିଦ୍ୟା ବୁଦ୍ଧି, କୋଉଥିରୁ ତାକୁ ବଂଚିତ କରି ନଥିଲେ ଭଗବାନ। ସ୍କୁଲରେ ପାଦ ରଖିବାଠାରୁ କଲେଜ ପର୍ଯ୍ୟନ୍ତ ଶ୍ରେଣୀରେ ପ୍ରଥମ ବ୍ୟତୀତ ସେ କେବେ ଦ୍ୱିତୀୟ ହୋଇନଥିଲା। ମେଧାବୀ ଛାତ୍ରୀ ହୋଇଥିବାରୁ ସରକାରୀ ସହାୟତାକୁ ଆଶ୍ରା କରି ଗ୍ରାଜୁଏସନ ପର୍ଯ୍ୟନ୍ତ ଶିକ୍ଷା ପ୍ରାପ୍ତ କରିଥିଲା। ପିତୃତ୍ୱ ପ୍ରତିଷ୍ଠାରୁ ବଂଚିତ ଛାତ୍ରଛାତ୍ରୀଙ୍କ ଉପରେ ମା' ସରସ୍ୱତୀଙ୍କ କରୁଣା ରହିଥାଏ ନିଶ୍ଚୟ। ନହେଲେ, ଶୁଭ୍ରା ଭଳି ଝିଅ ନିଜ ଗୋଡରେ ଛିଡା ହେବା ସଂଭବ ହୁଅନ୍ତା କିପରି ?

ସୁମନ୍ତ ମହାପାତ୍ର ସହିତ ତା' ବାହାଘର ସ୍ଥିର ହେବାର ଖବର ଶୁଣି ଆଶ୍ଚର୍ଯ୍ୟ ଚକିତ ହୋଇପଡ଼ିଥିଲା ଶୁଭ୍ରା। ଏହା କେମିତି ସମ୍ଭବ ହେବ? ଦୁଇ ପରିବାର ମଧ୍ୟରେ, ସବୁ ଦୃଷ୍ଟିରୁ ଆକାଶ ପାତାଳ ଫରକ୍। ପ୍ରତିଷ୍ଠିତ ପିତାର ଏକମାତ୍ର ପୁତ୍ର ପାଇଁ ବୋହୂ ରୂପରେ ତାକୁ କେମିତି ପସନ୍ଦ କରିବେ ? ମନର ଦ୍ୱନ୍ଦ୍ୱ ଦୂର କରିବା ପାଇଁ ଏଇକଥା ବାପାମାଆଙ୍କ ଆଗରେ ରଖିଥିଲା ଶୁଭ୍ରା। ଝିଅକୁ ବୁଝେଇବାକୁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରିଥିଲେ ଶୁଭ୍ରାର ପିତା। ସୁରେଶ ଦାସ କହିଥିଲେ ଯେ, ଦେଖ୍ ଝିଅ, ଏସବୁ ଉପରବାଲାଙ୍କ ନିର୍ଦ୍ଧାରିତ। ସେମାନେ ଆମ ପାରିବାରିକ ପରିସ୍ଥିତିକୁ ଦେଖୁନାହାନ୍ତି, ତୋ ରୂପ, ଗୁଣ, ରୋଜଗାର କ୍ଷମତାକୁ ଦେଖି ପୁଅ ପାଇଁ ପସନ୍ଦ କରିଛନ୍ତି। ମୁଁ ବି ତ ପ୍ରଥମେ କଥାଟା ବିଶ୍ୱାସ କରିପାରିନଥିଲି। ପୁଅର ବାପ ପରା ନିଜେ କହୁଛି 'ଝିଅ ତ ସର୍ବଗୁଣ ସମ୍ପନ୍ନ।' ଆଉ ଆମକୁ କ'ଣ ଦରକାର ?"

ବାପାଙ୍କ ମୁହଁରୁ ସବୁ କଥା ଶୁଣିବା ପରେ ନିଜ ମନକୁ ବୁଝେଇ ନେଇଥିଲା ଶୁଭ୍ରା। ଯଥା ସମୟରେ ସୁମନ୍ତ ସହିତ ତା' ବିବାହ ହୋଇ ଯାଇଥିଲା। ନିଜ କୁମାରୀ ଜୀବନର ସଞ୍ଚିତ ଅର୍ଘ୍ୟକୁ ପତି ଦେବତାଙ୍କ ଚରଣ ତଳେ ଅର୍ପଣ କରି ଦେଇଥିଲା। କିନ୍ତୁ କିଛି ଦିନ ପରେ ତାକୁ ଜଣାପଡ଼ିଲା ଯେ, ଧନୀ ବାପର ଏକ ମାତ୍ର ପୁତ୍ର ସୁମନ୍ତ ଜଣେ ଚରିତ୍ରହୀନ, ପ୍ରତାରକ, ଲମ୍ପଟ। ସେତେବେଳେ ସେ ବୁଝି ପାରିଲା ଯେ – ସମସ୍ତଙ୍କ ସହାସ୍ୟ ବଦନର ପ୍ରଶଂସା ସୂଚକ 'ସର୍ବଗୁଣ ସମ୍ପନ୍ନ'ର ପ୍ରକୃତ ଅର୍ଥ। ଜଣେ ଝିଅର ସମସ୍ତ ପାରଦର୍ଶୀତା ବିବାହ ବଜାରରେ ସଉଦା ହୋଇ ପାରେନା। ସେ ସବୁ ବିବାଦ ଯଜ୍ଞରେ ନିର୍ବିବାଦରେ ଆହୁତ ହୋଇଯାଏ। ଯେଉଁ ଲୋକଟିର ବାହୁଛାୟା ତଳେ ଗୋଟିଏ ନୂତନ ପୃଥିବୀର ସନ୍ଧାନ ଆଶାରେ ବିଭୋର ହେଉଥିଲା। ସେ ଏକ ଘୃଣିତ ଜୀବଟିଏ।

ତା'ପରେ ବୈବାହିକ ବନ୍ଧନରୁ ନିଜକୁ ମୁକ୍ତ କରିବା ପାଇଁ ସ୍ଥିର କଲା ଶୁଭ୍ରା। ଗତ ଆଭିଜାତ୍ୟର ଅନ୍ଧାରମୟ ଜୀବନକୁ ଖୁବ୍ ଶୀଘ୍ର ବିଦାୟ ଜଣେଇ, ଏକ ନୂତନ ଜୀବନର ଦୀପାଳି ଜଳେଇ ନିଜକୁ ଆଲୋକିତ କରିବାକୁ ସ୍ଥିର କରେ। ଗୋଟିଏ ଆଭିଜାତ୍ୟସମ୍ପନ୍ନ ପରିବାରର ପରିଚାଳିକା ଭାବରେ ରହିବା ଅପେକ୍ଷା ଗୋଟିଏ ଗରିବ ପରିବାରର ଝିଅ ହୋଇ ରହିବା ଯେ କେତେ ଗୌରବମୟ, କେତେ ଶାନ୍ତିଦାୟକ, ସେ କଥା ଅନୁଭବ କରି କରି ସେ ଶ୍ୱାସରୁଦ୍ଧ ହୋଇ ଯାଉଥିଲା। ତାହା ତ' ହବ ନିଶ୍ଚୟ! ଜୀବନ ଟା' ହିଁ ତ ଏକ ଅଭିସନ୍ଧିମୂଳକ ବକ୍ତବ୍ୟ, ଯେଉଁଠି ପ୍ରତ୍ୟେକ ଶବ୍ଦର ଅନ୍ତରାଳରେ କିଛି ନା କିଛି ଉଦ୍ଦେଶ୍ୟ ଛପି ରହିଥାଏ। ପ୍ରତ୍ୟେକଟି ଚିନ୍ତାର ଚତୁର୍ଦ୍ଦିଗରେ ଏକ କୃତ୍ରିମତାର ଆବରଣ ବେଶ୍ ସ୍ପଷ୍ଟ ଭାବରେ ଦେଖାଯାଏ। ଯେଉଁଠାରେ ପ୍ରତ୍ୟେକ ବିଶ୍ୱାସ ଯୋଗ୍ୟବିନ୍ଦୁର ଚତୁଃପାର୍ଶ୍ୱରେ ସନ୍ଦେହର ଘନ କୁହେଳିକାଟିଏ ଆପେ ଆପେ ରୂପନିଏ, ସେଠାରେ ସବୁ

ସମ୍ଭାବନାର ଜାଲକାଟି ନିହାତି ଅବାସ୍ତବତାର ସୁନା ଚଢ଼େଇଟି ଉଡ଼ିଯାଏ ଦୃଷ୍ଟିର ଦିଗ୍‌ବଳୟ ସେପାରିକୁ। ସବୁ ଘଟଣା ଦୁର୍ଘଟଣାକୁ ପଛରେ ପକେଇ ଆଗକୁ ଚାଲିବାରେ ହିଁ ଜୀବନର ପ୍ରକୃତ ପ୍ରାପ୍ତି ସମ୍ଭବ ବୋଲି ମନକୁ ବୁଝେଇ ନିଏ ଶୁଭ୍ରା। ମନରେ ଜାଗି ଉଠେ ଆଗକୁ ଚାଲିବାର ଦୃଢ଼ ମନଭାବ। ପୁଣି ଭାବେ, ସବୁ ସମ୍ଭାବନା ବି ବେଳେବେଳେ ନିରାଶାର ଥୁଣ୍ଟା ଗଛ ତଳେ ଆଶ୍ରୟ ନିଅନ୍ତି ପରିସ୍ଥିତିର ଅସମ୍ଭବ ଚାପରେ। ତେବେ ଯାହାବି ହଉ, ବିବାହ ବନ୍ଧନରୁ ମୁକ୍ତ ହୋଇ ସ୍ୱାଧୀନ ଭାବରେ ବାକି ଜୀବନ କାଟିବା ପାଇଁ ମନେ ମନେ ନିଷ୍ପତ୍ତି ନିଏ ଶୁଭ୍ରା।

ଶୁଭ୍ରାର ବିବାହ ବିଚ୍ଛେଦର ପ୍ରଭାବ, ତା' ଚିହ୍ନା ଜଣା ବୋହୂଝିଅଙ୍କ ଉପରେ ପଡ଼ିଥିଲା ଖାସ୍ କରି, ଶୁଭ୍ରାର ଘନିଷ୍ଠ ବାଲ୍ୟ ବାନ୍ଧବୀ ତଥା ସହକର୍ମୀ ସୁକନ୍ୟା ରାଉତ ଉପରେ। ମନରେ ଜାଗିଉଠେ ପୁରୁଷ ସମାଜ ପ୍ରତି ଘୃଣା ଭାବେ ସାଙ୍ଗକୁ ଅହେତୁକ ଭୟ। ବାଲ୍ୟ ବାନ୍ଧବୀ ଶୁଭ୍ରା ମୁହଁରୁ ତା' ପ୍ରାକ୍ ବିବାହିତ ଜୀବନର ଦୁଃଖଦାୟକ କାହାଣୀ ଶୁଣିବା ପରେ, ବିବାହ ବନ୍ଧନର ଇଲାକାରେ କେବେ ହେଲେ ପାଦ ନ ରଖିବାକୁ ମନେ ମନେ ଦୃଢ଼ ସଂକଳ୍ପ କରେ ସୁକନ୍ୟା। ବିବାହ ବିନା କ'ଣ ମଣିଷ ବଂଚି ପାରିବନି ? ଜୀବନର ସକଳ ମୂଲ୍ୟବୋଧ ଉପଲବ୍ଧି ନିମନ୍ତେ ବିବାହ ହୋଇପାରେ ଏକ ମାଧ୍ୟମ କିନ୍ତୁ ସର୍ବସ୍ୱ ତ ନୁହଁ ! ହୋଇପାରେ ଆଗକୁ ବଢ଼ିବାରେ ଏକ ପଥ, କିନ୍ତୁ ପାଥେୟ ତ ନୁହଁ ! ମଣିଷ ଜୀବନର ଏହି ରୁଦ୍ଧ ବାତାବରଣ, ଗତାନୁଗତିକତାର ଏହି ବିଡମ୍ବିତ ସ୍ଥିତି ପ୍ରତି ସୁକନ୍ୟା ମନରେ ଜାଗିଉଠେ ଅନାଗ୍ରହଭାବ।

ହେତୁ ହେଲା ଦିନୁ ସୁକନ୍ୟାକୁ ଲାଗୁଥିଲା, ବିବାହଟା ଯେମିତି ମଣିଷ ଜୀବନର ଏକ ଅବିଚ୍ଛେଦ ଅଙ୍ଗ। ନିଜ ବୈବାହିକ ଜୀବନର ସୁନେଲି ସ୍ୱପ୍ନର କଳ୍ପନା କରି ମନେ ମନେ ଆତ୍ମବିଭୋର ହୋଇ ପଡୁଥିଲା। ମନରେ ଜାଗି ଉଠୁଥିଲା। ସଂଖା ସିନ୍ଦୂର, ଗହଣା, ନାଲିପାଟଶାଢ଼ୀରେ ସଜ ହେବାର ବ୍ୟାକୁଳତା। ସୁଖମୟ ଦାମ୍ପତ୍ୟ ଜୀବନର ଅଭିଳାଷା। ବିବାହ ପ୍ରସ୍ତାବ ଆସିଲେ, ମା', ଭାଉଜ ଯେତେବେଳେ ସେ ବିଷୟରେ ତାକୁ ଜଣଉଥିଲେ, ତା' ମତାମତ ଲୋଡୁଥିଲେ ସେ ଲାଜେଇ ଯାଉଥିଲା। ସଂକ୍ଷିପ୍ତ ଉତ୍ତରଟିଏ ଦେଉଥିଲା - ତମ ପସନ୍ଦରେ ମୋ ପସନ୍ଦ। ଭାଉଜ ନମିତା ବେଳେବେଳେ ମଜା କରି କହେ - ଯେହେତୁ ତମେ ଜଣେ ଶିକ୍ଷୟିତ୍ରୀ, ଶିକ୍ଷକ ନମିଳିଲେ, ଅନ୍ୟ ଚାକିରୀ କରୁଥିବା ପିଲାକୁ ପସନ୍ଦ କରିବ ତ ? - "ସବୁ ଚଳିବ ଭାଉଜ ! ମୁଁ ଶିକ୍ଷୟିତ୍ରୀ ହୋଇଥିବାରୁ ତା'ର ଫାଇଦା ଉଠେଇବି, ମାନେ ଆଜୀବନ ତାକୁ ପାଠ ପଢ଼େଇବି !" ତା' କଥାରେ ସମସ୍ତେ ହସି ଉଠନ୍ତି।

ଶୁଭ୍ରା ସହିତ କଥାବାର୍ତ୍ତା କଲାପରେ, ତା' ବିଗତ ବୈବାହିକ ଜୀବନର ଦୟନୀୟ କାହାଣୀ ଶୁଣିବା ପରେ ବୈବାହିକ ବନ୍ଧନରୁ ଆସ୍ଥା ହରାଇ ବସିଲା ସୁକନ୍ୟା। କେଉଁଠି ପ୍ରସ୍ତାବ ଆସିଲେ, ପରିବାର ଲୋକ ସେ ବିଷୟରେ ତା' ସହିତ ଆଲୋଚନା କଲେ, ସେ ନିଜର କୌଣସି ମତାମତ ବ୍ୟକ୍ତ କରେନି। ବିବାହ ନ କରିବାର ନିଷ୍ପତ୍ତିକୁ ତାଙ୍କ ଆଗରେ ପ୍ରକାଶ କରି ତାଙ୍କ ମନରେ ଦୁଃଖ ମଧ୍ୟ ଦେଇପାରେନି। ଅନିଚ୍ଛା ସତ୍ତ୍ୱେ ତାଙ୍କ ଆଦେଶ ଉପଦେଶକୁ ଶୁଣିବାକୁ ବାଧ୍ୟ ହୁଏ ସୁକନ୍ୟା। ବେଳେବେଳେ ତାକୁ ଲାଗେ ଯେମିତି, ଜୀବନଟା ତା'ଠାରୁ ଦୂରେଇ ଯାଉଛି। ତାକୁ ଧରି ରଖିବାକୁ ତା' ପଛରେ ଦୌଡ଼ିଲା ବେଳକୁ ସତେ ଯେମିତି ସେ ଅଦୃଶ୍ୟ ହୋଇ ଯାଉଛି। ଅତୀତ, ବର୍ତ୍ତମାନର ସ୍ମୃତି ଅନୁଭୂତିକୁ ଅନୁଧ୍ୟାନ କଲାବେଳେ ତା'ର ହୃଦୟଙ୍ଗମ ହୁଏ, ବଂଚି ରହିବାକୁ ହେଲେ ଅନେକ ଅବାଞ୍ଛିତ, ଅକଳ୍ପନୀୟ, ଅନାକାଂକ୍ଷିତ ସମ୍ପଦର ଅଧିକାରୀ ହେବାକୁ ପଡ଼େ ! ହୁଏତ ତାହା ହୋଇପାରେ ଭୋଗବିଳାସର ପ୍ରାଚୁର୍ଯ୍ୟେ ଭରା ଉଚ୍ଚ ଅଟ୍ଟାଳିକା, ହୀରା, ମୋତି ମାଣିକ୍ୟ ଅବା ଦୁଃଖ ଯନ୍ତ୍ରଣା, ବେଦନା, ଶୋଚନାର ମହାସାଗର ତଳର ଅଗଣିତ ଢେଉ ସମୂହ। ବେଳେବେଳେ ପୁଣି ମନରେ ଜାଗି ଉଠେ ବାପା ମାଆଙ୍କ ପ୍ରତି ଦୟନୀୟ ଭାବ। ବିବାହ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି କାହିଁ ତାଙ୍କ ପ୍ରତି ମୁଁ ଅନ୍ୟାୟ କରୁନି ତ ! ପୁଣି ତା' ଅନ୍ତର ଆତ୍ମାର ସ୍ୱର ତା' କାନରେ ପ୍ରତିଧ୍ୱନିତ ହୁଏ, ନିର୍ଭୟରେ, ନିର୍ଦ୍ୱନ୍ଦ୍ୱରେ ଆଗକୁ ପାଦବଢ଼ା ଏ ସୁକନ୍ୟା ! ମନ ତଳର ସ୍ୱପ୍ନ ହିଁ ଜୀବନର ଧୂସର ମରୁଭୂମିରେ ସବୁଜିମା ଭରିଦିଏ। ଆତ୍ମବିଶ୍ୱାସ ହିଁ ଭବିଷ୍ୟତ ସମ୍ଭାବନାର ପଥ ପ୍ରଦର୍ଶକ। ବାନ୍ଧବୀ ଶୁଭ୍ରାର ବିବାହ ବିଚ୍ଛେଦ ସୁକନ୍ୟା ଜୀବନରେ ବ୍ୟତିକ୍ରମ ସୃଷ୍ଟି କରିଥିଲା। ଆଗଭଳି ଟାଇମ୍ ପାଶ୍ ପାଇଁ ସାଙ୍ଗସାଥିଙ୍କ ସହିତ ଗପସପ କରୁନଥିଲା କି ବାପା ମାଆଙ୍କ ଆଗରେ ଆବଶ୍ୟକୀୟ ମାର୍କେଟିଂ ବାହାନା କରି ବୁଲାବୁଲି କରୁନଥିଲା। ସତେ ଯେମିତି ନୀରବତା ଓ ନିଃସଙ୍ଗତାର ଏକ ଘନିଷ୍ଠ ଆଲିଙ୍ଗନ ତାକୁ ଖୁବ୍ ଭଲ ଲାଗୁଥିଲା।

ସୁକନ୍ୟାର ବିବାହ ପ୍ରତି ଅନାଗ୍ରହ ଭାବ ଦେଖି ଚିନ୍ତିତ ହୋଇପଡ଼ନ୍ତି ତା' ପରିବାର ଲୋକେ। ସମସ୍ତେ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରନ୍ତି ତା' ମାନସିକ ସ୍ଥିତିକୁ ସୁଧାରିବା ପାଇଁ। ବିବାହ ପ୍ରତି ତା' ମନରେ ସୃଷ୍ଟି ହୋଇଥିବା ଭୁଲ ଧାରଣାକୁ ଦୂର କରିବା ପାଇଁ। ମଉକା ଦେଖି ଦିନେ ତା' ଭାଉଜ ନମିତା ବୁଝେଇବାକୁ ଚେଷ୍ଟା କରି କହିଲା - "ମୁଁ ତମ ମାନସିକ ଅବସ୍ଥାକୁ ବୁଝି ପାରୁଛି ସୁକନ୍ୟା ! ତମ ବାନ୍ଧବୀ ଶୁଭ୍ରାର ବୈବାହିକ ଜୀବନରେ ଯେଉଁ ଦୁର୍ଘଟଣା ଘଟିଲା, ସେଥିପାଇଁ ତମେ ଚିନ୍ତିତ ତଥା ଦୁଃଖୀତ। କିନ୍ତୁ ଏହାର ମାନେ ନୁହେଁ ଯେ - ସଂସାରର ସମସ୍ତ ଝିଅଙ୍କ ଜୀବନରେ ଏଭଳି ଘଟଣା ଘଟିବ ଅବା ଘଟୁଛି। ଥରଟିଏ ଚିନ୍ତା କରି ଦେଖ, ଶୁଭ୍ରା ବ୍ୟତୀତ ତମର ଆହୁରି ଅନେକ ବାନ୍ଧବୀ ଅଛନ୍ତି। ସେଥି ମଧ୍ୟରୁ କେତେ ଜଣ ବିବାହ ମଧ୍ୟ କରି ସାରିଛନ୍ତି। ସେମାନଙ୍କ ବୈବାହିକ ଜୀବନରେ ଶୁଭ୍ରା ଭଳି ପରିସ୍ଥିତି ସୃଷ୍ଟି ହୋଇଛି ? ସେମାନେ ଦାମ୍ପତ୍ୟ ଜୀବନରେ ସୁଖଶାନ୍ତି ପାଇନାହାନ୍ତି ? ଭାଗ୍ୟକୁ କେହି ବଦଳେଇ ପାରିବେନି। ସେଥିପାଇଁ ପରା କୁହାଯାଏ, - 'କପାଳ ଲିଖନ, କେ କରିବ ଆନ'। ତେବେ ସମସ୍ତଙ୍କ ଭାଗ୍ୟ ତ' ସମାନ ନୁହଁ ନା - ! ବିବାହ ଟା' କେବଳ କ୍ଷଣିକର ଆବେଗ ଅବା ମୁହୂର୍ତ୍ତକର ଦୁର୍ବଳତା ନୁହଁ ସୁକନ୍ୟା, ମୋ କଥା ଥରଟିଏ ବୁଝିବାକୁ ଚେଷ୍ଟା କର ! ଏହା ଯୁଗ ଯୁଗ ପାଇଁ, ଜନ୍ମ ଜନ୍ମାନ୍ତର ଲାଗି ଏକ ଅବିଚ୍ଛେଦ୍ୟ ବନ୍ଧନ। ଜୀବନର ରୋମାନ୍ସ ଯୌବନର ଉନ୍ମାଦନା ତଥା ଭବିଷ୍ୟତ ସ୍ୱପ୍ନକୁ ଏମିତି ଅନୁଭୂତିହୀନ ବିସ୍ମୃତିର ଅଳିଆଗଦାରେ ଫୋପାଡ଼ି ଦିଅନା। ପ୍ଲିଜ୍ ! ମୋ କଥାକୁ ଥରଟିଏ ଚିନ୍ତା କରି ଦେଖ। ଆଖି ଖୋଲି ଦୁନିଆଁକୁ ଟିକେ ଚାହିଁ ଦେଖ, ବାସ୍ତବରେ ଆଜିର ଜୀବନଟା ଯେତେ ନଗ୍ନ, ଅଶ୍ଳୀଳ, ଅସାମଞ୍ଜସ୍ୟ ହେଲେ ବି କେତେ ସୁଖ, ଐଶ୍ୱର୍ଯ୍ୟ, ପ୍ରାଣପ୍ରାଚୁର୍ଯ୍ୟ ଭରି ରହିଛି ସେଠାରେ। ଏ

ସଂସାରରେ ସମସ୍ତ ପୁରୁଷ କେବଳ ଅହଙ୍କାରୀ, ଭ୍ରଷ୍ଟାଚାରି ରାବଣ ନୁହଁନ୍ତି, ନାରୀକୁ ସମ୍ମାନ କରୁଥିବା, ଅନ୍ୟର ସହାୟକ ହେବା ଭଳି ମନୋଭାବ ଥିବା ଶ୍ରୀ ରାମଚନ୍ଦ୍ରମାନେ ମଧ୍ୟ ଅଛନ୍ତି ! ସମୟ କାହାକୁ ଅପେକ୍ଷା କରେନି ସୁକନ୍ୟା। ତେଣୁ କାହା ଜୀବନରେ କ'ଣ ଘଟିଲା, କ'ଣ ନାହିଁ, ଏକଥା ଚିନ୍ତା ନକରି ନିଜ ଭବିଷ୍ୟତ ବିଷୟରେ ବର୍ତ୍ତମାନ ଚିନ୍ତାକର।" ଭାଉଜଙ୍କ ଆଦେଶ – ଉପଦେଶ ସୁକନ୍ୟା ମନରେ କିଛିଟା' ପ୍ରଭାବ ପକାଏ ବୋଧହୁଏ। ବିବାହ ପ୍ରତି ମନରେ ଥିବା ବିଦ୍ରୋହ ଭାବକୁ କଣ୍ଟ୍ରୋଲ କରି ଶାନ୍ତ ସ୍ୱରରେ କହେ – "ବିବାହ କରିବା ପାଇଁ ମୁଁ ମନା କରୁନି ଭାଉଜ, କେବଳ କିଛି ଦିନ ସମୟ ମାଗୁଛି, ମୋ ମାନସିକ ଅବସ୍ଥା ସୁଧାରିବା ପାଇଁ। ମୋ ପ୍ରିୟ, ଘନିଷ୍ଠ ବାନ୍ଧବୀ ଶୁଭ୍ରାର ଦୁଃଖଦ ଖବର ଶୁଣି ମୋ ମୁଣ୍ଡ କାମ କରୁନି। ସେଥିପାଇଁ ଟିକିଏ ସମୟ ଲାଗିବ ମୋ ମାନସିକ ସ୍ଥିତିକୁ ସୁଧାରିବା ପାଇଁ। ବାସ୍, ଆଉ କିଛି ନୁହେଁ ?

ଅଦୃଶ୍ୟରେ ଛିଡ଼ା ହୋଇ ନଣନ୍ଦ ଭାଉଜଙ୍କ କଥାବାର୍ତ୍ତାକୁ ଶୁଣୁଥିଲେ ସୁକନ୍ୟାର ପିତା ପ୍ରଭାତ ରାଉତ। ବିବାହ ପ୍ରତି ତା' ମନରେ ସୃଷ୍ଟି ହୋଇଥିବା ଘୃଣା ଭାବ କିଛି ନୂଆକଥା ନୁହଁ ! ଆଖି ଆଗରେ, ଆତ୍ମୀୟଲୋକ ସହିତ ଏଭଳି ଅଘଟଣ ଘଟିଲେ ତା' ସ୍ଥାନରେ ଅନ୍ୟ କେହି ଝିଅ ହୋଇଥିଲେ ମଧ୍ୟ ମନରେ ସେଭଳି ପ୍ରତିକ୍ରିୟା ସୃଷ୍ଟି ହବ ନିଶ୍ଚୟ। ହବା ବି ସ୍ୱାଭାବିକ ! ବିବାହ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା। ତେଣୁ ମିଥ୍ୟା ଆଭିଜାତ୍ୟ, ଧନସମ୍ପତ୍ତି ଅପେକ୍ଷା ଉପଯୁକ୍ତ ଜୀବନ ସାଥିଟିଏ ହେବା ବହୁତ ଜରୁରୀ। ସେଥିପାଇଁ ପରା ଆଧୁନିକ ପୁଅ ଝିଅମାନେ ଆରେଞ୍ଜ ମ୍ୟାରେଜ ଅପେକ୍ଷା ଲଭ୍ ଭ୍ୟାରେଜକୁ ଅଧିକ ଗୁରୁତ୍ୱ ଦେଉଛନ୍ତି ! ଏ ବିଷୟରେ ଝିଅକୁ ବୁଝେଇବା ପାଇଁ ଓ ତା'ର ମତାମତ ନେବା ପାଇଁ ମନେ ମନେ ସ୍ଥିର କରନ୍ତି ପ୍ରଭାତ ରାଉତ।

ବାପାଙ୍କ ସମସ୍ତ କଥା ଶୁଣିବା ପରେ, ନିଜ କାନକୁ ବିଶ୍ୱାସ କରିପାରୁନଥିଲା ସୁକନ୍ୟା। ଜୀବନରେ ପ୍ରଥମ ଥର ବାପା ତାକୁ ଦେଇଛନ୍ତି ଏପରି ଏକ ସ୍ୱାଧୀନତା ! ଆଉ ସେ ସ୍ୱାଧୀନତା, ଚୁଲାବିକାଳିଠାରୁ ବରା, ଗୁପ୍‌ଚୁପ୍ ଖାଇବାର ନୁହଁ, କି' ସାଙ୍ଗମାନଙ୍କ ସହ କୌଣସି ଟେକିଜକୁ ଯାଇ ସିନେମା ଦେଖିବାର ନୁହଁ କିମ୍ବା ମନ ପସନ୍ଦର ପୋଷାକ ପତ୍ର କିଣିବାର ନୁହଁ। ସେ ସ୍ୱାଧୀନତା ହେଲା, – ନିଜ ଇଚ୍ଛାରେ ଜୀବନ ସାଥି ଚୟନ କରିବାର। ଅର୍ଥାତ୍ ଆରେଞ୍ଜ ମ୍ୟାରେଜ୍ ନ କରି ଲଭ୍ ମ୍ୟାରେଜ କରିବାର ପ୍ରୋତ୍ସାହନ।

ପ୍ରେମ ଏକ ପବିତ୍ର ସ୍ୱଚ୍ଛ ଯମୁନାର ଧାରା। ଏହା ହଦୃୟର ନିୟନ୍ତିତ। ମଣିଷର ଇଚ୍ଛା – ଅନିଚ୍ଛା ଉପରେ ନିର୍ଭର କରେନାହିଁ। ନିଜ ଅଜାଣତରେ, କେତେବେଳେ କାହା ପ୍ରତି ହୃଦୟରେ ପ୍ରେମ ଭାବ ସୃଷ୍ଟି ହୋଇଯାଏ, ଏକଥା ବହୁ ବିଳମ୍ବରେ ଅନୁଭବ ହୋଇଥାଏ। ତେବେ ଏକଥା ମଧ୍ୟ ସତ୍ୟ ଯେ, – ତମେ ଯାହାକୁ ଭଲ ପାଉଛ ବା ପ୍ରେମ କରୁଛ, ସିଏ ବି' ତମକୁ ହିଁ ଭଲ ପାଉଥିବ ! ବେଳେବେଳେ ପ୍ରେମ ଏକ ତରଫା ବି' ହୋଇଥାଏ। ପ୍ରେମ ବିବାହରେ ପୁଅ ଝିଅ ଉଭୟ ପରସ୍ପରକୁ ଭଲ ପାଉଥା'ନ୍ତି। ସେଥିପାଇଁ ପାରିବାରିକ କୌଣସି ବାରଣ ନ ମାନି, ବାଧା ବିଘ୍ନକୁ ମୁକାବିଲା କରି ବିବାହ କରିଥା'ନ୍ତି। ସୁଖମୟ ଦାମ୍ପତ୍ୟ ଜୀବନ ଉପଭୋଗ କରିଥା'ନ୍ତି। ତେବେ ସମସ୍ତ ଆରେଞ୍ଜ ମ୍ୟାରେଜରେ ଯେ – , ଦାମ୍ପତ୍ୟ ଜୀବନ ସୁଖମୟ ହୁଏନି, ଏକଥା ମଧ୍ୟ ନୁହଁ ! ଦୁନିଆଁରେ ସବୁ ପୁରୁଷ ଶୁଭ୍ରାର ସ୍ୱାମୀ ସୁମନ୍ତ ତ' ନୁହନ୍ତି ନା !

ବାପା କହିଥିବା କଥାଟି 'ନିଜେ ପସନ୍ଦରେ ଅବା ତୁ ଭଲ ପାଉଥିବା ପିଲାକୁ ବିବାହ କର' ସୁକନ୍ୟାର ମନକୁ ବାରମ୍ବାର ଆନ୍ଦୋଳିତ କରେ। ଭଲପାଇବା ଏକ ପଣ୍ୟଦ୍ରବ ନୁହଁ କିମ୍ବା ନିଜ ଇଚ୍ଛାର ଅଧିନ ନୁହଁ ! ଏହା ତ' ଏକ ସୁଖଦ ଅନୁଭବ। ଦୁଇଟି ହୃଦୟର ମିଳନ। ତାଙ୍କ କହିବା ଅନୁସାରେ, ଏତେ ଶୀଘ୍ର କାହାକୁ ଭଲ ପାଇବା ତ' ଦୂରର କଥା, କାହା ବିଷୟରେ ଜାଣିବା ବି ଅସମ୍ଭବ। ମିଳାମିଶା ନ କଲେ କାହା ବିଷୟରେ କେମିତି ଜାଣିହବ ? ଅବଶ୍ୟ ଏକଥା ମଧ୍ୟ ସତ୍ୟ ଯେ – ଏହା ମନ ସହିତ ମନର ମିଳନ। ସେଥିପାଇଁ ଲୋଡ଼ା ହୁଏନାହିଁ ଦୈନିକ ସମ୍ବନ୍ଧ, ଆଳାପ, ପରିଚୟ। ଦୀର୍ଘକାଳ ଏକତ୍ର ବାସ କରିବା ଓ ସମ୍ପର୍କ ସତ୍ତ୍ୱେ ମଧ୍ୟ ମନ ଭିତରେ ହୁଏତ ରହିଯାଏ ଏକ ଅଲଘଂନୀୟ ବ୍ୟବଧାନ ଓ ଅସାମଞ୍ଜସ୍ୟ। ଅଥଚ ମୁହୂର୍ତ୍ତକର ଏକ ଆକସ୍ମିକ ସାମାନ୍ୟ ଘଟଣାକୁ ଭିତ୍ତିକରି ଦୁଇଟି ହୃଦୟକୁ ସଂଯୋଗ କରି ବେଳେବେଳେ ଏକ ଚିରନ୍ତନ ସେତୁ ଅଲକ୍ଷିତରେ ଗଢ଼ି ଉଠେ। ସତରେ, କି ବିଚିତ୍ର ଏ ସୃଷ୍ଟି। କି ବିଚିତ୍ର ଏ ଭଲ ପାଇବା। କେତେ ଅବୋଧ ଏ ପ୍ରେମର ପରିଭାଷା

ସୁକନ୍ୟାର ହାବ ଭାବକୁ ଲକ୍ଷ୍ୟ କରି ଚିନ୍ତିତ ହୋଇପଡ଼ନ୍ତି ପରିବାର ଲୋକେ। ଗୁଡାଏ ଅବ୍ୟକ୍ତ ଶୋକର ବିଷର୍ଣ୍ଣ ମେଘ ସମସ୍ତଙ୍କ ହୃଦୟ ଆକାଶକୁ ସତେ ଯେମିତି ଆବୋରି ବସେ। ସବୁ ଆଡୁ ଚିନ୍ତାକରି ସୁକନ୍ୟାକୁ କିଛିଦିନ ପାଇଁ ତା' ମାମୁଁ ଘର ଭୁବନେଶ୍ୱର ପଠେଇବା ପାଇଁ ସ୍ଥିର କରନ୍ତି ପରିବାର ଲୋକେ।

ମଉକା ଦେଖି ଦିନେ ପ୍ରଭାତ ରାଉତ ଝିଅକୁ କହନ୍ତି – "ଏବେ ତ' ଦୁର୍ଗାପୂଜା ପାଇଁ ଆଠ ଦଶଦିନ ସ୍କୁଲ ବନ୍ଦ ରହିବ। ତୁ ଭୁବନେଶ୍ୱର ମାମୁଁ ଘରକୁ ଯାଇ କିଛି ଦିନ ବୁଲାବୁଲି କରି ଆସିଲେ ଭଲ ହବ। ପୂଜା ଉପଭୋଗ କରିବା ସାଙ୍ଗକୁ ତୋ' ମାନସିକ ଅବସ୍ଥା ବି ସୁଧାରିଯିବ। ଏମିତି ବି' ବହୁତ ଦିନ ହେଲା ତୁ ମାମୁଁ ଘରକୁ ଯାଇନୁ।" ବାପାଙ୍କ କଥାକୁ ଟାଳିବା ଉଦ୍ଦେଶ୍ୟରେ ସୁକନ୍ୟା କହେ – "ଏବେ ପୂଜା ସମୟରେ ଟ୍ରେନ ଟିକଟ ମିଳିବନି ବାପା ! ଏବେଥାଉ, ସୁବିଧା ଦେଖି ପରେ କେବେ ଯିବି।" – "ମୁଁ ଆଡଭାନ୍ସ ଟ୍ରେନ ଟିକଟ କରିଦେଇଛି। ତୋ ଯିବାର କିଛି ଅସୁବିଧା ହେବନି।"

ପାରିବାରିକ ପରିସ୍ଥିତିକୁ ଓ ତାକୁ ମାମୁଁ ଘରକୁ ପଠଉଥିବାର ଉଦ୍ଦେଶ୍ୟକୁ ବେଶ୍ ବୁଝି ପାରିଥିଲା ସୁକନ୍ୟା। ଅନିଚ୍ଛା ସତ୍ତ୍ୱେ, ସିଏ ମଧ୍ୟ ଯିବାକୁ ବାଧ୍ୟ ହୋଇଥିଲା।

ଭୁବନେଶ୍ୱର ମାମୁଁ ଘରେ ସପ୍ତାହଟେ ରହିବା ପରେ, ରାଉରକେଲା ପ୍ରତ୍ୟାବର୍ତ୍ତନ ପାଇଁ ଯଥା ସମୟରେ ଭୁବନେଶ୍ୱର ରେଲୱେ ଷ୍ଟେସନରେ ଯାଇ ପହଞ୍ଚିଲା ସୁକନ୍ୟା।

ଟ୍ରେନ୍‌ରେ ବସିବା ପରେ ତାକୁ ଜଣା ପଡିଲା ଯେ, ତା' ସିଟ୍‌କୁ ଲାଗି କୌଣସି ମହିଳା ପାସେଞ୍ଜର ବସିନାହାନ୍ତି। ଦୁଇ ପଟେ ଦୁଇ ଜଣ ଯୁବକ ବସିଛନ୍ତି। ପ୍ରଥମେ ଭାରି ଅନ୍‌କମ୍ଫୋର୍ଟେବୁଲ ଫିଲ୍ ହେଲା ତାକୁ। ତା'ପରେ ପୁଣି ମନକୁ ବୁଝେଇ ନେଲା – ପାଖ ସିଟ୍‌ରେ କିଏ ବସିଲା, କ'ଣ କଲା, ମୋର ସେଥିରେ କ'ଣ ଅସୁବିଧା ? ମୋତେ ଟ୍ରେନରେ ବସି ଘରକୁ ଫେରିବାର

ଅଛି। ପାଖ ସିଟ୍‌ରେ ବସିଥିବା ଯୁବକର ଅନିୟମିତ ଭାବଭଙ୍ଗୀ, ବ୍ୟବହାରକୁ ଅଣଦେଖା କରି ଚୁପ୍‌ଚାପ ବସିଥିବା ବେଳେ ସାମ୍ନାସିଟ୍‌ରେ ବସିଥିବା ଜଣେ ଯୁବକ ତାକୁ ଲକ୍ଷ୍ୟ କରି କହିଲା – "ମାଡାମ୍, ଆପଣ ମୋ ସିଟ୍‌ରେ ବସନ୍ତୁ, ମୁଁ ଆପଣଙ୍କ ସିଟ୍‌ରେ ବସିବି।" ତାକୁ ଲକ୍ଷ୍ୟ କରି ସୁକନ୍ୟା ପାଖରେ ବସିଥିବା ଯୁବକ ଜଣଙ୍କ କହିଲା – "ଯିଏ ଯେଉଁଠି ବସିଲେ ଆପଣଙ୍କର କ'ଣ ଅସୁବିଧା ? ଆପଣ ଓହ୍ଲେଇ ଗଲାପରେ ମାଡାମଙ୍କୁ ତ ପୁଣି ନିଜ ସିଟ୍‌କୁ ଫେରିବାକୁ ପଡିବ ନା –!" ସୁକନ୍ୟାକୁ ଲକ୍ଷ୍ୟ କରି ପୁଣି ସାମ୍ନାସିଟ୍‌ରେ ବସିଥିବା ଯୁବକ ଜଣକ ପଚାରିଲେ – "ଆପଣ କଉଠି ଓହ୍ଲେଇବେ ମାଡାମ ?" ସୁକନ୍ୟା କହିଲା – "ରାଉରକେଲା।" ତା'ପରେ 'ମୁଁ ବି ରାଉରକେଲା ଷ୍ଟେସନରେ ଓହ୍ଲେଇବି' କହି ଉଠିଲା ଓ ସୁକନ୍ୟାକୁ ନିଜ ସିଟ୍‌ରେ ବସିବା ପାଇଁ ଅନୁରୋଧ କଲା। କାରଣ ତା' ସିଟ୍‌କୁ ଲାଗି ଦୁଇଜଣ ମହିଳା ବସିଥିଲେ। ସୁକନ୍ୟା ଅଜଣା ଯୁବକ ପାଖରେ ବସି ଯେଉଁ ଅନକମ୍ଫୋର୍ଟେବୁଲ୍ ଫିଲ୍ କରୁଥିଲା, ସାମ୍ନା ସିଟରେ ବସିଥିବା ଯୁବକ ବେଶ୍ ବୁଝି ପାରିଥିଲା ଓ ନିଜ ସିଟ୍ ତାକୁ ଛାଡ଼ିଦେଇଥିଲା ସେଥିପାଇଁ।

ଅଜଣା ଯୁବକଟିର ଭଦ୍ରତା, ଶାଳୀନତା ତଥା ସହାନୁଭୂତି ଓ ବିନମ୍ରତାର ବ୍ୟବହାରରେ ତା' ଆଡକୁ ଆକର୍ଷିତ ଯାଉଥିଲା ସୁକନ୍ୟା। କିଏ ଏ ଯୁବକ ? ପ୍ରଥମେ ଯେଉଁ ଯୁବକ ଦୁଇଜଣଙ୍କ ପାଖରେ ବସିଥିଲି, ତାଙ୍କ ମଧ୍ୟରେ ଓ ଏଇ ଯୁବକ ମଧ୍ୟରେ ଆକାଶ ପାତାଳ ଫରକ୍। ହେ ଭଗବାନ, ତମଲୀଳା ବିଚିତ୍ର !

ଯଥା ସମୟରେ ଟ୍ରେନଟି ରାଉରକେଲା ସହରର ପାଦଦେଶ ଛୁଇଁଲା। ପରିଚିତ ପରିବେଶକୁ ଲକ୍ଷ୍ୟ କରି ହାତ ଘଣ୍ଟା ଉପରେ ନଜର ପକେଇଲା ସୁକନ୍ୟା। ପାଞ୍ଚଟା ବାଜିବାକୁ କୋଡ଼ିଏ ମିନିଟ ବାକି ଅଛି, ମାନେ ଠିକ୍ ପାଞ୍ଚଟାରେ ରାଉରକେଲା ଷ୍ଟେସନରେ ପହଞ୍ଚିବ। ଝରକା ଦେଇ ବାହାରକୁ ଚାହିଁଲା ସୁକନ୍ୟା। ପରିଚିତ ପରିବେଶ୍। ଶାରଦୀୟ ସନ୍ଧ୍ୟା ଆକାଶରେ, ସିମନ୍ତିନୀର ସିନ୍ଦୂର ଟୋପାର ରୂପରେ ବିଦାୟ ନେଉଛନ୍ତି ସୂର୍ଯ୍ୟ। ରାସ୍ତାକଡର ବତୀଖୁଣ୍ଟମାନଙ୍କରେ ବିଜୁଳି ଆଲୋକ ଜଳି ଉଠିଲାଣି। ରାସ୍ତାରେ ଯିବା ଆସିବା ଲୋକଙ୍କ ଗହଳି। ସାରାଦିନ ପରିଶ୍ରମ କରି ଘରକୁ ଫେରୁଥିବା ଶ୍ରମିକମାନଙ୍କ ଗାଡି ମଟରର ଘୋର୍ଘର ନାଦ ସାଙ୍ଗକୁ ଧୂଳି ଦୁଆଁରେ ଉଦ୍‌ଭାସିତ ବାୟୁମଣ୍ଡଳ। ଲାଗୁଛି ଯେମିତି, – ପ୍ରକୃତିର ଅକୃପଣ ଲାବଣ୍ୟ ଉତ୍ସବ ଭିତରେ ଠିକ୍ ଖାପ ଖୁଆଇ, ସମ୍ପୂର୍ଣ୍ଣ ସାମଞ୍ଜସ୍ୟ ବଜାୟ ରଖି ଚାଲିଛି ମନୁଷ୍ୟର ସାର୍ଥକ ଜୟଯାତ୍ରା। ବାଃ, – ବିଧାତା ଓ ମନୁଷ୍ୟ ସୃଷ୍ଟିର କି ସୁନ୍ଦର ସୁସାମଞ୍ଜସ୍ୟ ସମିଶ୍ରଣ। ଏକ ଅନ୍ୟର ପରି ପୁରକ ! ହେ ସ୍ରଷ୍ଟା, – କି ବିଚିତ୍ର ତମ ସୃଷ୍ଟି !

ଯଥା ସମୟରେ ଟ୍ରେନ ଆସି ପହଞ୍ଚିଲା ରାଉରକେଲା ଷ୍ଟେସନରେ। ଯାତ୍ରୀମାନେ ନିଜ ନିଜ ଆବଶ୍ୟକୀୟ ଜିନିଷ ପତ୍ର ଧରି ଗନ୍ତବ୍ୟ ପଥରେ ଚାଲିଲେ। ଏତିକି ବେଳେ ସୁକନ୍ୟା ଲକ୍ଷ୍ୟ କଲା ସେଇ ଯୁବକ ଜଣଙ୍କ ଫୋନ୍‌ରେ କାହା ସହିତ କଥାବାର୍ତ୍ତା କରୁଥିବାର। କେହି ଜଣେ ତାକୁ ଫୋନ୍ କରି କ୍ୱାର୍ଟର ନମ୍ବର, ସେକ୍ଟର ନମ୍ବର ଆଦି ବତାଉଥାଏ। ତାଙ୍କ କଥାବାର୍ତ୍ତାରୁ ସୁକନ୍ୟାକୁ ଜଣାପଡ଼ିଲା। ଯେ –ସେ ସେକ୍ଟର ସତରକୁ ଯିବେ। ସୁକନ୍ୟା ସେକ୍ଟର ସାତ୍‌ରେ ରହେ। ରିଙ୍ଗରୋଡର ଗୋଟିଏପଟେ ସାତ ଓ ଅନ୍ୟ ପଟେ ସତର ନମ୍ବର ସେକ୍ଟର। ଯୁବକଙ୍କ ପାଖକୁ ଯାଇ ସୁକନ୍ୟା କହିଲା – "ଆପଣ ପ୍ରଥମ ଥର ରାଉରକେଲା ଆସିଛନ୍ତି ବୋଧହୁଏ। ମୋ ସାଥିରେ ଚାଲନ୍ତୁ, ମୁଁ ବି ଆପଣଙ୍କ ପାଖ ସେକ୍ଟରରେ ରହୁଛି ମାନେ, କିଛି ଅସୁବିଧା ହେବନି। ମୁଁ ପହଞ୍ଚେଇ ଦେବି।" – "ରାଉରକେଲା ମୁଁ ପ୍ରଥମ ଥର ଆସୁନି, ମାମୁଁ ରହୁଥିବାରୁ ପ୍ରାୟ ମଝିରେ ମଝିରେ ଯିବା ଆସିବା କରେ। ଏବେ ସେ ଅବସର ନେଲା ପରେ, କ୍ୱାର୍ଟର ଚେଞ୍ଜ୍ କରି ଯେଉଁଠି ରହୁଛନ୍ତି, ସେଠାକୁ ମୁଁ ପ୍ରଥମ ଥର ଆସୁଛି। ସେଥିପାଇଁ ସେ ମୋତେ ଫୋନ୍ କରି ଠିକଣା ତଥା ଲୋକେସନ ବତଉଥିଲେ।"

ଯୁବକ ଜଣଙ୍କ ଅତିଶୀଘ୍ର ଗୋଟିଏ ଅଟୋବାଲା ସହିତ କଥାବାର୍ତ୍ତା କଲା ଓ ଅଟୋରେ ବସିବା ପାଇଁ ସୁକନ୍ୟାକୁ ଅନୁରୋଧ କଲା। ଯଥା ସମୟରେ ଯୁବକଙ୍କୁ ତାଙ୍କ ଗନ୍ତବ୍ୟସ୍ଥଳିରେ ପହଞ୍ଚାଇ ଦେଇ ଘର ମୁହାଁ ହେଲା ସୁକନ୍ୟା। ଘରେ ପହଞ୍ଚି ଅଟୋବାଲାକୁ ଭଡା ଦେବାକୁ ଯାଉଥିବା ବେଳେ ସେ କହିଲା – "ଅଟୋରେ ବସି ବା ବେଳେ ହିଁ ସାର୍ ମୋତେ ଭଡା ଦେଲେ ପରା, ଭୁଲିଗଲେ ମାଡାମ।"

ଯୁବକଟିର ସୌଜନ୍ୟତା, ଅସୀମ ଆତ୍ମୀୟତା, ସୁକନ୍ୟା ମନରେ ସୃଷ୍ଟି କରେ ଏକ ଅଜଣା ସମ୍ପର୍କ। ଇଚ୍ଛାହୁଏ ପୁଣିଥରେ ତା' ସହିତ ଦେଖା କରିବାକୁ। କଥାବାର୍ତ୍ତା କରିବାକୁ। ପୁଣି ଭାବେ, ନା – ନା – ବେକାର କଥା ମୁଁ କାହିଁକି ଭାବୁଛି ? ସିଏ ତଥା ତା' ସମ୍ପର୍କୀୟ ଲୋକ କ'ଣ ଭାବିବ ?

ମାମୁଁ ଘରୁ ଫେରିବା ଦୁଇଦିନ ପରେ ପୁଣି ଗୋଟିଏ ଭଲ ବିବାହ ପ୍ରସ୍ତାବ ଆସିଥିବା କଥା ଝିଅକୁ ଜଣାନ୍ତି ପ୍ରଭାତ ରାଉତ। ଝିଅକୁ ବୁଝେଇବାକୁ ଚେଷ୍ଟା କରି କହନ୍ତି – "ଦେଖ୍ ଝିଅ, ତୋ ମତାମତ ବିନା ମୁଁ କେବେ ହେଲେ ବିବାହ ସ୍ଥିର କରିବିନି। ମୋ ଉପରେ ଭରସା ରଖ୍ ! ସେମାନେ ଆସିବାକୁ ଚାହୁଁଛନ୍ତି ଯେତେବେଳେ ମନା ବି ତ କରିହେବନି। କାହିଁକି ନା, – ମଧ୍ୟସ୍ଥି ମୋର ଚିହ୍ନାଜଣା। ତେଣୁ ଆସନ୍ତୁ -- ବାସ୍ !"

ଜଣେ ଯୁବକ ସହିତ ଯଥା ସମୟରେ ମଧ୍ୟସ୍ଥି ଆସି ପହଞ୍ଚିଲା ପ୍ରଭାତ ରାଉତଙ୍କ ଘରେ। ଉଭୟ ପକ୍ଷ କିଛି କଥାବାର୍ତ୍ତା କରୁଥିବାର ଶୁଣି ପାରିଲା ସୁକନ୍ୟା। ତା'ପରେ ରୁମ ଭିତରକୁ ଆସି ତାକୁ ତାଙ୍କ ସାମ୍ନାରେ ଉପସ୍ଥିତ ହେବା ପାଇଁ କହିଲେ ସୁକନ୍ୟାର ପିତାମାତା।

ଝିଅ ଦେଖା ଶେଷ ହେବା ପରେ, ବରପକ୍ଷ ବିଦାୟ ନେବା ବେଳେ ପ୍ରଭାତ କହିଲେ – "ଆପଣମାନେ ଯେଉଁ କଥା ଆଗକୁ ବଢ଼େଇବା ବୋଲି କହୁଛନ୍ତି, ତାହା ଏତେ ଶୀଘ୍ର ହେଇପାରିବନି। ବିବାହ ପାଇଁ ପୁଅ ଝିଅ ଉଭୟଙ୍କ ସମ୍ମତି ନିହାତି ଜରୁରୀ ! ତେଣୁ ଟାଇମ୍ ଲାଗିବ ଆଜ୍ଞା !! କ୍ଷମା କରିବେ।" ଏଭଳି କହି ତାଙ୍କୁ ବିଦାୟ ଜଣେଇ ଘରକୁ ପ୍ରବେଶ କଲାବେଳେ ସୁକନ୍ୟା ଆନନ୍ଦ ବିଭୋର ହୋଇ କହିଲା – "ବାପା ଏ ପ୍ରସ୍ତାବରେ ମୁଁ ରାଜି କାରଣ ଏଇ ଯୁବକ ହିଁ ଥିଲା ସୁକନ୍ୟାର ଟ୍ରେନ ସହଯାତ୍ରୀ। ଆଶ୍ଚର୍ଯ୍ୟ ଚକିତ ହୋଇ ଝିଅ ମୁହଁକୁ ଚାହିଁ ରହିଲେ ପ୍ରଭାତ ରାଉତ।

*କ୍ୱାର୍ଟର ନଂ. ସି/୧୬୬, ସେକ୍ଟର – ୧୪*
*ରାଉରକେଲା – ୭୬୯୦୦୯*
*ଦୂରଭାଷ: ୮୦୧୮୨୩୦୭୪୦*

# ମାଇଲସ୍ ଟୁ ଗୋ ବିଫୋର ଆଇ ସ୍ଲିପ୍

## ପ୍ରଦୀପ୍ତ କବି

ଦୂର ଦିଗ୍‌ବଳୟ ପର୍ଯ୍ୟନ୍ତ ପ୍ରସାରିତ ସବୁଜ ଉପତ୍ୟକା, ଉପତ୍ୟକାର ସୀମାକୁ ଛୁଇଁଛି ଘଞ୍ଚ ଅରଣ୍ୟ । ଏକ ବିଶାଳ ଶାଳ ଗଛ ତଳେ ବସିଛି ପ୍ରତୀକ୍ଷା । ଦିନ ସରିନାହିଁ, ସନ୍ଧ୍ୟା ବି ପାଦ ଥାପି ନାହିଁ । କେବଳ ଦୂର ଦିଗ୍‌ବଳୟରେ ନୀଳ ଆକାଶର ଚାଦରରେ ହାଲ୍‌କା ନାଲି ଓ ସୁନେଲି ରଙ୍ଗ ଫେଣ୍ଟି ହୋଇ ଯାଇଛି । କାହିଁକି କେଜାଣି ପ୍ରତୀକ୍ଷାକୁ ସକାଳ ବେଳାରୁ ଏଇ ଇଲାକା ଯେମିତି ହାତ ଠାରି ଡାକୁଥିଲା । ଆଜି ପଇଁଚାଳିଶ ପୂରି ଛୟାଳିଶ ବର୍ଷରେ ସେ ପାଦ ଥାପିଲା । ଅନେକ ବର୍ଷ କଟିଛି ଏଇ ଶାଳ ଗଛ ମୂଳରେ 'ଅନୁଭବ' ସାନିଧ୍ୟରେ । ନିଜ ଅଜାଣତରେ ଅତୀତକୁ ଫେରିଗଲା ପ୍ରତୀକ୍ଷା, କେବେ ପ୍ରଥମେ ଦେଖା ହୋଇଥିଲା ଯେ ଅନୁଭବ ସହିତ ? ଶ୍ରାବଣର ଏକ ବର୍ଷାସିକ୍ତ ଦିନରେ ସ୍କୁଲକୁ ଯିବା ସମୟରେ ତରତରରେ ଛତା ନେବାକୁ ଭୁଲି ଯାଇଥିଲା... ଦ୍ୱାଦଶ ଶ୍ରେଣୀରେ ପାଠର ଚାପ ଖୁବ୍ ଅଧିକ ଥିଲା । ସ୍କୁଲରେ ମାଡାମ୍ ଦେଇଥିବା ହୋମ୍ ଟାସ୍କ ଶେଷ କରୁ କରୁ ଦିନ ସାଢେ ନ'ଟା ହୋଇ ଯାଇଥିଲା । ଠିକ୍ ଟାଇମ୍‌ରେ ସ୍କୁଲରେ ପହଞ୍ଚିବା ଚକ୍କରରେ ସେ ଛତା ନେବାକୁ ଭୁଲି ଯାଇଥିଲା । ଆଉ ସ୍କୁଲ ଛୁଟି ପରେ ହାଲ୍‌କା ହାଲ୍‌କା ବର୍ଷା ଆରମ୍ଭ ହୋଇ ଯାଇଥିଲା । ଶୀଘ୍ର କେମିତି ଘରକୁ ପହଞ୍ଚିବ ସେଥିପାଇଁ ସମସ୍ତ ଶକ୍ତି ଲଗାଇ ଦ୍ରୁତ ଗତିରେ ସାଇକଲ ଚଳାଉଥିଲା, ଘରକୁ ପହଞ୍ଚିବାକୁ ଅଳ୍ପ ବାଟ ଥିବା ସମୟରେ ହଠାତ୍ ତା' ଓଢଣୀ ଦେହରୁ ଟାଣି ହୋଇ ବାହାରି ଗଲା ଆଉ ସାଇକଲ ଗଡିବା ବି ବନ୍ଦ ହୋଇଗଲା । କିଛି ବୁଝି ନପାରି ସାଇକଲରୁ ଓହ୍ଲାଇ ଦେଖିଲା ବେଳକୁ ଓଢଣୀ ସାଇକଲର ଫ୍ରୀହୁଇଲରେ ଗୁଡାଇ ହୋଇ ଯାଇଥିଲା । କଣ କରିବ କିଛି ବୁଝି ପାରୁ ନଥିଲା ସେ । ସାଇକଲ୍ ଷ୍ଟାଣ୍ଡ ଲଗାଇ ଓଢଣୀକୁ ଭିଡିବାକୁ ଲାଗିଲା, ହେଲେ ଫ୍ରୀହୁଇଲ୍ ଦାନ୍ତରେ ଓଢଣୀ ଏମିତି ଫସିଥିଲା ଯେ ତାକୁ କେମିତି ବାହାର କରିବ କିଛି ବୁଦ୍ଧିବାଟ ଦେଖା ଯାଉନଥିଲା । ପୂରା ନର୍ଭସ ହୋଇ ରାସ୍ତାର ଉଭୟ ପାର୍ଶ୍ୱକୁ ଅନାଇବାକୁ ଲାଗିଲା । ଏମିତି କୋହଲା ପାଗରେ ରାସ୍ତାରେ କେହି ଯିବା ଆସିବା ଲୋକ ମଧ୍ୟ ନଜର ଆସୁନଥାନ୍ତି । ସାଇକଲ୍ ଗଡିବା ନାଁ ନେଉନି, ଏପଟେ ଟିପି ଟିପି ବର୍ଷାରେ ସ୍କୁଲ ୟୁନିଫର୍ମ ଓଦା ହେବାରେ ଲାଗିଛି । ହଠାତ୍ ଦୂରରୁ ଏକ ବାଇକ୍ ଆସୁଥିବା ଶବ୍ଦରେ ତା' ମନରେ ସାମାନ୍ୟ ଆଶାର ସଞ୍ଚାର ହେଲା, ହେଲେ ବାଇକ୍ ଚାଳକ କାହିଁକି ତା'ର ଏପରି ଦୂରାବସ୍ଥା ବୁଝିବ ଯେ ? ପୁଣି ଫ୍ରୀହୁଇଲ୍‌ରୁ ଓଢଣୀ ଟାଣିବାକୁ ଲାଗିଲା ସେ, ହଠାତ୍ ବାଇକ୍ ଚାଳକର ନଜର ତା' ଉପରେ ପଡିଲା ଆଉ ବାଇକ୍ ରାସ୍ତା କଡରେ ଛିଡା ହୋଇଗଲା । ନଜର ଉଠାଇ ପ୍ରତୀକ୍ଷା ଦେଖିଲା, ଦେହରେ ରେନ୍‌କୋଟ୍, ମୁଣ୍ଡରେ ହେଲମେଟ୍ ପରିହିତ ଜଣେ ଯୁବକ ବାଇକ୍ ରଖି ହେଲମେଟ୍ ଖୋଲିଲା ଓ ହେଲମେଟ୍ ଗାଡିର ହ୍ୟାଣ୍ଡଲରେ ଝୁଲାଇ ତା' ପାଖକୁ ଆସି କିଛି ନକହି ସିଧା ସାଇକଲ ପାଖକୁ ଯାଇ ଚକକୁ ପଛକୁ ବୁଲାଇ ବୁଲାଇ ଓଢଣୀକୁ ବାହାର କରି ପ୍ରତୀକ୍ଷା ହାତକୁ ବଢାଇ ଦେଲା । ପ୍ରତୀକ୍ଷା ଏବେ ଯାଇ ବାଇକ୍ ଚାଳକକୁ ନଜର ପୂରାଇ ଦେଖିଲା, ଡେଙ୍ଗା ତୋଫା ରଙ୍ଗର ଯୁବକ... ଖଣ୍ଡା ପରି ସଳଖ ନାକ, ସୁନ୍ଦର ସ୍ୱାସ୍ଥ୍ୟ... ନଜର ତଳକୁ କରି କହିଲା, "ଧନ୍ୟବାଦ"। "ଇଟ୍ସ ଅଲ୍ ରାଇଟ୍" କହି ଯୁବକ ବୁଲି ପଡି ବାଇକ୍ ପାଖକୁ ଯାଇ ହେଲମେଟ୍ ପିନ୍ଧି ଗାଡି ଷ୍ଟାର୍ଟ କରି ଦ୍ରୁତ ଗତିରେ ଦୂରରୁ ଦୂରକୁ ଚାଲିଗଲା । କିଛି ସମୟ ପାଇଁ ପ୍ରତୀକ୍ଷା ଯୁବକର ଅସାଧାରଣ ବ୍ୟବହାରରେ ଅପ୍ରସ୍ତୁତ ହୋଇ ସେମିତି ଛିଡା ହୋଇ ରହିଲା । ହେଲେ ପୁଣି ଏକ ଗାଡି ଶବ୍ଦରେ ପ୍ରକୃତିସ୍ଥ ହୋଇ ହାତରେ ଧରିଥିବା ଓଢଣୀକୁ ଅନାଇଲା, ଓଢଣୀର ଅଧା ଫ୍ରୀହୁଇଲ ଦାନ୍ତରେ ଗୁଡାଇ ହୋଇ ମୂଷା କାଟିବା ଭଳି ଛିଦ୍ର ହୋଇଥିବା ସହିତ ଗ୍ରୀସ୍ ଲାଗି କଳା କଳା ଦାଗ ପଡିଥିଲା । ଯେମିତି ସେମିତି ଓଢଣୀକୁ ଦେହରେ ପକାଇ ତା' ଦୁଇ ମୁଣ୍ଡକୁ ପିଠି ପଟେ ଗଣ୍ଠି ପକାଇ ସାଇକଲ୍ ଚଳାଇ ଘରକୁ ଛୁଟି ଯାଇଥିଲା, ଆଉ ତା' ପରଠୁ ସେ ସାଇକଲ୍ ଚଳାଇବା ପୂର୍ବରୁ ଓଢଣୀକୁ ପିଠି ପଟେ ଭଲ ଭାବରେ ଗଣ୍ଠି ପକାଇବାକୁ ଭୁଲୁ ନଥିଲା ।

ଫାଇନାଲ୍ ପରୀକ୍ଷା ପ୍ରସ୍ତୁତିରେ ପ୍ରାୟ ଦିନ ତମାମ୍ ଟିଉସନ୍, ସ୍କୁଲ ପୁଣି ରାତି ଦଶ ଏଗାର ପର୍ଯ୍ୟନ୍ତ ପଢିବା ପରେ ଡିନର୍ ନେଇ ବେଡ୍‌କୁ ଗଲେ ହଠାତ୍ ସ୍କୁଲ ଫେରନ୍ତା ସେଇ ହାସ୍ୟାସ୍ପଦ ଘଟଣା ସହିତ ଯୁବକର ଗାମ୍ଭୀର୍ଯ୍ୟ ଭରା ଚେହେରା ତା' ସ୍ମୃତିପଟରେ ଭାସି ଯାଇ ତାକୁ କେମିତି ବିଚଳିତ କରୁଥିଲା । ସେଇ ସୌମ୍ୟ ଚେହେରା ତା' ମନର ସରହଦ୍‌ରେ କେମିତି ଏକ ମିଠା ମିଠା ଶିହରଣ ଖେଳାଇ ଦେଉଥିଲା । ସବୁଦିନ ସ୍କୁଲ

କିମ୍ବା ଟିଉସନ୍ ଯିବା ସମୟରେ ତା' ନଜର ସବୁବେଳେ ସେ ଯୁବକକୁ ଖୋଜି ବୁଲୁଥିଲା । ହେଲେ ପରୀକ୍ଷା ସରିବା ଭିତରେ ଦ୍ୱିତୀୟ ଥର ପାଇଁ ସେ ଯୁବକର ଝଲକ ତାକୁ ମିଳି ନଥିଲା । ପରୀକ୍ଷା ଶେଷ ହେବା ପରେ ସେ ପୁରୀରେ ଥିବା ମାମୁ ଘରକୁ ଚାଲି ଯାଇଥିଲା, ଆଉ କିଛି ଦିନ ମାମୁପୁଅ ଭାଇ ସହିତ କେଉଁଦିନ ଶ୍ରୀମନ୍ଦିର ତ କେଉଁଦିନ ଚକ୍ରତୀର୍ଥ ବେଳାଭୂମିରେ ସମୟ କଟାଇ ଘରକୁ ପୁଣି ଫେରିଥିଲା । କିଛିଦିନ ପରେ ପରୀକ୍ଷା ଫଳ ପ୍ରକାଶ ପାଇଥିଲା ଆଉ ସେ ଭଲ ନମ୍ବର ରଖି ପ୍ରଥମ ଶ୍ରେଣୀରେ ପାଶ୍ କରି ରମ୍ବାଦେବୀ କଲେଜରେ ଆଡମିଶନ୍ ନେଇଥିଲା । ସ୍କୁଲ ଘର ଠାରୁ ଅଳ୍ପ ଦୂରରେ ଥିବାରୁ ସିନା ସାଇକଲ୍‌ରେ ଯାଉଥିଲା, ହେଲେ କଲେଜ ସହର ବାହାରେ ତା' ଘର ଠାରୁ ପ୍ରାୟ ତିନି କିଲୋମିଟର ଦୂରରେ ଥିଲା । ବାଧହୋଇ ବାପା ତା' ପାଇଁ ଗୋଟେ ସ୍କୁଟି କିଣି ଦେଇଥିଲେ ।

ରେଜଲ୍ଟ ବାହାରିବା ପରେ ମାଆ ତାକୁ ଜଗନ୍ନାଥ ମନ୍ଦିରରେ ଭୋଗ ଲଗାଇବାକୁ କହିଥିଲେ । ସେଥିପାଇଁ ସେ ସ୍କୁଟିରେ ମନ୍ଦିରକୁ ଯାଇଥିଲା । ପ୍ରତୀକ୍ଷା ମନ୍ଦିରରୁ ପୂଜା ସାରି ଭୋଗ ଧରି ବାହାରକୁ ଆସି କିଛି ଦୂରରେ ଛିଡା ହୋଇଥିବା ତା' ସ୍କୁଟି ପାଖକୁ ଆସିଛି, ଠିକ୍ ସେତିକି ବେଳେ ଜଣେ ଯୁବକ ବାଇକ୍‌ରେ ଆସି ତା' ସ୍କୁଟି ପାଖରେ ବାଇକ୍ ରଖି ହେଲମେଟ୍ ଖୋଲିବା ମାତ୍ରେ ପ୍ରତୀକ୍ଷା ତାକୁ ଅନାଇ ହଠାତ୍ ଆଶ୍ଚର୍ଯ୍ୟଚକିତ ହୋଇ ଯେମିତି ଜଡ ପାଲଟି ଗଲା । ଯୁବକର ମଧ ଯେମିତି ପ୍ରତୀକ୍ଷା ଉପରେ ନଜର ପଡିଛି ତା' ଚେହେରାରେ ସ୍ମିତ ହସ ଖେଳିଗଲା । ଯୁବକ ତା'ର ଅପ୍ରସ୍ତୁତତାକୁ ଦେଖି ସ୍କୁଟିକୁ ଅନାଇ କହିଲା, "ଯାହେଉ ଏବେ ଆଉ ସାଇକଲ୍ ଚକରେ ଓଢଣୀ ଫସିବାର ଚାନ୍ସ ନାହିଁ ।" ଲାଜ ଲାଜ ହୋଇ ସେ କହିଲା, "ସ୍କୁଲ ଘରଠାରୁ ଯେତେ ପାଖରେ ଥିଲା କଲେଜ ତ ସେତେ ପାଖରେ ନାହିଁ, ସେଥିପାଇଁ ବାପା ଏ ସ୍କୁଟି କିଣିଦେଇଛନ୍ତି । ପରୀକ୍ଷାରେ ପାଶ୍ କରି ଥିବାରୁ ମାଆ କହିଲେ ଠାକୁରଙ୍କ ପାଖରେ ଭୋଗ ଲଗାଇବାକୁ... ସେଥି ପାଇଁ ଆସିଥିଲି ।" ..."କଂଗ୍ରାଚୁଲେସନ୍... ଏବେ ତା'ହେଲେ କଲେଜରେ ପଢିବ ନୁହଁ?"..."ହଁ, ଏଇଠି ପ୍ଲସ୍ ଥ୍ରୀ ଆର୍ଟ୍ସରେ ଆଡମିଶନ୍ ପାଇଁ ଏପ୍ଲାୟ କରିଛି"...ଉତ୍ତର ଦେଲା ପ୍ରତୀକ୍ଷା, ହଠାତ୍ କଣ ଭାବି ଭୋଗ ଡାଲାରୁ ଭୋଗ କାଢି ଯୁବକକୁ ଦେଲା ଆଉ ସେ ଭୋଗ ଖାଇ ମୁଣ୍ଡରେ ହାତ ବୁଲାଇଲା । "ତୁମ ନାଁ କଣ ତ କହିଲନି ? ବାଇ ଦ ୱେ ଆଇ ଏମ୍ ଅନୁଭବ..ଅନୁଭବ ଦାସ...ହେଲେ ସାଙ୍ଗ ମାନେ ଜିତୁ ବୋଲି ଡାକନ୍ତି, ମୁଁ କଲ୍‌କାତାରେ ଟିସିଏସ୍‌ରେ ଚାକିରି କରେ । ପ୍ରତି ସପ୍ତାହରେ ଥରେ ଘରକୁ ଆସେ ।" ସେମିତି ନଜର ତଳକୁ କରି ସେ କହିଲା, "ମୋ ନାଁ ପ୍ରତୀକ୍ଷା..ପ୍ରତୀକ୍ଷା ମହାପାତ୍ର... ଘରେ ସମସ୍ତେ ପ୍ରୀତି ବୋଲି ଡାକନ୍ତି ।" ଅନୁଭବ କହିଲା, "ଏକା ସହରରେ ଆମେ ରହୁଛୁ ହେଲେ ଘରକୁ ଆସୁଥିବା ସମୟରେ ସହରର ବିଭିନ୍ନ ଗଳିକନ୍ଦିରେ, ମାର୍କେଟରେ ତୁମକୁ ଖୋଜିଛି, ଫ୍ରାଙ୍କଲି କହିବାକୁ ଗଲେ ତୁମ ସହିତ ପ୍ରଥମ ସାକ୍ଷାତ ହେବା ପରଠାରୁ କାହିଁକି କେଜାଣି ତୁମ ସହିତ ଦେଖା କରିବାକୁ, କିଛି ମୁହୂର୍ତ୍ତ କଟାଇବାକୁ ଭାରି ଇଚ୍ଛା ହେଉଥିଲା ।" ପ୍ରତୀକ୍ଷା ଲାଜରେ ଆଖି ତଳକୁ କରି, କିଛି କହିବ କହିବ ହେଲା.. ମାତ୍ର କିଛି କହି ପାରିଲା ନାହିଁ, ପୁଣି ଜିତୁ କହିଲା, "ମନରେ ଯାହା ଥିଲା କହିଦେଲି ଯଦି ସେମିତି କିଛି ଖରାପ ଭାବୁଛ କ୍ଷମା ମାଗୁଛି ।" ସେମିତି ଲାଜୁଆ ଆଖିରେ ତାକୁ ଅନାଇ ପ୍ରତୀକ୍ଷା କହିଲା, "ଇଟ୍ସ ଅଲ ରାଇଟ୍"... ଆଉ ଆଖି ତଳକୁ କରି ଆବେଗରେ କହି ପକାଇଲା, "ମୁଁ ବି ଆପଣଙ୍କ ସହ ସାକ୍ଷାତ ହେବା ପରଠାରୁ ବହୁତ ଡିଷ୍ଟର୍ବଡ ରହୁଥିଲି ।" "ପ୍ରଥମ କଥା ହେଉଛି ମୋତେ ଆପଣ ନକହି ତୁମେ କହିଲେ ଭଲ ଲାଗିବ, ଯାହେଉ, ମୋତେ ଲାଗୁଛି କେବଳ ମୁଁ ହିଁ ତୁମକୁ ଖୋଜୁଥିଲି,ହେଲେ ତୁମେ ବି ମୋତେ ଯେ ଖୋଜୁଥିଲ ଶୁଣି ଖୁସି ଲାଗିଲା । ଆମେ କଣ ଫ୍ରେଣ୍ଡ ହିସାବରେ ପରସ୍ପର ସହିତ ଦେଖା ସାକ୍ଷାତ କରି ପାରିବାନି, ସନ୍ଧ୍ୟାରେ ତୁମର ପ୍ରୋଗ୍ରାମ୍ କଣ ଥାଏ ଯେ ?" ଅନୁଭବ ପଚାରିଲା । "ସନ୍ଧ୍ୟା ତ ନୁହେଁ ସନ୍ଧ୍ୟା ପୂର୍ବରୁ ଇଭନିଙ୍ଗ ୱାକ୍ ପାଇଁ ମୁଁ ପ୍ରାୟ ଷ୍ଟାଡିୟମ୍‌କୁ ଯାଏ, ଆପଣ.. ସରି..ତୁମେ ସେଇଠିକୁ ଆସିଲେ ସାକ୍ଷାତ ହେବ ।" "ରିଏଲି ଆଇ ଆମ୍ ହ୍ୟାପି... ଏତେ ଦିନ ତୁମକୁ ଖୋଜିବା ପରେ ବି ଦେଖା ପାଉ ନଥିବାରୁ ଭାବିଥିଲି ବୋଧ ହୁଏ ତୁମ ସହିତ ମୋର କେବେ ବି ସାକ୍ଷାତ ହେବ ନାହିଁ... ହେଲେ ଦେଖ ଆଜି ଭଗବାନଙ୍କ ଦୟାରୁ ତାଙ୍କରି ସ୍ଥାନରେ ହିଁ ଆମର ଭେଟଘାଟ ହୋଇଗଲା । ଏନିୱେ ତା'ହେଲେ ଆମେ ସନ୍ଧ୍ୟା ଓଳି ଭେଟିବା । ବାଏ... ମୁଁ ଆସୁଛି.. ଠାକୁରଙ୍କୁ ଟିକିଏ ଦର୍ଶନ କରି ତାଙ୍କୁ ଧନ୍ୟବାଦ ଜଣାଇ ଆସେ" କହି ଜିତୁ ମନ୍ଦିର ଦିଗକୁ ଚାଲି ଗଲା । କିଛି ସମୟ ପାଇଁ ପ୍ରତୀକ୍ଷା ତା'କୁ ଅନାଇ ରହିଲା, ଚେହେରାରେ ତା'ର ଲାଳିମା ଛାଇ ହୋଇ ଯାଇଥିଲା । ସ୍କୁଟି ଡିକିରେ ଭୋଗ ରଖି ସ୍କୁଟି ଷ୍ଟାର୍ଟ କରି ମନ୍ଦିରରୁ ଘରକୁ ଫେରିଥିଲା ।

ସଂଯୋଗ ହେଉ କି ଉଭୟଙ୍କର ପରସ୍ପର ପ୍ରତି ଏକ ଅଦୃଶ୍ୟ ଆକର୍ଷଣ ଯୋଗୁ କିଛି ମାସ ଭିତରେ ଉଭୟଙ୍କ ମଧରେ ସମ୍ପର୍କର ସେତୁ ବନ୍ଧୁତା ଠାରୁ ଆଉ କିଛି ପାଦ ଆଗକୁ ବଢି ଯାଇଥିଲା । ସାଧାରଣତଃ ଷ୍ଟାଡିୟମ୍‌ର ସିମେଣ୍ଟ ବ୍ୟାଞ୍ଚ, ପାର୍କ, ବଡ ବନ୍ଧରେ ବୋଟିଙ୍ଗ ଓ ୱାକିଙ୍ଗ ଟ୍ରାକ୍, ସହରର ସବୁଠାରୁ ପ୍ରସିଦ୍ଧ ସୋନୁ କଫି ପ୍ଲାଜା ଆଉ ସହର ସନ୍ନିକଟ ଶାଳ, ପିଆଶାଳ ଅରଣ୍ୟର ସବୁଜିମାରେ ସେମାନେ ହଜି ଯାଉଥିଲେ । ଜିତୁର ବାପା ତହସିଲଦାର ରୂପେ ସୁନ୍ଦରଗଡରେ କାର୍ଯ୍ୟରତ ଥିବା ସମୟରେ ହିଁ ହାଟ୍ ଏଟାକ୍‌ରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା । ମୃତ୍ୟୁ ପୂର୍ବରୁ ସେ ନିଜର ଏଇ ସହରରେ ଦି'ମହଲା ଘରଟିଏ ତୋଳିଥିଲେ । ବିଧବା ମାଆ ଓ ଜିତୁ ଉପର ମହଲାରେ ରହୁଥିଲେ, ତଳ ମହଲା ଭଡା ଲାଗିଥିଲା । ବାପାଙ୍କ ପେନସନ୍, ତା' ଦରମା ଓ ଘର ଭଡାରୁ ମିଳୁଥିବା ଅର୍ଥରେ ସେମାନେ ବେଶ୍ ଭଲରେ ଚଳୁଥିଲେ । ପ୍ରତୀକ୍ଷାର ବାପା ଏକ ମଲ୍‌ରେ ମ୍ୟାନେଜର ଥିଲେ । ବାପା ମାଆଙ୍କ ବ୍ୟତୀତ ତା' ତଳେ ଅଷ୍ଟମ ଶ୍ରେଣୀରେ ପଢୁଥିବା ସାନ ଭାଇ ରାଜୁ ଓ ପଞ୍ଚମ ଶ୍ରେଣୀରେ ପଢୁଥିବା ସାନ ଭଉଣୀ ଲାଲିକୁ ନେଇ ତା'ର ପରିବାର । ପ୍ରତି ସପ୍ତାହର ଶନିବାର ରାତିରେ ଜିତୁ କଲ୍‌କାତାରୁ ଆସି ରବିବାର ସକାଳେ ଘରେ ପହଞ୍ଚେ, ସକାଳ ଓଳି ଓ ଦ୍ୱିପ୍ରହର ପରେ ସେମାନେ ଘୂରି ବୁଲନ୍ତି, ପୁଣି ରାତିରେ ଜିତୁ କଲ୍‌କାତା ଫେରିଯାଏ । ଦିନ ପ୍ରତିଦିନ, ସପ୍ତାହ, ମାସ,

ବର୍ଷ ଗଡି ଚାଲିଲା ଆଉ ସମୟ ସହିତ ତାଳ ଦେଇ ସେମାନଙ୍କ ଭିତରେ ସମ୍ପର୍କ ଗାଢରୁ ଗାଢତର ହେବାକୁ ଲାଗିଲା, ଏ ଭିତରେ ପ୍ରତୀକ୍ଷାର ଗ୍ରାଜୁଏସନ୍ ଶେଷ ହୋଇଥାଏ । ମାତ୍ର ଆଗକୁ କଣ କରିବ କିଛି ଠିକ୍ କରି ନଥାଏ । ଏଥର ଦୂର୍ଗାପୂଜା ପାଖେଇ ଆସୁଥାଏ, ତମାମ୍ ପଶ୍ଚିମବଙ୍ଗରେ ଦୁର୍ଗାପୂଜା ଧୁମଧାମ୍‌ରେ ପାଳିତ ହେଉଥିବାରୁ ଜିତୁକୁ ପ୍ରାୟ ସପ୍ତାହେ ଛୁଟି ନେବାର ସୁଯୋଗ ମିଳି ଯାଇଥିଲା । ଏ ଖବର ସେ ପ୍ରତୀକ୍ଷାକୁ ଫୋନ୍ କରି କହିବା ପରଠାରୁ ପୂରା ଗୋଟେ ସପ୍ତାହ ପୁଣି ଦୁର୍ଗାପୂଜା ଭଳି ସ୍ୱତନ୍ତ୍ର ପାର୍ବଣ ସମୟ ତା'ର ଜିତୁ ସହିତ କଟିବ ବୋଲି କଳ୍ପନା କରିବା ମାତ୍ରେ ସେ ଯେମିତି ମେଘର ଆସ୍ତରଣ ଭିତରେ ଡେଣା ମେଲାଇ ଶୂନ୍ୟରେ ଉପରୁ ଉପରକୁ ଉଡି ଯାଉଥିବା ପରୀ ଭଳି ଅନୁଭବ କରୁଥିଲା ।

ଶରତ ଋତୁର ସୁନୀଳ ଆକାଶର ଛାତିରେ ବିଭିନ୍ନ ଆକୃତିରେ ସଜାଇ ହୋଇଥିବା ମେଞ୍ଚା ମେଞ୍ଚା ଶୁଭ୍ର ମେଘମାଳା ଆଉ ହାଲ୍‌କା ହାଲ୍‌କା ପବନରେ ନଈକୂଳରେ ବିସ୍ତାରିତ କାଶତଣ୍ଡି ଫୁଲଙ୍କ ଝୁମିବା ସହିତ ବିଭିନ୍ନ ପୂଜା ମଣ୍ଡପରେ ବାଜୁଥିବା 'ଢାକାଇ' ବାଜା ତାଳରେ ଶାରଦୀୟ ପୂଜାର ଆଗମନ ହୋଇଥିଲା, ଷଷ୍ଠୀ ଆଗ ଦିନ ହିଁ ଜିତୁ ଘରକୁ ଆସି ଯାଇଥିଲା । ସପ୍ତମୀ, ଅଷ୍ଟମୀ ଓ ନବମୀ ସେମାନେ ସହରର ବିଭିନ୍ନ ମେଢ ଓ ମେଳାରେ ଘୂରି ବୁଲି ସମୟ କଟାଇଥିଲେ । ବିଜୟା ଦଶମୀ ଦିନ ସକାଳ ଓଳି ସେମାନଙ୍କର ପରସ୍ପର ଘରେ ପୂଜାରେ ସମୟ କଟିଥିଲା । ହେଲେ ସନ୍ଧ୍ୟା ହେବାର ବହୁ ପୂର୍ବରୁ ସେମାନେ ପୁଣି ଏକାଠି ହୋଇଥିଲେ, ତିନି ଦିନର ହୋ ହାଲ୍ଲାରୁ ସେମାନେ ବାହାରି ଯାଇ ସହର ସଂଲଗ୍ନ ଶାଳ, ପିଆଶାଳ ଅରଣ୍ୟକୁ ଛୁଟି ଯାଇଥିଲେ । କାରଣ ତା'ପରଦିନ ଜିତୁର ଛୁଟି ଶେଷ ହେଉ ଥିବାରୁ ତା'କୁ କଲ୍‌କାତା ଫେରିବାର ଥିଲା । ଉଭୟଙ୍କ ସ୍ନେହ, ଆନ୍ତରିକତା ଭରା ଆଳାପକୁ କାନ ଡେରି ଶୁଣୁଥିବା ସେଇ ପୁରୁଣା ବୁଢା ଶାଳଗଛ ମୂଳରେ ଦୁହେଁ ନିରବରେ ବସି ରହି କିଛି ସମୟ ଦୂର ଦିଗ୍‌ବଳୟକୁ ଅନାଇ ରହିଥିଲେ । ହଠାତ୍ ନିରବତା ଭାଙ୍ଗି ଜିତୁ କହିଲା, "ତୁ ତ ଦିନ ତମାମ୍ ଘରେ ରହୁଛୁ, ଆଗକୁ କିଛି କଲା ଭଳି ବି ଜଣା ପଡୁନି, ତେଣୁ ବେକାର ଘରେ ବସି ରହିବା ଅପେକ୍ଷା ମୋ ଘରକୁ ଚାଲି ଆସିଲେ କେମିତି ହୁଅନ୍ତା ? ଦେଖ୍ ମୁଁ ସପ୍ତାହର ଛଅ ଦିନ ରହୁଛି କଲ୍‌କାତାରେ... ଏପରି କି ପ୍ରତି ରବିବାରରେ ମଧ୍ୟ ସବୁବେଳେ ଆସିବା ସମ୍ଭବ ହେଉନାହିଁ । ମାଆ ଏଠି ଏକା ଏକା ଦିନ ତମାମ୍ ରହୁଛି, ଇଲେକ୍ଟ୍ରିକ୍ ବିଲ୍, ପାଣି ବିଲ୍ ଠାରୁ ଆରମ୍ଭ କରି ପେନସନ୍, ପରିବାପତ୍ର, ସଉଦା ସବୁ କଥା ତାକୁ ବୁଝିବାକୁ ପଡୁଛି । ମାଆ ଓ ତୋ ବାବା ମାଆ ତ ପ୍ରାୟ ଏକରକମ ଆମ ସମ୍ପର୍କ ବିଷୟରେ ସବୁ ଜାଣି ସାରିଛନ୍ତି । ସେଥିପାଇଁ ମାଆ ଜିଦି କରୁଛି ଶୀଘ୍ର ତୋତେ ବୋହୁ କରି ନେଲେ ଆମେ ସମସ୍ତେ କଲ୍‌କାତା ଚାଲିଯାନ୍ତୁ ଫଳରେ ସବୁ ସମସ୍ୟାର ସମାଧାନ ହୋଇଯାନ୍ତା.. ତୁ କଣ କହୁଛୁ ଯେ ?" ବାହାଘର କଥା ଶୁଣି ପ୍ରତୀକ୍ଷାର ହୃଦ ସ୍ପନ୍ଦନ ବଢିଗଲା । ଚେହେରାରେ ଅସ୍ତଗାମୀ ସୂର୍ଯ୍ୟଙ୍କ ଲାଳିମା ଯେମିତି ଲେସି ହୋଇଗଲା । କହିଲା, "ମାଆଙ୍କୁ ଆମ ଘରେ ପ୍ରସ୍ତାବ ଦେଇ କଥା ପକ୍କା କରିବାକୁ କହୁନୁ.. ମୋତେ ବି ଲାଗୁଛି, ଏମିତି ତୋ ଠାରୁ ଅଲଗା ହୋଇ ଆଉ ବେଶୀ ଦିନ ରହି ପାରିବିନି ।" ଜିତୁ ଓଠରେ ଚେନାଏ ହସ ଖେଳିଗଲା କହିଲା, "ଠିକ୍ ଅଛି ମୁଁ ଆସନ୍ତା ଥର ଆସିଲେ କଥା ଆଗକୁ ବଢାଇବା ।"ଦୂର ଦିଗ୍‌ବଳୟରେ ବୁଡି ଯାଉଥିବା ସୂର୍ଯ୍ୟଙ୍କ ଶେଷ ରକ୍ତିମ ଛଟାକୁ ଦ୍ରୁତ ଗତିରେ ଅନ୍ଧକାରର ଚାଦର ଢାଙ୍କି ଚାଲିଥିଲା । ଜିତୁ କହିଲା, "ଚାଲ ଏବେ ଘରକୁ ଫେରିବା ।" ସେଦିନ ସେମାନେ ଘରକୁ ଫେରି ଆସିଥିଲେ । ଜିତୁ ତା' ପର ଦିନ କଲ୍‌କାତା ଫେରି ଯାଇଥିଲା । ଏ ଭିତରେ କିଛି ଦିନ ଗଡି ଯାଇଥିଲା ।

ଏକ ଶନିବାର ରାତିରେ ଜିତୁ ପାଖରୁ ଫୋନ୍ ଆସିଥିଲା । କାଲି ସକାଳେ ସେ ପହଞ୍ଚିବ ଓ ସନ୍ଧ୍ୟାରେ ମା'ଙ୍କୁ ନେଇ ତାଙ୍କ ଘରକୁ ଯିବ ବୋଲି କହିଲା, ସାଧାରଣତଃ ପ୍ରତୀକ୍ଷାର ନିଦ ଭୋର ବେଳକୁ ଭାଙ୍ଗି ଥାଏ । ହେଲେ ଶନିବାର ରାତିରେ ଜିତୁ ଠାରୁ ଫୋନ୍ ପାଇବା ପରେ ବିଛଣାରେ ଗଡି ରହିଲେ ବି ନିଦ ଆସୁ ନଥିଲା । ବାରଂବାର ଜିତୁ ଓ ତା' ଭିତରେ ଗଢି ଉଠିଥିବା ଦୀର୍ଘ ବର୍ଷର ଅନେକ ଖଟାମିଠା ସ୍ମୃତି ତାକୁ ଯେମିତି ବିଚଳିତ କରୁଥିଲା, ସେଇ ସ୍ମୃତି ସବୁକୁ ରୋମନ୍ଥନ କରୁ କରୁ ବହୁ ଡେରିରେ ତା'ର ଆଖି ଲାଗିଥିଲା, ଆଉ ସେଥିପାଇଁ ସକାଳେ ଟିକିଏ ଲେଟ୍‌ରେ ନିଦ ଭାଙ୍ଗିଥିଲା । ତରତର ହୋଇ ନିତ୍ୟକ୍ରମ ସାରି କିଚେନ୍‌କୁ ଗଲା ବେଳକୁ ମାଆ ଜଳଖିଆ ପ୍ରସ୍ତୁତ କରୁଥିଲେ । ପ୍ରତୀକ୍ଷା ଉପରେ ନଜର ପଡିବା ମାତ୍ରେ କହିଲେ, "ତୁ ଜଳଖିଆ କରି ଭାତ ଡାଲି ରାନ୍ଧି ଦେଇଥିବୁ, ଘରେ କିଛି ପରିବା ନାଇଁ, ଏ ମାସର ସଉଦା ବି ଆଣିବାକୁ ପଡିବ । ମୁଁ ବାପାଙ୍କ ସହିତ ଯାଉଛି ମାର୍କେଟିଙ୍ଗ ପାଇଁ, ଫେରିଲା ପରେ ତରକାରି କଣ ହେବ ଦେଖିବି ।" ମାଆ, ବାପାଙ୍କ ପାଇଁ ଜଳଖିଆ ନେଇ କିଚେନ୍‌ରୁ ବାହାରିବା ପରେ ସେ ଜଳଖିଆ ଓ ଚାହା ପିଇବା ପରେ ଦୁଇଟି ପାତ୍ରରେ ଚାଉଳ ଆଉ ଡାଲି ବତୁରାଇ ନିଜ ରୁମ୍‌କୁ ଯାଇ ଡ୍ରେସିଙ୍ଗ ଟେବୁଲ ସାମ୍ନାରେ ଛିଡା ହୋଇ ଓଲରା ବାଳରେ ହାତ ମାରିଲା । ତା' ଚେହେରାର ପ୍ରତିବିମ୍ବକୁ ଆଇନାରେ କିଛି ସମୟ ଦେଖିବା ପରେ ସେ ସାଧାରଣ ନା ଅସାଧାରଣ ସୁନ୍ଦରୀ ସେ ନେଇ କିଛି ସମୟ ପାଇଁ ନିଜ ଚେହେରା ପରଖିବା ପରେ ଲାଜେଇ ଯାଇ ଡ୍ରେସିଙ୍ଗ ଟେବୁଲ ପାଖରୁ ଯାଇ ବେଡ୍‌ରେ ଚିତ୍ ହୋଇ ପଡିଗଲା । ବାହାରୁ ମାଆ କହିଲେ, "ପ୍ରୀତି ଆମେ ଆସୁଛୁ", କିଛି ମୁହୂର୍ତ୍ତ ପରେ ବାହାରେ ବାପାଙ୍କ ବାଇକ୍ ଶବ୍ଦ ଶୁଭିଲା। ବେଡ୍‌ରେ ଆଖି ବନ୍ଦ କରି ଜିତୁ ସହିତ ବାହାଘର ପ୍ରସଙ୍ଗ କଥା ଭାବିବା ମାତ୍ରେ ପୂରା ଶରୀରରେ ଏକ ମିଠା ଶିହରଣ ଖେଳିଗଲା। ଜିତୁ କହୁଥିଲା, ଆଜି ସନ୍ଧ୍ୟାରେ ମାଆଙ୍କୁ ନେଇ ତାଙ୍କ ଘରକୁ ଆସିବ ବୋଲି । ବାପା ମାଆ ଉଭୟଙ୍କ ସମ୍ପର୍କ ବିଷୟରେ ଜାଣି ଥିବାରୁ ତାକୁ ଲାଗୁଥିଲା ସେମାନେ ତାଙ୍କ ବାହାଘର ପାଇଁ ନିଶ୍ଚିତ ଭାବେ ସମ୍ମତି ଦେବେ । ସାମ୍ନା ରୁମ୍‌ରୁ ରାଜୁ ଓ ଲାଲିଙ୍କ ଭିତରେ କିଛି କଥାକୁ ନେଇ ଯୁକ୍ତିତର୍କ ଶୁଣି ପ୍ରତୀକ୍ଷାର ତନ୍ମୟତା ଭାଙ୍ଗିଗଲା । ଚାଉଳ, ଡାଲି ପ୍ରେସର୍ କୁକର୍‌ରେ ବସାଇବାକୁ ହେବ ଭାବି ବେଡ୍‌ରୁ ଉଠିଛି ତା' ମୋବାଇଲ୍ ରିଙ୍ଗ ହେଲା । ଜିତୁର ଫୋନ୍ ଆସିଥିବ ଭାବି ତରତରରେ ଫୋନ୍ ଉଠାଇ ଦେଖିଲା ବେଳକୁ ଏକ ଅଜଣା ନମ୍ବରରୁ କଲ୍ ଆସୁଥିଲା, ଅଜଣା ନମ୍ବର ଦେଖି କଲ୍ ରିସିଭ୍ କରିବ କି ନାଇଁ ଚିନ୍ତା କରୁ କରୁ ରିଙ୍ଗ ବନ୍ଦ ହୋଇଗଲା । ଠିକ୍ ଫୋନ୍

ରଖିବାକୁ ଯାଉଛି ପୁଣି ରିଙ୍ଗ ଆରମ୍ଭ ହୋଇଗଲା । ବାଧ୍ୟରେ କଲ୍ ରିସିଭ୍ କରି କାନରେ ଲଗାଇଲା କହିଲା, "ହ୍ୟାଲୋ", ସେପଟୁ ପୁରୁଷ କଣ୍ଠସ୍ୱର ଭାସି ଆସିଲା, "ଆପଣ ସୁବ୍ରତ ବାବୁଙ୍କ ଘରୁ କହୁଛନ୍ତି ତ ?" ପ୍ରତୀକ୍ଷା କହିଲା, "ହଁ ମୁଁ ତାଙ୍କ ଝିଅ କହୁଛି ।" ସେପଟୁ ଅଜଣା ବ୍ୟକ୍ତି ଜଣକ କହିଲେ, "ମୁଁ ଟାଉନ୍ ଥାନା ଇନଚାର୍ଯ କହୁଛି, ଆପଣ ଆଦୌ ବ୍ୟସ୍ତ ହେବେନାହିଁ... ଘଟଣା କଣ କି ଆପଣଙ୍କ ବାପାଙ୍କ ବାଇକ୍ ଟ୍ରାଫିକ୍ ଛକ ପାଖରେ ଏକ ଟ୍ରକ୍ ସହିତ ଧକ୍କା ହୋଇଛି, ତାଙ୍କ ସାଥିରେ ଆପଣଙ୍କ ମାଆ ମଧ୍ୟ ଥିଲେ, ଉଭୟଙ୍କୁ ଆମେ ହସ୍ପିଟାଲ୍‌କୁ ସିଫ୍ଟ କରିଛୁ... ଆପଣଙ୍କ ଘରେ ଆଉ କେହି ମେଲ୍ ପରସନ୍ ନାହାନ୍ତି ?" ପ୍ରତୀକ୍ଷା ସ୍ଥାଣୁ ପାଲଟି ଯାଇଥିଲା... ମୁହଁରୁ କଥା ବାହାରୁ ନଥିଲା... ବହୁ କଷ୍ଟରେ ଉତ୍ତର ଦେଲା, "ନା... ହେଲେ ମୋର ଜଣେ ସମ୍ପର୍କୀୟ ଏଇ ସହରରେ ରହନ୍ତି.. ତାଙ୍କୁ ନେଇ ମୁଁ ଯେତେ ଶୀଘ୍ର ସମ୍ଭବ ପହଞ୍ଚୁଛି, ବାପା ମାଆଙ୍କ ସେମିତି ବିଶେଷ କିଛି ଗୁରୁତର ହୋଇ ନାହିଁ ତ ?" ସେପଟୁ ଇନ୍‌ଚାର୍ଯ କହିଲେ, "ଆପଣ ଅଧୈର୍ଯ୍ୟ ନ ହୋଇ ଯେତେ ଶୀଘ୍ର ସମ୍ଭବ ଏଠିକୁ ଆସନ୍ତୁ," କହି ଫୋନ୍ କାଟିଦେଲେ । ପ୍ରତୀକ୍ଷାର ଶରୀର ବରଡା ପତ୍ର ପରି ଥରୁଥିଲା, ବହୁ କଷ୍ଟରେ ନିଜକୁ ନିୟନ୍ତ୍ରଣ କରି ସେ ଜିତୁକୁ ଫୋନ୍ ଲଗାଇଲା । ସେପଟୁ ଜିତୁ ଫୋନ୍ ରିସିଭ କଲା ମାତ୍ରେ ଥର ଥର ଗଳାରେ ବାପା ମାଆଙ୍କ ଆକ୍ସିଡେଣ୍ଟ କଥା କହିଲା । ଜିତୁ ଘଟଣାର ଗୁରୁତ୍ୱ ଜାଣି ତା'କୁ କହିଲା, "ତୁ ଆଦୌ ବ୍ୟସ୍ତ ହେବା ଦରକାର ନାହିଁ... ମୁଁ ପାଞ୍ଚ ମିନିଟ୍ ଭିତରେ ପହଞ୍ଚୁଛି, ହଁ ରାଜୁ ଓ ଲାଲିଙ୍କୁ ଏବେ କିଛି କହିବୁନି, ଫୋନ୍ ରଖି ତୁ ରେଡି ହୋଇଥା ।"

କିଛି ସମୟ ଭିତରେ ଜିତୁ ତା' କାର୍‌ରେ ଆସି ପହଞ୍ଚିଲା, ପ୍ରତୀକ୍ଷା ଲାଲି ଓ ରାଜୁଙ୍କୁ "ମୁଁ ଟିକିଏ ଆସୁଛି," କହି ତର ତର ହୋଇ ବାହାରକୁ ଯାଇ ଜିତୁ ସହିତ ଗାଡିରେ ବସିଗଲା । ଜିତୁ ଯୋର୍‌ରେ ଗାଡି ଚଳାଇ ହସ୍ପିଟାଲ୍ ସାମ୍ନାରେ ଗାଡି ରଖିଲା, ବାହାରେ ପୋଲିସ୍ ଜିପ୍ ପାଖରେ ଦି'ତିନି ଜଣ ପୋଲିସ ଛିଡା ହୋଇଥିଲେ... ବାରଣ୍ଡାରେ ଥାନା ଇନ୍‌ଚାର୍ଯ ବୋଧହୁଏ ହସ୍ପିଟାଲର କୌଣସି କର୍ମଚାରୀଙ୍କ ସହିତ କଥା ହେଉଥିଲେ। ସେମାନେ ତାଙ୍କ ପାଖକୁ ପହଞ୍ଚି ନିଜ ପରିଚୟ ଦେବା ପରେ ଥାନା ଇନ୍‌ଚାର୍ଯ ଜିତୁକୁ ଇସାରରେ ସାମାନ୍ୟ ଦୂରକୁ ଡାକି ନେଇ କଣ କହିଲେ... ପ୍ରତୀକ୍ଷା ହୃଦ୍‌ସ୍ପନ୍ଦନ ବଢିଗଲା... ଜିତୁ ତା' ପାଖକୁ ଆସିବା ସମୟରେ ପ୍ରତୀକ୍ଷା ତା' ଚେହେରାରେ ଗଭୀର ଚିନ୍ତାର ରେଖା ଦେଖି ଆହୁରି ବେଶୀ ନର୍ଭସ ହୋଇଗଲା । ଜିତୁ ପାଖକୁ ଆସି ତାକୁ ଏକରକମ ନିଜ ସହିତ ଜଡାଇ ଧରି ଆଉଟ୍‌ଡୋର୍ ଭିତରକୁ ନେଇଗଲା । ହଲ୍ କଡରେ ଦୁଇଟି ଷ୍ଟ୍ରେଚର୍ ଉପରେ ଦୁଇଟି ଶରୀର ଉପରେ ଧଳା ଚଦର ଢଙ୍କା ହୋଇଥିଲା, ପ୍ରତୀକ୍ଷାକୁ ବୁଝିବାକୁ ଡେରି ଲାଗିଲାନି ଯେ ତା' ବାପା ମାଆ ଆଉ ନାହାନ୍ତି... ହଠାତ୍ ଚାରିଆଡେ ତାକୁ ଅନ୍ଧାର ଦେଖାଗଲା... ଆଖିପତା ଆପେ ଆପେ ବନ୍ଦ ହୋଇଗଲା... ତା' ପରେ ହଠାତ୍ ତା'ର ଚେତା ବୁଡିଗଲା । ଜିତୁ ତାକୁ ଏକପ୍ରକାର ଟେକି ନେଇ ସେଠାରେ ପଡିଥିବା ଏକ ବେଞ୍ଚରେ ଶୋଇ ଦେଲା । କେହି ଜଣେ ହସ୍ପିଟାଲ୍ କର୍ମଚାରୀ ପାଣି ବୋତଲ୍ ଆଣି ତା' ମୁହଁରେ ପାଣି ଛିଞ୍ଚିଲେ... କିଛି ସମୟ ପରେ ଧୀରେ ଧୀରେ ସେ ଆଖି ଖୋଲି ଅନାଇଲା । ଜିତୁ ରୁମାଲରେ ତା' ମୁହଁ ପୋଛୁଥିଲା। ସେ ଉଠିବାକୁ ଚେଷ୍ଟା କଲାରୁ ଜିତୁ ତାକୁ ସାହାରା ଦେଇ ବେଞ୍ଚରେ ବସାଇ ଦେଇ କହିଲା, "ଦେଖ୍ ପ୍ରୀତି, ଏବେ ତୋ'ର ପରୀକ୍ଷାର ପାଳି, ତୋତେ ଧୈର୍ଯ୍ୟ ଧରିବାକୁ ହେବ.. ନହେଲେ ଲାଲି ଓ ରାଜୁଙ୍କୁ ସମ୍ଭାଳିବା କଷ୍ଟକର ହେବ ।" ଥାନା ଇନ୍‌ଚାର୍ଯ ପାଖକୁ ଆସି ଭାବପ୍ରବଣ ହୋଇ କହିଲେ, "ଆଇ ଏମ୍ ସରି... ଟ୍ରକ୍ ଡ୍ରାଇଭରର ଭୁଲ୍ ଯୋଗୁ ଏତେ ବଡ ଦୁର୍ଘଟଣା ଘଟିଗଲା.. ଯେତେ ଶୀଘ୍ର ସମ୍ଭବ ଆମେ ଉଭୟଙ୍କୁ ହସ୍ପିଟାଲକୁ ସିଫ୍ଟ କରିଥିଲୁ ହେଲେ ଭଗବାନଙ୍କ ବରାଦ୍ ଯାହା ଥିବ ତାକୁ ତ କେହି ଟାଳି ପାରିବେନି । ମୁଁ ଡକ୍ଟରଙ୍କ ସହିତ କଥା ହୋଇଛି... ଅଳ୍ପ ସମୟ ଭିତରେ ପୋଷ୍ଟମର୍ଟମ୍ ସାରି ବୋଡ୍ଡି ହ୍ୟାଣ୍ଡଓଭର କରିଦେବୁ। ଆଉ ଯାହା ଫର୍ମାଲିଟି ଅଛି ସେ ସବୁ ପରେ ଦେଖିବା ।"

କ୍ରିମାଟରିୟମ୍‌ରେ ବାପା ମାଆଙ୍କ ଶରୀର ନିମିଷକ ମଧ୍ୟରେ ପୋଡି ପାଉଁଶରେ ପରିଣତ ହୋଇଗଲା, ଉଭୟ ଜିତୁ ଓ ପ୍ରତୀକ୍ଷା ନିରବରେ କ୍ରିମାଟରିୟମ୍ ବାହାରେ ଛିଡା ହୋଇଥିଲେ । ଦାହ ଶେଷ ହେବା ପରେ କ୍ରିମାଟରିୟମ୍‌ର ଜଣେ କର୍ମଚାରୀ ତାଙ୍କ ପାଖକୁ ଆସି ଏକ ପୁଟୁଳା ବଢାଇ ଦେଇ କହିଲା, "ଏଇ ଭସ୍ମ ରଖନ୍ତୁ, ଶେଷକୃତ ସମ୍ପନ୍ନ ପାଇଁ ।" ଜିତୁ ପୁଟୁଳା ତା' ପାଖରୁ ନେଲା । ଭାବପ୍ରବଣତାରେ ପ୍ରତୀକ୍ଷା ଆଖିରୁ ଟୋପା ଟୋପା ଲୁହ ଗଡିଗଲା, ଜିତୁ ତା'କୁ ନିଜ ପାଖକୁ ଭିଡି ନେଇ ଦୂରରେ ଛିଡା ହୋଇଥିବା ତା' କାର୍‌ରେ ବସାଇ କ୍ରିମାଟରିୟମ୍‌ରୁ ବାହାରି ଗଲା।

ପ୍ରତୀକ୍ଷା ପରିବାରର ସେମିତି କେହି ନିକଟତର ବନ୍ଧୁ ପରିଜନ ନଥିବାରୁ ଜିତୁ ଓ ପୋଡଶୀଙ୍କ ସହାୟତାରେ ବାପା ମାଆଙ୍କ ଶୁଦ୍ଧିକର୍ମ ଶେଷ ହେଲା, ପ୍ରତୀକ୍ଷା ପୁଅ ଭଳି ନନାଙ୍କ ନିର୍ଦ୍ଦେଶରେ ସବୁ ପାଳନ କରିଥିଲା । ଜିତୁ ଓ ଲାଲି କେବଳ ମୂକ ଦର୍ଶକ ପାଲଟି ସବୁ କାର୍ଯ୍ୟକ୍ରମ ଦେଖୁଥିଲେ, ଉଭୟ ପୂରା ନିରବୀ ଯାଇଥିଲେ । ଜିତୁ ଅଫିସରୁ ପନ୍ଦର ଦିନ ଛୁଟି ନେଇ ଶେଷକୃତ୍ୟ ସରିବା ପର୍ଯ୍ୟନ୍ତ ପ୍ରତୀକ୍ଷା ପଛରେ ଛାଇ ଭଳି ରହିଥିଲା । ବା'ର କର୍ମ ସରିବା ପରେ ଛୁଟିର ବଳକା ତିନି ଦିନ ମଧ୍ୟ ସେ ରାତି ପର୍ଯ୍ୟନ୍ତ ତାଙ୍କ ଘରେ ରହୁଥିଲା । ଛୁଟିର ଶେଷ ହେବା ଦିନ ସେ କହିଲା, "ପ୍ରୀତି ମୋର ତ ଛୁଟି ଶେଷ ହେଲା.. ଆଜି ରାତିରେ ମୋତେ କଲ୍‌କାତା ଫେରି ଯିବାକୁ ହେବ... ପୁଣି ଆସନ୍ତା ଶନିବାର ରାତିରେ ମୁଁ ଆସିବି... ହେଲେ କହି ରଖୁଛି... ଜମା ଅଧୈର୍ଯ୍ୟ ନହୋଇ ଲାଲି, ରାଜୁ ଆଉ ନିଜର ଯତ୍ନ ନେବୁ । ରାଜୁ ଓ ଲାଲି ବାପା ମାଆଙ୍କ ଏମିତି ଚାଲିଯିବାରେ ଏକରକମ ସ୍ଥାଣୁ ପାଲଟି ଯାଇଛନ୍ତି । ସେମାନଙ୍କ ଧ୍ୟାନ ହଟାଇ ପୁଣି ପାଠପଢାରେ ସେମାନଙ୍କୁ ଲଗାଇବା କାମ ତୋ'ର ।" ସେଦିନ ରାତିରେ ଜିତୁ କଲ୍‌କାତା ଚାଲି ଯାଇଥିଲା ।

ରାଜୁ ଓ ଲାଲିଙ୍କ ଭିତରେ ସବୁ ସମୟରେ ଲାଗି ରହିଥିବା ତୁ ତୁ ମେଁ ମେଁ ଆଉ ଶୁଭୁ ନଥିଲା, ଆଉ ସେ ନିଜେ ଯେମିତି ଏକ ରୋବର୍ଟ ପାଲଟି ଯାଇଥିଲା । ସକାଳୁ ଉଠି ଭାଇ ଭଉଣୀଙ୍କ ପାଇଁ ଜଳଖିଆ ପ୍ରସ୍ତୁତ କରିବା, ଉଭୟଙ୍କ ହୋମ୍ ଟାସ୍କ ଦେଖିବା, ସେମାନଙ୍କୁ ଲଞ୍ଚ କରାଇ ସ୍କୁଲ ପଠାଇ ନିଜେ ଦିନ ଗୋଟେ ଦି'ଟା ବେଳକୁ ଲଞ୍ଚ ନେଇ ବେଡ୍‌ରେ ଚିତ୍ ହୋଇ ପଡି ରହି ଛାତରେ ବୁଲୁଥିବା ସିଲିଂଫ୍ୟାନକୁ ଅନାଇ ରହିବା

ଯେମିତି ତା'ର ନିତି ଦିନିଆ ଅଭ୍ୟାସରେ ପରିଣତ ହୋଇ ଯାଇଥିଲା । ବାପା କାମ କରୁଥିବା ମଲ୍‌ର କର୍ତ୍ତୃପକ୍ଷଙ୍କ ତରଫରୁ ସାମାନ୍ୟ କିଛି ହଜାର ଟଙ୍କା ସହାୟତା ରୂପେ ମିଳିଥିଲା, ବାପାଙ୍କ ଆକାଉଣ୍ଟରେ ମଧ୍ୟ ଖାସ୍ ସେମିତି କିଛି ବେଶୀ ଟଙ୍କା ନଥିଲା । ଏସବୁ ଟଙ୍କାରେ କିଛି ମାସ ଚଳି ଯାଇହେବ, ଅବଶ୍ୟ ବାପା ମାଆଙ୍କ ଆକ୍ସିଡେଣ୍ଟରେ ମୃତ୍ୟୁ ହୋଇ ଥିବାରୁ ବୀମା ଟଙ୍କା ମିଳିବ, ସେଥିରେ ଭାଇ ଭଉଣୀ ଉଭୟଙ୍କୁ ହାୟାର ଏଜୁକେଶନ୍ ଦେବା ସମ୍ଭବ ହେବ । ଏଣୁ ତାକୁ ଯେମିତି ହେଉ ଶୀଘ୍ର କିଛି କାମ କରିବାକୁ ପଡିବ । ବହୁ ସମୟ ଚିନ୍ତା କଲା ପରେ ହଠାତ୍ ବାପାଙ୍କ ଜଣେ ଘନିଷ୍ଠ ବନ୍ଧୁ ଜଗଦୀଶ ଅଙ୍କଲଙ୍କ କଥା ମନେ ପଡିଲା । ସମାଜସେବା ସହିତ ଜଣେ ଭଲ ଲେଖକ ହିସାବରେ ସମାଜରେ ତାଙ୍କର ଖ୍ୟାତି ଥିଲା । ବାପା ମାଆଙ୍କ ଶୁଦ୍ଧିକ୍ରିୟାରେ ମଧ୍ୟ ସେ ବହୁତ ସାହାଯ୍ୟ କରିଥିଲେ । ସେ ଦିନ ଲାଲି ଓ ରାଜୁଙ୍କୁ ସ୍କୁଲ ପଠାଇବା ପରେ ଘରେ ତାଲା ଲଗାଇ ସ୍କୁଟି ଧରି ଜଗଦୀଶ ଅଙ୍କଲଙ୍କ ଘରକୁ ଯାଇଥିଲା । ସୌଭାଗ୍ୟକୁ ଅଙ୍କଲ ଘରେ ଥିଲେ । ତାଙ୍କୁ ନିଜର ଆର୍ଥିକ ସ୍ଥିତି ସମ୍ପର୍କରେ ଜଣାଇ ଯେମିତି ହେଉ ତାକୁ କେଉଁଠି ଚାକିରିରେ ଲଗାଇବାକୁ ଅନୁରୋଧ କରିଥିଲା । ଜଗଦୀଶ ଅଙ୍କଲ ସ୍ନେହରେ ତା' ପିଠିରେ ହାତ ବୁଲାଇ କହିଥିଲେ, "ମାଆ ତୁ ଜମା ବ୍ୟସ୍ତ ହେବା ଦରକାର ନାହିଁ, ତୁ ତ ଗ୍ରାଜୁଏସନ୍ କରିଛୁ... ଆଜିକାଲି ଘରୋଇ ଅନୁଷ୍ଠାନରେ ଝିଅ ପିଲାଙ୍କ ଏକ୍ସପ୍ଲଏଟେସନ୍ ବଢି ଚାଲିଛି । ତେଣୁ କୌଣସି ଘରୋଇ ଅନୁଷ୍ଠାନ ଅପେକ୍ଷା ପବ୍ଲିକ୍ ସ୍କୁଲରେ ଚାକିରି କରିବା ତୋ ପାଇଁ ଭଲ ହେବ । ତୁ ଆଦୌ ଚିନ୍ତା କରନା, ଆମ ସହରରେ ଗୁଡାଏ ପବ୍ଲିକ୍ ସ୍କୁଲ ଅଛି... ସେମିତି କୌଣସି ଭଲ ସ୍କୁଲ ଦେଖି ଦି'ତିନି ଦିନ ଭିତରେ ମୁଁ କିଛି ଗୋଟାଏ ବନ୍ଦବସ୍ତ କରିବି । ଆଉ ଅଙ୍କଲ ତାଙ୍କ ପ୍ରତିଶ୍ରୁତି ଅନୁସାରେ ଏକ ନାମୀ ପବ୍ଲିକ୍ ସ୍କୁଲରେ ତା' ପାଇଁ ଚାକିରି ଠିକ୍ କରି ଦେଇଥିଲେ, ଯଦିଓ ପବ୍ଲିକ୍ ସ୍କୁଲରେ ତାକୁ ସୀମିତ ଦରମା ମିଳିବ ତଥାପି ମନରେ ଭବିଷ୍ୟତକୁ ନେଇ ସାମାନ୍ୟ ଦମ୍ଭ ଆସି ଯାଇଥିଲା । ଏବେ ଭାଇ ଭଉଣୀଙ୍କୁ ସ୍କୁଲ ପଠାଇବା ସହିତ ସେ ନିଜେ ମଧ୍ୟ ଲଞ୍ଚ ନେଇ ସ୍କୁଲକୁ ବାହାରି ଯାଉଥିଲା ।

ଏ ଭିତରେ ଏକ ଲମ୍ବା ସମୟ ବିତି ଯାଇଥିଲା ଆଉ ସମୟ ସହିତ ତାଳ ଦେଇ ଲାଲି ଓ ରାଜୁଙ୍କ ବ୍ୟବହାର ଧୀରେ ଧୀରେ ସାଧାରଣ ହେଉଥିଲା । ଦିନ ତମାମ୍ ଘର ଓ ସ୍କୁଲର ବ୍ୟସ୍ତତା ମଧ୍ୟରେ ସମୟ କେମିତି କଟି ଯାଉଥିଲା ଜଣା ପଡୁନଥିଲା, ହେଲେ ରାତିରେ ବେଡ୍‌କୁ ଯିବା ପରେ ବାପା ମାଆଙ୍କ ସ୍ମୃତି, ଜିତୁ ସହିତ ଗଢି ଉଠିଥିବା ଗଭୀର ଆତ୍ମୀୟତର ଗୋଟିଏ ଗୋଟିଏ ମୁହୂର୍ତ୍ତ ସବୁ ବାରଂବାର ତାକୁ ଆଲୋଡିତ କରୁଥିଲା । ନିଜର ଭବିଷ୍ୟତକୁ ନେଇ ସେ କୌଣସି ଫଇସଲା ନେଇ ପାରୁ ନଥିଲା । ସବୁଠୁ ବେଶୀ ଆନ୍ଦୋଳିତ କରୁଥିଲା ଜିତୁ ପ୍ରସଙ୍ଗକୁ ନେଇ । ଜିତୁ ଓ ତା' ସମ୍ପର୍କର ଶେଷ ପରିଣତି କଣ ହେବ ସେ କଥା ଚିନ୍ତା କରି ପାରୁ ନଥିଲା । ଅନେକ ବିନିଦ୍ର ରଜନୀ କାଟିବା ପରେ ଶେଷରେ ସେ ନିଜର ଛୋଟ ଭାଇ ଭଉଣୀଙ୍କ ଭବିଷ୍ୟତକୁ ନେଇ ଏକ ଠୋସ୍ ପଦକ୍ଷେପ ଗ୍ରହଣ କରିବାକୁ ଠିକ୍ କଲା । ତା'ପରଠାରୁ ଜିତୁର ଫୋନ୍ ଆସିଲେ ସେ ଅଧିକାଂଶ ସମୟ ଫୋନ୍ ରିସିଭ୍ କରୁ ନଥିଲା, ଆଉ କେବେ କେମିତି ରିସିଭ୍ କଲେ କାମର ଚାପ ଖୁବ୍ ଅଧିକ ଥିବାର ବାହାନା କରୁଥିଲା । ଯେବେ ବି ଫୋନ୍ ରିସିଭ୍ କରୁଥିଲା, ନିଜ ତରଫରୁ ଖୁବ୍ କମ୍ କଥା କହୁଥିଲା ଓ ଜିତୁର କଥା ହଁ ଶୁଣୁଥିଲା । ସେ ସ୍ପଷ୍ଟ ଜାଣି ପାରୁଥିଲା ଯେ ଜିତୁ ତା'ର ପରିବର୍ତ୍ତନକୁ ବେଶ୍ ଠଉରାଇ ପାରୁଛି, ଆଉ ତାକୁ ଏ ସମ୍ପର୍କରେ ଖୋଲାଖୋଲି ମଧ୍ୟ ପଚାରିଛି । ହେଲେ ସେ ବାରଂବାର ବ୍ୟସ୍ତତାର ବାହାନା ଦେଖାଇ ସେ ପ୍ରସଙ୍ଗରୁ ଦୂରେଇ ଯାଇଛି । ସମୟ ଗଡି ଚାଲିଥିଲା । ଏକ୍ସମାସ୍ ଛୁଟି ପାଖେଇ ଆସୁଥିଲା, ଜିତୁ ତାକୁ ଫୋନ୍‌ରେ ଜଣାଇ ଥିଲା ଯେ ସେ ଏକ୍ସମାସ୍ ଛୁଟି ପରେ ଆଉ କିଛି ଦିନ ଅଧିକ ଛୁଟି ନେଇ ଆସିବ । ଏକଥା ଶୁଣିବା ପରଠାରୁ ପ୍ରତୀକ୍ଷା ଭିତରେ ରୋମାଞ୍ଚ ସ୍ଥାନରେ ଏକ ଅଜଣା ଭୟ ଖେଳି ଯାଇଥିଲା ।

ଏଇ କେତେ ଦିନ ଭିତରେ ଜିତୁ ଓ ତା'ର ସମ୍ପର୍କକୁ ନେଇ ସେ ଠିକ୍ କରିଥିବା ନିଷ୍ପତି ବିଷୟରେ ଜିତୁକୁ କଣ କହିବ, ଆଉ ଜିତୁ ତା'ର ନିଷ୍ପତି ଶୁଣିବା ପରେ କଣ ପ୍ରତିକ୍ରିୟା ପ୍ରକାଶ କରିବ ସେ ସମ୍ପର୍କରେ ଚିନ୍ତା କରିବା ମାତ୍ରେ ତାକୁ ଚାରିଆଡେ ଅନ୍ଧାର ଦେଖା ଯାଉଥିଲା । ଏକ୍ସମାସ୍ ଛୁଟି ହେବାରୁ ଲାଲି, ରାଜୁ ଓ ତା'ର ବହୁତ ଦିନ ପରେ ଏକ ଲମ୍ବା ସମୟ ଏକାଠି କାଟିବାର ସୁଯୋଗ ମିଳିଗଲା । ସେପଟେ ଜିତୁ କାଲି ସକାଳେ କଲ୍‌କାତାରୁ ଆସି ପହଞ୍ଚିବା କଥା ମନେ ପଡିବା ମାତ୍ରେ ତା' ଭିତରେ ଝଡ ସୃଷ୍ଟି ହେଉଥିଲା । ଠିକ୍ ତା' ପରଦିନ ସକାଳ ଆଠଟା ବାଜିବା ବେଳକୁ ଜିତୁ ପାଖରୁ କଲ୍ ଆସିଗଲା । ଫୋନ୍ ରିସିଭ୍ କରୁ କରୁ ଜିତୁ କିଛି କହିବା ପୂର୍ବରୁ ସେ ନିଜ ଆଡୁ ପ୍ରଶ୍ନ କଲା, "କଣ ଘରେ ପହଞ୍ଚି ଗଲୁଣି" ଜିତୁ କହିଲା, "ହଁ ଭୋରରେ ପହଞ୍ଚିଲି", ସେ ଆଉ କିଛି କହିବା ପୂର୍ବରୁ ପ୍ରତୀକ୍ଷା କହିଲା, "ଉପର ଓଳି ଆମ ପୁରୁଣା ମିଟିଙ୍ଗ ପଏଣ୍ଟ, ସହର ତଳି ସେଇ ଜଙ୍ଗଲର ବୁଢା ଶାଳଗଛ ପାଖକୁ ଆସିବୁ, ତୋ ସହିତ ଜରୁରୀ କଥା ଅଛି", କହି ଫୋନ୍ କାଟିଦେଲା । କଲ୍ କାଟିବା ପରେ ତା' ଛାତି ଭିତରେ ଯେମିତି କୋହ ଉଠିଲା...ଦ୍ରୁତ ଗତିରେ ନିଜ ବେଡରୁମ୍ ଯାଇ ତକିଆରେ ମୁହଁ ଜାକି ଗଡିଗଲା । ଛାତି ଭିତରେ ଚାପି ରଖିଥିବା କୋହ ଯେମିତି ତା' ଦି'ଆଖିରୁ ଲୁହ ହୋଇ ବାହାରିକୁ ଲାଗିଲା । ଘରେ ଛୋଟ ଭାଇ ଭଉଣୀ ଥିବାରୁ ଯୋରରେ କାନ୍ଦିବା ମଧ୍ୟ ସମ୍ଭବ ନଥିଲା । ତକିଆରେ ଯୋରରେ ମୁହଁମାଡି ଅନେକ ସମୟ ପର୍ଯ୍ୟନ୍ତ ସେ ଆଖିରୁ ଲୁହ ନିଗାଡି ଚାଲିଲା ଆଉ କିଛି ସମୟ ପରେ ତାକୁ ଛାଇନିଦ ଆସିଗଲା, ହଠାତ୍ ଲାଲିର ଡାକରେ ତା'ର ପତଳା ନିଦ ଭାଙ୍ଗିଗଲା । ଲାଲି ତାକୁ ଖାଇବା ସମୟ ହୋଇ ଯାଇଥିବାରୁ ଡାକୁଥିଲା । ଅଳସ ଶରୀରକୁ ଘୋଷାରି ସେ ବେସିନ୍‌ରେ ମୁହଁ ଧୋଇ କିଚେନ୍‌କୁ ଯାଇ ସମସ୍ତଙ୍କ ପାଇଁ ଖାଇବା ବାଢି ଡାଇନିଙ୍ଗ ଟେବୁଲରେ ରଖିଲା ।

ଦିନ ପ୍ରାୟ ପାଞ୍ଚଟା ବେଳକୁ ରାଜୁ ଓ ଲାଲିକୁ ପଢିବାକୁ କହି ସେ ସ୍କୁଟି ଧରି ସହର ସନ୍ନିକଟ ସେଇ ଶାଳଗଛ ପାଖରେ ଯାଇ ପହଞ୍ଚିଲା । ଜିତୁ ସେ ପର୍ଯ୍ୟନ୍ତ ଆସି ନଥାଏ, ହେଲେ ଜିତୁ ସହିତ ସାମ୍ନାସାମ୍ନି କେମିତି ହେବ ସେକଥା ଭାବିବା ବେଳକୁ ତା' ମୁଣ୍ଡ କାମ କରୁ ନଥିଲା । ଦୂରରୁ ଜିତୁର କାର୍ ଆସୁଥିବା ଦେଖି ସେ ନିଜକୁ ପ୍ରକୃତିସ୍ଥ କରିବାକୁ ଚେଷ୍ଟା

କରି ଗଛ ମୂଳରେ ଗୋଡ ଲମ୍ବାଇ ବସିଗଲା । ଜିତୁର କାର୍ ତା' ସ୍କୁଟି ପାଖରେ ରହିବା ପରେ ଜିତୁ ଗାଡିରୁ ବାହାରି ତା' ପାଖରେ ପହଞ୍ଚି ଅଧୈର୍ଯ୍ୟ ହୋଇ କହିଲା, "ତୋର କଣ ହୋଇଛି ଯେ, ଫୋନ୍ କଲେ ଅଧିକାଂଶ ସମୟ ରିସିଭ୍ କରୁନୁ...ଆଉ ଯଦି ରିସିଭ୍ କରୁଛୁ ହଁ ନାଇଁରେ ଜବାବ ଦେଉଛୁ, ଦେଖ୍ ପ୍ରୀତି ଅକାଳରେ ବାପା ମାଆ ଚାଲିଯିବା ନିଶ୍ଚିତ ଭାବେ ଏକ ଦୁଃଖଦ ଘଟଣା... ମୁଁ ବି ବାପା ଚାଲିଗଲା ପରେ ଠିକ୍ ତୋ ଭଳି ଅବସ୍ଥାରେ ଥିଲି । ହେଲେ କହିବାକୁ ଗଲେ ଦେଶରେ ପ୍ରାୟ ସବୁଦିନ ଏମିତି ଅନେକ ଘଟଣା, ଦୁର୍ଘଟଣାରେ ଲୋକଙ୍କ ଜୀବନ ଯାଉଛି । ସେମାନଙ୍କର ମଧ୍ୟ ପରିବାର ଅଛନ୍ତି । ଯା ଭାଗ୍ୟରେ ଯେତେବେଳେ ଯାହା ଘଟିବାର ଥିବ ଘଟିବ, ହେଲେ ଆମକୁ ଅତୀତର ସେଇ ଦୁଃଖଦ ଘଟଣା ଭୁଲି ନିଜର, ନିଜ ପରିବାରର ସଦସ୍ୟଙ୍କ କଥା ତ ଭାବିବାକୁ ପଡିବ । ନହେଲେ ବଞ୍ଚିରହିବାଟା ଖୁବ୍ କଷ୍ଟକର ହେବ । ବାପା ମାଆ ଚାଲିଯିବା ପରେ ଘରର ବଡ ହିସାବରେ ଭାଇ ଭଉଣୀଙ୍କୁ ମଣିଷ କରିବା ଦାୟିତ୍ୱ ତୋ ଉପରେ । ଆଉ ତୁ ଯଦି ନିଜ ମନକୁ ଦୃଢ ନକରୁ ତା'ହେଲେ ସେମାନଙ୍କ ଅବସ୍ଥା କଣ ହେବ ଚିନ୍ତା କରିଛୁ ?" ପ୍ରତୀକ୍ଷା ଜିତୁ ଉପରୁ ନଜର ବୁଲାଇ ଦୂର ଦିଗ୍‌ବଳୟରେ ଅସ୍ତଗାମୀ ସୂର୍ଯ୍ୟଙ୍କର ପାଣିଚିଆ ପଡିଆସୁଥିବା ଲାଲିମା ଦିଗକୁ ଅନାଇ କହିଲା, "ତୁ ଠିକ୍ କହୁଛୁ.. ବାପା ମାଆ ମୋତେ ରାଜୁ ଓ ଲାଲିଙ୍କ ଦାୟିତ୍ୱ ଯେତେବେଳେ ସମର୍ପି ଯାଇଛନ୍ତି ତାଙ୍କ ଭବିଷ୍ୟତ କଥା ତ ଚିନ୍ତା କରିବାକୁ ପଡିବ...ଆଉ ସେଇଥି ପାଇଁ ତୋତେ ଆଜି ଫୋନ୍ କରି ଏଠିକୁ ଆସିବାକୁ କହିଥିଲି । ଦେଖ ଜିତୁ ମାଉସୀଙ୍କ ବୟସ ହେଲାଣି, ତାଙ୍କୁ ଏଠି ଏକା ଛାଡି ତୁ କଲ୍‌କାତାରେ ରହିବାଟା ତାଙ୍କ ପ୍ରତି ଅନ୍ୟାୟ ହେଉଛି, ସେମିତି ଦୂର ଦିଗ୍‌ବଳୟକୁ ଅନାଇ ପ୍ରତୀକ୍ଷା ରୁଦ୍ଧ କଣ୍ଠରେ କହିଲା, ତୁ ଗୋଟେ ଭଲ ଝିଅ ଦେଖି ବାହା ହୋଇଯା ।" "ତୁ ହୋସ୍‌ରେ ଅଛୁ ତ ? କଣ କହୁଛୁ ତୁ ନିଜେ ବୁଝି ପାରୁଛୁ," ଜିତୁ ଏକରକମ ଚିତ୍କାର କଲା ଭଳି କହିଲା । ଦିଗ୍‌ବଳୟରୁ ନଜର ହଟାଇ ଏଥର ପ୍ରତୀକ୍ଷା ଜିତୁର ଆଖିରେ ଆଖି ମିଳାଇ କହିଲା, "ଜିତୁ ବାସ୍ତବିକତାକୁ ତ ଆମକୁ ସ୍ୱୀକାର କରିବାକୁ ପଡିବ, ଜଗଦୀଶ ଅଙ୍କଲଙ୍କ ପ୍ରୟାସରେ ଏକ ପବ୍ଲିକ୍ ସ୍କୁଲରେ ଚାକିରି ପାଇଛି, ନହେଲେ ଭାଇ ଭଉଣୀଙ୍କୁ ସ୍କୁଲ ପଠାଇଲା ପରେ ଘରେ ଏକା ଏକା ରହି ହୁଏତ ପାଗଳ ହୋଇଯାନ୍ତି । ତାଙ୍କ ଭବିଷ୍ୟତ ପାଇଁ ମୋତେ ତୋ ଠାରୁ ଦୂରେଇ ଯିବାକୁ ପଡିବ, ଯଦିଓ ଜାଣେ ଯେ ତୋତେ ବାଦ ଦେଲେ ମୋର କିଛି ଅସ୍ତିତ୍ୱ ନାହିଁ । ତୁ ବି ମୋତେ ସେତିକି ଭଲ ପାଉ ହେଲେ ଆମେ ପରିସ୍ଥିତି ସାମ୍ନାରେ ଏତେ ଅସହାୟ ଯେ ଦୁହେଁ ଦୁହିଁଙ୍କୁ ଭୁଲିବାକୁ ପଡିବ, ଆଜି ଠାରୁ ପ୍ରତୀକ୍ଷା ତୋ ହୃଦୟର ପରିସୀମାରୁ ବାହାରି ଯାଇ ଭବିଷ୍ୟତର ଚ୍ୟାଲେଞ୍ଜ ପାଇଁ ସଂଘର୍ଷ କରିବ ।" ପ୍ରତୀକ୍ଷା ଆଖିରୁ ଝର ଝର ହୋଇ ଲୁହ ଚିବୁକରେ ବହି ଯାଉଥିଲା । "ପାଗଳାମି ଛାଡ୍ ପ୍ରୀତି, ମୋର ତ ମାଆଙ୍କୁ ଛାଡି ଆଉ କେହି ନାହାନ୍ତି, ମାଆ, ତୁ ଓ ମୁଁ ମିଶି କଣ ରାଜୁ ଓ ଲାଲିଙ୍କ ଭବିଷ୍ୟତ କଥା ଚିନ୍ତା କରି ପାରିବାନି ?" ପ୍ରତୀକ୍ଷା ଓଠରେ ଫିକା ହସ ଖେଳାଇ କହିଲା, "ଦେଖ୍ ଜିତୁ ପ୍ରକୃତ ଜୀବନଶୈଳୀ ଆଉ ସିନେମା ବା ନାଟକର କାହାଣୀ ଭିତରେ ଅନେକ ଫରକ୍ ଥାଏ । କାଳ୍ପନିକ କାହାଣୀରେ ସବୁ କିଛି ସମ୍ଭବ ହୋଇପାରେ, ହେଲେ ବାସ୍ତବିକତା ସହିତ ତା'ର ମାଇଲ୍ ମାଇଲ୍ ପର୍ଯ୍ୟନ୍ତ କୌଣସି ସମ୍ପର୍କ ନଥାଏ । ଏନିୱେ ଛାଡ୍ ସେକଥା, ତୁ ଯଦି ସତରେ ମୋତେ ଭଲ ପାଉଥାଉ ତା'ହେଲେ ମୋ କଥା ମାନି ଶୀଘ୍ର ଭଲ ଝିଅଟିଏ ଦେଖି ବାହା ହୋଇଯା," "ପ୍ରୀତି, ଏତେ ବର୍ଷର ସମ୍ପର୍କକୁ ତୁ ଗୋଟିଏ ମିନିଟରେ ଶେଷ କରି ଦେବାକୁ ଚାହୁଁଛୁ ? ପାଞ୍ଚ ଛଅ ବର୍ଷର ନୀବିଡ ଆତ୍ମୀୟତା କଣ ଏମିତି ଭାଙ୍ଗି ଦିଆଯାଇ ପାରେ, ତୋ କଥା ରଖି ଯଦି ମୁଁ ବିବାହ ବି କରେ ତା' ହେଲେ କଣ ମୋ ତଥାକଥିତ ସ୍ତ୍ରୀକୁ ସେତିକି ସ୍ନେହ ଦେଇ ପାରିବି ।" ଦୃଢ ଗଳାରେ ପ୍ରତୀକ୍ଷା କହିଲା, "ଦେଖ୍ ଜିତୁ ହୃଦୟ କିମ୍ବା ମନରେ ସୃଷ୍ଟି ହେଉଥିବା କ୍ଷତ ଖୁବ୍ ଶୀଘ୍ର ନହେଲେ ବି ସମୟ ଗଡିବା ସହିତ ଧୀରେ ଧୀରେ ଭରି ଯାଏ । ବାପା ମାଆ ଚାଲିଯିବା ପରେ ଯେତିକି ଯନ୍ତ୍ରଣା, ଯେତିକି କଷ୍ଟ ଭୋଗୁଥିଲି, ଆଜି କଣ ତାଙ୍କ କଥା ମନେ କଲା ବେଳକୁ ସେତିକି ଯନ୍ତ୍ରଣା, ସେତିକି କଷ୍ଟ ଅନୁଭବ କରୁଛି ? ଉତ୍ତର ହେଉଛି ନାଁ, ତେଣୁ ସମୟକ୍ରମେ ଆମ ସମ୍ପର୍କ ବିଷୟ ମଧ୍ୟ ତୁ ନିଜ ଘର ଗୃହସ୍ଥି, ଚାକିରିର ବ୍ୟସ୍ତତା ଭିତରେ ଧୀରେ ଧୀରେ ଭୁଲି ଯିବୁ । ଆଜି ଠାରୁ ତୋତେ ମୋ ରାଣ ତୁ ନାଁ ମୋତେ ଫୋନ୍ କରିବୁ ନା ମୋ ଘରକୁ ଆସିବୁ । ତୋ ବାହାଘରରେ ନିଶ୍ଚୟ ଯୋଗଦେବି, ହେଲେ ଜଣେ ନିମନ୍ତ୍ରିତ ବନ୍ଧୁ ରୂପେ । ଆଉଗୋଟେ କଥା ମନେ ରଖିଥା, ଭୁଲରେ ବି କେବେ ତୋ ସ୍ତ୍ରୀକୁ ଆମ ସମ୍ପର୍କ ବିଷୟରେ କିଛି କହିବୁନି, କାରଣ ମଧ୍ୟବିତ୍ତ ଶ୍ରେଣୀର ଝିଅ ମାନେ ଏ ଦିଗ ପ୍ରତି ଭାରି ସେନ୍‌ସିଟିଭ୍"...ତା'ପରେ ହଠାତ୍ ସେ ଜିତୁ ପାଖକୁ ଯାଇ ତାକୁ ଯୋରରେ ଭିଡି ଧରିଲା, ତା' ଛାତିରେ ନିଜ ଚେହେରାକୁ କିଛି ସମୟ ପାଇଁ ଚାପି ରଖିଲା, ତା ଆଖିରୁ ଝରୁଥିବା ଲୁହରେ ଜିତୁର ସାର୍ଟ ଓଦା ହେବାକୁ ଲାଗିଲା ହଠାତ୍ ଜିତୁକୁ ଛାଡି ତା' ଆଖିରେ ଆଖି ମିଳାଇ କହିଲା, "ସୋ.. ଗୁଡ୍‌ବାୟ ଜିତୁ, ଆଜି ଠାରୁ ତୋ ମୋ ଭିତରେ କେବଳ ବନ୍ଧୁତାର ସମ୍ପର୍କ ରହିବ । ସନ୍ଧ୍ୟା ମାଡି ଆସିଲାଣି, ଘରକୁ ଗଲେ ସନ୍ଧ୍ୟା ଦେବାକୁ ହେବ... ତା' ହେଲେ ମୁଁ ଆସୁଛି ଜିତୁ ।" ଦ୍ରୁତଗତିରେ ବୁଲିପଡି ପ୍ରତୀକ୍ଷା ନିଜ ସ୍କୁଟି ପାଖକୁ ଯାଇ ସ୍କୁଟି ଷ୍ଟାର୍ଟ କରି ଚାଲିଗଲା । ଜିତୁର ଆଖିରେ ଲୁହ ଭରି ଯାଇଥିଲା, ବହୁତ ସମୟ ପର୍ଯ୍ୟନ୍ତ ଏକ ପରାସ୍ତ ସୈନୀକ ଭଳି ନିଜ କାର୍‌ରେ ଆଉଜି ଛିଡା ହେବା ପରେ କାର୍‌ର ଡୋର୍ ଖୋଲି ଗାଡି ଷ୍ଟାର୍ଟ କଲା ।

କିଛି ମାସ ପରେ ଜିତୁର ବାହାଘର ହୋଇଥିଲା, ପ୍ରତୀକ୍ଷା, ରାଜୁ ଓ ଲାଲି ତା' ବାହାଘର ପାର୍ଟିରେ ଯୋଗ ଦେଇଥିଲେ, ଆଉ କିଛି ଦିନ ପରେ ଜିତୁ ମାଆ ଓ ତା' ସ୍ତ୍ରୀକୁ କଲ୍‌କାତା ନେଇ ଯାଇଥିଲା । ଜିତୁର ବିବାହ ପରେ ପ୍ରତୀକ୍ଷା ମନରେ ଏକରକମ ସ୍ଥିରତା ଆସି ଯାଇଥିଲା । ସକାଳୁ ଉଠି ଘରର ଯାବତୀୟ କାମ, ରୋଷେଇ, ରାଜୁ ଓ ଲାଲିଙ୍କ ପାଠ ପଢା ଆଉ ତା'ର ସ୍କୁଲ ଯିବା ରୁଟିନ୍ ଭିତରେ ସେ ଏତେବେଶୀ ବ୍ୟସ୍ତ ରହୁଥିଲା ଯେ ଦିନ ତମାମ୍ ଅନ୍ୟ କୌଣସି ଚିନ୍ତା ତା'ର ଆସୁ ନଥିଲା । ହେଲେ ରାତିରେ ବେଡ୍‌କୁ ଯିବା ପରେ ଜିତୁ ସହିତ କଟିଥିବା ଗୋଟିଏ ଗୋଟିଏ ମୁହୂର୍ତ୍ତ ତାକୁ ଅସ୍ଥିର କରି ତୋଳୁଥିଲେ । ଛାତି ଭିତରେ

ଅସହାୟତା, ଯନ୍ତ୍ରଣା ସବୁ ଯେମିତି ଖଣ୍ଡିଆଭୂତ ଭଳି ଚକ୍କର କାଟୁଥିଲେ । ଜିତୁ ସିନା ଏବେ ତା'ଠାରୁ ବହୁ ଦୂରରେ, ହେଲେ ତା'ର ଅମାପ ସ୍ମୃତି ତ ସେ ହୃଦୟରେ ସାଇତି ରଖିଛି ।

ଦିନ, ମାସ, ବର୍ଷ ଗଡିବା ସହିତ ରାଜୁ ଓ ଲାଲି ଉଭୟ ବଡ ହେଲେଣି, ରାଜୁ ଭୁବନେଶ୍ୱରରେ ଏମ୍.ବି.ଏ କରୁଥିଲା ଆଉ ଲାଲି କମ୍ପ୍ୟୁଟର ସାଇନ୍ସ । ବାପା ମାଆଙ୍କ ଦୁର୍ଘଟଣା ବାବଦକୁ ମିଳିଥିବା ଅର୍ଥରାଶି ଯୋଗୁ ସେ ଉଭୟଙ୍କୁ ଭଲ ଅନୁଷ୍ଠାନରେ ପାଠ ପଢାଇ ପାରିଲା । ସେମାନଙ୍କ ପାଠ ପଢା ସରିବା ପରେ ଏ ଭିତରେ ରାଜୁ ଗୋଟେ ମଲ୍ଟିନ୍ୟାସନାଲ କମ୍ପାନୀରେ ଚାକିରି ପାଇ ସିଙ୍ଗାପୁର ଚାଲି ଯାଇଛି ଆଉ ଲାଲି ମଧ୍ୟ ବେଙ୍ଗାଲୁରୁରେ ଏକ ନାମୀ ସଂସ୍ଥାରେ ଜଏନ୍ କରିଛି । ବାପା ମାଆ ଚାଲିଯିବା ପରଠାରୁ ରାଜୁ ଓ ଲାଲିକୁ କେମିତି ଭଲ ମଣିଷ କରିବ ସେଇ ଚିନ୍ତାରେ ତା'ର ଗୁଡାଏ ବର୍ଷ ଚାଲିଗଲା, ସେମାନଙ୍କୁ ଭଲ ଶିକ୍ଷା ଦେଇ ସ୍ୱାବଲମ୍ବୀ କରାଇ ପାରି ଥିବାରୁ ତା' ମୁଣ୍ଡରୁ ଯେମିତି ଏକ ବଡ ବୋଝ ଓହ୍ଲାଇ ଯାଇଥିଲା ।

ବହୁତ ଦିନ ପରେ ସେଦିନ ପ୍ରତୀକ୍ଷା ଡ୍ରେସିଙ୍ଗ ଟେବୁଲ ମିରର୍‌ରେ ନିଜ ଚେହେରା ଦେଖୁଥିଲା, ଆଖିତଳ ହାଲ୍‌କା କଳା ଦାଗ ପଡିବା ସହିତ ସିନ୍ଥାର କିଛି ବାଳ ଧଳା ହୋଇ ଗଲାଣି । ରାଜୁ ଓ ଲାଲି ଘରେ ଥିବା ବେଳେ ଅନ୍ତତଃ ସମସ୍ତଙ୍କ ଭଲ ମନ୍ଦ କଥା ଭିତରେ ସମୟ କଟି ଯାଉଥିଲା, ହେଲେ ସେମାନେ ଚାଲିଗଲା ପରେ ଏବେ ସ୍କୁଲରୁ ଘରକୁ ଫେରିବା ପରେ ସେ ଯେମିତି ଅସହାୟତାବୋଧରେ ଛାଟିପିଟି ହେଉଛି । ଡ୍ରଇଁରୁମ୍ ସୋଫାରେ ବସି ସେ ଚିନ୍ତା କରେ, ବୋଧହୁଏ ଆମ ଭାରତୀୟ ସଂସ୍କୃତିରେ ଯୌଥ ପରିବାର ପ୍ରଥା ଏଇଥି ପାଇଁ ସୃଷ୍ଟି ହୋଇଥିଲା । ମ୍ୟାଗାଜିନ୍ ଉଠାଇ ପଢିବାକୁ ଚେଷ୍ଟାକରେ ହେଲେ ଦି'ଚାରି ଲାଇନ୍ ପଢିବା ପରେ ମ୍ୟାଗାଜିନ୍ ଟି-ପୟ ଉପରେ ରଖିଦିଏ, ରିମୋର୍ଟରେ ଟିଭି ଅନ୍ କରି ଚ୍ୟାନେଲ ପରେ ଚ୍ୟାନେଲ ବଦଳାଇ ଚାଲେ, ଶେଷରେ ଅଧୈର୍ଯ୍ୟ ହୋଇ ଟିଭି ବନ୍ଦ କରିଦିଏ । ଏବେ ସ୍କୁଲରେ ପିଲାଙ୍କୁ ପଢାଇବା ସମୟରେ ମଧ୍ୟ ସେ କେମିତି ଅନ୍ୟମନସ୍କ ହୋଇ ଯାଉଛି । ଆଉ ସେଇଥି ପାଇଁ ସେ ମନେ ମନେ ଠିକ୍ କଲା ଯେ ଚାକିରି ଛାଡିଦେବ । ତା' ଆକାଉଣ୍ଟରେ ଯାହା ପଇସା ଅଛି ସେଥିରେ ସେ ଚାକିରି ଛାଡିବା ପରେ ମଧ୍ୟ ଚଳିଯିବ । ତା' ବ୍ୟତୀତ ଘର ପାଖ ପଡୋଶୀଙ୍କ କିଛି ପିଲାଙ୍କୁ ଟିଉସନ୍ କଲେ ସମୟ କଟିଯିବ । ଚାକିରି ଛାଡିବା ସିଦ୍ଧାନ୍ତ ନେବା ପରେ କିଛି ଦିନ ଭିତରେ ସେ ରିଜାଇନ୍ କଲା, ମ୍ୟାନେଜମେଣ୍ଟ ତା' ପାଠ ପଢାରେ ସନ୍ତୁଷ୍ଟ ଥିବାରୁ ସେ ଚାହିଁଥିଲେ ଆଉ କିଛି ବର୍ଷ ଆରାମରେ ଚାକିରି କରି ପାରନ୍ତା । ପ୍ରିନ୍ସିପାଲ୍ ମଧ୍ୟ ତାକୁ ଚାକିରି ନଛାଡିବା ପାଇଁ ପ୍ରବର୍ତ୍ତାଇ ଥିଲେ, ହେଲେ ସେ ସ୍ୱାଭାବିକ ଭାବେ ପ୍ରିନ୍ସପାଲଙ୍କୁ କହିଥିଲା, "ମାମ୍, ମୁଁ ଲକ୍ଷ୍ୟ କରୁଛି ଦ୍ରୁତଗତିରେ ମୋର ଏକାଗ୍ରତା କମିବାରେ ଲାଗିଛି । ସେଥିପାଇଁ କ୍ଲାସରୁମ୍‌ରେ ପଢାଇବା ସମୟରେ ପ୍ରାୟ ଅନ୍ୟମନସ୍କ ହୋଇ ଯାଉଛି । ଏଣୁ ମୋ ପାଇଁ ପିଲାଙ୍କ ପାଠପଢାରେ ଅବହେଳା ହେବାଟା ମୁଁ ଆଦୌ ଉଚିତ୍ ଭାବୁନାହିଁ ।

ଚାକିରି ଛାଡିବା ପରଠାରୁ ସବୁ ସମୟରେ ଘରେ ପଡିରହିବା ତା' ପାଇଁ ଖୁବ୍ କଠିନ ହେଉଥିଲା । ଏଣୁ ସକାଳ ସନ୍ଧ୍ୟା ସେ ସ୍କୁଟି ଧରି ଘରୁ ବାହାରି ଯାଉଥିଲା । ତା'ର ଓ ଜିତୁର ଅତୀତ ସହିତ ଯୋଡି ହୋଇଥିବା ପ୍ରତ୍ୟେକ ସ୍ଥାନକୁ ସେ ଚକ୍କର କାଟୁଥିଲା । ଭାଇ ଭଉଣୀ ଘରେ ଥିବା ସମୟରେ ତାଙ୍କ ବରାଦ ଅନୁସାରେ ବିଭିନ୍ନ ଖାଦ୍ୟ ପ୍ରସ୍ତୁତ କରୁଥିଲା, ହେଲେ ଏବେ ରୋଷେଇ କରିବାର କିଛି ଠିକ୍ ଠିକଣା ରହୁ ନଥିଲା । ଅଧିକାଂଶ ଦିନ ସେ କଫି ଓ ସ୍ନାକ୍ସରେ କାମ ଚଳାଇ ନେଉଥିଲା । ହେଲେ ତା'ର ଅବ୍ୟବସ୍ଥିତ ଜୀବନଶୈଳୀରେ ଗୋଟିଏ କଥା ଆଦୌ ବଦଳି ନଥିଲା । ପ୍ରାୟ ପ୍ରତି ସପ୍ତାହର ଗୋଟିଏ ଦିନ ଖରା ମଳିଚିଆ ପଡିଆସିବା ପରେ ସେ ସ୍କୁଟିରେ ସହରର ସରହଦ୍‌କୁ ଲାଗିଥିବା ଅରଣ୍ୟର ସେଇ ପୁରୁଣା ବୁଢା ଶାଳଗଛ ତଳେ ଯାଇ ବସୁଥିଲା । ସେଇ ଗଛମୂଳରେ ବସି ବାପା ମାଆଙ୍କ କ୍ଷତବିକ୍ଷତ ମୃତ ଶରୀର କଥା ମନେ ପକାଇ ଶିହରି ଉଠେ, ଦୁଇ ନାବାଳକ ଭାଇ ଭଉଣୀଙ୍କ ଯତ୍ନ ନେବା ସହିତ ସେମାନଙ୍କୁ ନିଜ ଗୋଡରେ ଛିଡା କରାଇବା ପର୍ଯ୍ୟନ୍ତ ସେ ଲଢିଥିବା ଦୀର୍ଘ ଲଢେଇର କଥା ଚିନ୍ତା କରେ । ସେଇ ସବୁ ସ୍ମୃତିକୁ ରୋମନ୍ଥନ କରିବା ଭିତରେ ଅନଧିକୃତ ଭାବେ ଜିତୁ କଥା ଆପଣାଛାଏଁ ତା' ସ୍ମୃତିପଟକୁ ଚହଲାଇ ଦିଏ । ଟିପି ଟିପି ବର୍ଷାରେ ସ୍କୁଲ ଫେରନ୍ତା ବାଟରେ ତା' ଓଢଣୀ, ସାଇକଲ୍ ଚକରେ ଫସିବା ଦିନ ଜିତୁ ସହିତ ତା'ର ପ୍ରଥମ ସାକ୍ଷାତ ହେବା ଠାରୁ ହୋଟେଲ୍, ପାର୍କ, ସହର ସରହଦ୍‌ର ଏଇ ଶାଳଗଛ ମୂଳରେ କଟାଇଥିବା ଗୋଟିଏ ଗୋଟିଏ ମୁହୂର୍ତ୍ତ ତାକୁ ଅସ୍ଥିର, ଅସହାୟ କରିଦିଏ । ଏବେ ତ ପୁରୁଣା ଦୁଃଖଦ ସ୍ମୃତି ସବୁ ମନେ ପଡିଲେ ବି ଆଖିରୁ ଆଉ ଲୁହ ଝରେନାହିଁ, ହେଲେ ହୃଦୟରୁ ଯେମିତି ଟୋପା ଟୋପା ଲହୁ ଝରିଯାଏ ।

ସେଦିନ ରାତିରେ ଖାଇସାରି ବେଡ୍‌ରେ ଚିତ୍ ହୋଇ ଛାତରେ ଝୁଲୁଥିବା ଅଳନ୍ଧୁ ଲଗା ସିଲିଂଫ୍ୟାନକୁ ଅନାଇ ଗଭୀର ଚିନ୍ତାରେ ବୁଡି ରହିଥିବା ସମୟରେ ହଠାତ୍ ଫୋନ୍ ରିଙ୍ଗ ହେଲା, ରିଙ୍ଗଟୋନ୍‌ର ଶବ୍ଦରେ ହଠାତ୍ ଚମକି ଯାଇ ମୋବାଇଲ୍ ଉଠାଇଲା, ରାଜୁ ସିଙ୍ଗାପୁରରୁ ଫୋନ୍ କରିଛି, ମୋବାଇଲ୍ କାନରେ ଲଗାଇ କହିଲା, "ହ୍ୟାଲ...ରାଜୁ.. ଗୁଡାଏ ଦିନ ପରେ ଆଜି କେମିତି ଅପା କଥା ମନେ ପଡିଲା ଯେ, କଣ ସବୁ ଠିକଠାକ୍ ଚାଲିଛି ତ ?" ସେପଟୁ ରାଜୁର ସ୍ୱର ଭାସି ଆସିଲା, "ହଁ ଏକରକମ ଚାଲିଛି । ମଲ୍ଟିନ୍ୟାସନାଲ କମ୍ପାନୀର ଚାକିରି କଥା ତ ଜାଣିଛୁ, ସବୁ ବେଳେ କାମର ଚାପ । ଅଫିସରୁ ଫେରିବା ପରେ ଏତେ ଟାୟାର୍ଡ ଲାଗେ ଯେ ଫୋନ୍ କରିବାକୁ ମଧ୍ୟ ଧୈର୍ଯ୍ୟ ନଥାଏ । ହଁ ତୋତେ ଫୋନ୍ କରିବାର କାରଣ ହେଉଛି ଏଠି ଜଣେ ଭାରତୀୟମୂଳ ଗୁଜୁରାଟି ବ୍ୟବସାୟୀଙ୍କର ଏକ ବିଶାଳ ମଲ୍ ଅଛି । ଦିନେ ମଲ୍‌କୁ କିଛି କିଣିବାକୁ ଯାଇଥିବା ସମୟରେ ଉକ୍ତ ବ୍ୟବସାୟୀଙ୍କ ଝିଅ ସହିତ ପରିଚୟ ହୋଇଥିଲା ଆଉ ପରବର୍ତ୍ତି ସମୟରେ ଆମ ଭିତରେ ବନ୍ଧୁତା ଦୃଢ ହେବାକୁ ଲାଗିଲା । ଏବେ ସେ ମୋତେ ବାହା ହେବାକୁ ପ୍ରୋପଜ୍ କରୁଛି, ହେଲେ ମୁଁ ତାକୁ ଏ ପର୍ଯ୍ୟନ୍ତ କିଛି ରେସ୍ପନ୍ସ ଦେଇନାହିଁ । କେବଳ ଏତିକି କହିଛି ଯେ ମୋ ଅପାଙ୍କ ଠାରୁ ଅନୁମତି ନମିଳିବା ପର୍ଯ୍ୟନ୍ତ କୌଣସି ସକାରାତ୍ମକ ଉତ୍ତର ଦେବା ସମ୍ଭବ ନୁହେଁ । ସେଥିପାଇଁ ତୋତେ ଫୋନ୍ କଲି, ନିକଟ ଭବିଷ୍ୟତରେ ତ ମୋର ଭାରତ ଫେରିବା ଆଶା ନାହିଁ, କାରଣ ଆମ

କମ୍ପାନୀର ବ୍ରାଞ୍ଚ ସିଙ୍ଗାପୁର ବ୍ୟତୀତ ହଂକଂ, ଦୁବାଇ ଆଉ ତାଇୱାନ୍‌ରେ ଅଛି । ଏଣୁ ତୋର ଆପତ୍ତି ନଥିଲେ"... ତାକୁ ଆଉ କିଛି କହିବାକୁ ନଦେଇ ପ୍ରତୀକ୍ଷା କହିଲା, "ଦେଖ୍ ରାଜୁ, ବାପା ମାଆ ଚାଲିଗଲା ପରେ ତୁମ ଦୁହିଁଙ୍କୁ ଭଲ ମଣିଷ କରି ଗଢି ତୋଳିବା ମୋର ଦାୟିତ୍ୱ ଥିଲା । ଯାହେଉ ଭଗବାନଙ୍କ ଦୟାରୁ ଉଭୟ ନିଜ ଗୋଡରେ ଛିଡା ହୋଇ ପାରିଲ । ଏବେ ମୁଁ ତୁମ ଦୁଇଜଣଙ୍କ ଦାୟିତ୍ୱରୁ ପୂରାପୂରି ମୁକ୍ତ । ନିଜ ବିଷୟରେ ନିଷ୍ପତ୍ତି ନେବାର ଯୋଗ୍ୟତା ତୁମର ଆସି ଯାଇଛି । ପ୍ରକୃତରେ ଯଦି ସେ ଝିଅ ତୋତେ ଭଲ ପାଉଛି, ତା'ହେଲେ ମୋର ଅନୁମତିର କିଛି ଆବଶ୍ୟକତା ନାହିଁ । ତୁ ତାକୁ ବାହା ହେଲେ ମୋର କୌଣସି ଆପତ୍ତି ନାହିଁ.... ଏବେ କିଛି ଦିନ ପୂର୍ବରୁ ଲାଲି ମଧ୍ୟ ଫୋନ୍ କରିଥିଲା। ସେ କୁଆଡେ ଗୋଟେ ହିମାଚଳର ପିଲା ସହିତ ଲିଭ-ଇନ୍‌ରେ ରହୁଛି । ହେଲେ ଏମିତି ଅବିବାହିତ ଅବସ୍ଥାରେ ଜଣେ ପିଲା ସହିତ ରହିବାକୁ ତାକୁ ଭଲ ଲାଗୁନି, ତେଣୁ ସେ ଚାହୁଁଛି ସେ ପିଲା ସହିତ କୋର୍ଟ ମ୍ୟାରେଜ୍ କରିବ । ସେ କହୁଥିଲା, ଅପା ରାଜୁ ତ ସିଙ୍ଗାପୁରରେ ରହୁଛି, ଏବେ ତା'ର ଭାରତ ଫେରିବା ସମ୍ଭାବନା ନାହିଁ...ଆମର ତ କେହି ବନ୍ଧୁବାନ୍ଧବ ବି ନାହାନ୍ତି, ଏଣୁ ସେଇଠି ସେ କୋର୍ଟ ମ୍ୟାରେଜ କରିବ ଆଉ ସେମିତି କୌଣସି ଲମ୍ବା ଛୁଟି ମିଳିଲେ ତା' ସ୍ୱାମୀ ସହିତ ଆସି ମୋ ପାଖରେ କିଛି ଦିନ ବିତାଇବ ।" ସେପଟୁ ରାଜୁ ନରମ ଗଳାରେ କହିଲା , "ଅପା ତୁ ଖରାପ ଭାବୁନୁ ତ ? ଛାତି ଥରାଇ ଏକ ଦୀର୍ଘନିଶ୍ୱାସ ବାହାରି ଗଲା ପ୍ରତୀକ୍ଷାର । ହେଲେ ନିଜକୁ ସାମାନ୍ୟ ରଖିବାକୁ ଚେଷ୍ଟା କରି କହିଲା, "ଖରାପ କାହିଁକି ଭାବିବି ରାଜୁ, ମଲା ପରେ ଯଦି ବାପା ମାଆଙ୍କ ସହିତ ଭେଟହୁଏ ତା' ହେଲେ ଗର୍ବରେ କହିବି, ଦେଖ... ମୋ ଉପରେ ଯେଉଁ ଗୁରୁ ଦାୟିତ୍ୱ ଦେଇ ଦୁହେଁ ବାହୁଡି ଯାଇଥିଲ ସେ ଦାୟିତ୍ୱ ମୁଁ ପୂରା କରିଛି । ଯେତେ ଦିନ ବଞ୍ଚିଛି ଭଗବାନଙ୍କୁ ପ୍ରାର୍ଥନା କରୁଥିବି ତୁମେ ଦୁହେଁ ଯେଉଁଠି ବି ଥାଅ ନା କାହିଁକି ସୁଖରେ ରୁହ । ମୋର ଆଉ ଅଧିକା କଣ ଦରକାର, ସେ ଝିଅକୁ ମୋର ଆଶୀର୍ବାଦ ଜଣାଇଦେବୁ । ଢେର୍ ରାତି ହେଲାଣି... ମୁଁ ରହୁଛି ରାଜୁ" କହି ଫୋନ୍ କାଟିଦେଲା । ଆଖି ଆଗରେ ତା'ର ରାଜୁ ଓ ଲାଲିଙ୍କ ଛୋଟରୁ ବଡ ହେବା ପର୍ଯ୍ୟନ୍ତ ଗୋଟିଏ ଗୋଟିଏ ମୁହୂର୍ତ୍ତ କଥା ମନେ ପଡିବାକୁ ଲାଗିଲା, ବହୁତ ଦିନ ପରେ ଆଜି କେମିତି କେଜାଣି ତା' ଆଖିରୁ ଟୋପା ଟୋପା ଲୁହ ଝରିଗଲା । ସେମିତି ସିଲିଂଫ୍ୟାନକୁ ଅନାଇ ରହିଲା । ବାପା ମାଆ, ରାଜୁ,ଲାଲି ଓ ଜିତୁକୁ ହରାଇ ତା' ଜୀବନରେ ସେ କଣ ପାଇଲା ? ରାଜୁ ଓ ଲାଲିଙ୍କୁ ସମାଜରେ ଛିଡା କରାଇ ପାରିବାର ଆତ୍ମସନ୍ତୋଷ ?... ସେ କଣ ସତରେ ଆତ୍ମସନ୍ତୋଷ ପାଇଲା ?......

ହଠାତ୍ ହୁର୍ ହୁର୍ ଶବ୍ଦରେ ସେ ପ୍ରକୃତିସ୍ଥ ହେଲା, ଦୂର ଦିଗ୍‌ବଳୟରେ ସୂର୍ଯ୍ୟ କେତେବେଳୁ ଲୁଚି ଗଲେଣି, କେବଳ ତା'ର ପ୍ରତିବିମ୍ବ ବିରାଟ ଗୋଲାକାର ଉଜ୍ଜଳ ଆଲୋକ ପିଣ୍ଡ ସୁନୀଳ ଆକାଶରେ ହାଲ୍‌କା ନାଲି, ହଳଦିଆ ଓ ଗୋଲାପି ଆଲୋକର ଛିଟା ବିଞ୍ଚି ଚାଲିଛି । ଗାଈଆଳର ହୁର୍ ହୁର୍ ଡାକ ସହିତ ଗୋରୁପଲଙ୍କ ଘର ବାହୁଡା ହମ୍ବାରଡି ପରିବେଶକୁ କୋଳାହଳମୟ କରୁଛି । ଅନ୍ୟଦିନ ଭଳି ସେଦିନ ମଧ୍ୟ ଗାଈଆଳ ତା' ଉପରେ ନଜର ପହଁରାଇ ନିଜ ଗୋରୁପଲଙ୍କୁ ଅଡାଇ ଅଡାଇ ଚାଲିଗଲା । ଏବେ ପୁଣି ସେଇ ନିସଙ୍ଗ ନିବାସକୁ ଫେରିବାର ସମୟ, ଅଳସ ଶରୀରରେ ବୁଢା ଶାଳଗଛ ମୂଳରୁ ଉଠି କିଛି ଦୂରରେ ଥିବା ତା' ସ୍କୁଟି ପାଖକୁ ଯାଇ ସ୍କୁଟି ଷ୍ଟାର୍ଟ କରି ଦୂରରେ ଦେଖା ଯାଉଥିବା ମୁଖ୍ୟ ସଡକ ଦିଗକୁ ଚାଲିଲା । ମୁଖ୍ୟରାସ୍ତା ଛୁଇଁବା ପରେ କିଛି ବାଟ ଗଲା ପରେ ଏକ କାର୍ ତା' ସ୍କୁଟିକୁ ଓଭରଟେକ୍ କଲା ସମୟରେ ପ୍ରତୀକ୍ଷାର ନଜର କାର୍‌ର ପଛ କାଚରେ ଲେଖା ହୋଇଥିବା କଟେସନ୍ ଉପରେ ପଡିଲା, "ମାଇଲ୍ସ ଟୁ ଗୋ ବିଫୋର ଆଇ ସ୍ଲିପ୍ ।" ଚେନାଏ ହସ ପ୍ରତୀକ୍ଷାର ଓଠରେ ଖେଳିଗଲା । ଏବେ ଆଉ ମାଇଲ୍ ମାଇଲ୍ ଚାଲିବାର ଆବଶ୍ୟକତା ନାହିଁ, ଏବେ ତ ତା'ର କ୍ଳାନ୍ତ ଶରୀରର ଗଭୀର ନିଦରେ ଶୋଇବାର ସମୟ ଆସିଛି ।

*ଦୂରଭାଷ: ୯୪୩୭୨୯୪୫୩୦/୯୩୪୮୪୧୬୩୭୮*

# କୁନ୍ତୀର କୋହ

## ଜ୍ୟୋତ୍ସ୍ନା ସାମନ୍ତରାୟ

କିଏ ତାକୁ ଖେଳନାଟିଏ ଭାବି ଛଳନା କରେ, କିଏ ପ୍ରତିଶୃତି ଦେଇ ପ୍ରତାରଣା ଦିଏ, କିଏ ଆଶା ଦେଇ ନିରାଶ କରେ, କିଏ ଅନ୍ଧାରରେ ହାତ ଧରିବାର ଅଭିନୟ କରି ଅସହାୟ କରି ଛାଡ଼ି ଚାଲିଯାଏ। ହେଲେ ସେ ହାରି ଯାଏନି, ଅବିଚଳିତ ରହେ, ଅନ୍ତରରେ ଅବରୁଦ୍ଧ କୋହକୁ ଚାପି ରଖି ଆଗକୁ ଚାଲେ।

ପ୍ରତିଥର ଜୀବନ ସଂଗ୍ରାମରେ ପରାଜିତ ପରେ ବି ଅନୁତାପ ନାହିଁ କି ପଶ୍ଚାତାପ ନାହିଁ। ନିଜକୁ ସୁଧାରିବାର ପ୍ରୟାସ ନାହିଁ। ଯାହା ସବୁ ଘଟିଗଲା ଭାଗ୍ୟ ନିର୍ଦ୍ଧାରିତ ଏମିତି ଅଜବ ଖିଆଲ ନେଇ ସେ ବଞ୍ଚେ।

ସେ ଜନ୍ମ ନେଇଥିଲା ଏକ ନିପଟ ମଫସଲ ଗାଁ'ରେ, ଯେଉଁଠି ବିଜୁଳି ଆଲୋକ ସ୍ୱପ୍ନ। କୌଣସି ଏକ ଅମାବାସ୍ୟା ଅନ୍ଧକାରରେ ତା'ର କୁଆଁ କୁଆଁ କାନ୍ଦରେ ନିସ୍ତବ୍ଧ ଗାଁ' ଚମକି ଉଠିଥିଲା। ସାଇପଡ଼ିଶା ଧାଇଁ ଆସିଥିଲେ ଘରକୁ, ଡିବିରି ଆଲୁଅରେ ଝିଅଟିକୁ ଦେଖି ଆହା ପଦେ କହି ଚାଲି ଯାଇଥିଲେ। ଗରୀବ ବାପାମାଆ ଝିଅଟିକୁ ଦେଖି ଆତଙ୍କିତ ହୋଇଥିଲେ।

କଳା ମେଘରେ ବିଜୁଳି ପରି ଘନ ଅନ୍ଧାରକୁ ଉଜ୍ଜଳ କରି ଜନ୍ମ ନେଇଥିଲା କୁନ୍ତୀ, ଅଭିଶପ୍ତା ଅପ୍ସରାଟିଏ। ଗରୀବ ଘରେ ଅପରୂପା ଝିଅକୁ ଦେଖି ବାପାମାଆ ଛାତିରେ ଛନକା ପଶିଲା। ଅସୁନ୍ଦର ପୁଅଟିଏ ହେଲେ ହୋଇଥାନ୍ତା, ଅବସୋସରେ ଲୁହଧାର ନିଗିଡ଼ି ପଡ଼ିଲା ଆଖିରୁ।

ଗରିବ ଘରେ ଝିଅ ଜନ୍ମ ହେଲେ ଅଭିଶାପ, ତା' ସହିତ ରୂପ ଥିଲେ ଦୁର୍ଭାଗ୍ୟ। ଯାହା ଘରେ ସକାଳ ପାଇଲେ ପେଟ ଚିନ୍ତା, ପର ଘରେ କାମ ନ କଲେ ଚୁଲୀ ଜଳେନି, ସେ କେମିତି ଭଙ୍ଗା ଘରେ ସାଇତି ରଖିବ କନ୍ୟା ରତ୍ନକୁ। ବାପା ମା' ପ୍ରମାଦ ଗଣିଲେ। ଚାନ୍ଦ ଉଦିଆ ମୁହଁକୁ ଦେଖି ମଥାରେ ଗୋବର ଟିପାଟିଏ ମାରି ଦୁଃଖରେ ଦୀର୍ଘଶ୍ୱାସ ମାରିଲେ ମା'। ବାପାମାଆ ନାମ ଦେଲେ କୁନ୍ତୀ।

ସମ୍ପତ୍ତି କହିଲେ ଘରକୁ ଲାଗି ଛୋଟ ଅଗଣାଟିଏ। ଚାଷ କରିବାକୁ ଜମି ଖଣ୍ଡେ ନାହିଁ। ବାପା ନିତିଆ ପର ଜମିରେ ଭାଗ ଚାଷ କରି ପରିବାରକୁ ସୁଖରେ ଚଳେଇ ନେଉଥିଲା। ଘରେ ଅଭାବ ଅସୁବିଧା ରହୁଥିଲା, ହେଲେ ଅଶାନ୍ତି ରହୁ ନଥିଲା। ସବୁଦିନ ତ ସମାନ ଯାଏନି। କି ଜ୍ୱର ଆସିଲା କେଜାଣି, ନିତିଆ ଉଠି ବସି ପାରିଲାନି। ଘରେ ଥିବା କଂସା ପିତଳ ବନ୍ଧା ପକେଇ କୁନ୍ତୀମା' ଚିକିତ୍ସା ପାଇଁ ନିତେଇକୁ ଦୂର ହସ୍ପିଟାଲକୁ ନେଲା, ହେଲେ କିଛି କାମ ଦେଲାନି। ଧୀରେ ଧୀରେ ବାମ ଗୋଡ଼ଟି ଚଳିବା ପାଇଁ ଶକ୍ତିହୀନ ହୋଇଗଲା। ବେଢ଼ି ଉପରେ କୋରଡ଼ା ମାଡ଼ ପରି ଗରିବ ଘରେ ଆଉ ଗୋଟିଏ ଦୁଃଖ ଯୋଡ଼ି ହୋଇଗଲା।

ଅଚଳ ସ୍ୱାମୀ ଓ ଛୋଟ ଛୁଆକୁ ନେଇ କେମିତି ଚଳିବ ଚିନ୍ତା ଘାରିଲା କୁନ୍ତୀ ମା'କୁ। ଦିନେ କାହା ଦୁଆର ମାଡ଼ି ନଥିବା କୁନ୍ତୀମା' ପର ଘରେ କାମ କଲା, ବାସନ ମାଜିଲା, ଘର ଓଳେଇଲା। ପିଲା ସ୍ୱାମୀ ମୁହଁରେ ମୁଠେ ଆହାର ଦେବା ପାଇଁ ସବୁ କାମକୁ ଆଦରି ନେଲା।

ଝିଅ ଛୋଟ ବେଳେ ବାବୁ ଘର ବାରଣ୍ଡାରେ ବସେଇ ଦେଇ ମା' କାମ କରୁଥିଲା। ଟିକେ ବଡ଼ ହେବାରୁ ବାପା ପାଖରେ ଝିଅକୁ ଛାଡ଼ି ଦେଇ ମା' କାମକୁ ଯାଏ। ବାପାଙ୍କର ଯାହା ଦରକାର ମାଗିଲା ମାତ୍ରେ ଦିଏ କୁନ୍ତୀ। ମା' ସଞ୍ଜ ବେଳେ ଘରକୁ ଫେରିଲେ ସେ ଗାଁ' ପିଲାମାନଙ୍କ ସାଥିରେ ଖେଳେ। ସେଇ ଟିକେ ଆନନ୍ଦ ତା' ପାଇଁ। ପ୍ରତିଥର ବୋହୁଚୋରି ଖେଳରେ ସେ ବୋହୁ ହେବାକୁ ଜିଦ୍ କରେ ବଡ଼ବାବୁ ଘର ସାନ ପୁଅ ସତ୍ୟ। ଆଉ ଯିଏ ବୋହୁ ହେଲେ ସେ ବର ହେବାକୁ ମନା କରିଦିଏ। ଭାରୀ ଖୁସି ଲାଗେ କୁନ୍ତୀକୁ। ସିଏ ବୋହୁ ହେଲେ ବର ହେବାକୁ ଗାଁ' ପିଲାଙ୍କ ଭିତରେ ଗଣ୍ଡଗୋଳ ଲାଗେ। ସେ ସମସ୍ତଙ୍କର ଦିନେ ଦିନେ ବୋହୁ ହେବାକୁ କଥା ଦିଏ। ଏତିକି କଥାରେ ସତ୍ୟ ଆଖି ଛଳଛଳ ହୋଇଯାଏ।

କିଛି ଆବେଗ ଭରା କଥା କୁନ୍ତୀକୁ ବହୁତ ବର୍ଷ ଯାଏ ବିମୋହିତ କରି ରଖିଥିଲା। ଥରେ ବର ହେଲା ବେଳେ ସତ୍ୟ ତା' ଓଠକୁ ଚିପି ଦେଇ କହିଥିଲା ତୁ ବହୁତ ସୁନ୍ଦରୀ। ତୁ ଆଉ କାହାର ବୋହୁ ହେଲେ ମୋତେ ବହୁତ କଷ୍ଟ ହୁଏ। "ତୁ ବଡ଼ ହୋଇଗଲୁଣି କୁନ୍ତୀ, ଆଉ ବୋହୁଚୋରି ଖେଳିବୁନି।" ଦିନେ କହିଥିଲା ସତ୍ୟ। କୁନ୍ତୀ ସେତେବେଳେ କଥାର ରହସ୍ୟ କିଛି ବୁଝିପାରୁ ନଥିଲା। ହେଲେ ସେଇ ଦିନଠାରୁ ସତ୍ୟ ଆଉ ଖେଳିବାକୁ ଆସି ନଥିଲା। କିଛିଦିନ କୁନ୍ତୀ ଗାଁ' ପିଲାଙ୍କ ସହ ଖେଳିଲା ସତ ହେଲେ ପୂର୍ବର ଆଗ୍ରହ ନଥିଲା।

ଶୈଶବର କ୍ଷଣିକ ସୁଖ ଅପାସୋରା ରହେ ସାରା ଜୀବନ। ସଞ୍ଜ ହେଲେ ଖେଳିବା ନିଶା ବେଶି ଦିନ ରହିଲା ନାହିଁ। କ'ଣ ହେଲା କେଜାଣି ଦିନେ ରାତିରେ ସତ୍ୟର ବଡ଼ ଭାଇ ଖେଳୁଥିବା ପିଲାଙ୍କୁ ଗାଳି ଗୁଲଜ କଲା। ସେଇ ଦିନଠାରୁ କୁନ୍ତୀର ଖେଳିବା ବନ୍ଦ। ମନ ଦୁଃଖରେ କିଛି ଦିନ ଚୁପ୍‌ଚାପ୍ ରହିଲା କୁନ୍ତୀ। ଜୀବନରେ ଭଲ କ'ଣ ମନ୍ଦ କ'ଣ ବୁଝିବା ପୂର୍ବରୁ ଆକଟ ଭିତରେ ଶୈଶବ ସୁଖରୁ ବଞ୍ଚିତ ହେଲା ସେ।

ଅବରୁଦ୍ଧ କୋହ ଭିତରେ ଶୈଶବ ନିଶ୍ଚିହ୍ନ। ଅତି ଶୀଘ୍ର ଗରିବ ଝିଅଟିଏ ଶୈଶବ ପାରି ହୋଇ ଘରର ସୁଖ ଦୁଃଖକୁ ଆଦରି ନିଏ। ବାପାଙ୍କର ଦେହର ଯତ୍ନ ନିଏ, ମାଆକୁ ରନ୍ଧାବଢ଼ାରେ ସାହଯ୍ୟ କରେ। ରାତି ହେଲେ ବୋଉ କୋଳରେ ଶୋଇ କେତେ କେତେ ସ୍ୱପ୍ନ ଦେଖେ, ବେଳେବେଳେ ଦେଖେ ସତ୍ୟ ସାଥିରେ ସେ ସମୁଦ୍ର କୂଳରେ ଖେଳୁଛି, ଜୁଆର ମାଡ଼ି ଆସୁଛି। ନିଦ ଭାଙ୍ଗିଯାଏ କୁନ୍ତୀର। ସେ ମାଆକୁ ଜାବୁଡ଼ି ଧରେ। ସେତେବେଳେ ମାଆ ନିଘୋଡ଼ ନିଦରେ। ଭଙ୍ଗା ଚାଳ ଫାଙ୍କରେ ଅଷ୍ଟମୀ ଜହ୍ନକୁ ଚାହେଁ। କୁନ୍ତୀ ଓଠରେ ଲୁଚିଥାଏ ଧାରେ ଅବୁଝା ହସ, ମନରେ ଉଦାସ, ହୃଦୟରେ ଅବସୋସ, ଆଖି କୋଣରେ ଲୁହ ଲୁଚେଇବାର ପ୍ରୟାସ। ଏମିତି ଭିତରେ ଅତିକ୍ରାନ୍ତ ହୋଇଯାଏ ଶୈଶବ।

ମାଆର ସାତସିଆଁ ଶାଢ଼ୀ ତଳେ ଅଭାବ କଷଣ ଭିତରେ କୁନ୍ତୀ ବଡ଼ ହେଲା। ଦୂର ଅଙ୍ଗନବାଡ଼ି ବିଦ୍ୟାଳୟକୁ ମୁଠେ ଖାଇବା ପାଇଁ ମାଆ ତାକୁ ପଢ଼ିବା ପାଇଁ ଛାଡ଼ିଲା। ସେଠାରେ ସାନ ସାନ ପିଲାଙ୍କ ସହିତ ମିଶି କୁନ୍ତୀ ପାଠ ପଢ଼ିଲା। ଶ୍ରେଣୀରେ ପ୍ରଥମ ହେଲା। ତା'ର ପଢ଼ିବା ଆଗ୍ରହ ଯୋଗୁଁ ସାର୍ ମାନଙ୍କର ପ୍ରିୟ ହେଲା।

ରାତିରେ ଅଗଣାରେ ବସି ଜହ୍ନ ଆଲୁଅରେ ପଣିକିଆ ମୁଖସ୍ଥ କରି ବାପାଙ୍କୁ ଶୁଣାଏ। ଲଣ୍ଠନ ଆଲୁଅରେ ହସ୍ତାକ୍ଷର ଲେଖି ମାଆକୁ ଦେଖାଏ। ମାଆ ମଥାକୁ ଆଉଁଶି ଦେଇ ଝିଅର ମଙ୍ଗଳ ମନାସେ।

ଉଦାସ ଆଖିରେ କ୍ଷୀଣ ଆଶାର ଆଲୋକଟିଏ ଉଜ୍ଜଳି ଉଠି ମଉଳି ଗଲା। ସକାଳ ପାଇଲେ ଯାହାର ପେଟ ଚିନ୍ତା, ପର ଘରେ କାମ ନକଲେ ଚୁଲି ଜଳେନି, ସେଠି ଝିଅଟିଏ ପାଠ ପଢ଼ି ମଣିଷ ହେବ, ସେ ଆଶା ଅନ୍ଧାରରେ ମିଳେଇ ଗଲା। ସ୍ୱପ୍ନ ଦେଖିବା ପାଇଁ ତ ସମ୍ବଳ ଦରକାର। ଯାହାକୁ ସାହା ଭରସା କରିଥାନ୍ତା ସିଏ ତ ଅଥର୍ବ, ଆଖିରୁ ଲୁହ ପୋଛିଲା କୁନ୍ତୀମା'।

ଅସହାୟ ମଣିଷ। ମଥା ଉପରେ କଳା ବାଦଲର ଛାଇ, ଛାତି ତଳେ କୋହ, ଆଖିରେ ଅଜସ୍ର ଲୁହର ଲହଡ଼ି ଭିତରେ ଜୀବନ ଜିଇଁବାକୁ ହୁଏ। ଦୁଃଖର ଦୀର୍ଘଶ୍ୱାସ ଭିତରେ ଝିଅର ଦୀର୍ଘ ଜୀବନ ପାଇଁ ଗ୍ରାମ ଦେବତୀଙ୍କୁ ଗୁହାରୀ କରେ କୁନ୍ତୀମା'।

ଅଭାବ କଷଣ ଭିତରେ କୁନ୍ତୀ ଭଲ ପଢ଼ିଲା। ଶ୍ରେଣୀରେ ପ୍ରଥମ ହେଲା, ବୃତ୍ତି ପାଇଲା। ସ୍କୁଲଠାରୁ ଆରମ୍ଭ କରି ସାରା ଗାଁ'ରେ କୁନ୍ତୀର ପ୍ରଶଂସା। ବାପାମାଆଙ୍କର ଆଖିରେ ଆନନ୍ଦାଶ୍ରୁ। "ଅରକ୍ଷିତକୁ ଦଇବ ସାହା, ଘଣ୍ଟ ଘୋଡ଼େଇ ମୋ' ଝିଅକୁ ରକ୍ଷା କର ମା ମଙ୍ଗଳା" ନତ ଜାନୁ ହୋଇ ପ୍ରାର୍ଥନା କଲା କୁନ୍ତୀମା। ରାତି ହେଲେ ଆଶା ଓ ଅଶ୍ରୁ ଏକାକାର ହୁଏ, ସକାଳ ପାଇଲେ କର୍ମ ଜଞ୍ଜାଳ।

ଜୀବନ ନଉକାଟି ସୁଖ ଦୁଃଖରେ ଚାଲିଲା ବେଳେ ହଠାତ୍ ଟଳମଳ ହେବାକୁ ଲାଗିଲା। ଆଶା ଆକାଶରେ କଳା ବାଦଲର ଛାଇ ସ୍ତବ୍ଧ କରିଦେଲା ମାଆ ଝିଅକୁ। ବାପାର ଅକସ୍ମାତ୍ ବିୟୋଗରେ ଛୋଟ ଘରଟିରେ ହାହାକାର ଓ ଅନ୍ଧକାର ଭରିଗଲା। ବାପା ଥିଲା ବୋଲି ତ ସାହା ଭରସା ଥିଲା। ଅକର୍ମଣ୍ୟ ହେଲେ ବି ବାପା ନିତେଇ ଘରକୁ ବାଘ ପରି ଥିଲା। ବାହାର ଲୋକଙ୍କର ଖରାପ ନଜର ପଡୁ ନଥିଲା ଘରେ। ଆଗ ପଛ ଭାବି କୁନ୍ତୀମା'ର ଆଖିରୁ ନିଦ ହଜିଗଲା।

ନିତିଆର କ୍ରିୟା କର୍ମ ଗାଁ' ଲୋକଙ୍କ ସହଯୋଗରେ କୁନ୍ତୀମା କଷ୍ଟେମଷ୍ଟେ କରିଥିଲେ। ଖଟି ଖାଇବା ନୀତିରେ ବିଶ୍ୱାସ କରୁଥିବା କୁନ୍ତୀମା' କାହାର ଦୟାର ପାତ୍ର ହେବାକୁ ଚାହୁଁ ନଥିଲେ ବି ଏକା ନାରୀଟିଏ ଝିଅଟିକୁ ନେଇ ସଂସାରରେ ଚଳିବା କେତେ କଷ୍ଟ ଅଙ୍ଗେ ଅଙ୍ଗେ ଅନୁଭବ କରୁଥିଲେ। ଅନେକ ଅହେତୁକ ଅନୁକମ୍ପାକୁ ଆଖି ଆଢ଼େଇ ଦେଇ ଝିଅକୁ ନେଇ ଏକା ଏକା ଚାଲିବାକୁ ମାନସିକ ସ୍ତରରେ ନିଜକୁ ପ୍ରସ୍ତୁତ କଲେ କୁନ୍ତୀମା'।

ନିତିଆର ଦେହାନ୍ତ ପରେ ଘରକୁ ଅନୁକମ୍ପା ଦେଖେଇ ଅନେକ ଲୋକ ଅନୁପ୍ରବେଶ କଲେ। ସମସ୍ତଙ୍କର ନଜରରେ ଥିଲା କୁନ୍ତୀ। ଏହା ମାଆକୁ ଅଛପା ନଥିଲା। କୁନ୍ତୀମା' ଭିତରେ ବିଦ୍ରୋହ କରୁଥିଲେ ବି ଉପରେ ସାହସ କରି କାହାକୁ କିଛି କହି ପାରୁନଥିଲା। ଛୋଟ ମୁହଁରେ ବଡ଼ କଥା କହିବା କଷ୍ଟ, ସହିବା ସହଜ। ଗରୀବ ସ୍ତ୍ରୀଟିଏ ସବୁ କାଳେ ହୀନମନ୍ୟତାର ଶିକାର ହୁଏ।

ଦିନେ କୁନ୍ତୀକୁ ପାଖରେ ବସେଇ ମାଆ ସଂସାରର ଜଟିଳତା ଓ ଜୀବନର ଭଲ ମନ୍ଦ ଉପରେ ଅନେକ ଉପଦେଶ ଦେଲେ। କୁନ୍ତୀ ମାଆ ମୁହଁକୁ କୌତୁହଳ ହୋଇ ଚାହିଁଲା। ଓଠ ତଳେ ଅନେକ ଅକୁହା ପ୍ରଶ୍ନ ଛାତି ତଳେ କୋହ ହୋଇ ବାପାଙ୍କ ବିୟୋଗ ବ୍ୟଥା ସହିତ ମିଳେଇ ଗଲା।

କିଶୋରୀ କୋମଳ ମତି କୁନ୍ତୀ ଯେତିକି ବୁଝିଲା ସେତିକି ଅବୁଝା ହେଲା। ମଣିଷ ଭିତରେ ବାହାରେ ଦୁଇଟି ରୂପ ଥାଇପାରେ, ସେତିକି ବୁଝିବା ତା'ର ଜ୍ଞାନ ପରିସର ଭିତରେ ନଥିଲା।

ଧୀରେ ଧୀରେ କୁନ୍ତୀର ବୟସ ବଢ଼ିଲା, ରୂପ ବଢ଼ିଲା, ମାଆର ଚିନ୍ତା ବଢ଼ିଲା। ସମୟ ସ୍ରୋତରେ କୁଟା ଖିଅ ପରି ଭାସି ଯାଉଥିବା ଜୀବନକୁ ନେଇ ମାଆ ଝିଅ ଅଣାୟତ ହେଲେ। ଶେଷକୁ ପାଠ ପଢ଼ାରେ ଡୋରି ବାନ୍ଧିଲା କୁନ୍ତୀ।

ମାଆ ଓ ଝିଅ ସଂସାରର ଝଡ଼ଝଞ୍ଜାରେ ମ୍ରିୟମାଣ ହେଲେ। ବିଧବା ନାରୀ ଓ ସୁନ୍ଦରୀ ଝିଅ ସମାଜର ଖରାପ ନଜରରୁ ବଞ୍ଚିବା କଷ୍ଟକର। ସେଇ ସମୟରେ ତାଙ୍କ ସାହାରା ହୋଇ ଠିଆ ହେଲେ ଦୂର ସହରରୁ ଆସି ଅଙ୍ଗନବାଡ଼ିରେ ପାଠ ପଢ଼ାଉଥିବା ରଞ୍ଜନ ସାର୍। ଭଲ ପଢୁଥିବା କୁନ୍ତୀକୁ ପଢ଼ିବା ପାଇଁ ଛାଡ଼ିବାକୁ ସେ ମାଆକୁ ବହୁତ ବୁଝାଇଲେ। ତା'ପରେ ଆରମ୍ଭ ହୁଏ କୁନ୍ତୀର ଉଚ୍ଚ ଶ୍ରେଣୀ ପାଇଁ ପାଠପଢ଼ା। ବହିପତ୍ର ସାହାଯ୍ୟ କରନ୍ତି ସାର୍। ଗଣିତରେ ଦୁର୍ବଳ ଥିବା କୁନ୍ତୀକୁ ବୁଝେଇ ଦିଅନ୍ତି ପାଠ। ତାଙ୍କ ପ୍ରେରଣାରେ କୁନ୍ତୀ ଭଲ ପଢ଼ିଲା।

କୁନ୍ତୀ ଘରକୁ ସାରଙ୍କର ଯିବା ଆସିବା ଓ ସାହାଯ୍ୟ ଦେଖି ସାଇ ଲୋକ ଅସହିଷ୍ଣୁ ହେଲେ। ମା' ଝିଅ ନାମରେ ଗାଁ'ରେ କୁତ୍ସା ରଟନା କଲେ। ସାରଙ୍କୁ ଧମକ ଦେଲେ। ସବୁ ଭିତରେ ହାରିଗଲେନି ମାଆ ଝିଅ। କୁନ୍ତୀ ପାଇଁ ନିଜକୁ ଦୃଢ଼ କଲେ ମାଆ, ସାଇ ଲୋକଙ୍କ କଥା କାନକୁ ନେଲେନି। ସେ ଭଲରେ ଜାଣନ୍ତି ଏଠି ଶାଗ ଖିଆ ଲୋକ ପେଜ ଖିଆ ଲୋକଙ୍କୁ ସହି ପାରେନି। ସାରଙ୍କର ସାହାଯ୍ୟ ଯୋଗୁଁ ତାଙ୍କର ଭଲ ଚଳିବା ଓ ଝିଅ ଭଲ ପଢ଼ିବାରେ ଈର୍ଷାନ୍ୱିତ ଲୋକଙ୍କୁ ସେ ଭଲରେ ଚିହ୍ନିପାରିଲେ। ଝିଅକୁ କାହାର ନିନ୍ଦା ଅପବାଦ ନ ଶୁଣି ଭଲ ପଢ଼ିବାକୁ ଉପଦେଶ ଦେଲେ।

କଥା କିନ୍ତୁ ଏତିକିରେ ସରିଲାନି। ଗାଁ'ର କିଛି ଯୁବକଙ୍କ କ୍ରୋଧର ଶିକାର ହେଲେ ରଞ୍ଜନ ସାର୍। ଦିନେ କୁନ୍ତୀକୁ ପଢ଼େଇବାକୁ ଗଲାବେଳେ ସେମାନେ ରାସ୍ତାରେ ତାଙ୍କୁ ଆକ୍ରମଣ କଲେ।

ଅତର୍କିତ ଆକ୍ରମଣରେ ସାର୍ ତଳେ ପଡ଼ିଗଲେ। ମୁଣ୍ଡରେ ଆଘାତ ପାଇ ବେହୋସ ହୋଇଗଲେ। ସାଇ ପଡ଼ିଶା ଧାଇଁ ଆସିଲେ। ପାଟି ତୁଣ୍ଡ ଶୁଣି କୁନ୍ତୀମା' ଆସି ବାହାରେ ଦେଖେ ତ ରଞ୍ଜନ ସାର୍। କିଛି ଲୋକଙ୍କ ସହାୟତାରେ ଘରକୁ ନେଇ ଆସିଲେ। କୁନ୍ତୀ ଏସବୁ ଦେଖି ସ୍ତବ୍ଧ ହୋଇଯାଇଥିଲା। ତା' ପାଇଁ ସାର୍ ଏମିତି ଅବସ୍ଥା ହୋଇ ଥିବାରୁ ନିଜକୁ କ୍ଷମା କରି ପାରି ନଥିଲା।

କୁନ୍ତୀର ସେବା ଯତ୍ନରେ ସାର୍ ଭଲ ହୋଇ ଯାଇଥିଲେ, ହେଲେ ହୃଦୟରେ ରଖି ଦେଇଥିଲେ ଅଲିଭା ଦାଗ। ବୟସର ଫୁଲବଣରେ ଉତ୍ତେଜନା ଓ ଭାବ ପ୍ରବଣତା କେତେବେଳେ ପ୍ରେମ ବୃକ୍ଷ ପାଲଟି ଯାଇଥିଲା। ଦୁଃଖର ନିଆଁ ଘେରରେ ଝଲସି ଉଠିଲା ପ୍ରେମିକାପଣ। ଦେହ ଓ ମନରେ ଯୌବନର ଅଜସ୍ର ଲହଡ଼ି। କୁନ୍ତୀର ଆକର୍ଷଣୀୟ ଆଖି, ଗାଲରେ ଭଉଁରୀ ଓ ଅପରୂପା ରୂପରେ ବିମୋହିତ ହୋଇଥିଲେ ସାର୍। କୁନ୍ତୀର ଦୁର୍ବଳତା ଧୀରେ ଧୀରେ ଦୈହିକ ପ୍ରେମର ରୂପ ନେଲା।

ବିଶ୍ୱାସର ବୈତରଣୀରେ ନିଜକୁ ବିସର୍ଜନ କରିବାର ଆନନ୍ଦରେ ସନ୍ତରଣ କଲା, ବିମୁଗ୍ଧା କୁନ୍ତୀ। ନିଜକୁ ସମ୍ପୂର୍ଣ୍ଣ ସମର୍ପଣର ସମ୍ମୋହନରେ ସେ ଭୁଲି ଯାଇଥିଲା ଜୀବନର ବାସ୍ତବତା।

ଅତି ସତର୍କତାର ସହିତ ଉଭୟ ଦେଖା କଲେ ବି ଗାଁ' ଲୋକଙ୍କ କଟାକ୍ଷ ନଜରରୁ ବର୍ତ୍ତି ପାରି ନଥିଲେ। ଲୋକମାନେ ମେଳି ହୋଇ ରଞ୍ଜନ ସାରଙ୍କୁ ବିଦ୍ୟାଳୟରୁ ବରଖାସ୍ତ ପାଇଁ ଦରଖାସ୍ତ କଲେ ଉଚ୍ଚ ସ୍ତରରେ। ରାତାରାତି ତାଙ୍କୁ ଗାଁ' ଛାଡ଼ି ଯିବାକୁ ବାଧ୍ୟ କରାଗଲା।

ସେତେବେଳେ କୁନ୍ତୀ ଗର୍ଭବତୀ। ପାପ ପୂଣ୍ୟର ଦୋଛକିରେ ଆକ୍ତାମାକ୍ତା ହୋଇ ରଞ୍ଜନ ସାରଙ୍କୁ ବହୁତ ଖୋଜିଲା। ତାଙ୍କ ଚିଠି ଅପେକ୍ଷାରେ ଚାହିଁ ରହିଲା କୁନ୍ତୀ।

ପ୍ରୀତି ପଥରେ ପରାଜିତ ପ୍ରେମିକଟିଏ ପରି ପ୍ରତିଶୃତିକୁ ପଛରେ ପକେଇ ନିଜ ଘର, ନିଜ ସହରକୁ ଫେରି ଯାଇଥିଲେ ରଞ୍ଜନ ସାର୍। ଶେଷ ଦେଖା କରିବାକୁ ଚାହିଁଥିଲେ ବି ମାନସିକ ଚାପ ଭିତରେ ମ୍ରିୟମାଣ ହୋଇ ଚାକିରି ହରେଇ ଅପମାନିତ ହୋଇ ଚାଲି ଯାଇଥିଲେ।

ଶେଷ ଦେଖା କରି ପାରି ନଥିବାରୁ ଅବସାଦରେ ଘାରି ହେଲେ ସେ ଅନେକ ଦିନ। ଚିଠି ଦେଇଥିଲେ ଅନେକ, ହେଲେ ପ୍ରତ୍ୟୁତ୍ତର ପାଇ ନଥିଲେ। ଗାଁ'ର କିଛି ପିଲା ଚିଠି ଲୁଚେଇ ରଖି ଦେଉଥିଲେ। ଧୀରେ ଧୀରେ ଦିବା ସ୍ୱପ୍ନ ପରି ଭୁଲିବାକୁ ଚେଷ୍ଟା କଲେ ଅତୀତକୁ।

ଅନ୍ଧାରରେ ରହିଗଲା ଅତୀତ, ଅପାସୋରା ରହିଗଲା ସ୍ମୃତି। ଅନ୍ତରରେ ଅବରୁଦ୍ଧ କୋହକୁ ଛାତି ତଳେ ଚାପି ରଖି ଛଟପଟ ହେଲା କୁନ୍ତୀ। କାହାକୁ କହିବ ଦୁଃଖ, ଯାହାର ବାହୁ ଛାୟାରେ ଠିଆ ହୋଇ ଦୁନିଆଁକୁ ସାମ୍ନା କରିଥାନ୍ତା ତା'ର ତ ଖୋଜ ଖବର ନାହିଁ। ନିରାଶାରେ ନିନ୍ଦିଲା ନିଜର ଭାଗ୍ୟକୁ।

ଜୀବନର ଛକି ଶୂନ ଖେଳରେ ହାରି ଯାଇଥିଲା କୁନ୍ତୀ। ଯେଉଁ ପ୍ରେମ ତା' ପାଇଁ ଦିନେ ପୂଣ୍ୟ ଥିଲା ଆଜି ସମାଜ ଆଖିରେ ଘୃଣ୍ୟ। କୋମଳ ମତି ଝିଅଟିଏ ଜୀବନ ଚିହ୍ନିବା ଆଗରୁ ସ୍ୱପ୍ନ ହୋଇଛି ବିବର୍ଣ୍ଣ।

ହାତରୁ ଖସି ଯାଇଛି ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ। ତଥାପି ମନୋବଳ ଦୃଢ଼ କଲା, ଗର୍ଭରେ ବଢୁଥିବା ସନ୍ତାନକୁ ଆଲୋକ ଦେଖେଇବ। ଦିନେ ମାଆକୁ ସବୁ କଥା କହିଲା। କିଛି ସମୟ ପାଇଁ ସ୍ତବ୍ଧ ହୋଇଗଲେ ମାଆ। ଆଖିରେ ଲୁହକୁ ଚାପି ରଖି ଆଶ୍ୱାସନା ଦେଲେ। ସାଇପଡ଼ିଶାଙ୍କର ନିନ୍ଦା ଅପନିନ୍ଦା ଶୁଣିବା ଆଗରୁ କଳଙ୍କିତ ଅଧ୍ୟାୟକୁ ଶେଷ କରିବାକୁ ଉପଦେଶ ଦେଲେ। ହେଲେ କୁନ୍ତୀ ନାଚାର।

ସଂସାରକୁ ସାମ୍ନା କରିବା ପାଇଁ ତା' ଦେହରେ ଶତ ସିଂହର ବଳ। ତା' ମୁହଁରେ ତାରୁଣ୍ୟର ତରଙ୍ଗ ନାହିଁ, ଆଖିରେ ସ୍ୱପ୍ନର ସୁରଭି ନାହିଁ, ଅଛି କେବଳ ମନରେ ଦୃଢ଼ତା। ପାଠଶାଳାର ପ୍ରୀତିକୁ ସାରା ଜୀବନ ସାଇତି ରଖିବ ଓ ସ୍ମୃତିକୁ ନେଇ ଜୀବନ ଜୀଇଁବାର ନିଷ୍ପତ୍ତି ନେଲା କୁନ୍ତୀ। ଆଗକୁ କେତେ ଝଡ଼ଝଞ୍ଜା ଅଛି, ଖାତିର୍ ନାହିଁ। ପ୍ରେମରେ ପରାଜିତା ହୋଇପାରେ, ହେଲେ ସନ୍ତାନ ପାଇଁ ହେବ ଦୁର୍ଜେୟ ଦୁର୍ଗ।

ଅନ୍ତରରେ ଅବରୁଦ୍ଧ କୋହକୁ ଚାପି ରଖି ସେ ଆଶା ଆକାଶକୁ ଚାହିଁଲା। ସୁନ୍ଦର ସକାଳଟିର ଆସିବାକୁ ପ୍ରତୀକ୍ଷା ପଥରେ ନିଜକୁ ପ୍ରସ୍ତୁତ କଲା କୁନ୍ତୀ।

# ମନ୍ଦିର ପ୍ରତିଷ୍ଠା

ଡଃ ସୁକାନ୍ତ ମହାରଣା

ଆଉ ସହି ହେଉନାହିଁ । ଅସହ୍ୟ ହେଉଛି ଯନ୍ତ୍ରଣା । କାନମୁଣ୍ଡା ଝାଇଁ ଝାଇଁ ହୋଇଯାଉଛି । ଧାଉଁ ଧାଉଁ ଦୁଲୁକି ଉଠୁଛି ଛାତି । ସତେକି କିଏ ମୁଦ୍‌ଗର ପ୍ରହାର କରୁଛି ସେଇଠି । ଅନବରତ ଘାଉଁ ଘାଉଁ ଶବ୍ଦ । ଅସରନ୍ତି ଅନିବାର୍ଯ୍ୟ ସର୍ବବ୍ୟାପୀ ଶବ୍ଦ । ଗର୍ଜନ । କାନଫଟା କୋଳାହଳ, ଚିତ୍କାର । ବର୍ଚ୍ଛାପରି ଆକାଶରୁ ବର୍ଷୁଥିବା ମେଁ ମାସର ଚଉରାଳିଶ୍ ଡିଗ୍ରୀ ତାପ ସହିତ ଯାନ୍ତ୍ରିକ ସ୍ପର୍ଶରେ ଶତାଧିକ ଡେସିବିଲ୍ ତୀବ୍ରତାର ଶବ୍ଦ ଏକାକାର ହୋଇଯାଇଛି। ଶକ୍ତିର ଦୁଇ ପ୍ରଚଣ୍ଡ ରୂପ ଶବ୍ଦ ଆଉ ଉତ୍ତାପଙ୍କ ମିଳିତ ସଂଘାତରେ ବିଚରା ଜୀବନଟି ବ୍ୟତିବ୍ୟସ୍ତ, ଯନ୍ତ୍ରଣାମୟ ହୋଇପଡ଼ିଛି ।

ସର୍ବୋଚ୍ଚ ଅଡ଼ଷଠି ଡେସିବିଲ୍ ତୀବ୍ରତାର ଶବ୍ଦକୁ ମାନବୀୟ ନିରାପଦ ଶ୍ରାବ୍ୟସୀମା ରୂପେ ନିର୍ଦ୍ଧାରଣ କରିଛି ପ୍ରଦୂଷଣ ବିଭାଗ । ତହୁଁ ଅଧିକ ତୀବ୍ର ଶବ୍ଦ ଅଧିକ ସମୟ ଶୁଣିବା ସ୍ୱାସ୍ଥ୍ୟପକ୍ଷେ ଅଶେଷ ହାନିକାରକ । ବଧୀରତା, ଉଚ୍ଚରକ୍ତ ଚାପ, ମୁଣ୍ଡବିନ୍ଧାର କାରଣ । ବୃଦ୍ଧ ବୃଦ୍ଧା ଏବଂ ରୋଗୀ ମାନଙ୍କ କ୍ଷେତ୍ରରେ ଅବସ୍ଥା ଆହୁରି ଗୁରୁତର, ସଙ୍ଗିନ୍ ।

ପ୍ରସନ୍ନ ବାବୁ ଅଧା ଖୋଲାଥିବା କାଚ ଝରକାଟିକୁ ବନ୍ଦ କରିବାକୁ ଆସିଲେ । କ୍ଷଣୁଟିଏ ବାହାରକୁ ଚାହିଁଲେ । ଖରାଧାସରେ ଆଖି ଜଳକା ହୋଇଯାଉଛି । ଜଳିପୋଡ଼ି ଯାଉଛି ଦେହ । ଶବ୍ଦ ଆଉ ଉତ୍ତାପ ସହିତ ଅତ୍ୟଧିକ ଉଜ୍ଜ୍ୱଳ ଆଲୁଅ ମିଶିଯାଇ ରଚିଛନ୍ତି ତାଣ୍ଡବ । ମନ୍ଦିର କାନ୍ଥକୁ ଲାଗି ବାଉଁଶ ଖୁଷ୍ଟରେ ବନ୍ଧା ଦୁଇ ବୃହତ୍ ଚୁଙ୍ଗା ଭିତରୁ ଗୋଟିଏ ଠିକ୍ ତାଙ୍କ ଘରର ଝରକା ଆଡ଼କୁ ମୁହେଁଇଛି । ପୂଜକ ବ୍ରାହ୍ମଣ କଣ୍ଠରେ ମନ୍ତ୍ରୋଚ୍ଚାରଣ ମାଇକ୍ ଦ୍ୱାରା ବହୁଗୁଣିତ ଉଚ୍ଚ ଶବ୍ଦରେ ରୂପାନ୍ତରିତ ହୋଇ ସେଇ ଚୁଙ୍ଗା ମୁହଁ ଦେଇ ସିଧା ତାଙ୍କ ଝରକା ବାଟେ ପଶିଆସୁଛି ଘରକୁ। ସେ ଶବ୍ଦ ଆଉ ମନ୍ତ୍ର ଶ୍ଳୋକ ହୋଇ ନରହି ନିର୍ଘାତ୍ କୋଳାହଳରେ ବଦଳି ଯାଇଛି । ଘର ଭିତର କାନ୍ଥସହ ସଂଘାତରେ ପ୍ରତିଧ୍ୱନିତ ହେଉଛି ବାରମ୍ବାର । ଘରେ କଥାବାର୍ତ୍ତା କରିହେବାତ ଦୂରର କଥା, ଏକ୍‌ଦମ୍ ମତି ବିଗାଡ଼ି ଦେଉଛି ସେ ଶବ୍ଦ । କୌଣସି କାମରେ ମନ ଲାଗୁନାହିଁ । ପଢ଼ାଲେଖାତ ଅନେକ ଦୂରର ସ୍ୱପ୍ନ । ପେପରଟି ଉପରେ ଆଖିପକାଇଲେ ଅକ୍ଷର ଗୁଡ଼ିକ ଶବ୍ଦ ଗୁଡ଼ିକ ଡେମ୍‌ସା ନାଚ ନାଚୁଛନ୍ତି ।

ବିଗତ ଦୁଇଦିନ ଧରି ଏ ଅବସ୍ଥା । ଆଜି ତୃତୀୟ ତଥା ଶେଷ ଦିନ। ସକାଳ ସାତଟାରୁ କର୍ମ ଆରମ୍ଭ ହୋଇ ଯାଇଛି । ବିନା ମାଇକ୍‌ରେ ଆଜିକାଲି ଧର୍ମକର୍ମ ହେଉନାହିଁ । ମନ୍ଦିର ଗୃହ ଚାରିକୋଣରେ ଚାରିଟା ବାଉଁଶ ଖୁଷ୍ଟରେ ଲାଗିଛି ଚାରିଦୁଣେ ଆଠଟି ଧଳା ରଙ୍ଗର ବୃହତ୍ ଚୁଙ୍ଗା । ଯହିଁରୁ ରାସ୍ତାପଟରେ ଦୁଇବାଉଁଶରେ ଚାରୋଟି ଓ ଗୋଟିଏ ସିଧା ଠିକ୍ ତାଙ୍କ ଝରକା ଆଡ଼କୁ ମୁହେଁଇଛି । ତିରିଶ୍ ଫୁଟ୍ ଦୂର ଚୁଙ୍ଗାରୁ ନିର୍ଗତ ଶବ୍ଦ ତାର ମୂଳ ତୀବ୍ରତାରେ ଧସେଇ ପଶି ଆସୁଛି ତାଙ୍କ ଘରକୁ ବନ୍ଧ ଭଙ୍ଗା ଉଛୁଳା ବନ୍ୟା ପାଣି ପରି । ଜୀବନ କରିଦେଉଛି ଧ୍ୱସ୍ତବିଧ୍ୱସ୍ତ । ଦେହର ପ୍ରତ୍ୟେକଟି ତନ୍ତ୍ରିରେ, ସ୍ନାୟୁ କେନ୍ଦ୍ରରେ ଭେଦିଯାଉଛି ଶବ୍ଦ । ଲାଗୁଛି ଡିନାମାଇଟ୍‌ର ବିସ୍ଫୋରଣରେ ପାହାଡ଼ ଫାଟିଗଲା ପରି ମୁଣ୍ଡଟା ଫାଟି ଖଣ୍ଡ ଖଣ୍ଡ ହୋଇଯିବ।

ଝରକା ସ୍ଲାଇଡିଂ ଦରଜାଟିକୁ ଟାଣି ଖଟ୍ କରି ଲକ୍ କରିଦେଲେ ସେ । ଦୁଇ ହାତରେ ଦୁଇ କାନ ଘୋଡାଇ ସେ ଧାଇଁ ଆସିଲେ ବେଡ୍ ରୁମ୍‌କୁ। ଡ୍ରେସିଂ ଟେବୁଲ୍ କପ୍‌ବୋର୍ଡରୁ ଆଣିଲେ ତୁଳା । ଦୁଇଟି ଗୁଳା କରି ଦୁଇ କାନର ରନ୍ଧ୍ରକୁ ଜାମ୍ କଲେ । ସହଜେ ବୁଢ଼ା ଲୋକ । ଦଶବର୍ଷ ହେଲା ଚାକିରିରୁ ଅବସର । ଦେହରେ ବସାବାନ୍ଧିଲେଣି ନାନା ରୋଗ ବୈରାଗ । ଡାଇବେଟିସ୍, ଉଚ୍ଚ ରକ୍ତଚାପ, ଥାଇରଏଡ୍, କୋଲେଷ୍ଟେରଲ୍ ଏମିତି ଆହୁରି କିଛି । ପତ୍ନୀଙ୍କ ଅବସ୍ଥା ବି ତଦ୍ରୂପ ।

ଘରର ଝରକା କବାଟ ସବୁ ବନ୍ଦ୍ କଲାପରେ ବି ଶବ୍ଦ ତାଙ୍କ ପିଛା ଛାଡୁନଥିଲା । ମନ୍ଦିର ପରିଚାଳକ ଓ କର୍ମକର୍ତ୍ତାମାନଙ୍କ ଉପରେ ସେ କ୍ଷୁବ୍ଧ ହେଉଥିଲେ ମନେମନେ । ମନ୍ଦିର ପ୍ରତିଷ୍ଠା କରିବ ବୋଲି ମାତ୍ରାଧିକ ଶବ୍ଦରେ ମାଇକ୍ ବଜାଇବା କ'ଣ ନିହାତି ଦରକାର ? ଅନ୍ୟମାନଙ୍କ ଭଲମନ୍ଦ, ସୁବିଧା-ଅସୁବିଧା କଥା ଚିନ୍ତା କରିବ ନାହିଁ? ବୁଢ଼ାବୁଢ଼ୀ, ରୋଗୀ ଲୋକମାନେ ଅଛନ୍ତି, ପିଲାଙ୍କ ପଢ଼ାପଢ଼ି ଅଛି ଏବେ ପୁଣି ପ୍ଲସ୍‌ଟୁ ପରୀକ୍ଷା ଚାଲିଛି । ଏତିକି ନୈତିକ ଦାୟିତ୍ୱ ନାହିଁ ତୁମର ?

ପୂର୍ବକାଳରେ ଯେବେ ମୁନିଋଷି ମାନେ ଆଶ୍ରମରେ ଯଜ୍ଞ କରୁଥିଲେ, ସେତେବେଳେ କ'ଣ ମାଇକ୍ ଥିଲା ? ଏବେ ବିଜ୍ଞାନ ତୁମକୁ ମାଇକ୍ ଦେଇଛି ବୋଲି ପ୍ରତିକାମରେ ତାର ଦୁରୁପଯୋଗ କରିବ ? ବଜାଇବ ତ ପୁଣି ଏକାଥରେ ଫୁଲ୍ ଭଲ୍ୟୁମ୍‌ରେ ? କାହାର ଭଲମନ୍ଦ, ସୁବିଧା ଅସୁବିଧା ଦେଖିବ ନାହିଁ ? ଏ କି ଧର୍ମ ? କି ପ୍ରକାର ମାନବିକତା ?

ହେଲେ ତାଙ୍କ ମନର କଥା ମନରେ ମରୁଥିଲା । ତାଙ୍କ ଅସନ୍ତୋଷ, ନୀରବ ଭର୍ତ୍ସନା କାହାରି କାନରେ ପଡୁନଥିଲା । ତାଙ୍କ ବିକଳ ଅସହାୟ

ପଣ, ବୁକୁତଳର ଅକୁହା ବେଦନା ଏକା ବୁଝୁଥିଲା ତାଙ୍କ ବୁଢୀ ସ୍ତ୍ରୀଟି, ଯିଏ ନିଜେବି ଥିଲା ସେଇ ବଂଚନା ଆଉ କଦର୍ଥନାର ଶିକାର । ସେ'ବି ରୋଗିଣୀଟିଏ । ଡାଇବେଟିସ୍, ଉଚ୍ଚ ରକ୍ତଚାପ, ହାର୍ଟ, ଶ୍ୱାସ ସମେତ ବହୁରୋଗ ନେଇ ଏକ ରକମ୍ ମରିମରି ବଂଚିଛି ।

ନାଃ, ଆଉ ସହିହେବନାହିଁ । ତାଙ୍କୁ ଯାଇ ଭଲ୍ୟୁମ୍ କମ୍ କରିବାକୁ କହିବାକୁ ପଡିବ । ଯିଏ ଯାହା ଭାବିବ ଭାବୁପଛେ । ମୁଖ ନ ଖୋଲିଲେ ଦୁଃଖ ଯାଏ ନାହିଁ ।

ପତ୍ନୀ ରଶ୍ମିଦେବୀ ବାରଣ କଲେ । "ନାଇଁ ଯାଅନାହିଁ । ଖରାପ କଥା ହେବ । ସେମାନେ ଶୁଣିବେ ନାହିଁ । ଓଲଟ ଖରାପ ଭାବିବେ ତୁମକୁ ।"

ସେ ମାନିଲେ ନାହିଁ । ଲୁଗାବଦଳାଇ ଦୁଆର ଖୋଲି ବାହାରକୁ ବାହାରି ପଡିଲେ । ରାସ୍ତା ଆରପାଖରେ ମନ୍ଦିର । ମନ୍ଦିର ସମ୍ମୁଖରେ ଟେଣ୍ଟୱାଲା କୃତ ଗୋଲାପି କପଡାର ତୋରଣ । ପରେ ପରେ ଉଚ୍ଚ ପାହାଚ କଡକୁ ଉଭୟ ପାର୍ଶ୍ୱରେ ଷ୍ଟିଲ୍ ବାରିକେଡ୍ । ବାରିକେଡ୍ ବାହାରପଟକୁ ଦୁଇ ପାଖରେ ଦୁଇଟି ପଥର ସିଂହମୂର୍ତ୍ତି । ନୂଆକରି ବସାଯାଇଛି ଦୁଇଦିନ ତଳେ । କଂଚା ଇଟାପିଣ୍ଡି ପଲସ୍ତରା ହୋଇନାହିଁ । ସିଂହମୂର୍ତ୍ତି ସମେତ ବାରିକେଡ୍ ଓ ଦୁଆର ଚୌକାଠରେ ସଜ୍ଜିତ ଗେଣ୍ଡୁ ଫୁଲର ମାଳ ।

ପ୍ରସନ୍ନବାବୁ ପାହାଚ ତଳକୁ ବିପର୍ଯ୍ୟସ୍ତ ପଡିଥିବା ଅସଂଖ୍ୟ ଚପଲ୍ ମେଳରେ ନିଜ ଚପଲ୍ ହଳକ ରଖି ଭିତରକୁ ପଶିଲେ । ଭିତରେ ଯଜ୍ଞମଣ୍ଡପ । ବାଲିଇଟା ସିମେଣ୍ଟ୍ ରେ ଅସ୍ଥାୟୀଭାବେ ନିର୍ମିତ ବୃହତ୍ ବର୍ଗାକୃତି ଯଜ୍ଞକୁଣ୍ଡରେ କାଠ ଗରିମାନ ଘୃତ ସ୍ପର୍ଶରେ ହୁତୁହୁତୁ ହୋଇ ଜଳି ଉଠୁଥିଲେ । ତିନିଚାରିଜଣ ପୂଜକ ବ୍ରାହ୍ମଣ ମାଇକ୍ରୋଫୋନ୍ ଧରି ମନ୍ତ୍ରୋଚ୍ଚାରଣରେ ନିମଗ୍ନ । ପୁରୋଧା ଓ କର୍ତାଥିଲେ ମଠାବସ୍ତ୍ର ପରିହିତ ମନ୍ଦିର କମିଟିର ସଭାପତି ସ୍ୱୟଂ ବିପ୍ରଚରଣ ସାହୁ ।

ଅର୍ଦ୍ଧମନ୍ଦିରାକୃତିର ସାନ ପ୍ରକୋଷ୍ଠ ଭିତରେ ସିଂହାସନ ଉପରୁ ଚାହିଁ ରହିଛନ୍ତି ଚତୁର୍ଦ୍ଧାମୂର୍ତ୍ତି । ପ୍ରସନ୍ନ ବାବୁ ନତଜାନୁ ହୋଇ ପ୍ରଣତି ବାଢିଲେ । ତା'ପରେ ଉଠିଆସି ଝରକା ପାଖରେ ପ୍ଲାଷ୍ଟିକ୍ ଚେୟାର ଉପରେ ବସିଥିବା କତିପୟ ଯୁବ ଉଦ୍ୟୋକ୍ତାଙ୍କ ସମ୍ମୁଖରେ ଆପଣାର ଉଦ୍ଦେଶ୍ୟ ବ୍ୟକ୍ତକଲେ ।

"ଆଜ୍ଞା ! ମାଇକ୍ ଭଲ୍ୟୁମ୍ ଟିକେ କମ୍ କରି ଦିଅନ୍ତୁ । ପିଲାଙ୍କ ପରୀକ୍ଷା ଚାଲିଛି ପଢିପାରୁନାହାନ୍ତି । ଆମେ ସବୁ ବୁଢାବୁଢୀ ଭାରି କଷ୍ଟ ପାଉଛୁ । ଛାତି ଦୁଲୁକି ଉଠୁଛି । ମୁଣ୍ଡ ଝାଇଁ ଝାଇଁ ହୋଇଯାଉଛି । ସହି ହେଉନି କି ରହି ହେଉନି ଘରେ । ରୋଗୀମାନେ ବି ଅଛନ୍ତି । କଲୋନୀ ଭିତରେ ମନ୍ଦିର । ଶବ୍ଦଟା ଟାଉଁ ଟାଉଁ କାନରେ ବାଜୁଛି ।"

ଯୁବ ଉଦ୍ୟୋକ୍ତା ଜଣେ ଡିମାଡିମା ଆଖିରେ ତାଙ୍କ ଆଡକୁ କଟମଟ କରି ଚାହିଁଲେ, ଦିନରେ ଭୂତ ଦେଖିଲା ପରି (ଯେମିତି ଇଏ କୋଉ ଗ୍ରହର ମଣିଷ ଆସିଲେ ? ଧର୍ମକର୍ମ, ଠାକୁର ଦେବତା ମାନନ୍ତି ନାହିଁ ?) ଓ ଉତ୍ତର ଦେଲେ –

"ଆପଣ ହିନ୍ଦୁ ନୁହନ୍ତି କି ? ଜଗନ୍ନାଥଙ୍କୁ ମାନନ୍ତି ନାହିଁ ? ଧର୍ମକର୍ମରେ ବିଶ୍ୱାସ ନାହିଁ ?" ପ୍ରସନ୍ନ ବାବୁ ସ୍ୱଗତ ବିଦ୍ରୁପୋକ୍ତି କଲେ, 'ଯାପ ଭାରି ଧାର୍ମିକ ଦେଖୋଉଛୁ ? କେତେ ପେଟରେ ପଡିଥିବ ମୁଁ ଜାଣିନି ଚାନ୍ଦା ପଇସାରେ ?' କିନ୍ତୁ ମୁହଁରୁ ବାକ୍ ସ୍ଫୁରିଲା ନାହିଁ ।

"ଏ କାମରେ ମାଇକ୍ ବାଜିବ ।"

"ବାଜିବନି ବୋଲି ମୁଁ କହୁନି । ଟିକେ ଭଲ୍ୟୁମ୍ କମେଇ ଦେବାକୁ କହୁଛି । "

"ନା, କମିପାରିବନି । ପ୍ରେସିଡେଣ୍ଟ୍ କହିଛନ୍ତି । ଫୁଲ୍ ଭଲ୍ୟୁମ୍‌ରେ ବାଜିବ ।"

ପ୍ରେସିଡେଣ୍ଟ୍ ପୂଜାରେ ବସିଛନ୍ତି । ତାଙ୍କୁ ଯେତିକି ଜାଣିଛନ୍ତି ପ୍ରସନ୍ନ ବାବୁ, କାହା ଆପତ୍ତି ଅଭିଯୋଗ ଶୁଣିବା, ସୁବିଧା ଅସୁବିଧା ବୁଝିବା ଲୋକ ସେ ନୁହଁନ୍ତି । ଏକପ୍ରକାର ସ୍ୱେଚ୍ଛାଚାରୀ, ଅଟଳ, ଜିଦ୍‌ଖୋର୍ ମଣିଷ । ତେଣୁ ସବ୍‌ସେ ଆଚ୍ଛା ଚୁପ୍ ଭଲା । ରଶ୍ମି ଠିକ୍ କହୁଥିଲା । ଏମାନଙ୍କୁ କହି କିଛି ଲାଭ ହେବନି । ଜାତି ଯିବ, ପେଟ ପୂରିବନି ।

ବି'ଳ ମନୋରଥରେ କାନମୁଣ୍ଡ ଆଉଁଷି ଫେରି ଆସିଲେ ସେ । ଦି'ପଦ ମନେ ମନେ ଭଦ୍ରଶୋଧନା ବାଢିଲେ କଲୋନୀବାସୀଙ୍କ ପ୍ରତି । ଅଭିମାନ ବ୍ୟକ୍ତକଲେ । ତାଙ୍କ ଛଡା କଣ କାହାର ଅସୁବିଧା ହେଉନି କିଛି ? ନା ଜାଣିନାହାନ୍ତି କେହି ସରକାରୀ ନିୟମ, କଟକଣା ? କିନ୍ତୁ କେହି ଜଣେତ ବାହାରୁନାହିଁ ପଦେ କହିବାକୁ ? ଗୋଡାଣିଆ ମାଇଚିଆ ଦଳ ! ମେରୁଦଣ୍ଡହୀନ ।

ସକାଳୁ ଅନବରତ ଗର୍ଜିବା ପରେ ଦି'ପହରରେ ହଠାତ୍ ଥପ୍‌କିନା ଅଟକିଗଲା ମାଇକ୍ । ନିରବିଗଲା ଶବ୍ଦ, କୋଳାହଳ । ପୂଜାରୀ ନନାମାନଙ୍କ ମଣୋହିବେଳ । ସେଥିପାଇଁ ସ୍ୱତନ୍ତ୍ର ପ୍ରସାଦର ଆୟୋଜନ । ଆଜି ଶେଷଦିନ । ବଡ ପ୍ରସାଦ ସେବନ ସନ୍ଧ୍ୟାକୁ । ଖନ୍ଦା ଲାଗିଛି । ସାମ୍ନାପାଖ ପଡିଆ ଜମିରେ ଚୁଲିଖୋଳି ରୋଷେଇବାସ ଚାଲିଛି । ସାରା କଲୋନୀବାସୀଙ୍କୁ ନିମନ୍ତ୍ରଣ । ମଧ୍ୟ କଲୋନୀ ବାହାର ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ । କିଛି ଅନିମନ୍ତ୍ରିତ ବସ୍ତିପିଲା ଓ ଲୋକମାନେ ପଶି ଆସିବେ । ମନ୍ଦିର ପ୍ରସାଦ, ସମସ୍ତଙ୍କର ଅଧିକାର ।

ପ୍ରସନ୍ନବାବୁ ଆଶ୍ୱସ୍ତ ବୋଧକଲେ । ଆଃ, କି ଶାନ୍ତି ! ସମଗ୍ର ପ୍ରକୃତି ଶାନ୍ତ ସମାହିତ, ନିସ୍ତବ୍ଧ, ଶବ୍ଦହୀନ । ଅଦୂର ବୃକ୍ଷଶାଖାରୁ କତିପୟ ପକ୍ଷୀଙ୍କ କାକଳି ସୁସ୍ପଷ୍ଟ, ପବନର ତାଡନାରେ ମେଘାପସାରଣ ପରେ ସଦ୍ୟ ଆତ୍ମପ୍ରକାଶିତ ରାତ୍ରିର ଚନ୍ଦ୍ରମା ପରି । ସେ କାନରୁ ତୁଳାବିଣ୍ଡା କାଢିଦେଲେ । ବାହାର ପବନ ଆତଯାତ ପାଇଁ ଝରକା ଖୋଲିଦେଲେ । ମଧ୍ୟାହ୍ନ ଭୋଜନ ସମୟ ଗଡିଯାଉଥିଲା ।

ଅବସର ପରଠାରୁ ଭୋଜନାନ୍ତେ ଖରାବେଳେ ଘଣ୍ଟାଏ ବିଶ୍ରାମ ନେବା ତାଙ୍କର ଅଭ୍ୟାସ । ଏ.ସି ଚାଳିତ ଶୀତଳ ପ୍ରକୋଷ୍ଠ । କିନ୍ତୁ ଆଖିକୁ ନିଦ ଆସୁନଥିଲା । ଆସନ୍ନ ଶବ୍ଦ ବିପତ୍ତିର ତ୍ରାସ ମନକୁ ଗ୍ରାସ କରୁଥିଲା । ଆଉଟିକିଏ ପରେ ମୃତ ମାଇକ୍ ମାନେ ବୁଣି ସଜୀବ ହୋଇ ଉଠିବେ । ଆରମ୍ଭ ହୋଇଯିବ ଶବ୍ଦର ଅଦଉତି । ଘରସାରା ବିସ୍ତରିଯିବ ସେଇ ତୀବ୍ର, ଶତାଧିକ ଡେସିବିଲ୍‌ର ଶବ୍ଦ, ତାଙ୍କର ବାର୍ଦ୍ଧକ୍ୟ, ରୁଗ୍‌ଣତା ଓ ଶାନ୍ତିପ୍ରିୟତାକୁ ଆହ୍ୱାନ କରି ।

ମନ୍ଦିର ପାଖ ଘର ଗୋଟାଏ ଅଭିଶାପ । ନିତି ସକାଳ ସଂଜେ ଘଣ୍ଟମାଡ, ଭଜନ ନାଁରେ ଘଣ୍ଟାଧିକ କାଳ ମାଇକ୍‌ର ଗର୍ଜନ, ପୁଣି ପର୍ବପର୍ବାଣି ଅଷ୍ଟପ୍ରହରୀ ଆଦି ଉତ୍ସବାନୁଷ୍ଠାନ ମାନଙ୍କରେ ଦିନଦିନ ବ୍ୟାପୀ । ଜୀବନ ଉପରେ ନିର୍ମମ ପ୍ରହାର, ଅତ୍ୟାଚାର । ଜୀବନ ହୋଇଉଠେ ଦୁର୍ବିସହ । ସେ ଏକଥା ଦେଖିଛନ୍ତି, ଅଙ୍ଗେ ନିଭେଇଛନ୍ତି ପୁରୁଣା ମନ୍ଦିର ଜମାନାରୁ । ଏବଂ ତାଙ୍କ ଅତ୍ୟାଚାରିତ ମାନସିକତା କଠୋର ହୋଇଉଠିଛି । ତାଙ୍କ ମତରେ ମନ୍ଦିର, ରୀତିନୀତି, କର୍ମକାଣ୍ଡ ଏବଂ ଧର୍ମନାଁରେ ସାଧାରଣଙ୍କୁ ଶୋଷଣ, ଅତ୍ୟାଚାର, ଏସବୁ ତାମସିକତା । ଏଥିରେ ଧର୍ମନାହିଁ, ଆଧ୍ୟାତ୍ମିକତା ନାହିଁ ।

ପ୍ରସନ୍ନଙ୍କର କିନ୍ତୁ ଦୋଷ କ'ଣ ଥିଲା ? ସେ ତ ଏ କଲୋନୀରେ ଘର କଲାବେଳେ ଏଠି ମନ୍ଦିର ନଥିଲା । ମନ୍ଦିର ହେଲା ବହୁ ପଛରେ । ମନ୍ଦିର ତିଆରି ନାଟକର ମୁଖ୍ୟନାୟକ ଥିଲେ ସଭାପତି, ବିପ୍ରଚରଣ ସାହୁ । ଯେ ଖାଲି ମନ୍ଦିରର ନୁହଁନ୍ତି, ଏ ସାରା ସୁନ୍ଦରପୁର କଲୋନୀର ସର୍ବେସର୍ବା । ତାଙ୍କୁ

ବିରୋଧ କରିବା ବ୍ୟକ୍ତି ଜଣେ କଲୋନୀରେ ବିରଳ। ମନ୍ଦିର ନିର୍ମାଣ ଓ ପରିଚାଳନା ନିମିତ୍ତ ଯଦିଓ ଏକ କମିଟି ଗଡାଯାଇଛି ଯା'ର ସଭାପତି ନିଜେ ବିପ୍ରଚରଣ, ପ୍ରାୟ ସମସ୍ତ ସିଦ୍ଧାନ୍ତ ସେ ନିଜେ ନିଜେ ନେଇଥାନ୍ତି । ଅନ୍ୟମାନେ ତାଙ୍କର ସମସ୍ତ ସିଦ୍ଧାନ୍ତରେ ମୁଣ୍ଡଟୁଙ୍ଗାରୁ ଥା'ନ୍ତି । ନିନ୍ଦୁକମାନେ ନାନା କଥା କହନ୍ତି । କୁଆଡେ ନାନା ଉପାୟ, ଧମକ ଚମକାଦିରେ ଆଦାୟ ହେଉଥିବା ପାଣ୍ଠିରୁ ମନ୍ଦିର ପାଇଁ ଖର୍ଚ୍ଚ ହେଲାପରେ ବାକିତକ ନିଜ ବ୍ୟକ୍ତିଗତ ପାଣ୍ଠିରେ ସାମିଲ୍ କରି ଆପଣାର ଶ୍ରୀବୃଦ୍ଧି କରିଥାନ୍ତି ବିପ୍ରଚରଣ, ଯାହାର ପ୍ରମାଣ ତାଙ୍କର ସୁଦୃଶ୍ୟ ତ୍ରିତଳ କୋଠା । ଛାଡନ୍ତୁ ସେକଥା । ନିନ୍ଦୁକମାନେ ତ କହିବେ। ହେଲେ ସେକଥାରେ କାନଦେବା ବିଜ୍ଞତାର ପରିଚୟ ନୁହେଁ । ବିପ୍ରବାବୁ ନିର୍ବିକାର ନିଦାବିଷ୍ଟୁ ପରି ଶୁଣି ଅଶୁଣା, ଦେଖି ଅଦେଖା ଅଭିନୟ କରନ୍ତି ।

ଶୁଣାଶୁଣିରେ ପ୍ରସନ୍ନବାବୁ ଜାଣନ୍ତି ଯେ, ବିପ୍ରବାବୁ ଚାକିରି ଆରମ୍ଭ କରିଥିଲେ ରାଜ୍ୟ ସରକାର ଅଧୀନ ଏକ ନିଗମରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବରେ । ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ୍ୟୁଲେଟ୍, କମ୍ପାର୍ଟ୍ମେଂଟାଲ୍ । କ୍ରମେ ପ୍ରାଇଭେଟ୍ ରେ ଆଇ.ଏ. ପାଶ୍ କଲାପରେ ତାଙ୍କର ପ୍ରମୋଶନ୍ ହୁଏ କନିଷ୍ଠ କିରାଣିକୁ । ସେହିଥିରେ ଅବସର । କିନ୍ତୁ ନିଜର ବୁଦ୍ଧି, ଦକ୍ଷତା ଓ ପାରଙ୍ଗମ ପଣିଆ ପାଇଁ ସେ ଉପରିସ୍ଥ ଅଧିକାରୀମାନଙ୍କ ନିକଟରେ ପ୍ରିୟପାତ୍ର ହୋଇ ପାରିଥିଲେ ଏବଂ ହାସଲ କରିପାରିଥିଲେ ତଜ୍ଜନିତ ବହୁବିଧ ସୁଖ ସୁବିଧା । ସନ୍ତାନ ସନ୍ତତି ଭାବରେ ଥିଲେ ଦୁଇପୁଅ, ଦୁଇଝିଅ । ସାନପୁଅଟି କୁଆଡେ ଯୁବାବୟସରେ ଏକ ପ୍ରେମ ବ୍ୟାପାରରେ ଧୋକାଖାଇ ଆତ୍ମହତ୍ୟା କରି ଦେଇଥିଲା । ସେକଥା ମନେ ପକାଇ ଶ୍ରୀମତୀ ସାହୁ କେବେକେବେ ମୁହଁରେ ଲୁଗାକାନି ଦେଇ ଦି'ଟୋପା ଲୁହ ଝରାଇ ଦିଅନ୍ତି ସିନା, ସ୍ଥିତପ୍ରଜ୍ଞ ବିପ୍ରବାବୁ 'ଗତସ୍ୟ ଶୋଚନା ନାସ୍ତି' ନ୍ୟାୟରେ ସେସବୁ ଅଲୋଡା ଅତୀତ ଜ୍ଞାନରେ ପୋଛିଦେଇଛନ୍ତି ମନରୁ । ବଡପୁଅ ବି.ଏ.ବି.ଇଡି. କରି ପାଖ ସ୍କୁଲରେ ଶିକ୍ଷକତା କରୁଛି । ଝିଅଦୁଇ ବିବାହିତା ଓ ନିଜ ନିଜ ସଂସାରରେ ସୁଖୀ।

ବିପ୍ରବାବୁ ଜଣେ ଉଚ୍ଚାଭିଳାଷୀ ବ୍ୟକ୍ତି । ଚାକିରି ସହିତ ବିଭିନ୍ନ ଅର୍ଥ ଲଗାଣ ସଂସ୍ଥାର ପ୍ରତିନିଧି ସାଜି ବେଶ୍ କିଛି ଅର୍ଥ ଓ ପ୍ରତିଷ୍ଠା ଅର୍ଜନ କରି ପାରିଥିଲେ । ଅବସରାନ୍ତେ ଚାକିରି ସହରରେ ଅବସ୍ଥାପିତ ହେବାର ଅଭିଳାଷରେ ଜମିଖଣ୍ଡେ ପ୍ରାପ୍ତିର ସୁଯୋଗଟିଏକୁ ଅପେକ୍ଷା କରି ରହିଥିବା ବେଳେ ଏଇ ସୁନ୍ଦରପୁର ପ୍ରୋଜେକ୍ଟଟି ନଜରକୁ ଆସିଲା । ସୁଯୋଗଟିର ଯଥାଯୋଗ୍ୟ ଉପଯୋଗ କରିବାରେ ତ୍ରୁଟି କଲେନାହିଁ ସେ ଏବଂ ନିଜର ପାରିଲାପଣିଆ ଓ ପ୍ରତିଷ୍ଠା ବଳରେ ପ୍ରଭାବିତ କରି ପାରିଥିଲେ ବିଲ୍ଡର ଜଣଙ୍କୁ ଏବଂ ଆପଣାର ଆର୍ଥିକ ସମ୍ବଳ ତୁଳନାରେ ଢେର ଉଚ୍ଚମାନର ଜମିଖଣ୍ଡେ ପ୍ରାପ୍ତହୋଇ ତଦନୁପାତର ଗୃହଟିଏ ନିର୍ମାଣ କରିପାରିଥିଲେ । ସେହି କଲୋନୀରେ ପ୍ରସନ୍ନବାବୁ ମଧ୍ୟ ତାଙ୍କର ଜଣେ ବିଶିଷ୍ଟ ବନ୍ଧୁଙ୍କ ସହାୟତାରେ ଜମିଖଣ୍ଡେ କିଣି ଘରଟିଏ ତୋଳିଥିଲେ ।

କଲୋନୀର ମୁଖ୍ୟରାସ୍ତାର ଅପରପାର୍ଶ୍ୱରେ ଥିଲା ଅଳ୍ପକିଛି ସରକାରୀ ଅନାବାଦୀ ଜମି । ପାଖକୁ ଲାଗି ଦୂରରୁ ଆସିଥିବା ବଡ ନାଳୀ । କଲୋନୀ ଭିତର ଡ୍ରେନ୍‌ସବୁ ସେଥିରେ ସଂଯୁକ୍ତ ହୋଇଥିଲା । ସେହି ଖାଲି ସ୍ଥାନଟି ବ୍ୟବହୃତ ହୁଏ କଲୋନୀବାସୀଙ୍କ ତରଫରୁ ବର୍ଷକୁ ଥରେ ଦୁଇଥର ମେଳା ମଉଛବ, ଧାର୍ମିକ ପ୍ରବଚନାଦି ସାଂସ୍କୃତିକ କାର୍ଯ୍ୟରେ । ଥରେ ଏକ ପ୍ରବଚନ କାର୍ଯ୍ୟକ୍ରମ ଚାଲିଥିଲା । ପ୍ରବଚକ ଥିଲେ ଶ୍ରୀଯୁକ୍ତ ଗୌରାଙ୍ଗ ରଚଣ ଦାସ ନାମରେ ସହରର ଜଣେ ଗଣ୍ୟମାନ୍ୟ ଧାର୍ମିକ ବ୍ୟକ୍ତି । ପ୍ରଭୁ ଜଗନ୍ନାଥଙ୍କର ଜଣେ ବିଶିଷ୍ଟ ଭକ୍ତ । ପ୍ରବଚନ ଚାଲିଥାଏ । ପ୍ରଭୁ ଜଗନ୍ନାଥଙ୍କ ମହିମାର ବ୍ୟାଖ୍ୟାବୟାନ୍‌ରେ ପ୍ରବଚକ ଥିଲେ ବିହ୍ୱଳ । ଶ୍ରୋତୃମଣ୍ଡଳୀ ଭକ୍ତମାନେ ଥିଲେ ବିମୁଗ୍ଧ ଓ ଆବିଷ୍ଟ । ପ୍ରଶଂସାର, ଭକ୍ତିର ତାଳି ସହିତ ମହିଳା ଶ୍ରଦ୍ଧାଳୁମାନଙ୍କର ଭକ୍ତିପୂର୍ଣ୍ଣ ହୁଳହୁଳି ଉଚ୍ଛୁଳି ପଡୁଥାଏ । ସୃଷ୍ଟି ହୋଇଯାଏ ପବିତ୍ର ଭକ୍ତିପୂର୍ଣ୍ଣ ପରିବେଶ ।

ପ୍ରବଚକଙ୍କ ଶ୍ରୀମୁଖରୁ ଝରିପଡୁଥାନ୍ତି ଗୀତା ଭାଗବତାଦି ପୁରାଣର ପଦପଂକ୍ତି ଓ ବୟାନ । ପ୍ରଭୁ ଶ୍ରୀଜଗନ୍ନାଥ ତଥା ଶ୍ରୀମନ୍ଦିରର ଇତିହାସ, ପୌରାଣିକ ଭିତ୍ତିଭୂମି । ରାଜା ଇନ୍ଦ୍ରଦ୍ୟୁମ୍ନ, ବିଦ୍ୟାପତି, ବିଶ୍ୱାବସୁଙ୍କ କଥା ଓ କାହାଣୀ ତଥା ଶ୍ରୀମନ୍ଦିରର ଅଲୌକିକ ଗରିମା । କେମିତି ଶ୍ରୀମନ୍ଦିରର କେବେ ଛାଇ ପଡେନାହିଁ, ପତିତପାବନ ନେତ ପବନର ବିପରୀତ ଦିଗରେ ଉଡେ ଇତ୍ୟାଦି । ପ୍ରବଚନର ଶେଷ ଆଡକୁ ସେ ଦେଲେ ଏକ ସୁନ୍ଦର ପ୍ରସ୍ତାବ । "କରନ୍ତୁ, କରନ୍ତୁ ମନ୍ଦିରଟିଏ ଆପଣଙ୍କ କଲୋନୀରେ । ଭଲ ହେବ । ମୋତେ ଡାକିବେ, ମୁଁ ଆସି ଉଦ୍‌ଘାଟନ କରିବି । "

ଉଚ୍ଛ୍ୱସିତ କରତାଳିରେ ତାଙ୍କ ପ୍ରସ୍ତାବଟିକୁ ସ୍ୱାଗତ କରାଗଲା ।

ବିପ୍ରବାବୁ ଉତ୍ସାହୀ ବ୍ୟକ୍ତି । ପ୍ରବଚକଙ୍କ କଥାରେ ମାତି ଉଠିଲେ । ଅନ୍ୟମାନଙ୍କୁ ମତାଇଲେ । ମିଟିଙ୍ଗ୍ ବସିଲା । ମନ୍ଦିର ନିର୍ମାଣର ପ୍ରସ୍ତାବ ଗୃହୀତ ହେଲା । ଚାନ୍ଦାଭେଦା ନିର୍ଦ୍ଧାରିତ ହେଲା । ବିପ୍ରବାବୁ ହେଲେ ନିର୍ମାଣ କମିଟିର ସଭାପତି । ସ୍ଥାନ ନିରୂପିତ ହେଲା ମୁଖ୍ୟରାସ୍ତା ପାର୍ଶ୍ୱ ନାଳିକୁ ଲାଗି ସେଇ ସଂକୀର୍ଣ୍ଣ ଅନାବାଦୀ ଜମି । କଲୋନୀ ବାହାର ବହୁ ଅଞ୍ଚଳର ଆବର୍ଜନା, ବର୍ଜ୍ୟ ମଇଳା ପାଣି ବୋହି ନେଉଥିବା ସେଇ ନାଳ ବର୍ଷାଦିନେ ବଡ ବର୍ଷାଟିଏ ହେଲେ ଉଛୁଳିପଡି ମଇଳା ପାଣିର କୃତ୍ରିମ ବନ୍ୟା ସୃଷ୍ଟିକରେ । ଜମି ବୋଲି ଗୁଣ୍ଠେ ଦେଢଗୁଣ୍ଠ । ସେଇଠି ହେବ ପ୍ରଭୁ ଜଗନ୍ନାଥଙ୍କ ମନ୍ଦିର। ଜଗତର ନାଥ ସେ, ଓଡିଆର ଆରାଧ୍ୟ ଦେବତା ।

କତିପୟ ହାତଗଣତି ଲୋକଙ୍କର ବିରୋଧ ଉଠିଲା । ଏ ସ୍ଥାନ ଜଗନ୍ନାଥଙ୍କ ମନ୍ଦିର ପାଇଁ ଲାଏକ୍ ନୁହେଁ । ଜାଗା ଅକୁଳାଣ । ପାଖକୁ ଲାଗି ପୂତିଗନ୍ଧମୟ ମଇଳା ପାଣିରେ ଭରା ଡ୍ରେନ୍ । ପୁଣି ସରକାରୀ ଜାଗା। ସରକାର ଚାହିଁଲେ.............।

କିନ୍ତୁ ବିଚକ୍ଷଣ ବିପ୍ରଚରଣବାବୁ କେଉଁ ନିନ୍ଦୁକର ବିରୋଧରେ ନଇଁଯିବା ଲୋକ ନୁହଁନ୍ତି । ମନ୍ଦିର ହେବ ମାନେ ହେବ । ଯିଏ ବିରୋଧ କରୁଛି କରୁଥାଉ । ଅଧିକାଂଶ ତ ସମର୍ଥନ କରୁଛନ୍ତି । ଗଣତନ୍ତ୍ରରେ ସଂଖ୍ୟାଗରିଷ୍ଠ ମତ ହିଁ ଗ୍ରହଣୀୟ ।

ମନ୍ଦିର ନିର୍ମାଣ ହେଲା । ଯଥାବିଧି ନିମନ୍ତ୍ରଣ ପାଇ ଆସି ଉଦ୍‌ଘାଟନ କଲେ ପୂର୍ବରେ ସେ ପ୍ରବଚକ ଜଗନ୍ନାଥ ଭକ୍ତ ଗୌରାଙ୍ଗ ଚରଣ ଦାସ ମହୋଦୟ। ଯଥାରୀତି ପ୍ରତିଷ୍ଠା ହେଲା । ସ୍ଥାପିତ ହେଲେ ବିଗ୍ରହ । ପୂଜାର୍ଚ୍ଚନା ଚାଲିଲା । ଘଂଟ ବାଜିଲା । ସୁଇଚ୍ ମାରିଦେଲେ ଇଲେକ୍‌ଟ୍ରିକ୍ ଡ୍ରମ୍‌ରୁ ଯାନ୍ତ୍ରିକ ବାଦ୍ୟ ସଂଗୀତ ଛୁଟିଲା । ମାଇକ୍ ବାଜିଲା । ଭକ୍ତମାନେ ଭିଡ ଜମାଇଲେ । ଘଣ୍ଟମାଡ ଓ ମାଇକ୍ ଶବ୍ଦରେ ମନ୍ଦିର ପାଖ ଘର ଲୋକ ଯେଉଁ ମର୍ମାନ୍ତକ ଯାତନାର ଶିକାର ହେଲେ ସେକଥା କାହାରି ଦୃଷ୍ଟିରେ ପଡିଲା ନାହିଁ ।

କିନ୍ତୁ ଏ ସ୍ଥିତି ରହିଲାନାହିଁ ବେଶିଦିନ । ଦୁର୍ଯୋଗକୁ ଏକଦା କେଉଁଏକ ଅନିବାର୍ଯ୍ୟ କାରଣରୁ ମଠ ମନ୍ଦିରାଦି ପ୍ରସଙ୍ଗରେ ସୃଷ୍ଟିହେଲା ଏକ ବିବାଦ। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ସରକାରୀ ଜମି ଉପରେ ନିର୍ମିତ ମଠ

ମନ୍ଦିରାଦି ଧର୍ମାନୁଷ୍ଠାନ ମାନଙ୍କୁ ଭାଙ୍ଗିଦିଆଗଲା । ଏବଂ ତନ୍ମଧ୍ୟରେ ଏଇ ସୁନ୍ଦରପୁର କଲୋନୀସ୍ଥ ଶ୍ରୀ ଜଗନ୍ନାଥ ମନ୍ଦିରର ପାଳି ବି ପଡିଗଲା । ଏକ ସୁନ୍ଦର ସକାଳେ ମ୍ୟୁନିସିପାଲଟି ବୁଲଡୋଜର୍ ଏକ୍ସକେଭେଟର ଆସି ସେଇ ନବନିର୍ମିତ ମନ୍ଦିରଟିକୁ ଭାଙ୍ଗି ମାଟିରେ ମିଶାଇଦେଲା ଏବଂ ବାରଓଳି ଶୁଙ୍ଗିପିଣ୍ଡା ହେଲାପରି ଦିଅଁମାନେ ଜଣେ ଉକ୍ତ ଭଦ୍ରବ୍ୟକ୍ତିଙ୍କ ଘରେ ଆଶ୍ରୟ ନେଲେ ।

ହେଲା ଏବେ, ସେଥିରେ କ'ଣ ଅଛି ? କଳାପାହାଡ ଆକ୍ରମଣ ବେଳେ ତ ମହାପ୍ରଭୁ ଢେର୍ ଦିନ ବେଘର ହୋଇ ଶ୍ରୀମନ୍ଦିର ବାହାରେ ରହିଥିଲେ !

ବିପ୍ରବାବୁ ଅସୀମ ଧୈର୍ଯ୍ୟଶୀଳ ବ୍ୟକ୍ତି । ବିପଦବେଳେ ନରମିଯିବା ତାଙ୍କ ଜାତକରେ ନାହିଁ । ବିପକ୍ଷ ଡାଳେ ଡାଳେ ଗଲେ ସେ ପତରେ ପତରେ ଯିବା ଲୋକ । କେତେ ଘାଟରୁ ପାଣି ପିଇ ଆସିଛନ୍ତି ଏଇ ସାମାନ୍ୟ କଥାରେ ହାରିଯିବେ ? ତାଙ୍କ ଉର୍ବର ମସ୍ତିଷ୍କରୁ ଏକ ଅଭିନବ ଯୋଜନାର ଅଭ୍ୟୁଦୟ ହେଲା । ପୁନଶ୍ଚ ସେଇ ସ୍ଥାନରେ ମନ୍ଦିର ତୋଳାଯିବ । କିନ୍ତୁ ବାହାରକୁ ମନ୍ଦିରପରି ଦିଶିବନାହିଁ । ଘରଟିଏ ପରି ଦିଶିବ । ଭିତରେ ଦିଅଁମାନେ ବିରାଜିବେ । ମନ୍ଦିର ନୁହେଁ,ଜରାନିବାସ ବା ଗୋଷ୍ଠୀକେନ୍ଦ୍ର ନାମରେ ନାମିତ ହେବ । ତେଣୁ ଏଥର ଆଉ ବିପଦ ନଥିବ । ଯେଉଁମାନେ ବିରୋଧ କରିବେ ସେମାନଙ୍କୁ ପାର୍ଶ୍ୱକରିଦେଇ ଆଗେଇ ଚାଲ । ଚରୈବତି, ଚରୈବତି ।

ତାଙ୍କ ଉର୍ବର ମସ୍ତିଷ୍କ ସୃଷ୍ଟ ଯୋଜନାର ସଫଳ ରୂପାୟନ ହେଲା ଏଇ ନୂତନ ମନ୍ଦିର । ମନ୍ଦିର ନାମରେ ଗୃହାକୃତି ଢାଂଚା ।

ଧର୍ମକାର୍ଯ୍ୟପାଇଁ ଆମଲୋକଙ୍କ ହାତ ସଦାଖୋଲା । ଯେଉଁ କତିପୟ ବ୍ୟକ୍ତି ନଖରା କାଢିଲେ, ତାଙ୍କ ପାଇଁ ଉପାୟ ଆମ ଉଦ୍ୟୋକ୍ତା ମାନଙ୍କୁ ଅଛପା ନାହିଁ । ପାଣ୍ଠି ଆସିଲା ଅପର୍ଯ୍ୟାପ୍ତ । ନୂଆ ମନ୍ଦିରଟିଏ ଗଢିବାପାଇଁ ଯଥେଷ୍ଟ । ବରଂ ତହୁଁ ଅଧିକ । ସେଇ ଡ୍ରେନ୍ ପାଖ ଅକୁଳାଣ ଜମି ଉପରେ ଉଭା ନୂଆ ମନ୍ଦିର । ପ୍ରଚାର ଫଳକରେ ପ୍ରଦର୍ଶିତ ହେଲା 'ଜରାନିବାସ' । ଆଗପଛକୁ ଛାଡିବାକୁ ଜାଗା ନାହିଁ । ଗହମ ଗୋଟି ଗଣିତା ।

ପ୍ରତିଷ୍ଠା ଦିନ ଧାର୍ଯ୍ୟହେଲା । ବଣ୍ଟାହେଲା ନିମନ୍ତ୍ରଣ ପତ୍ର । ବୈଶାଖ ଶେଷ, ଜ୍ୟେଷ୍ଠାରମ୍ଭ ତିନିଦିନ ଧରି ଉତ୍ସବ । ପ୍ରଥମ, ଚିତ୍ରାକନ୍ୟା, ତ୍ରୟୋଦଶୀ, ମାସାନ୍ତ, ନୃସିଂହ ଜନ୍ମଦିନ ଶୁଭାଧିବାସ, କଳସ ଯାତ୍ରା ଓ ଅଙ୍କୁରାରୋପଣ; ଦ୍ୱିତୀୟ, ବୃଷ ସଂକ୍ରାନ୍ତି ଚତୁର୍ଦ୍ଦଶୀ, ନୂତନ ମନ୍ଦିର ପ୍ରତିଷ୍ଠା, ମଣ୍ଡଳ ପୂଜାର୍ଚ୍ଚନା ଓ ଦିଅଁ ବିଜେ ଏବଂ ତୃତୀୟ ଓ ଶେଷଦିନ, ଚନ୍ଦନ ପୂର୍ଣ୍ଣିମା, ବୁଦ୍ଧଜୟନ୍ତୀ, ଗୀତାଯଜ୍ଞ, ଚଣ୍ଡୀପାଠ, ନାମ ସଂକୀର୍ତ୍ତନ ଓ ପୂର୍ଣ୍ଣାହୁତି ।

ଇନ୍ଦ୍ରଙ୍କ ବଜ୍ରବାଣ ପରି ସୂର୍ଯ୍ୟ ଅଗ୍ନିବୃଷ୍ଟି କରୁଥିଲେ ଆକାଶରୁ । ପାରଦ ଛୁଇଁଥିଲା ଚଉରାଳିଶ୍ ଡ୍ରଗ୍ରୀ । ପ୍ରସନ୍ନ ବାବୁ ବିଛଣାରେ ପଡିରହିଥିଲେ ବିନିଦ୍ର । କେଇବର୍ଷ ତଳର କଲୋନୀକୁ ନେଇ ଘଟଣା ପ୍ରବାହ ତାଙ୍କ ମନରେ ନୀଡ ରଚିଥିଲା ।

ସେଦିନ ଥିଲା ଶେଷଦିନ । ସକାଳ ସାତଟାରୁ ପୂଜାରମ୍ଭ । ନିମନ୍ତ୍ରିତ ବଛାବଛା ଜାତିଆ ବ୍ରାହ୍ମଣ । ମନ୍ତ୍ରପାଠ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା । ଯେମିତି ସାଜସଜ୍ଜା, ଆୟୋଜନ, ସେମିତି ସାଉଣ୍ଡ ବ୍ୟବସ୍ଥା । ଉଚ୍ଚଶକ୍ତି ସମ୍ପନ୍ନ ମେସିନ୍, ମାଇକ୍ରୋଫୋନ୍ ସହ ବାହାର ଚାରିକୋଣରେ ଚାରିଟା ମୂଳିଆ ବାଉଁଶରେ ଆଠଟି ବୃହତ୍ ଚୁଙ୍ଗା ଆଠଦିଗକୁ ମୁହଁକରି ବନ୍ଧା । ସବୁ ଅର୍ଖନୂଆ ଜିନିଷ । ହାଲି କିଣା ହୋଇ ଆସିଛି । ପୁରୁଣା ମନ୍ଦିରର ପୁରୁଣା ଜିନିଷ ଚଳିବ ନାହିଁ। ନୂଆମନ୍ଦିର ପାଇଁ ନୂଆଜିନିଷ । ପ୍ରତିଷ୍ଠାପରେ ଅନ୍ୟାନ୍ୟ ଉତ୍ସବାନୁଷ୍ଠାନ ଅଛି । ବାରମାସରେ ତେରପର୍ବ । ନିତିସକାଳେ ସ୍ତୋତ୍ର, ଭଜନ, ସନ୍ଧ୍ୟାଆଳତୀ, ସବୁଥିରେ ଦରକାର । କରୋନା କଟକଣା ଆଉନାହିଁ ।

ଆଜିକାଲି ହେଲା ପ୍ରଚାର ଯୁଗ । ପୂଜାମନ୍ତ୍ର ଯେତେଦୂରକୁ ଶୁଭିବ, ସେତେଦୂର ବାୟୁମଣ୍ଡଳ ହେବ ପବିତ୍ର, ଶୁଦ୍ଧ । ମଣିଷ ଜୀବନରୁ ଦୂରହେବ ପାପର କାଳିମା । ଆଉ ଲୋକ ଆମ କାଟ୍ତି ଜାଣିବେ । ସଭାପତିଙ୍କ ବାହାଦୂରୀ, ଶ୍ରେୟ । ତେଣୁ ବିପ୍ରବାବୁଙ୍କର କଡା ନିର୍ଦ୍ଦେଶ , ମାଇକ୍ ଫୁଲ୍ ଭଲ୍ୟୁମ୍‌ରେ ବାଜିବ । ଏଇଟା ଆମ ପ୍ରେଷ୍ଟିଜ୍‌ର କଥା ।

ପୂଜକ ବ୍ରାହ୍ମଣମାନେ ବି ପ୍ରଚଣ୍ଡ ମାଇକ୍ ପ୍ରେମୀ । ମାଇକ୍ ସାଉଣ୍ଡ ଜୋର୍‌ଦାର୍ ନହେଲେ କୁଆଡେ ପୂଜାକର୍ମରେ ଆଗ୍ରହ ରହିବ ନାହିଁ । ମନ୍ତ୍ର ଶ୍ଳୋକ ଯେତେଦୂରଯାଏ ଶୁଭିବ, ସେତେଦୂର ତାଙ୍କ ନାଁ ବିଜ୍ଞାପିତ ହେବ । ସୂତରାଂ ଏମନ୍ତ ଶବ୍ଦ ବ୍ୟବସ୍ଥାରେ ସେମାନେ ବି ଖୁସି । ନୂଆ ମେସିନ୍‌ରେ ବାଜୁଥିବା ମନ୍ତ୍ରାବୃତ୍ତି ତ୍ରିଭୁବନ କମ୍ପାଇ ଚତୁର୍ଦ୍ଦିଗକୁ ପ୍ରସରିଯାଉଥିଲା । ନନା ମାନଙ୍କର ଆଗ୍ରହ, ନିଷ୍ଠା ଓ ସତେଜତା ସ୍ପଷ୍ଟ ଫୁଟି ଉଠିଥିଲା । ମାଇକ୍ରୋଫୋନ୍ ଗୁଡିକୁ ମୁହଁ ପାଖକୁ ଲଗାଇ ଗାଉଥିବାରୁ ମନ୍ତ୍ରର ଶବ୍ଦମାନ ସ୍ୱଚ୍ଛତା ହରାଇ ଖାଲି କାନ ଫଟା ଘାଉଁଘାଉଁ କୋଳାହଳରେ ପରିଣତ ହୋଇଯାଇଥିଲା ।

ଘଣ୍ଟାଏ ହେଲା ସେଥିରୁ ରକ୍ଷା ମିଳିଛି । ବିଶାଳ ଶୁଷ୍କ ମରୁଭୂମିରେ ଥିବା ସାନ ମରୁଦ୍ୟାନ ପରି ଏଇ ଘଣ୍ଟାକ ବିରତି ତାକୁ ପରମ ସୁଖକର ମନେ ହେଉଛି । ପ୍ରସନ୍ନବାବୁ ବିଛଣାରେ ପଡି ଭାବନାରେ ମଗ୍ନଥିଲେ । କେତେବେଳେ ଛାଇ ନିଦଟା ଲାଗିଯାଇଥିଲା ।

ଅପରାହ୍ନର ପୂର୍ଣ୍ଣାହୁତି ଦର୍ଶନ ପାଇଁ ପ୍ରଶନ୍ନ ବାବୁ ମନ୍ଦିରରେ । ରାସ୍ତାକଡ ମନ୍ଦିର । ମୁଖଦ୍ୱାରର ଦୁଇପାର୍ଶ୍ୱରେ ଦୁଇ ବୃହତ୍ ପିଣ୍ଡି ଉପରେ ନବସ୍ଥାପ୍ରଚ୍ଛ ଖାଣ୍ଡେଲାଇଟ୍ ପଥର ନିର୍ମିତ ଦୁଇ ବୃହତ୍ ସିଂହମୂର୍ତ୍ତି, ଆଗଗୋଡ ଗୋଟାଏ ଲେଖା ଟେକି ଆଶୀର୍ବାଦ ମୁଦ୍ରାରେ ଉପବିଷ୍ଟ । ପିଣ୍ଡି ଦୁଇଟି ମନ୍ଦିର କାନ୍ଥରୁ ବାହାର ରାସ୍ତାଭିତରକୁ ପାଞ୍ଚଫୁଟ୍ ଯାଏ ଲମ୍ବି ଆସିଛନ୍ତି । ସେଥିପାଇଁ ବିପ୍ରବାବୁଙ୍କ ଅନ୍ୟାନ୍ୟ ଅନେକ ଅପରିଣାମଦର୍ଶୀ କାର୍ଯ୍ୟଭଳି ଏଇ କାମକୁ ମଧ୍ୟ ଯେଉଁ କତିପୟ ବ୍ୟକ୍ତି ବିରୋଧ କରିଥିଲେ, ତନ୍ମଧ୍ୟରେ ପ୍ରମୁଖସ୍ଥାନ ନେଇଥିଲେ ନିଜେ ପ୍ରସନ୍ନବାବୁ । ଏକେତ ରାସ୍ତା ହେବ ଅବରୁଦ୍ଧ, ଗାଡି-ମଟର ଯା'ଆସ ପାଇଁ ଅସୁବିଧା, ଦୁର୍ଘଟଣା ଭୟ; ଦ୍ୱିତୀୟରେ ରାସ୍ତା ଅବରୋଧ ବେନିୟମ, ଇଲିଗାଲ୍ । ହୁଏତ ମ୍ୟୁନିସିପାଲିଟି ଭାଙ୍ଗିଦେଇପାରେ ।

କିନ୍ତୁ କହିବା ବାହୁଲ୍ୟ ଯେ ବିପ୍ରବାବୁ ତାଙ୍କ ଚିରାଚରିତ ଭଙ୍ଗୀରେ ଆତ୍ମମ୍ଭରିତାରେ ଥିଲେ ଅଟଳ । "ମନ୍ଦିରକୁ ଚାହିଁ ସିଂହଦୁଇଙ୍କ ଆକାର ହେବା ଦରକାରନା, ନହେଲେ ସାଜିବ କି ? ଅସୁନ୍ଦର ହେବନି ?"

ତାଙ୍କ ପ୍ରଶ୍ନର ଉତ୍ତର ଦେବାକୁ କାହାମୁହଁରେ ଭାଷା ନଥିଲା ।

ପିଣ୍ଡି ଦୁଇଟି ରହିଲେ ପୂର୍ବବତ୍ ଅତୁଟ, ବିରୋଧୀ ନିନ୍ଦୁକ ମାନଙ୍କୁ ଚାପୁଡା ମାରିଲା ପରି । ଓ ତଦୁପରେ ଦୁଇ ବିଶାଳ ପଥର ସିଂହମୂର୍ତ୍ତି କିଣାହୋଇ ସ୍ଥାପିତ ହେଲେ । ରାସ୍ତା ସଂକୀର୍ଣ୍ଣ ହେଲା ତ ଭାସିଗଲା ।

ପିଣ୍ଡି ଦୁଇ ସମ୍ମୁଖରେ ମୁଖ୍ୟଦ୍ୱାରକୁ ଆବୋରି କପଡା ତୋରଣ । ଦୁଇପାଖକୁ ସ୍କୁଟର ବାଇକ୍ ପାର୍କିଂରେ ସ୍ଥାନଟି ସଂକୀର୍ଣ୍ଣ । କେହିଜଣେ ଏକ ରଙ୍ଗବେଙ୍ଗର ପିପିଲି ଛତ୍ରିତଳେ ଭୋଗଫୁଲର ପସରାଟିଏ ମେଲିଛି । ଯଜ୍ଞ ଦର୍ଶନ ପାଇଁ ଲୋକାରଣ୍ୟ ହୋଇ ଉଠିଛି ସ୍ଥାନ । ଏବଂ ସାରା ଅଂଚଳ ମାଇକ୍‌ର ଗର୍ଜନରେ ଉଚ୍ଛୁଳିତ ।

ଚଳଚଞ୍ଚଳ ମନ୍ଦିର ଅଭ୍ୟନ୍ତର । ବିପ୍ରବାବୁ କର୍ମରୁ ଉଠି ରସିଦ୍ ବହିଟା ହାତରେ ଧରି ଦୃତ ପଦଚାରଣରେ ଲିପ୍ତ । କେହି ଦାତା ଚାନ୍ଦା ଦେବେ । ସେ ଗ୍ରହଣ କରି ରସିଦ୍ କାଟି ଦେବେ ।

କେହିଜଣେ ଉଦ୍‌ବିଘ୍ନ ସନ୍ଦେଶଦାତା ବ୍ୟସ୍ତ ବିବ୍ରତଭାବେ ତାଙ୍କ କାନ ପାଖରେ କିଛି କହିବାକୁ ଉଦ୍ୟତ ହେଲା । ଶବ୍ଦାଧିକ୍ୟ ବାଧକ ସାଜୁଥିଲା । ସେ ମାଇକ୍ ଭଲ୍ୟୁମ୍ କମ୍ କରିବାକୁ ଇଙ୍ଗିତ ଦେଲେ ।

"ହଁ କ'ଣ କହୁଚ କୁହ ଏଥର ।"

ଲୋକଟି ବିପ୍ର ବାବୁଙ୍କ କାନ ପାଖକୁ ମୁହଁ ନେଇ...

ତତ୍ ପଶ୍ଚାତ୍ ବିପ୍ରବାବୁଙ୍କ ଚେହେରା ହଠାତ୍ ମଳିନ ପଡିଗଲା । ସେ ହତଭମ୍ବ ଦିଶିଲେ । ହାତରୁ ରସିଦ୍ ବହି ଖସିପଡିଲା । ସେ ଧାଇଁଗଲେ ବାହାର ରାସ୍ତାକୁ ଦଉଡିଲା ପରି । ମନ୍ଦିର ବାହାରେ ଅପେକ୍ଷା କରିଥିଲା ଏକ ଅତ୍ୟନ୍ତ ଭୀତିପ୍ରଦ, ହୃଦୟ ବିଦାରକ ଦୃଶ୍ୟ । ନୀଳ ପରଦାବୃତ ବାଲିବୋଝେଇ ଏକ ବିଶାଳ ହାଇୱା ଦୁର୍ଦ୍ଧର୍ଷ ଅଦମନୀୟ ପାହାଡପରି ଦର୍ପିତ ଠାଣିରେ ଠିଆହୋଇଥିଲା । ଆଗରେ ଜନସମାଗମ । କୋଳାହଳ । ଲୋକଙ୍କ ଭିଡ ଠେଲି ସେ ପଶିଗଲେ ଭିତରକୁ । ତାଙ୍କ ଆଖି ଆଗରେ ମୁକୁଳି ଉଠିଲା ତାଙ୍କୁ ଅପେକ୍ଷା କରିଥିବା ସେଇ ଦାରୁଣ ମର୍ମନ୍ତୁଦ ଦୃଶ୍ୟ । ବାଇକ୍‌ଟି ଚୁରମାର ହୋଇପଡିଥିଲା ମଶାଣି ଭୂଇଁରେ ପରିତ୍ୟକ୍ତ, ବିଧ୍ୱସ୍ତ ନରକଙ୍କାଳ ପରି । ଖଣ୍ଡେ ଦୂରରେ ଅଲଗା ଅଲଗା ହୋଇ ଛିଟିକି ପଡିଥିବା ଚପଲ ହଳକ ଖୁବ୍ ଅକ୍ଷତ ଦିଶୁଥିଲେ । ଅଧାରାସ୍ତା ତାଜାରକ୍ତରେ ଜରଜର । ଆଉ ଜାନୁଭଗ୍ନ ଦୁର୍ଯ୍ୟୋଧନ ଭଳି ରକ୍ତଜୁଡୁବୁଡୁ ହୋଇ ଅଣ୍ଟାପାଖରୁ ଗୋଟିଏ ପାଖ ଗୋଡ ନଥିବା ଯେଉଁ ଯୁବକଟି ଲମ୍ୱଝାଳ ହୋଇ ନିଶ୍ଚଳ ପଡିଥିଲା, ସେ କଣ ତାଙ୍କ ପୁଅ ସୁବ୍ରତ ? ହଁ, ସେତ ସୁବ୍ରତ । ତାଙ୍କ ଏକମାତ୍ର ପୁଅ, ସ୍କୁଲ୍ ଶିକ୍ଷକ, ଦୁଇ ଅଜ୍ଞାନ ଶିଶୁଙ୍କ ବାପା । ଏଇଟା ତାର ସ୍କୁଲ ଫେଂରନ୍ତା ବେଳ ।

ବିପ୍ରଚରଣ ବାବୁ ନିର୍ବାକ୍, ସ୍ଥାଣୁ ପାଲଟି ଯାଉଥିଲେ । ତାଙ୍କ ଛାତିରେ ନିଶ୍ୱାସ ଅଟକି ଯିବ କି ? ହୃତ୍‌ସ୍ପନ୍ଦନ ବଢିଯିବ କି ?

ସେ ନଥି କରି ବସିପଡିଲେ ତଳେ, ମୁଣ୍ଡରେ ହାତ ଦେଇ ।

"ପଛରୁ ଟ୍ରକ୍‌ଟା ହର୍ଣ୍ଣ ମାରୁଥିଲା । କିନ୍ତୁ ମାଇକ୍ ଜୋର୍‌ରେ ବାଜୁଥିଲାତ, ବାବୁ ଶୁଣିପାରୁନଥିଲେ କି କ'ଣ, ମଝିରାସ୍ତାରୁ ହଟୁନଥିଲେ କଡକୁ । କଡରେ ବି ଗାଡିଗୁଡା ଗଦାହୋଇଛି । ହେଇ ହେଇ ସାର୍ ସାର୍ ଡାକୁ ଡାକୁ ଗାଡିଟା ମାଡିଗଲା ଆଜ୍ଞା । ଲୋଡ୍ ଗାଡି । ବ୍ରେକ୍ ବୋଧେ କାମ କଲା ନାହିଁ । ବାଇକ୍ ସହ ତାଙ୍କ ଉପରେ ମାଡିଗଲା । "

ସମବେତ ଜନତାରୁ ଜଣେ ବିବୃତ କରୁଥିଲା କେଇ ମୁହୂର୍ତ୍ତ ତଳର ତାର ଆଖିଦେଖା ଘଟଣା କାହାଣୀ ।

ବିପର୍ଯ୍ୟୟର ପାହାଡଟିଏ କିଏ ଅଚାନକ୍ ଲଦିଦେଉଥିଲା ବିପ୍ରବାବୁଙ୍କ ମୁଣ୍ଡ ଉପରେ । ସେ ବି ପଥର ପାଲଟି ଯାଉଥିଲେ ନିଜ ଦ୍ୱାରା ନବସ୍ଥାପିତ ପଥର ସିଂହମୂର୍ତ୍ତି ଭଳି । ମନ୍ଦିର ଅଭ୍ୟନ୍ତରରୁ ମାଇକ୍ ମୁହଁଦେଇ ଭାସି ଆସୁଥିବା ମନ୍ତ୍ରସଂଗୀତ ତାଙ୍କୁ କେମିତି ପ୍ରତେ ହେଉଥିଲା କେଜାଣି ? ସେ ଭାବୁଥିଲେ.. ସେ କିଛି ଭାବୁନଥିଲେ । କିଛି କହିପାରୁନଥିଲେ । ଖାଲି ଅନଉଥିଲେ ଜଳଜଳ କରି । ପରିମଣ୍ଡଳରେ ପ୍ରଚୁର ଦିବାଲୋକ ମହଜୁଦ୍ ଥିଲେ ବି ତାଙ୍କୁ ଚତୁର୍ଦ୍ଦିଗ ଅନ୍ଧାର ଦିଶୁଥିଲା ।

ପ୍ରଶନ୍ନ ବାବୁଙ୍କ ମନରୁ ବିପ୍ରବାବୁଙ୍କ ପ୍ରତି ଜାଗିଉଠିଥିବା ନୀରବ ଅସୂୟା ଭାବ କୁଆଡେ ଅନ୍ତର୍ହିତ ହୋଇଗଲା । ସେବି ତାଙ୍କ ଦୁଃଖରେ ଦୁଃଖୀ । ହାୟ, କି ଦୋଷ ପାଇଁ ମଣିଷକୁ ଏତେବଡ ଦ୍ ! ଏତେବଡ ଗୋଟାଏ ଅନୁଷ୍ଠାନ ଚାଲିଛି । ତା ଭିତରେ ସର୍ବମୟ କର୍ତ୍ତାଟି ଉପରେ ଏମନ୍ତ ବଜ୍ର ପ୍ରହାର....... !

ହଠାତ୍ ବାଘ ଗର୍ଜନ ପରି ଗୋଟାଏ ଘାଉଁକିନା ଗର୍ଜନରେ ତାଙ୍କ ଛାଇନିଦଟା ଭାଙ୍ଗିଗଲା । ସେ ବିଛଣା ଛାଡି ଉଠିପଡିଲେ ଏବଂ ପ୍ରକୃତିସ୍ଥ ହେଲେ । ଏବଂ ଖୁସୀହେଲେ ଯେ ଯାହାସବୁ ଘଟୁଥିଲା କିଛିସମୟ ପୂର୍ବରୁ ସେସବୁ ତାଙ୍କ ସ୍ୱପ୍ନ । ବାସ୍ତବତା ଠାରୁ ବହୁଦୂର । ଶବ୍ଦରେ ଘର ଉଛୁଳୁଛି । କାନ ତାବା ହୋଇଯାଉଛି । ସେ ବେସିନ୍ ପାଖକୁ ଆସି ମୁହଁ ଧୋଇଲେ । ତୁଳା ବ୍ୱିଆ ଦୁଇଟିକୁ ଆଣି କାନରେ ଭରିଲେ । ସେଇ କିଛିକ୍ଷଣ ପୂର୍ବର ତାଙ୍କ ସ୍ୱପ୍ନ ଯାହା ପ୍ରଚ୍ କୋଳାହଳମୟ, ଉତ୍ତପ୍ତ ଖରାବେଳଟାରେ ତାଙ୍କୁ କରିଥିଲା କବଳିତ, ତାଙ୍କ ମାନସ ରାଜ୍ୟରେ ବସା ବାନ୍ଧିଥିଲା । ଏମିତି ସ୍ୱପ୍ନ କାହିଁକି ଆସିଲା ?

ପୁଣି ସେ ଭାବିଲେ ଯଦି ଏକଥା ସ୍ୱପ୍ନ ନହୋଇ ସତ ହୋଇଥାନ୍ତା ...... !

ନା,ନା ......। ସେମିତି ନହେଉ । କାହାକୁ ବି ଏମନ୍ତ ଦ୍ ନଦିଅନ୍ତୁ ଭଗବାନ, ବିଶ୍ୱନିୟନ୍ତା । ଦ୍ୱିବା ଶକ୍ତି ଯାର ଥାଇ ସେ ପୁଣି କ୍ଷମା ଆଚରଇ । ସେ ନିଜ ଭାବନା ଉପରେ ଲଗାମ ଲଗାଇଲେ ।

ତାୱେଲରେ ମୁହଁ ପୋଛୁ ପୋଛୁ ସେ ଖଟ ଉପରକୁ ଚାହିଁଲେ ।

ଗଣ୍ଣିଦେବୀ ଖଟ ମୁଣ୍ଡପାଖ କାନସକୁ ଆଉଜି ଗୋଡ ଲମ୍ୱେଇବସି ମୋବାଇଲ୍ ଘାଣ୍ଟୁଥିଲେ ।

"ତମେ ଯିବ ପରା ମନ୍ଦିରକୁ ? ଯାଉନ ବୁଲି ଆସିବ ଟିକେ । ପୂର୍ଣ୍ଣାହୁତି ଆରମ୍ଭ ହୋଇଯିବ ଦେଖିବ । ନମସ୍କାର କରି ଆସିବ । " ସ୍ୱାମୀଙ୍କୁ ଚାହିଁ କହିଲେ ସେ ।

"ହଁ ହଁ " ଶ୍ରୀମତୀଙ୍କ କଥାରେ ସଚେତନ ହେଲେ ପ୍ରସନ୍ନ ବାବୁ । ଘର୍ମାକ୍ତ ଦେହ । ସେ ଝରକା ପାଖକୁ ଆସିଲେ । ଖୋଲିଦେଲେ ପଂଳେ କାଚକବାଟ ।

ବାହାରେ ବିରାଜୁଥିଲା ଚିରାଚରିତ ଦୃଶ୍ୟ । ଶ୍ରଦ୍ଧାଳୁମାନଙ୍କ ଇତସ୍ତତଃ ବିଚରଣ । ବ୍ୟସ୍ତତା, ଚଳଚଞ୍ଚଳ ତା । ନଥିଲା ବାଲିଭର୍ତ୍ତି ହାଇୱା, ନଥିଲା ...

ଉତ୍ତପ୍ତ ଗ୍ରୀଷ୍ମାପରାହ୍ନକୁ ଆହୁରି ଉତ୍ତପ୍ତ କରିଥିଲା ଚୁଙ୍ଗାରୁ ନିର୍ଗତ ଅସ୍ପଷ୍ଟ ଘାଉଁ ଘାଉଁ ମନ୍ତ୍ରୋଚ୍ଚାରଣ ଶବ୍ଦ ।

ଅଶେଷ ଅସରନ୍ତି, ସର୍ବବ୍ୟାପୀ ଶବ୍ଦ । ସବୁକିଛି ଗିଳି ହଜମ କରିଦେବ ଏଇ ଶବ୍ଦ । ଅନିବାର୍ଯ୍ୟ ମହାପ୍ରଳୟର ପୂର୍ବାଭିନୟ ।

*ପ୍ଲଟ ନଂ -୨୯, ଭାଗବତ ସନ୍ଧାନ,*
*ରସୁଲଗଡ, ଭୁବନେଶ୍ୱର*
*ଦୂରଭାଷ: ୭୯୭୮୧୪୮୫୨୭*




# ଜୀବନବୋଧ

**ଖଗେଶ୍ୱର ମହତାବ**

ହେତୁ ହେବା ପରଠୁ ଢେର ନାଚିଲି
ଢେର ନଚେଇଲୁରେ ଜୀବନ
କେଜାଣି ଆଉ କେତେ ନଚେଇଲେ
ଭରିବ ମୋର ନିଷ୍ଠୁର ହୃଦୟ
ତୋ ମନର ଅରମାନ।

ପାଦରେ ଘୁଙ୍ଗୁର ବାନ୍ଧିଛୁଁ
କେତେ ବାଗରେ ସଜକଲୁ
ନାନା ତାଳରେ ବାଜା ବଜେଇଲୁ
ନାନା ଛନ୍ଦରେ, ଭିନ୍ନଭିନ୍ନ
ବାଗରେ ନଚେଇଲଲୁ
ନାଚିଲି ।

ଢେର ପ୍ରଶଂସା ପାଇଲି
ଯଶ କମେଇଲି
ନାଚି ନାଚି ମନ ମୋହିଲି
କାହାର ହୃଦୟରେ, ଆଖିରେ
ଛାତିରେ ଘର କଲି ।

କାହା ପାଇଁ ଆକାଶର ତାରା
କାହା ପାଇଁ ଚଂପା ଗଛରୁ
ସବା ଆଗରେ ମହକୁଥିବା
ଫୁଲ ପାଲଟିଲି ।

ନାଚି ନାଚି ଥକି ପଡିଲିଣି
ଅଣନିଃଶ୍ୱାସୀ ହେଲିଣି
ଥକି ଗଲାଣି ପାଦ ଯୋଡ଼ାକ
ପାଦ ଫାଟି ଝରିଲାଣି ରକ୍ତ ।

ଦେଖଣାହାରୀ ଖୁବ୍ ଖୁସି ହେଲେ
ଝୁମିଲେ, ଡେଇଁଲେ, କୁଦିଲେ
ଓ ଶେଷରେ ଫେରି ଗଲେ
ସାଙ୍ଗରେ ନେଇଗଲେ କିଛି
ଆହ୍ଲାଦ, ଉଲ୍ଲାସ, ଆବେଗ ।

ଏବେ ଟଳମଳ ହେଲାଣି
ବୋଲି ମାନୁନି ପାଦ
ମଉଳି ଗଲାଣି ଫୁଲମାଳ
ଫିକା ପଡ଼ିଲାଣି ଶୃଙ୍ଗାର
ଛିଡି ଗଲାଣି ପାଦରୁ ଘୁଙ୍ଗୁର
କ୍ରମଶଃ ଆଲୁଅର ଥାନ
ନେଲାଣି ଅନ୍ଧାର ।

ଏବେ ଆଉ କେତେ ନଚେଇବୁରେ
ଜୀବନ ଟିକେ ଦୟା କର ।

*ପ୍ଲଟ ନମ୍ବର -୭୫୬/୧୭୫୬*
*ଯୋହଲ, ପାହାଳ , ଭୁବନେଶ୍ୱର*
*ଦୂରଭାଷ: ୯୯୩୭୭୦୮୦୪୨*

# ବହି

**ଅକ୍ଷୟ ପାତ୍ର**

ବହି ପଢୁଛ ?
ପଢ଼।

ପଢ଼ ତହିଁରେ
ତମେ ହୁଏତ ଏ ଅବଧି ଭେଟିନଥିବା
କାଳଖଣ୍ଡର ବୀଭତ୍ସ ବେଭାର।

ବେଦରଦୀ ସମାଜର
ବାଛ ବିଚାର ଭରା
ନିଷ୍ଠୁର ବ୍ୟବସ୍ଥାର କାହାଣୀକୁ ପଢ଼;
ପଢ଼ିଥିବା କାହାଣୀରେ
ବୁଝିବାକୁ ଚେଷ୍ଟାକର କେଉଁଠି, କି ଭାବରେ
ଛୁପିଯାଏ ଭଦ୍ରମୁଖାର ତଳେ
ଚର୍ଚ୍ଚିତ ସଭ୍ୟତାର ଜ୍ୱର !

ପଢ଼,

ବହିରେ ଲିଖିତ ପ୍ରତିଟି ଧାଡ଼ିକୁ ପଢ଼
ତହିଁରେ ସନ୍ନିହିତ ଦରଦ ଓ ବ୍ୟଥାକୁ
ହୃଦୟର ସହ ଅନୁଭବ କର
ବହିରେ ଲେଖକଟି ସଂପାଦି ରଖିଥିବା
ସ୍ମୃତି ଓ ଅନୁଭୂତିକୁ
ସମାଦରେ ଆତ୍ମସ୍ଥ କର
ପାରୁଚ ତ
ପ୍ରତିଟି ଧାଡ଼ିର ସଂକୀର୍ଣ୍ଣ ସନ୍ଧିରେ
ଅକୁହା ରହିଯାଇଥିବା ଭାବୋଚ୍ଛ୍ୱାସକୁ
ଆବିଷ୍କାର କର।

ପଢ଼
ବହି ପଢ଼।
ବହିର ପ୍ରତିଟି ପୃଷ୍ଠାରେ
ପ୍ରତିଟି ସର୍ଗରେ
ଅସହାୟ ମଣିଷଟିଏର ଦୀର୍ଘନିଃଶ୍ୱାସକୁ
କ୍ଷୁବ୍ଧ ସଂଗ୍ରାମଟିଏର ରେରେକାରକୁ
ଅନ୍ତରର ସହ କାନଡେର।

ବହି ପଢୁଁ ପଢୁଁ
ତହିଁରେ ଜୀବନ ଜଞ୍ଜାଳର ଘନଘଟାରେ
କେବେ ହଜେଇଦେଇଥିବା
ସ୍ୱର୍ଣକାତର ମୁହୂର୍ତ୍ତ ସବୁର ସନ୍ଧାନକର;
ପୁଣି ନିଜକୁ ତନ୍ନ ତନ୍ନ କରି
ବହିର ପୃଷ୍ଠାପରି ମେଲି
ସଯତନେ ଅନୁଧ୍ୟାନକର।

*ଇଂରାଜୀ ବିଭାଗ ମୁଖ୍ୟ, ହିନ୍ଦୋଳ ମହାବିଦ୍ୟାଳୟ,*
*ଖଜୁରିଆକଟା, ଢେଙ୍କାନାଳ-୨୦*
*ଦୂରଭାଷ: ୭୦୭୭୯୮୪୯୬୦*

# ଇତିହାସ

**ତାରକ ମହାନ୍ତି**

ସମୟ ଓ ସମୟ
ସମୟ ବଦଳେ
କେତେବେଳେ ବଦଳେ
ତାହା କେହି ଜାଣନ୍ତିନି
ଯେମିତିକି ଜଣେ ଭିକ ମଗା
ନୂଆ ଇତିହାସ ତିଆରେ
ନିଜ ସ୍ୱାର୍ଥରେ
ଏଥିରେ ତଥ୍ୟ କଣ
ସତ୍ୟ କଣ କିଏ ବୁଝାଏ !

ଘରେ ଓ ବାହାରେ
କେହି କାହାକୁ ବୁଝନ୍ତାନି
ନଚେତ ଓଏସ ବ୍ୟକ୍ତିଙ୍କ ସ୍ତ୍ରୀ
ମହିଳା ଥାନାକୁ ଯାଆନ୍ତା !
ଏଥିରେ ବି ସନ୍ଦେହ ଢେର
ଇତିହାସ କିଏ କହିବ
ସମୟ ସମସ୍ତଙ୍କୁ
ଛଳନା କରିବା ଲୋକକୁ
କେବେ ଓ କେତେ ସମୟ
ପାଖରେ ରଖିପାରିବ ?
ଅନେକ ଅସମାହିତ ପ୍ରଶ୍ନ
ସଂପର୍କରେ ଅନେକ କିଛି
ଯାହା କଣ ଇତିହାସ !
ଯେଉଁଥିରେ ସମୟ ନଥାଏ।

କିଛି ଅସତ୍ୟ ମଣିଷ
ସତ ମଣିଷର ଅଭିନୟରେ
ଅନେକ ମଣି
ଲୁଟେରା ଅନେକ ଠିକଣା ଏକ
ଏହା ବି ଏକ ଇତିହାସ
କାହାକୁ କିଏ
କିଭଳି ଲୁଟ କରେ
ତାହା ତଦନ୍ତ କହିପାରେ
ଯଦି ତଦନ୍ତକାରୀ ଠିକ ଥାଏ।

ହତ୍ୟାକାରୀ କିଭଳି ଖସନ୍ତି
ତାଙ୍କ ଖସଡ଼ା କରେ କିଏ !
ଏଇ ପ୍ରଶାସନ ଏଇ ଶାସନ
ତେବେ ଭଲ କିଏ ?

*ସେକ୍ଟର -୨/୨୮୯, ନୀଳାଦ୍ରୀ ବିହାର, ଭୁବନେଶ୍ୱର -୨୧*
*ଦୂରଭାଷ: ୮୨୪୯୪୦୬୧୩୪*

# ପହଲଗାମ

ଆଶୁତୋଷ କରଣ
କମାରିଆ ବଜାର, ତିହିଡ଼ି, ଭଦ୍ରକ
ଦୂରଭାଷ: ୭୩୭୭୫୯୬୦୬୧

ନିରସ୍ତ୍ର ପରିବ୍ରାଜକ ମାନଙ୍କୁ
ଆରପାରି ପଠାଇଲ
ମାଟିରେ ମିଶାଇ
କିଏ ହରାଇଲା ସ୍ୱାମୀ
କାହାର ବାତ୍ସଲ୍ୟ ହୋଇଛି ଅକାମୀ,
ଭିନେ ଭାଇ ହେଲ ବୋଲି
ସର୍ବନାଶ କରି ଭିଟାମାଟି
ସ୍ୱଜନରେ ରକ୍ତ ବୁହାଇଲ
ହୋଇହେ କେଉଁ କାଳେ ଜନ୍ମନେଲ
ମୂଷା ଚୁଚୁନ୍ଦ୍ରାର ଅଲୋଡ଼ା ଜୀବନ
ଛାରପୋକ ପରି ରକ୍ତ ପିଇ
ଲୁଚିଛ ଘରକୋଣେ ଯାଇ
ବନ୍ଧୁର ବନ ପାହାଡ଼ ଘେରା
ଭୂଖଣ୍ଡେ ଭୂଇଁରେ ଠିଆ ରହି
ଅକସ୍ମାତ ଆକାଶେ ବହପ,
କହି ହେଉନି କି ସହି ହେଉନି
ଧର୍ମଭୀରୁ ଅମାନିଆ ପଣ
ଜାଣିଛ କି ତୁମ ନିଜ କଥା
ଭିକ୍ଷାରେ ବଞ୍ଚୁଛ ଦେଶୁ ମହାଦେଶ,
ଛାଡ଼ ଯାଉନି ମୁହଁ ଫୁଟାଣ
କାହା ନିର୍ଦ୍ଦେଶରେ ହୋଇ ଉତ୍ସାହିତ
ସମୟ ସାୟାହ୍ନରେ ଜାଣିବ ହେ
ଯେତେ କୁକର୍ମର ଫଳ
ଭୋଗା ଭୋଗ ଏତ ସୁନିଶ୍ଚିତ,
ସାବାସ ସଇତାନ ଗଣ
ସାମନାକୁ ଥରଟିଏ ଆସ
ତାନର ମାନ ଭାଙ୍ଗିବ
ଜଣେ ହେଉ ପଣେ,
ମାଟିରେ ବୁଣିଦେଇ ମୂରୁଜ
ବିଶ୍ୱାସ ବିଶ୍ୱ ବାତାୟନେ
କାଲି କଥା ଆଜି
ନ କହିଲେ ଭଲ,
ସୁତରାଂ ନିରସ୍ତ୍ରଙ୍କୁ
ଅସ୍ତ୍ର ଚିହ୍ନାଇଲ... !

# ଆକାଂକ୍ଷା

ଦେବଯାନୀ ରାୟ

ଦୁଃଖକୁ କଜ୍ଜ୍ୱଳ କରି ନାଇଲା ବେଳକୁ
ସେ ବହିଗଲା ଠପ୍ ଠପ୍ ଲୁହ ହୋଇ ଚିବୁକର ଧାରେ
ଓଳିତଳ କାକର ଟୋପା ପରି
ଅସହଣି ଶବ୍ଦମାନଙ୍କୁ ଚିତ୍ରକଳ୍ପ ପିନ୍ଧାଇଲା ବେଳେ
ସେ ଚିତ୍ର ହୋଇ ଲାଖିରହିଲା ଆଖିର କାନଭାସ୍ ରେ
ଦୂର ଦିଗ୍‌ବଳୟର ଇନ୍ଦ୍ରଧନୁ ସରି।

କେତେଥର ଭାବିଛି ଦୁଃସହ ସମୟକୁ ମାଖିଦେବି
ବଟାହଳଦୀ ପରି ମୋ ଦେହରେ
ହାବୁକା ଲୁହର ଲହଡ଼ିଗୁଡ଼ିକୁ ମଡାଇ ଦେବି
ଆଶାର ଫସଲ କ୍ଷେତରେ
ଝଡ଼ର ଉତ୍ତାଳ ସ୍ରୋତକୁ ବାନ୍ଧିଦେବି ବନ୍ଧ
ଅନନ୍ୟ ଧୈର୍ଯ୍ୟର
ବିଚ୍ଛୁରିତ ଶବ୍ଦମାନଙ୍କୁ ଏକଜୁଟ କରି ତୋଳିନେବି ସୁର ତାଲ୍
ହାର୍ମୋନିୟମରେ ସା- ରେ- ଗା-ମା- ପା ର ।

ହେଲେ ବି ଏତେ ସବୁ ପରେ ଝର୍କା ବାହାରେ
ରକ୍ତାକ୍ତ ପବନର ଆର୍ତ୍ତକାନ୍ଦଣା
ଭୀତି ଭରେ ମନରେ
ରାତି ଅଧରେ ଚାଦର ଭିତରୁ କୁଙ୍କୁରି ଉଠେ
ଶଙ୍କାକୁଳତାର ଓଦା ଦେହ
ରକ୍ତସ୍ନାତ ସମୟର ଅଟ୍ଟହାସ୍ୟ ମାନଙ୍କରେ ।

ଉଚ୍ଚକାଂକ୍ଷାର ସ୍ୱପ୍ନରେ ମୁଁ ନିଇତି ଚଢୁଥାଏ
ପାହାଚ ପରେ ପାହାଚ
କେବେ ପୁଣି ଡେଣା ଝାଡି ଉଡ଼ିଯାଏ
ସୁଦୂର ଆକାଶ
ଯଦିଓ ସନ୍ତୁଷ୍ଟ ଲାଗେନି ମୁହଁ
ଫମ୍ପା ବାଦଲର
ତେଣୁ ତା' ପରଦିନ ଆଲୁଅର କୋଳାହଳ ଭିତରୁ
ମୁଁ ଜାରିରଖେ ମୋର ଅନ୍ୱେଷଣ ।

ଏମିତି ଦିନେ ଧୀରେ ଅନୁଭବ କଲି

ଶବ୍ଦର ରଙ୍ଗ ବେରଙ୍ଗ ନିରତ୍ୟୟ ଆଲିଙ୍ଗନରେ
ମୁଁ ନିର୍ଲିପ୍ତ ଅନ୍ତସ୍ୱତ୍ତା
ନାହିଁ ନିର୍ଦ୍ଧିଷ୍ଟ ଭବିଷ୍ୟତର ଅଟ୍ଟାଳିକା
ନାହିଁ ଅକାଟ୍ୟ ପ୍ରତିଶ୍ରୁତିର ସୁଉଚ୍ଚ ପ୍ରାଚୀର
ଖାଲି ଯା ତା ଦେହ ମୋ ଦେହର ଅତଳାନ୍ତ ଉଷ୍ଣ ନିଶ୍ୱାସରୁ
ମୁଁ ଖୋଜିଚାଲିଛି
ଝଲ୍ ମଲ୍ ସୁଖର ଯାଦୁଗରୀ ସତ୍ତା ।

ଯାହାପାଇଁ ମୋ ଶରୀର ପାଲଟିଛି ଆଜି
ତପସ୍ୱିନୀ ରାତି
ସୂର୍ଯ୍ୟଚନ୍ଦ୍ର ଓ ଅବଶିଷ୍ଟ ଗ୍ରହନକ୍ଷତ୍ରଙ୍କ ଲେଖନୀରେ ଲିଖିତ
ମୋ ଅଧାଭରା ନିୟତି ।

*ଜଟଣୀ, ଖୋର୍ଦ୍ଧା*
*ଦୂରଭାଷ: ୯୪୩୭୪୧୩୩୧୪*

# ଗରୀବର ଝିଅ

**ମନୋଜ କୁମାର ବେହେରା**

ଚିନ୍ତାର ଗହନ ଛାୟା ମୁହଁରେ
ଶୁଖିଲାଣି ତା'ର ପ୍ରାଣ !
କେମିତି ବିବାହ କରିବ ତାହାର !
ବିବାହ ଯୋଗ୍ୟା ହେଲାଣି ଝିଅ ।
ମନେ ମନେ ଭାବୁଛି ଗରୀବ ବାପା,
କେଉଁଠୁ ଆଣିବ ଧନ !
ସାମ୍ନାରେ ଅଛିଲୋଭୀ ଦୁନିଆ
ଫଣା ବିସ୍ତାରି ଢାଳନ୍ତି ବିଷ !
ମାଗିବାର ତାଙ୍କ ଅନ୍ତ ନାହିଁ ଜମା
ଆଖିରୁ ଝରୁଛି ଲୁହ !
ପୁରା କରିବାକୁ ନିଜକୁ ମଣେ ଅସମର୍ଥ
ହାତେ ଧରିବ କି ସରଗଚାନ୍ଦ !
ଭାବୁଛି ତା'ର କୋମଳମନା ଝିଅ
ହେଲାଣି ସେ ଘରର ବୋଝ !
ଭଲହୋଇଥାନ୍ତା ଯଦି ଏନ୍ତୁଡିଶାଳରେ
ମିଳିଥାନ୍ତା ତାକୁ ମରଣ ।
ବୋଧହୁଏ ଏହି କାରଣ ପାଇଁକା
ଗର୍ଭସ୍ଥ ଶିଶୁର ହେଉଛି ନିରୂପଣ
ଭୂମିଷ୍ଠ ହେବା ଆଗରୁ ହେଉଛି
ହତ୍ୟା ଗର୍ଭସ୍ଥ ଶିଶୁ ଭ୍ରୁଣର ।
ସ୍ନେହ ମମତାରେ ପାଳିଲ ମୋତେ,
ତେବେ କାହିଁକି ମୁଁ ଆଜି ବୋଝ ?
କାଣିଚାଏ ଖୁସିଜୀବନରେ ଦେବାକୁ
ବାପାଟିଏ କାହିଁକି ହୁଏ ନିରୁପାୟ !
କ୍ରୋଧର ଅଗ୍ନି କୁହୁଳୁଛି ମନରେ ତା'ର
ସମାଜର ଏହି ପ୍ରଥା ପାଇଁ !
କାଶ୍ ! ବଦଳେଇ ପାରନ୍ତାକି ସିଏ,
ନିଜର ଆହୁତି ନିଜେ ଦେଇ ।
ଭେଦଭାବରେ ତ୍ରସ୍ତ ଆଜିର ନାରୀ
ବଞ୍ଚିବାକୁ ଆଉଚାହୁଁ ନାହିଁ !
ମୁହଁରେ ମିଛର ହସ ଧାରେ ଦେଇ
ଆଖିର ଲୁହକୁ ପିଏ ସେ ଲୁଚି ।
କହୁଛି ପ୍ରଭୁଙ୍କୁ ମିନତି କରି
ଗରୀବଙ୍କୁ କେବେ ଦିଅନି ଝିଅ !
ଯୌତୁକ ଲୋଭୀ ଏଇ ସମାଜରେ
ଲୁଣ୍ଠିତହେବନି ଗରୀବ ବାପ ।
ଯାହାକୁ ଦେଉଛ ଯଦି ତୁମେ ଝିଅ
ଦିଅ ତାକୁ ଅମାପ ଧନ-ସମ୍ପତ୍ତି !
ଦେଇ ପାରିବ ସେ ଯଥେଷ୍ଟ ସମ୍ପତ୍ତି
ସନ୍ତୁଷ୍ଟ ହେବେ ଯୌତୁକ ଲୋଭୀ !
'ଆତ୍ମଲୀନ' ଗରୀବ ଝିଅର ଦୁଃଖକୁ ଯଦି
ଏଇ ଦୁନିଆ ପାରିବ ବୁଝି !
ଯୌତୁକ ନେବା ଦେବା ପ୍ରଥା ବନ୍ଦ କରି
ଫୁଟେଇ ପାରିବ ଜୀବନେ ଖୁସି ।

*ପ୍ଲଟ ନମ୍ବର-୨୧୭/ପି,*
*ବାୟାବାବା ମଠ ଲେନ୍, ୟୁନିଟ୍-୯(ଫ୍ଲାଟ), ଭୁବନେଶ୍ୱର-୨୨*
*ଫୋନ୍-୭୯୭୮୮୩୦୬୧୧*



# ଅନାଥ

ରାଜଶ୍ରୀ ମହାପାତ୍ର

କିଏ କହେ ସେ ' ଦୁଃଖିନୀ
ଦୁଃଖ ତା ' କପାଳେ ଲେଖା,
କୋଉ କର୍ମଫଳ ରହିଛି ଅଧା
ଏ' ଜନମେ ତା'କୁ ଭୋଗିବ ଏକା ।
ଛାୟା କରି ରଖିଲାନି ଆଉ
ମା'ର ଆଂଚଳ
ଚାଲିଗଲା ଛାଡି ଦେଇ ବହୁତ ଦୂର ।
ପିତା ବାଛିଛନ୍ତି ଏକା ଗତିପଥ
ହେଲେ କିଏ କୋଳେଇବ
ଶିଶୁ କୁ ମୋର ?
ଜୀବନ ସୂର୍ଯ୍ୟ ମୋ'
ହେଉଛି ଅସ୍ତ
ମୁଁ ଥାଉ ଥାଉ ସେ ' ନ ହେଉ
ଅନାଥ ।
କରନ୍ତି ପ୍ରଶଂସା ପୁଣି
ନିଜ ଭାଗ୍ୟର
ଯେଦିନୁ ଛୁଇଁଲା ସେ '
ଧରଣୀ ମାଟି,
ଆକାଶ ହସିଲା
ପୁନେଇଁ ଜହ୍ନକୁ ଦେଖି ।
ନିଜେ ହସିଦେଲା
ମୁକ୍ତ ଆକାଶର ଉଜ୍ଜଳ
ପେଣ୍ଡୁକୁ ଦେଖି ।
ସତେକି ଆସୁଛି ତଳକୁ ଖସି
ଦବାକୁ ଆଶୀଷ ତାକୁ ଅଜାଡି ।
ତା' ସାଥେ ଖେଳିବ
ତା' ସାଥେ ନାଚିବ
ଧରି ହାତ ପାପୁଲି ।କିନ୍ତୁ
କେହି ନ କହୁ ତାକୁ
ଅନାଥ ବୋଲି ।

*ବାଲିଆପଡା, ତମାଣ୍ଡୋ*

# କବି ଓ କବିତା

ଶରତ କୁମାର ଦାସ

କବି
ନିହାତି ମାମୁଲି ମଣିଷଟିଏ
ଖୁବ ସରଳ, ନିରୀହ
ଜାଣେନା
କୂଟକପଟ, ପେଞ୍ଚମିଛ
ଛଳନା, ପ୍ରତାରଣାର ଗୂଢତତ୍ତ୍ୱ
ତା' କବିତା ଭଲ ତ'
ସେ ଭଲ

ସେ ଶବ୍ଦ ସହ ଖେଳେ
କସରତ କରେ
ଜୀବନ ଜୀବିକା ସହ
ଭାବ ସମୁଦ୍ରରେ ବୁଡିରହି
ଉପମା ଅଳଙ୍କାର ଗଢେ
ନିଥର ପାଣିରେ ଜହ୍ନ ଦେଖି
ସୁଖର ଫସଲ କାଟେ
ମହଣ ମହଣ ସ୍ୱପ୍ନ ଧରି
ପ୍ରେମର ତୋରଣ ତିଆରେ

ତା'କବିତା
ଶରବିଦ୍ଧ ପକ୍ଷୀର ଦେହରେ
ଭରିପାରେ ଆଶ୍ୱାସନାର ମହମ
ଥୁଂଟା ଗଛରେ କଅଁଳେଇପାରେ
ସୋରି ସୋରି ସବୁଜ ପତ୍ର
ନିର୍ଜୀବ ପଥର ଦେହରେ
କରିପାରେ ଜୀବନ ସଂଚାର

ତା'ହାତର କାଉଁରୀ ସ୍ପର୍ଶରେ
ବଦଳିଯାଏ
ତିକ୍ତ ସଂପର୍କର ରଙ୍ଗ
ଦୋହଲିଯାଏ
ଈଶ୍ୱରଙ୍କ ଆଡପ ମଣ୍ଡପ

ନୀରବତାର କୁହେଳି ଭିତରେ
ଯୋଗୀଟିଏ ପରି
ସେ ସବୁବେଳେ ଥାଏ
ସାଧନାରତ

ନିହାତି ନିର୍ବୋଧ ସେ
ଯେଉଁ ଡାଳରେ ବସେ
ସେ ଡାଳ ହାଣିଚାଲେ
ଓ ବେଳେ ବେଳେ
ନିରନ୍ଧ୍ର ଅନ୍ଧାରରେ ବାଟବଣା ହୋଇ
ଖୋଜିଚାଲେ
ନିଜ ଭିତରେ ନିଜର ଅସ୍ତିତ୍ୱ

*ପାଲୁର ବଙ୍ଗଳା, ଘର ନମ୍ବର.. ୨୬, ବ୍ରହ୍ମପୁର*
*ଦୂରଭାଷ: ୯୪୩୭୪୨୩୯୮୫*

## ୦୫, ସେଇ ଫାଲ୍‌ଗୁନ

**ସମରେନ୍ଦ୍ରନାଥ ମହାପାତ୍ର**

ସବୁଜ ସବୁଜ ଦିଶେ ସବୁ ସ୍ୱପ୍ନ
ମନ ତଳେ ବହିଯାଏ ନଈଟିଏ
ସେ ପରା ଫାଲ୍‌ଗୁନ !

ନା ମେଘ ଥାଏ ଆକାଶରେ
ନା କୁହୁଡ଼ି ଥାଏ ବାୟୁ ମଣ୍ଡଳରେ
ପେନ୍ଥା ପେନ୍ଥା ଫୁଲ ଖାଲି
ଝୁଲୁଥାଏ ଡାଳରେ !

ପବନରେ ଖେଳିଯାଏ ସୁଗନ୍ଧର ଲହର
ଇଚ୍ଛାମାନେ କଙ୍କି ପରି
ଉଡୁଥାନ୍ତି ଉଲ୍ଲାସରେ
ବସିଯାନ୍ତି କେବେ କେବେ
ଓଠର ମଧୁଶାଳାରେ

ଫାଲ୍‌ଗୁନରେ ଲାଗେ ନିଆଁ
ଦେହରେ ମନରେ
ଜଳିଯାଏ ପେଟ ଆଉ
ପେଟ ତଳ ଗାଆଁ
ସେ କେଉଁ କ୍ଷୁଧାର ଅମାପ ତାତିରେ।

*ସହଦେବଖୁଣ୍ଟା, ଓଡିଏନ୍ ସିନେମା ପାଖ,*
*ବାଲେଶ୍ୱର - ୭୫୬୦୦୧*
*ଦୂରଭାଷ: ୭୦୦୮୩୩୦୭୪୫*



ତନ୍ମାତ୍ର

# ଓଡ଼ିଆ ଚଳଚ୍ଚିତ୍ର "ଚ୍ୟାଲେଞ୍ଜ୍"

ଇତି ମଧ୍ୟରେ ମୁକ୍ତିଲାଭ କରିଛି ଓଡ଼ିଆ ଚଳଚ୍ଚିତ୍ର "ଚ୍ୟାଲେଞ୍ଜ"। ଏହି ଚଳଚ୍ଚିତ୍ରରେ ନାୟକ ଅର୍ଦ୍ଧେନ୍ଦୁ ସୁନ୍ଦର ସାହୁଙ୍କର ନାୟିକା ସାଜିଛନ୍ତି ଏଲିନା ସାମନ୍ତରାୟ। ତରଙ୍ଗ ଚ୍ୟାନେଲର ପ୍ରଥମ ରିୟାଲିଟ୍ ସୋ "କିଏ ହେବ ମୋ ହିରୋଇନ୍"ର ବିଜେତା ହୋଇ ନାୟିକା ଭାବେ ଚଳଚ୍ଚିତ୍ର ଜଗତରେ ପାଦ ଥାପିଥିଲେ ଏଲିନା ସାମନ୍ତରାୟ।

କାହାଣୀର ନାୟକ ଆଦିତ୍ୟ ଜଣେ ଶାନ୍ତ ସରଳ ଗ୍ରାମବାସୀ। ତା' ଭଉଣୀ ସନ୍ଧ୍ୟାକୁ ସେ ବହୁତ ଭଲପାଏ। ଅନେକ ବର୍ଷ ପୂର୍ବେ ଗଣମାଧ୍ୟମରେ ଏକ ମିଥ୍ୟା ଖବର ପ୍ରକାଶ ପାଇବା ଯୋଗୁ ସେମାନଙ୍କ ପିତାଙ୍କୁ ବେଆଇନ ଭାବରେ କାରାବାସ ଦଣ୍ଡ ମିଳେ ଏବଂ ସେ ମୃତ୍ୟୁବରଣ କରନ୍ତି। ସନ୍ଧ୍ୟା ଜଣେ ଟିଭି ରିପୋର୍ଟର ଆକାଶକୁ ବିବାହ କରିବା ପରେ ଭଉଣୀଠାରୁ ନିଜକୁ ଦୂରେଇ ରଖିଥିଲା ଆଦିତ୍ୟ। ଗଣମାଧ୍ୟମ ସହ ତିକ୍ତତା ସତ୍ତ୍ୱେ ଆଦିତ୍ୟ ତା' ଭଉଣୀଙ୍କ ଯତ୍ନ ନେବା ବନ୍ଦ କରିନଥିଲେ।

ଯେତେବେଳେ ଆକାଶ ଗୁପ୍ତ ଭାବରେ ଶକ୍ତିଶାଳୀ ବିଲ୍ଡର ଡେଭିଡ୍ ଏବଂ ତାଙ୍କ ଭାଇ ଡାନିଏଲ୍‌ଙ୍କ ମାଲିକାନାରେ ଥିବା ସହରର ଏକ ପ୍ରମୁଖ ଡାକ୍ତରଖାନାରେ ଦୁର୍ନୀତି ରେକର୍ଡ଼ ଭାଇରାଲ କରେ, ଆକାଶ ସେମାନଙ୍କର ଟାର୍ଗେଟ ହୋଇଯାଏ। ସନ୍ଧ୍ୟା, ବର୍ତ୍ତମାନ ସାତ ମାସର ଗର୍ଭବତୀ, ଗୁଣ୍ଡାମାନେ ତାକୁ ଆକ୍ରମଣ କରନ୍ତି; କିନ୍ତୁ ଆଦିତ୍ୟ ସେମାନଙ୍କୁ ବଞ୍ଚାଇବା ପାଇଁ ଠିକ୍ ସମୟରେ ପହଞ୍ଚନ୍ତି। ଅନିଚ୍ଛାରେ, ସେ ସନ୍ଧ୍ୟାଙ୍କୁ ଗାଁକୁ ନିମନ୍ତ୍ରଣ କରିବାକୁ ଆସେ, ତାଙ୍କ ମା'ଙ୍କ ଅନୁରୋଧ ଅନୁଯାୟୀ ତାଙ୍କ ଗର୍ଭାବସ୍ଥା ଉତ୍ସବ ପାଇଁ। ସେ ସେମାନଙ୍କ ସହିତ ରହେ, ଯେଉଁଠାରେ ସେ ଆକାଶର ସଂପର୍କୀୟ ସୀମାଙ୍କୁ ଭେଟିଥାନ୍ତି। ସମୟ ସହିତ, ଆଦିତ୍ୟ ଏବଂ ସୀମାଙ୍କ ମଧ୍ୟରେ ଏକ ରୋମାଣ୍ଟିକ୍ ସଂପର୍କ ବିକଶିତ ହୁଏ।

ଡେଭିଡ୍‌ର ପ୍ରତିଶୋଧ ପରାୟଣତା ବୃଦ୍ଧି ପାଇଥାଏ। ସେ ଏକ ଦୁର୍ଘଟଣାର ଆୟୋଜନ କରନ୍ତି ଯାହା ଆକାଶକୁ ଆଇସିୟୁରେ ଜୀବନ ପାଇଁ ଲଢ଼ିବାକୁ ଛାଡ଼ିଥାଏ। ଆଦିତ୍ୟ ଡେଭିଡଙ୍କ ଗୁଣ୍ଡାମାନଙ୍କୁ ଆହ୍ୱାନ କରି ଏବଂ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରି ପରିବାରକୁ ସୁରକ୍ଷା ଦିଅନ୍ତି, ଏପରିକି ଆକାଶକୁ ଗ୍ରହଣ କରିବାକୁ ମଧ୍ୟ ଆରମ୍ଭ କରନ୍ତି।

ଯେତେବେଳେ ଡେଭିଡ ଏକ ନୂତନ ଡାକ୍ତରଖାନା ପ୍ରକଳ୍ପ ପାଇଁ ବେଆଇନ ଭାବରେ ଜମି ଅଧିଗ୍ରହଣ କରନ୍ତି, ଆଦିତ୍ୟ ଏବଂ ସୀମା ତାହା ସର୍ବସାଧାରଣରେ ପ୍ରକାଶ କରିଦିଅନ୍ତି।




ନିଷ୍ଠୁରତାର ଏକ ଅନ୍ତିମ ପର୍ଯ୍ୟାୟରେ, ସାନ୍ଧ୍ୟାରେ ଶୀଘ୍ର ପ୍ରସବ ନକରାଇବା ପାଇଁ ଡେଭିଡ ଜଣେ ଡାକ୍ତରଙ୍କୁ ଲାଞ୍ଚ ଦିଅନ୍ତି। ଡେଭିଡଙ୍କ ପ୍ରଭାବ ହେତୁ କୌଣସି ଡାକ୍ତରଖାନା ସନ୍ଧ୍ୟାକୁ ଗ୍ରହଣ କରିନଥିଲା। ଆଦିତ୍ୟ ଡେଭିଡଙ୍କୁ କ୍ଷମା ମାଗିବା ପରେ ଶେଷରେ ତାଙ୍କୁ ଭର୍ତ୍ତି କରାଯାଇଥିଲା, କିନ୍ତୁ ବହୁତ ବିଳମ୍ବ ହୋଇଯାଇଥିଲା- ଏକ କନ୍ୟା ସନ୍ତାନକୁ ଜନ୍ମ ଦେବା ପରେ ସେ ମୃତ୍ୟୁବରଣ କରିଥିଲା।

ଦୁଃଖର ବଶବର୍ତ୍ତୀ ହୋଇ ଆଦିତ୍ୟ ପ୍ରତିଶୋଧ ନିଆଁରେ ଜଳେ। ସେ ଡେଭିଡ଼ ଏବଂ ଡାନିଏଲଙ୍କ ଅପରାଧିକ ସାମ୍ରାଜ୍ୟକୁ ଧ୍ୱଂସ କରିଦିଏ ଏବଂ ଉଭୟଙ୍କୁ ହତ୍ୟା କରି ସେମାନଙ୍କ ଭୟଙ୍କର ଶାସନକୁ ସମାପ୍ତ କରେ। ଏହି କାହାଣୀ ଏକ ଦୁର୍ନୀତିଗ୍ରସ୍ତ ଦୁନିଆରେ ପ୍ରେମ, କ୍ଷତି, ପ୍ରତିଶୋଧ ଏବଂ ନ୍ୟାୟର ସନ୍ଧାନର ବିଷୟବସ୍ତୁ ଉପରେ ଆଧାରିତ।

ଚଳଚ୍ଚିତ୍ରର ବ୍ୟାନର- ଆଦିଲକ୍ଷ୍ମୀ ଏଣ୍ଟରଟେନ୍‌ମେଣ୍ଟ, ପ୍ରଯୋଜକ- ଆଦିକନ୍ଦ ସାହୁ, ନିର୍ଦ୍ଦେଶନା- ସାଇ କିରଣ ମଙ୍ଗରାଜ ଓ ସଙ୍ଗୀତ- ଗୌରବ ଆନନ୍ଦ ଓ ଅର୍ଜୁନ ଅନୁପ। ବିଭିନ୍ନ ଭୂମିକାରେ ଅଭିନୟରେ କରିଛନ୍ତି- ଅର୍ଦ୍ଧେନ୍ଦୁ ସୁନ୍ଦର ସାହୁ, ଏଲିନା, ପୁନିତ ଇସାର (ମୁମ୍ବାଇ) - ବବି ମିଶ୍ର, ଲିପି ମହାପାତ୍ର, ପୁପିନ୍ଦର, ଜୀବନ ପଣ୍ଡା, ରବି ମିଶ୍ର, ରତନ ମେହେର, ମାମୁନି ମିଶ୍ର, ସନ୍ତୁ ନିଜେ, ବିଭାସ, ଧରିତ୍ରୀ ଖଣ୍ଡୁଆଳ ପ୍ରମୁଖ। ଶିଶୁ କଳାକାର - ଆଲିଆ, ସାଇଭର।

*ସୌଜନ୍ୟ: "ଚଳଚ୍ଚିତ୍ର ଜଗତ"*

ଖେଳ ଓ ଖେଳାଳୀ

# ବିନା ମେଘେ ବଜ୍ରପାତ : ଅଧିନାୟକ ପରିବର୍ତ୍ତନ ପ୍ରସଙ୍ଗ






ଆନ୍ତର୍ଜାତିକ କ୍ରୀକେଟରେ ନିକଟରେ ଏସିଆ କପ୍ ବିଜୟ ପରେ ସଫଳତା ଓ ସମ୍ମାନର ତୁଙ୍ଗ ଶିଖରରେ ପହଞ୍ଚିଥିବା ଭାରତୀୟ କ୍ରୀକେଟରେ ସୃଷ୍ଟି ହୋଇଛି ପ୍ରବଳ ଆଲୋଡ଼ନ। ବିନା ମେଘେ ବଜ୍ରପାତ ଭଳି ଅପ୍ରତ୍ୟାଶିତ ଦଳର ଅଧିନାୟକ ପରିବର୍ତ୍ତନ ଭରତୀୟ କ୍ରୀକେଟର ଅନୁଗାମୀମାନଙ୍କୁ ମାନସିକ ସ୍ତରରେ ଦୋହଲାଇ ଦେଇଛି। ଅଗରକର ଓ ଗମ୍ଭୀରଙ୍କର ଯୋଡ଼ି କେଉଁ କାରଣ ପାଇଁ ରୋହିତଙ୍କ ସ୍ଥାନରେ ସୁବମନ ଗିଲଙ୍କୁ ଅଧିନାୟକତ୍ୱ ପ୍ରଦାନ କରିଛନ୍ତି ତା'ର କୌଣସି ଯଥାଯଥ ଓ ସମୁଚିତ କାରଣ ଏପର୍ଯ୍ୟନ୍ତ କ୍ରୀକେଟ୍ ପ୍ରେମୀ ତଥା ବିଶେଷଜ୍ଞମାନେ ଜାଣିପାରୁନାହାନ୍ତି। ଯଦିଓ ଉଭୟେ ଏହା ଆସନ୍ତା ବିଶ୍ୱକପ୍ ବିଜୟ ନିମନ୍ତେ ଏକ ପ୍ରାରମ୍ଭିକ ପ୍ରସ୍ତୁତି ନିମନ୍ତେ ଓ ତିନୋଟିଯାକ ଫର୍ମାଟରେ ଗୋଟିଏ ଅଧିନାୟକ ରଖିବାର ଲକ୍ଷ ନେଇ କରାଯାଇଛି ବୋଲି କହୁଛନ୍ତି। ଏଇ ତର୍କଟି କିଛି କିଛି ବୁଝିହେଉଥିଲେ ମଧ୍ୟ ପୁରା ହଜମ ହୋଇପାରୁନାହିଁ। ଦଳ ବିଫଳ ହେଉଥିଲେ କିମ୍ବା ଦଳର ଅଧିନାୟକ ନିଜର ସର୍ବନିମ୍ନ ଯୋଗ୍ୟତା ହରାଇବସିଥିଲେ ଅଧିନାୟକ ପରିବର୍ତ୍ତନ ବିଷୟ ଚିନ୍ତା କରାଯାଇଥାଏ। ଏଭଳିକି ଏକ ସଂପୂର୍ଣ୍ଣ ଭାବରେ ନୂତନ ଦଳ ପୁନର୍ଗଠନ କରାଯାଉଥିଲା ବେଳେ ମଧ୍ୟ ଅଧିନାୟକ ପରିବର୍ତ୍ତନ ପ୍ରସଙ୍ଗ ଅଗ୍ରାଧିକାର ପାଇଥାଏ। କିନ୍ତୁ ଏଠାରେ ତ ବିଷୟ ଏଭଳି ଭାବରେ ଭିନ୍ନ ଯେ ଏପ୍ରକାର ପ୍ରସଙ୍ଗ୍ ଉତ୍ଥାପିତ ହେବା କଥା ମଧ୍ୟ ନୁହେଁ।

ରୋହିତଙ୍କ ଅଧିନାୟକତ୍ୱରେ ଗୋଟିଏ ବର୍ଷ ତଳେ ସଫଳତାର ଶୀର୍ଷ ଶିଖରରେ ପହଞ୍ଚିଥିବା ଭାରତୀୟ ଦଳ ହାସଲ କରିଥିଲା ଏସିଆ

କପ୍, ଚ଼ାଂପିୟାନ୍‌ସ ଟ୍ରଫି ଓ ଟି-୨୦ ବିଶ୍ୱକପ୍। ଟେଷ୍ଟ ଓ ଟି-୨୦ ଫର୍ମାଟ୍‌ରୁ ଅବସର ନେଇ ରୋହିତ ଇଚ୍ଛାପ୍ରକାଶ କରିଥିଲେ। କେବଳ ୨୦୨୭ ବିଶ୍ୱକପ୍ ଜିତିବା ଉପରେ ଧ୍ୟାନ ଦେବେ ଏବଂ ସେଥି ନିମନ୍ତେ ଦୁଇ ଫର୍ମାଟରୁ ଅବସର ନେଇ କେବଳ ଏକଦିବସୀୟ ପ୍ରତି ଧ୍ୟାନ ଦେଇ ପ୍ରସ୍ତୁତ ହେବାର ଅଭିପ୍ରାୟ ରଖିଥିଲେ ରୋହିତ। ଏଥିରେ ବିହିତ ଥିଲା ଆଉ ଗୋଟିଏ ସଫଳତା ପାଇବା ପାଇଁ ଏକ ପ୍ରତିଶ୍ରୁତିବଦ୍ଧତା ଏବଂ ଦୁଇ ଫର୍ମାଟରେ ନୂଆ ପୀଢ଼ି ଯୋଗଦେବା ନିମନ୍ତେ ଆମନ୍ତ୍ରଣ ଓ ସୁଯୋଗ ସୃଷ୍ଟି ଏଥିରେ ତଥାପି କ୍ରିକେଟ୍ ପ୍ରେମୀମାନେ ଥିଲେ ଅସନ୍ତୁଷ୍ଟ କାରଣ ରୋହିତଙ୍କ ନିକଟରେ ଆହୁରି ଖେଳିବାର ସାମର୍ଥ୍ୟ ଓ ଶକ୍ତି ଭରପୁର ରହିଥିବା କଥା ସମସ୍ତେ ଅନୁଭବ କରିଥିଲେ। ଏହା ତାଙ୍କର ନିଜସ୍ୱ ନିଷ୍ପତ୍ତି ବୋଲି ଧରିନେଇ ସମସ୍ତେ ଗ୍ରହଣ କରିନେଇଥିଲେ। ଏବେ ତାଙ୍କୁ ଅଧିନାୟକତ୍ୱରୁ ବିଦା କରିବା କିନ୍ତୁ ସମସ୍ତଙ୍କ ପାଇଁ ହୋଇଉଠିଛି ଏକ ଅସମ୍ଭବ ଝଟକା।

ଅତୀତରେ ଭାରତୀୟ ଦଳର ଅଧିନାୟକତ୍ୱ ପରିବର୍ତ୍ତନର ଇତିହାସ ଏଠାରେ ଆଲୋଚନା ସାପେକ୍ଷ। ଷାଠିଏ ଦଶକରେ ଇଣ୍ଡିଜ ଗସ୍ତରେ ଥିବା ଭାରତୀୟ ଦଳର ଅଧିନାୟକତ୍ୱ କରୁଥିବା ନରି କଣ୍ଟ୍ରାକ୍ଟରଙ୍କ ସ୍ଥାନ ନେଇଥିଲେ ମନସୁର ଅଲ୍ଲୀ ପଟାଉଡ଼ି ଯିଏକି ଉପଅଧିନାୟକ ଥିଲେ ମଧ୍ୟ ଦଳର ଜଣେ ଅପେକ୍ଷାକୃତ କନିଷ୍ଠ ଖେଳାଳୀ ଥିଲେ। ଏହାର କାରଣ ଅବଶ୍ୟ ଥିଲା କଣ୍ଟ୍ରାକ୍ଟରଙ୍କ ଆକସ୍ମିକ ଅସୁସ୍ଥତା। କିନ୍ତୁ ଏଇ ପରୀକ୍ଷା ଆଗକୁ ଯାଇଥିଲା କେଇବର୍ଷ ଧରି ଯଦିଓ ନିଜେ ଭଲ ଖେଳୁଥିଲେ ମଧ୍ୟ ଏବଂ ଭଲ ଅଧିନାୟକତ୍ୱ କରୁଥିଲେ ମଧ୍ୟ ଦଳକୁ ସଫଳତା ଦେଇପାରୁନଥିଲେ। ଏଇ କ୍ରମରେ ଆଉ ଗୋଟିଏ ପରୀକ୍ଷା ନିରୀକ୍ଷାର ପ୍ରବର୍ତ୍ତନ ହେଲା ଯେତେବେଳେ ୧୯୭୧ ରେ ଅଜିତ ୱାଦେକର ନିଯୁକ୍ତ ହେଲେ ଭାରତୀୟ ଦଳର ଅଧିନାୟକ ଭାବରେ। ଦଳର କ୍ରମାଗତ ବିଫଳତା ନିମନ୍ତେ ଏଇ ପରିବର୍ତ୍ତନ ଆବଶ୍ୟକ ଥିଲା ଏବଂ ଏହା ଦଳକୁ ସଫଳ କରାଇବାରେ ସାହାଯ୍ୟକାରୀ ମଧ୍ୟ ହୋଇଥିଲା। ଗାଭାସ୍କରଙ୍କୁ ଉପଅଧିନାୟକ ଭାବରେ ନିଯୁକ୍ତ କରାଯାଇଥିଲା ଭବିଷ୍ୟତ ପ୍ରସ୍ତୁତି ନିମନ୍ତେ କିନ୍ତୁ ଯେ ପର୍ଯ୍ୟନ୍ତ ୱାଦେକର ବିଫଳ ହୋଇନଥିଲେ ସେ ପର୍ଯ୍ୟନ୍ତ ଭାରତୀୟ ତାରକା ଖେଳାଳୀ ଗାଭାସ୍କରଙ୍କୁ ଅଧିନାକୟତ୍ୱ ପ୍ରଦାନ କରିବାକୁ ଭାରତୀୟ କ୍ରୀକେଟ ପ୍ରଶାସକମାନେ ସାହସ କରୁନଥିଲେ।

୧୯୭୫ ର ବିଫଳତା ପରେ ଅଜିତ ୱାଦେକରଙ୍କ ସ୍ଥାନ ନେଇଥିଲେ ବରିଷ୍ଠ, ଅଭିଜ୍ଞ ଓ ନିର୍ଭରଯୋଗ୍ୟ ସ୍ପିନର ବିଶନ୍ ବେଦୀ। ପାକିସ୍ତାନରେ ବିଫଳତା ପରେ ହିଁ ବେଦୀଙ୍କୁ ବିଦାୟ ଦେଇ ଗାଭାସ୍କରଙ୍କୁ କରାଯାଇଥିଲା ନୂତନ ଅଧିନାୟକ। ଏଠି ମଧ୍ୟ ନିହିତ ଥିଲା ସେଇ ବିଫଳତାର କାରଣ। ଟେଷ୍ଟରେ ଗାଭାସ୍କର ବିଶେଷ ସଫଳ ହୋଇନଥିଲେ ମଧ୍ୟ ବିଫଳ ମଧ୍ୟ ହୋଇନଥିଲେ। ଏକ ନୂତନ ଦିଗରେ ଭାରତୀୟ ଦଳକୁ ନେବା ପାଇଁ ହଠାତ୍ କପିଳ ଦେବ୍ ନିଯୁକ୍ତ ହୋଇଥିଲେ ୧୯୮୩ ବିଶ୍ୱକପ୍‌ରେ ଦଳର ନେତୃତ୍ୱ ନେବା ପାଇଁ। ଗାଭାସ୍କର ମଧ୍ୟ ବିନା ଦ୍ୱିଧାରେ ଖେଳିଥିଲେ ତାଙ୍କ ଅଧିନରେ କାରଣ ସେ ବ୍ୟକ୍ତିଗତ ଭାବରେ ଅନୁଭବ କରିଥିଲେ ଯେ ଏକଦିବସୀୟ କ୍ରୀକେଟ ନିମନ୍ତେ କପିଳ ତାଙ୍କଠାରୁ ଅଧିକ ଉପଯୁକ୍ତ। କପିଳଙ୍କ ପରେ ମଧ୍ୟ ଗାଭାସ୍କର କେତୋଟି ଶୃଙ୍ଖଳାରେ ଅଧିନାୟକତ୍ୱ ନେଇଥିଲେ କିନ୍ତୁ ଖୁବ୍ ଶୀଘ୍ର ତାଙ୍କ ସ୍ଥାନରେ କପିଳ ଗ୍ରହଣୀୟ ହୋଇଉଠିଥିଲେ ଏବଂ ୧୯୮୭ ବିଶ୍ୱକପ୍‌ରେ ମଧ୍ୟ ଗାଭାସ୍କର ଖେଳିଥିଲେ କପିଳଙ୍କ ଅଧିନରେ।

କପିଳଙ୍କର ଯୁଗ ଶେଷ ହୋଇଥିଲା ତେନ୍ଦୁଲକରଙ୍କର ଆବିର୍ଭାବ ସହିତ, କିନ୍ତୁ ସଚ୍ଚିନ ନିଜର ବ୍ୟାଟିଂ ଦକ୍ଷତା ବଜାୟ ରଖିବାକୁ ସ୍ୱଇଚ୍ଛାରେ ଅଧିନାୟକତ୍ୱରୁ ଆଝାର ସ୍ଥାନ ନେଇଥିଲେ ତେନ୍ଦୁଲକରଙ୍କର। ଏଇ ପରିବର୍ତ୍ତନ ଏକ ଆବଶ୍ୟକତା ଭିତ୍ତିକ ଥିଲା। କିନ୍ତୁ ଆଝାରଙ୍କର କିଛି ସଫଳତା ସତ୍ତ୍ୱେ ଶ୍ରେଷ୍ଠ ସମ୍ମାନରୁ ବଂଚିତ ହେଉଥିଲା ଦଳ। ସେଇଠି ପରିବର୍ତ୍ତନ ହେଲା ଅଧିନାୟକତ୍ୱର ଏବଂ ଆଗମନ ହେଲା ଗାଙ୍ଗୁଲୀଙ୍କର। ଗାଙ୍ଗୁଲୀ ମଧ୍ୟ ବେଶ୍ ସଫଳ ଭାବରେ ଅଧିନାୟକତ୍ୱ କରିଥିଲେ ଏବଂ ଦଳକୁ ୧୯୮୩ ପରେ ଆଉଥରେ ୨୦୦୩ ରେ ପହଞ୍ଚାଇଥିଲେ ବିଶ୍ୱକପ୍ ଫାଇନାଲ୍‌ରେ। ତେନ୍ଦୁଲକର, ସେୱାଗ, ଦ୍ରାବିଡ଼ ଓ ଲକ୍ଷ୍ମଣଙ୍କ ଭଳି ଦିଗ୍‌ଗଜ ଖେଳାଳୀଙ୍କୁ ନେଇ ଗାଙ୍ଗୁଲୀ ଦଳକୁ ଶୀର୍ଷସ୍ଥାନରେ ପହଞ୍ଚାଇ ଦେଇଥିଲେ ମଧ୍ୟ ବିନା ମେଘେ ବଜ୍ରପାତ ଭଳି ଗ୍ରେଗ ଚ଼ାପେଲ ଇଚ୍ଛା ଅନୁଯାୟୀ ତାଙ୍କୁ ହଟାଇ ଅଣାଯାଇଥିଲା ଦ୍ରାବିଡ଼ଙ୍କୁ।

ଆଜିର ଅପ୍ରତ୍ୟାଶିତ ଅଧିନାୟକ ପରିବର୍ତ୍ତନର ବେଶ୍ ସାମଞ୍ଜସ୍ୟ ରହିଛି ସେଇ ପରିବର୍ତ୍ତନର ପୃଷ୍ଠଭୂମି ସହିତ। ସେଦିନ କୋଚ୍ ଗ୍ରେଗ୍ ଚ଼ାପେଲଙ୍କର ଇଚ୍ଛାପୂରଣ ହୋଇଥିଲା, ଆଜି କୋଚ୍ ଗମ୍ଭୀରଙ୍କର। ସେଦିନ ବି ଗାଙ୍ଗୁଲୀ ସଫଳତାର ଶୀର୍ଷରେ ଥିଲେ ଯାହା ଆଜି ସମାନ ରୋହିତଙ୍କ କ୍ଷେତ୍ରରେ। ସେଦିନ ମଧ୍ୟ ଦ୍ରାବିଡ଼ ଥିଲେ ଗାଙ୍ଗୁଲୀଙ୍କର ଅନୁଗତ ଓ ଦଳର ଜଣେ ନିର୍ଭରଯୋଗ୍ୟ ଖେଳାଳୀ ଏବଂ ଆଜି ସୁବମନ ଗିଲଙ୍କ କ୍ଷେତ୍ରରେ ମଧ୍ୟ ସେଇଆ। ସେଦିନ ବି ସ୍ଲୋଗାନ ଥିଲା ନୂଆ ଦଳ ଗଠନ ଆଜି ବି ସ୍ଲୋଗାନ ସେଇଆ। ଇତିହାସର ପୁନରାବୃତ୍ତି ହେଲା ଭଳି ସେଦିନର ଘଟଣା ଗୁଡ଼ିକର ପୁନରାବୃତ୍ତି ହେବା କିଛି ବିଚିତ୍ର ନୁହେଁ। ସେଦିନ କେବଳ କୋଚ ଥିଲେ ଜଣେ ବିଦେଶୀ କିନ୍ତୁ ଆଜି କୋଚ ଜଣେ ସଚ୍ଚା ଭାରତୀୟ। ସେଦିନ ଚ଼ାପେଲ ଭାରତୀୟ କ୍ରୀକେଟକୁ ନଷ୍ଟଭ୍ରଷ୍ଟ କରିବାର ପ୍ରଚେଷ୍ଟା କରିଥିବାର ଯେଉଁ ଅଭିଯୋଗ ହୋଇଥିଲା ଆଜିର ଦିନରେ ସେଭଳି ଅଭିଯୋଗର କିଛି ସତ୍ୟତା ନାହିଁ କିନ୍ତୁ ଗୋଟିଏ କଥା ସତ ଯେ ଜଣେ ସଫଳ ଉଚ୍ଚଦରର କୋଚ୍ ଜଣେ ସଫଳ ପାରିବାର ଅଧିନାୟକ ସହିତ ଖାପ୍ ଖୁଆଇ ଚଳିବା କଷ୍ଟକର। ଏହି ତତ୍ତ୍ୱକୁ ଶାସ୍ତ୍ରୀ ଓ ଦ୍ରାବିଡ଼ ଅମୂଳକ ପ୍ରମାଣିତ କରିଥିଲେ ହେଁ ଗମ୍ଭୀର ଏଇ ଗତାନୁଗତିକ ଚିନ୍ତାଧାରାର ଖୋପରେ ପଡ଼ିଯାଇଛନ୍ତି। ଏଠି ଆଉ ଏକ ଦୃଷ୍ଟି ଆକର୍ଷଣକାରୀ ବିଷୟ ହେଲା ଯେ ନିକଟ ଅତୀତର ସଫଳତା ପାଇଁ ଗମ୍ଭୀର ଓ ରୋହିତ ପରସ୍ପରଙ୍କୁ କୌଣସି ଶ୍ରେୟ ଦେବା ପରିବର୍ତ୍ତେ ଏହା ନିଜସ୍ୱ କୃତିତ୍ୱ ବୋଲି ମନେ କରନ୍ତି। ଏଭଳି ଅହଂକାର କିମ୍ବା ଅସୂୟା

ଭାବ ଶାସ୍ତ୍ରୀ ଏବଂ ଦ୍ରାବିଡ଼ ସେମାନଙ୍କର କୋଚ ଦାୟିତ୍ୱରେ ଥିଲା ବେଳେ ଉଦ୍ରେକ ହେବାର ସୁଯୋଗ ଦେଇନପାରେ। ଏହାର ଅବଶ୍ୟ ଏକ ବିଶେଷ କାରଣ ଥିଲା କୋଚ ଓ ଅଧିନାୟକ ପ୍ରତ୍ୟେକ ଦଳରେ ଖେଳୁଥିଲେ ଭିନ୍ନ ଭିନ୍ନ ସମୟରେ। ଶାସ୍ତ୍ରୀ ଥିଲେ ଅଶୀ ଦଶକର ଖେଳାଳୀ ଓ ଅଧିନାୟକମାନେ ଥିଲେ ତାଙ୍କଠାରୁ ପର୍ଯ୍ୟାପ୍ତ ଭାବରେ କନିଷ୍ଠତର। ଦ୍ରାବିଡ଼ ଥିଲେ ଏକବିଂଶ ଶତାବ୍ଦୀର ପ୍ରଥମ ଦଶକର ଜଣେ ଶ୍ରେଷ୍ଠ ଖେଳାଳୀ କିନ୍ତୁ ତାଙ୍କର ଅଧିନାୟକ ବିରାଟ ଓ ରୋହିତ ଥିଲେ ତାଙ୍କଠାରୁ ପର୍ଯ୍ୟାପ୍ତ ଭାବରେ କନିଷ୍ଠତର। ଗମ୍ଭୀର ଓ ରୋହିତଙ୍କ ବିଷୟ ଆଲୋଚନା କଲେ ଦେଖାଯାଏ ଯେ ଉଭୟେ ଥିଲେ ଗୋଟିଏ ସମୟର ଖେଳାଳୀ ଏବଂ ଗୋଟିଏ ଜାତୀୟ ଦଳରେ ଖେଳୁଥିବା ଖେଳାଳୀ। ରୋହିତ ଗମ୍ଭୀରଙ୍କ ଠାରୁ କୃତିତ୍ୱ ପ୍ରଦର୍ଶନରେ କିଛି ଆଗେଇ ଯାଇଥିଲେ ଏବଂ ୨୦୧୧ ବିଶ୍ୱକପ୍ ବିଜୟ ପରେ ଗମ୍ଭୀରଙ୍କ କ୍ରୀକେଟ ଜୀବନ ମଳିନ ପଡ଼ିଯାଇଥିଲା। ଆଇ.ପି.ଏଲ୍. ରେ ରୋହିତ ମୁମ୍ବାଇର ସଫଳ ଅଧିନାୟକତ୍ୱ କରୁଥିଲା ବେଳେ ଗମ୍ଭୀର କଲିକତା ଦଳର ଅଧିନାୟକ ଭାବରେ ତାଙ୍କଠାରୁ କିଛିଟା ପଛୁଆ ରହିଯାଇଥିଲେ। ଆଜି ଉଭୟଙ୍କର କୋଚ ଓ ଅଧିନାୟକ ଭାବରେ ସାମନା ସାମନି ହେଲାବେଳେ ଉଭୟେ ଉଚ୍ଚ ମାନସିକତା Superiority Complex) ଏବଂ ନୀଚ ମାନସିକତା (Inforiority Complex) ଦ୍ୱାରା ପ୍ରଭାବିତ ହେବାର ସଂପୂର୍ଣ୍ଣ ଯଥାର୍ଥତା ରହିଛି। ତେଣୁ ଗମ୍ଭୀର ରୋହିତଙ୍କୁ ସହ୍ୟ କରିନପାରିବାର ଯେଉଁ ଅଭିଯୋଗ ରହିଛି ତାହା ଏକ ଅର୍ଦ୍ଧସତ୍ୟ ହୋଇଥିଲେ ମଧ୍ୟ ଅମୂଳକ ନୁହେଁ।

ଏଇ ଅଧିନାୟକତ୍ୱ ପରିବର୍ତ୍ତନ ପ୍ରସଙ୍ଗରେ ଅଗରକର ଓ ଗମ୍ଭୀର ଯାହାବି କହନ୍ତୁ ନା କାହିଁକି ଏଥି ମଧ୍ୟରେ ନିହିତ ଥିବା ଆଉ କିଛି ସତ୍ୟ ଓ ବାସ୍ତବତାକୁ ମଧ୍ୟ ଅଣଦେଖା କରାଯିବା ଅନୁଚିତ। ଆଗାମୀ ବିଶ୍ୱକପ୍ ଦୁଇବର୍ଷପରେ ଏବଂ ସେଥିନିମନ୍ତେ ଶ୍ରେଷ୍ଠ ଦଳ ଆଜିଠାରୁ ତିଆରି କରାଯିବା ଦରକାର। ଏକ ନୂତନ ଦିଗଦର୍ଶନ ସହିତ ସବୁଠାରୁ ସମର୍ଥ ଖେଳାଳୀମାନଙ୍କୁ ନେଇ ଏଇ ଦଳ ଗଠିତ ହେବା ଉଚିତ। ଦଳରେ ଯାହାର ସ୍ଥାନ ସବୁଠାରୁ ମଜବୁତ ଅର୍ଥାତ୍ ସାମର୍ଥ୍ୟ ଦୃଷ୍ଟିରୁ ଶ୍ରେଷ୍ଠ ଏବଂ କେବେହେଲେ ତାକୁ ଦଳରୁ ବାଦ୍ ଦିଆଯିବ ନାହିଁ, ସେଭଳି ଖେଳାଳୀ ଅଧିନାୟକ ହେବାକୁ ଯୋଗ୍ୟତ।  ଅଧିକ ବୟସର ଖେଳାଳୀମାନଙ୍କର ହଠାତ୍ ଶାରୀରିକ ଦକ୍ଷତାରେ ତୃଟୀ ଆସିଥାଏ ଯେଉଁଥିପାଇଁ ତାଙ୍କୁ ଦଳରୁ ଅବ୍ୟାହତି ନେବାକୁ ପଡ଼େ ସାମୟିକ ଭାବରେ। କିନ୍ତୁ ଯୁବ ଖେଳାଳୀମାନଙ୍କ କ୍ଷେତ୍ରରେ ଏଇ ସମ୍ଭାବନା ଖୁବ୍ କମ୍। ରୋହିତ ଓ ସମ୍ମିଙ୍କ ଭଳି ଦିଗ୍‌ଗଜ ଖେଳାଳୀ ଏଭଳି ସମସ୍ୟାର ସମ୍ମୁଖୀନ ହେଉଥିବାର ନଜିର ଅଛି। ଏଭଳିକି ବିରାଟ କୋହଲୀ ମଧ୍ୟ ଏଇ ସମସ୍ୟାକୁ ଆଖିରେ ରଖି ମଝିରେ ମଝିରେ ସାମୟିକ ବିଶ୍ରାମ ନେଇଥାଆନ୍ତି। ସେଭଳି କ୍ଷେତ୍ରରେ ଆଗାମୀ ଦୁଇବର୍ଷ ଧରି ରୋହିତ ଯେ ଶାରିରୀକ ଭାବରେ ଶତକଡ଼ା ଶହେ ସମର୍ଥ ରହିବେ ଏହା ସବୁବେଳେ ସନ୍ଦେହର ଘେରରେ ରହିବ। ଯଦି ସେ ତାଙ୍କର ବ୍ୟାଟିଂ ସାମର୍ଥ୍ୟକୁ ବଜାୟ ରଖିପାରନ୍ତି ତେବେ ସେ ଦଳର ଅଂଶବିଶେଷ ହେବାରେ କିଛି ଅସୁବିଧା ନାହିଁ, କିନ୍ତୁ ସେଭଳି ନହେଲେ ବ୍ୟାଟରଟିଏ ତାଙ୍କ ସ୍ଥାନ ପୂରଣ କରିଦେଇପାରେ। କିନ୍ତୁ ବିନା ପ୍ରସ୍ତୁତି, ଅଭିଜ୍ଞତା ଓ ଅଭ୍ୟାସରେ ଜଣେ ନୂତନ ଅଧିନାୟକ ତା'ର ସର୍ବଶ୍ରେଷ୍ଠ ଅବଦାନ ରଖିପାରିବ ନାହିଁ। ଗମ୍ଭୀରଙ୍କ ମନରେ ଯାହା ଥାଉ ନା କାହିଁକି, ଦୂରଦୃଷ୍ଟିର ସହିତ ଏଭଳି ପରିବର୍ତ୍ତନର ଆବଶ୍ୟକତା ଅଛି ବୋଲି ଅନୁଭବ କରାଯାଏ। ଅଧିକନ୍ତୁ ବିଶ୍ୱ କ୍ରୀକେଟର ନଜିର ନାହିଁ ଯେ ଚାଳିଶ ବର୍ଷ ବୟସରେ ଅନାୟାସରେ ଜଣେ ଖେଳାଳୀ ଶ୍ରେଷ୍ଠ ଦଳର ଅଧିନାୟକତ୍ୱ କରିପାରେ। ଏହା ଏକ ନଗ୍ନ ସତ୍ୟ ଏବଂ ଆମକୁ ଏହା ଗ୍ରହଣ କରିବାକୁ ହେବ।

ରୋହିତଙ୍କ ନିକଟରେ ଆହୁରି ବହୁତ କ୍ରୀକେଟ ବାକୀ ଅଛି। ତେନ୍ଦୁଲକର, କୋହଲୀଙ୍କ ଭଳି ସେ ନିଜର ଫର୍ମ ବଜାୟ ରଖିପାରିଲେ ଆଗାମୀ ବିଶ୍ୱକପର ସଫଳତାର ଶ୍ରେୟ ତାଙ୍କ ନିକଟକୁ ଯିବା କିଛି ବିଚିତ୍ର ନୁହେଁ। ଜଣେ ଦିଗ୍‌ଗଜ ଖେଳାଳୀ ଭାବରେ ସେ ଏଇ ଭୂମିକା ନେବାରେ ତାଙ୍କର ଆପତ୍ତି ରହିବା ଅନୁଚିତ। ଅବଶ୍ୟ ରୋହିତଙ୍କ ନିକଟରେ ସେ ପ୍ରତିବଦ୍ଧତା ଓ ଆତ୍ମବିଶ୍ୱାସ ଥିଲେ ତାଙ୍କର ଖେଳାଳୀ ଜୀବନ ଶେଷ କରିଦିଆଯାଉଥିବାର ଯେଉଁ ସନ୍ଦେହ ସୃଷ୍ଟି ହୋଇଛି। ତା'ର ସେ ଠିକଣା ଜବାବ୍ ଦେଇପାରିବେ।

ଅଧିକନ୍ତୁ ଯଦି ଗାଭାସ୍କର କପିଳଙ୍କ ଅଧିନରେ ଓ ପରେ କପିଳ ଗାଭାସ୍କରଙ୍କ ଅଧିନରେ, ଧୋନୀ ବିରାଟଙ୍କ ଅଧିନରେ ଏବଂ ବିରାଟ ରୋହିତଙ୍କ ଅଧିନରେ ମନଖୁସିରେ ଓ ସଫଳତାର ସହିତ ଖେଳିଛନ୍ତି ତେବେ ଆଜି ରୋହିତ ଗିଲଙ୍କ ଅଧିନରେ ଖେଳିବା ନେଇ କିଛି ଗୁଞ୍ଜରଣ ସୃଷ୍ଟି ହେବା ଅନୁଚିତ। ସେଦିନ ଗଲାଣି ଯେତେବେଳେ ଜଣେ ବରିଷ୍ଠ ଖେଳାଳୀକୁ ଉପେକ୍ଷା କରାଯାଇ କନିଷ୍ଠ ଖେଳାଳୀକୁ ଅଧିନାୟକ କଲାପରେ ହଇଚଇ ସୃଷ୍ଟି ହେଉଥିଲା। ଆଜି ଦିନରେ ସାମର୍ଥ୍ୟ ଓ ଯୋଗ୍ୟତା ହେଲା ଶ୍ରେଷ୍ଠ ପରିମାପକ। ଦୂରଦୃଷ୍ଟିର ସହିତ ଖେଳାଳୀ ନିକଟରେ ଥିବା ଏଇ ଦୁଇଟି ଗୁଣର ଉପଯୋଗ କରାଯିବା ସବୁଠାରୁ ବଡ଼ ଆବଶ୍ୟକତା। ଆଲୋଚକ ଓ ସମାଲୋଚକମାନେ ସଜ ମାଛରେ ପୋକ ପକାଇବାର ଅଭ୍ୟସ୍ତ କିନ୍ତୁ ବାସ୍ତବତା ଓ ଦୁରଦୃଷ୍ଟି ଭିତ୍ତିରେ ପଦକ୍ଷେପ ନିଆଯାଇଥିବାରୁ ଏଭଳି ପରିବର୍ତ୍ତନରେ ବଡ଼ ଭୁଲ ଥିବା ମନେହୁଏ ନାହିଁ।

ରୋହିତଙ୍କ ପାଇଁ ଆମେ ସମସ୍ତେ ଦୁଃଖିତ କିନ୍ତୁ ଆମର ଦେଶର କ୍ରୀକେଟର ଭବିଷ୍ୟତ ପାଇଁ ରୋହିତ ମଧ୍ୟ ଆମମାନଙ୍କୁ ସହଯୋଗ ଦେବେ ବୋଲି ଆଶା କରାଯାଏ।

ଜ୍ୟୋତିଷ ବିଚାର



# ମାସିକ ରାଶିଫଳ

## (ତା: ୧୫/୧୦/୨୦୨୫ ରୁ ତା: ୧୪/୧୧/୨୦୨୫)

ଜ୍ୟୋତିର୍ବିଦ- ବିଶ୍ୱନାଥ ନାୟକ

"ବିଶ୍ୱେଶ୍ୱରି ତ୍ୱଂ ପରିପାସି ବିଶ୍ୱଂ, ବିଶ୍ୱାତ୍ମିକା ଧାରୟସୀତ ବିଶ୍ୱଂ, ବିଶ୍ୱେଶ୍ୱ ବନ୍ଧ୍ୟା ଭବତୀ ଭବନ୍ତି, ବିଶ୍ୱାଶ୍ରୟା ଯେ ତ୍ୱୟି ଭକ୍ତି ନମ୍ରଃ ॥"




**ମେଷ:-** ଆପଣଙ୍କ ନିମିତ୍ତ ମିଶ୍ରଫଳ ଦାୟକ ହେଲେବି ଅଶୁଭ ଅପେକ୍ଷା ଶୁଭତ୍ୱର ପରିମାଣ ଅଧିକ ହେବ। ବିଶେଷ କରି ମାସର ପ୍ରଥମାର୍ଦ୍ଧରେ ଆଖିଦୃଶିଆ ଭାବେ ଶୁଭଫଳର ସ୍ୱାଦ ରଖିବେ। କର୍ମକ୍ଷେତ୍ରରେ ଆଶାଜନକ ସଫଳତା ପ୍ରାପ୍ତିରେ ବାଧା ଉପୁଜିବ ନାହିଁ। ଆତ୍ମୀୟ ସ୍ୱଜନଙ୍କ ବୈରତା ଓ ଛାୟାଶତ୍ରୁମାନଙ୍କୁ ଅକ୍ଲେଶରେ କରାୟତ୍ତ କରି କର୍ତ୍ତବ୍ୟ ପଥରେ ଆଗେଇବେ। କ୍ଷୋଭ ଓ ଅଶାନ୍ତିର ବହ୍ନି ଅନ୍ତର ଭିତରେ ଜଳିଲେବି ଧୈର୍ଯ୍ୟର ସହିତ ଓ ଦୈବୀକୃପା ଯୋଗେ ତାହା ବାହାରକୁ ପ୍ରକାଶ ପାଇବ ନାହିଁ। ସାମାଜିକ ସ୍ତରରେ ବିବେକ ଓ କର୍ତ୍ତବ୍ୟକୁ ପ୍ରାଧାନ୍ୟ ଦେଇ ସ୍ଥିତି ଦୃଢ଼ କରିବେ। ବିବାଦୀୟ କ୍ଷେତ୍ରରେ ଅନୁଶୋଚନାର ପରିସ୍ଥିତି ଉପୁଜିବ ନାହିଁ। ବେପାର ବାଣିଜ୍ୟକୁ ସୁଧାରି ନେଇ ଲାଭବାନ ହେବେ। ଅନ୍ୟ ହାତରେ ଥିବା ଧନ ହାତକୁ ଆସିବ। ଆୟର ଦିଗ ଠିକ୍ଠାକ୍ ରହିଲେବି ଯୋଜନା ଅପେକ୍ଷା ଖର୍ଚ୍ଚର ପରିମାଣ ଅଧିକହେବ। ଉତ୍ସବାଦି କାର୍ଯ୍ୟରେ ଖର୍ଚ୍ଚ ହୋଇପାରେ। ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବେ। କଠିନ ପରୀକ୍ଷାର ସମ୍ମୁଖୀନ ହୋଇ ଉତ୍ତୀର୍ଣ୍ଣ ହେବେ। ମର୍ଯ୍ୟାଦାବନ୍ତ ହୋଇପାରନ୍ତି। ଅଭିଳାଷ ପୂରଣ ହେବ। ପେଟଦୋଷ, ପିତ୍ତଦୋଷ ଓ ଅଣ୍ଡାରୋଗ ଦେଖାଦେବ। ପାରିବାରିକ ଜୀବନରେ ନିଃସଙ୍ଗ ବୋଧ କରିବେ। ମହିଳାମାନେ କଠିନ ପରିଶ୍ରମ ଓ ଧର୍ମ ସଙ୍କଟରେ ପଡ଼ିଲେବି ତାହାର ଉତ୍ତମ ସମାଧାନ କରିବାର ଶକ୍ତି ଓ ସୁଯୋଗ ପାଇବେ। ବିଦ୍ୟାର୍ଥୀମାନେ ପଛେଇ ଯିବେ ନାହିଁ।

ଅଶୁଭ ଦିବସ:- ୧୭, ୧୮, ୩, ୪, ୭, ୮, ୧୩, ୧୪ ଅଷ୍ଟମଚନ୍ଦ୍ର:- ୨୪, ୨୫, ୨୬ ଘାତଚନ୍ଦ୍ର:- ୫, ୬ ବାକିଦିନ ଶୁଭ।



**ବୃଷ:-** ମାସଟି ଆପଣଙ୍କୁ ଅନେକ ଦିଗରୁ ଖୁସି କରାଇବାର ଆଭାସ ପ୍ରଦାନ କରୁଛି। ମାସର ଶେଷ ଭାଗଟି ଅପେକ୍ଷାକୃତ ଭାବେ ଆନନ୍ଦ ମୁଖର ହେବ। ମନୋବଳ ବୃଦ୍ଧି ପାଇବା ଯୋଗେ କର୍ମରେ ଦ୍ୱିଗୁଣିତ ଉତ୍ସାହ ଲାଭକରି ଆଗେଇବେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ଅର୍ଜନ କରିବାର ଆଶା ଅଧିକ। ଉଚ୍ଚବର୍ଗରୁ ସାହାଯ୍ୟ ଓ ପ୍ରେରଣା ପ୍ରାପ୍ତ ହେବେ। ବହୁ ଦିନର ଅବଶୋଷ ପୂରଣ ହେବ। ବୈଷୟିକ ପ୍ରାଚୁର୍ଯ୍ୟର ଅଭିବୃଦ୍ଧି ଘଟିବ। ସାମାଜିକ ସ୍ତରରେ ପ୍ରତିଷ୍ଠା ବୃଦ୍ଧିପାଇବ। ବିବାଦୀୟ କ୍ଷେତ୍ରରେ ବ୍ୟକ୍ତିତ୍ୱ ଉପରେ ନକାରାତ୍ମକ ପ୍ରଭାବ ପଡ଼ିବାର ନାହିଁ। ଆର୍ଥୀକ ଚିନ୍ତା ଦୂରହେବ। ବେପାର ବାଣିଜ୍ୟରେ ଆଗଧାଡ଼ିରେ ଉପବେଶନ କରିବେ। ଆକସ୍ମିକ ଭାବେ ମୋଟା ଅଙ୍କର ଅର୍ଥ ହାତକୁ ଆସିବ। ଭବିଷ୍ୟତ ଯୋଜନାକୁ ଦୃଢ଼ କରିବେ। ଭ୍ରମଣ ଯୋଗ ସାଙ୍ଗକୁ ବନ୍ଧୁ ମିଳନର ଯୋଗ ଅଛି। ଦେବକାର୍ଯ୍ୟ ଓ ପିତୃ କାର୍ଯ୍ୟରେ ଶ୍ରଦ୍ଧା ବଢ଼ିବ। ଖାଦ୍ୟ ଓ ପୋଷାକ ପ୍ରତି ଅହେତୁକ ଦୁର୍ବଳତା ଜାତହେବ। ମାଙ୍ଗଳିକ କାର୍ଯ୍ୟରେ ଯୋଗଦାନ କରିବେ। ଥଣ୍ଡାଦୋଷରୁ ପୀଡ଼ାପ୍ରାପ୍ତ ହୋଇପାରନ୍ତି। ପାରିବାରିକ ସ୍ଥିତିରେ ଅନେକ ସୁଧାର ଆସିବ। ମହିଳାମାନେ ନିଜର ଜିଦ୍ ପରିତ୍ୟାଗ କଲେ ଶାନ୍ତି ପାଇବେ। ବସ୍ତ୍ର ଭୂଷଣାଦି ପ୍ରାପ୍ତିଯୋଗ ଅଛି। ବିଦ୍ୟାର୍ଥୀମାନେ କ୍ରିୟାଶୀଳ ହେବେ।

ଅଶୁଭ ଦିବସ:- ୫, ୬, ୯, ୧୦ ଅଷ୍ଟମଚନ୍ଦ୍ର:- ୨୭, ୨୮ ଘାତଚନ୍ଦ୍ର:- ୧୯, ୨୦, ୨୧ ବାକି ଦିନ ଶୁଭ।



**ମିଥୁନ:-** ପୂର୍ବ ତୁଳନାରେ ମାସଟି ଆପଣଙ୍କ ପକ୍ଷେ ଶୁଭପ୍ରଦ ହେବାଫଳରେ ଅନେକ ଦୁଶ୍ଚିନ୍ତାରୁ ମୁକ୍ତିଲାଭ କରିପାରନ୍ତି। ଧର୍ମକୁ ପାଥେୟ ଓ କର୍ତ୍ତବ୍ୟକୁ ମୂଳମନ୍ତ୍ର କରି କର୍ମକ୍ଷେତ୍ରରେ ମଧ୍ୟ ସମ୍ଭବ ଆଗେଇବାରେ ବିଶେଷ ପ୍ରତିବନ୍ଧକ ଦେଖାଦେବ ନାହିଁ। ପୁରୁଣା କର୍ମକୁ ପୂର୍ଣ୍ଣତା ଦେବାର ଚେଷ୍ଟା ଅବ୍ୟାହତ ରହିବ। ସାମାଜିକ ଭାବମୂର୍ତ୍ତିରେ ମଇଳା ଲାଗିବାର ନାହିଁ। ବେଳେବେଳେ ନିଜଲୋକମାନେ ଅସହଯୋଗ କରିବେ। ବିବାଦୀୟ କ୍ଷେତ୍ରରେ ନିରବତା ଅବଲମ୍ବନ କଲେ ଖାଲରେ ପଡ଼ିବେ ନାହିଁ। ନିର୍ମାଣ କାର୍ଯ୍ୟ ଧିରେ ସୁସ୍ଥେ ଆଗେଇବ। ଆର୍ଥୀକ ଦିଗ ସଂପୂର୍ଣ୍ଣ ଆନନ୍ଦପ୍ରଦ ନହେଲେବି ପୂର୍ବ ଅପେକ୍ଷା


ମଜବୁତ ରହିବ । ଶତ୍ରୁମାନେ ଚେଷ୍ଟାକଲେବି ବିପଦରେ ପକାଇ ପାରିବେ ନାହିଁ । ଭ୍ରମଣ ଯୋଗେ ଶାନ୍ତି ପାଇବେ । ଗୁରୁଜନମାନଙ୍କ ସ୍ୱାସ୍ଥ୍ୟ ଚିନ୍ତାର କାରଣ ହେବ। ବନ୍ଧୁଚର୍ଚ୍ଚା ତଥା ମାଙ୍ଗଳିକ କାର୍ଯ୍ୟରେ ମୋଟା ଅଙ୍କର ଅର୍ଥ ବ୍ୟୟିତ ହେବ । ବେପାର ବାଣିଜ୍ୟରେ ଗତାନୁଗତିକତା ରକ୍ଷା ହେବା ସହିତ ପରିସର ବୃଦ୍ଧିପାଇବ । ଉତ୍ତମ ବନ୍ଧୁ ଓ ପରାମର୍ଶଦାତାଙ୍କ ସହାୟତାରୁ ଉପକୃତ ହେବେ । ଭ୍ରମଣ ଯୋଗେ ମାନସିକ ଶାନ୍ତି ମିଳିବ । ଜଳ ଓ ବାୟୁ ପ୍ରଦୂଷଣ ରୋଗରେ ଆକ୍ରାନ୍ତ ହୋଇପାରନ୍ତି । ପାରିବାରିକ ଜୀବନ ସୁଖମୟ ହେବ । ମୂଲ୍ୟବାନ ସୌଖୀନ ଦ୍ରବ୍ୟ କ୍ରୟ କରିବେ । ମହିଳାମାନେ ବୃହତ୍ତର ଆଶା ପୋଷଣ କରିବେ ଏବଂ ଫଳ ପ୍ରାପ୍ତ ହୋଇପାରନ୍ତି । ସଞ୍ଚୟ ମନୋବୃତ୍ତି ବୃଦ୍ଧି ଘଟିବ । ବିଦ୍ୟାର୍ଥୀମାନେ ବିଦେଶରେ ଶିକ୍ଷା ପ୍ରତି ଆଗ୍ରହୀ ହେବେ ।

ଅଶୁଭ ଦିବସ:- ୧୫, ୧୬, ୧୧, ୧୨ ଅଷ୍ଟମଚନ୍ଦ୍ର:- ୨୯, ୩୦, ୩୧ ଘାତଚନ୍ଦ୍ର:- ୧, ୨ ବାକିଦିନ ଶୁଭ ।



**କର୍କଟ:-** ଶୁଭାଶୁଭ ଫଳ ପ୍ରଦାନ ମାଧ୍ୟମରେ ମାସଟି ଅତିବାହିତ ହେବ । ପ୍ରଥମାର୍ଦ୍ଧଟି ସୁରୁଖୁରୁରେ କଟିବା ବେଳେ ଦ୍ୱିତୀୟାର୍ଦ୍ଧରେ ମାନସିକ ଚିନ୍ତା ବୃଦ୍ଧି ପାଇପାରେ । କର୍ମକ୍ଷେତ୍ରରେ ଗତାନୁଗତିକତା ରକ୍ଷା କରିବା ଅସାଧ ହେବନାହିଁ । କର୍ତ୍ତବ୍ୟ ପରାୟଣତାକୁ ପ୍ରମୁଖତା ପ୍ରଦାନ କରି ଅଗ୍ରଗତି କରିବେ । ସ୍ଥାନ, ମାନ ଓ ପ୍ରତିଷ୍ଠା ରକ୍ଷା କରିବାରେ ସମର୍ଥ ହେବେ । ମଝିରେ ମଝିରେ ମାନସିକ ଶାନ୍ତି ଭଙ୍ଗର ଆଶଙ୍କା ଅଛି । ସାମାଜିକ ସ୍ତରରେ ଅପଦସ୍ତ ହେବାର ନାହିଁ । ବିବାଦୀୟ କ୍ଷେତ୍ରରେ ଅଣନିଶ୍ୱାସୀ ହେବେନାହିଁ । ବେପାର ବାଣିଜ୍ୟ ପୂର୍ବବତ ଚାଲୁ ରହିବ । ଅଧିକ ଲାଭଖୋର ମନୋବୃତ୍ତିରୁ ନିଜକୁ ସଂଯତ କରିବା ଆବଶ୍ୟକ । ଦୃଢ଼ ମନୋବଳ ଯୋଗେ ଅସାଧ୍ୟକୁ ସାଧନ କରିବେ । ଦୂରଭ୍ରମଣର ଯୋଗ ଅଛି । ବନ୍ଧୁ ବାନ୍ଧବରୁ ଆଦର ମିଳିବ । ଭୋଗ ବିଳାସ ପ୍ରତି ଆଗ୍ରହ ବଢ଼ିବ । ଆର୍ଥୀକ ଦିଗରୁ ନିଶ୍ଚିତ ହେବେ । କର୍ମ ଯୋଗାଡ଼ର ବାଟ ଖୋଲିଯିବ । ଛାତିରେ ଯନ୍ତ୍ରଣା ଅନୁଭବ କରିପାରନ୍ତି । ଦ୍ରବ୍ୟନଷ୍ଟର ଆଶଙ୍କା ଅଛି । ଥଣ୍ଡା ଜ୍ୱରରେ ଆକ୍ରାନ୍ତ ହେବେ । ପାରିବାରିକ ଜୀବନ ଦୂଷିତ ହେବନାହିଁ । ମହିଳାମାନେ ଖଟଣୀ ଜନିତ ଦିକ୍‌ଦାର ହେଲେବି ନିସ୍ତାର ନାହିଁ । ସମସ୍ତ ପରିବେଶକୁ ଆୟତ୍ତ କରି ଆଗେଇବେ । ଅଭିଳାଷ ପୂରଣ ହେବ । ଅର୍ଥ ସଞ୍ଚୟ କରିବେ । ବିଦ୍ୟାର୍ଥୀମାନେ ମଉଜ ମଜଲିସ୍ ପ୍ରତି ମନବଳାଇବେ ।

ଅଶୁଭ ଦିବସ:- ୨୨, ୨୩ ଅଷ୍ଟମଚନ୍ଦ୍ର:- ୧, ୨ ଘାତଚନ୍ଦ୍ର:- ୧୭, ୧୮, ୧୩, ୧୪ ବାକିଦିନ ଶୁଭ ।




**ସିଂହ:-** ମାସଟି ଆପଣଙ୍କ ନିମିତ୍ତ ଶୁଭଫଳ ପ୍ରଦାୟକ ହୋଇ ଶାନ୍ତି ସନ୍ତୋଷରେ ମନ ଭରିଦେବ । କର୍ମକ୍ଷେତ୍ରରେ ଅବାଞ୍ଛିତ ବ୍ୟକ୍ତି ନକାରାତ୍ମକ ପରିବେଶକୁ ଏଡ଼ାଇ ଆଗକୁ ଆଗକୁ ମାଡ଼ି ଚାଲିବେ । ବୁଝାମଣାକୁ ପ୍ରାଧାନ୍ୟ ଦେଇ ଧୈର୍ଯ୍ୟ ଓ ମନୋବଳକୁ ପ୍ରୟୋଗ କରି କର୍ମ ସଂପାଦନା କରିବେ । ଇର୍ଷାଳୁ ଓ ଗୁପ୍ତଶତ୍ରୁମାନଙ୍କ ଅଭାବ ରହିବ ନାହିଁ ତେବେ ସେମାନେ ଗତିରୋଧ କରିବାରେ ସମର୍ଥ ହେବେନାହିଁ । ଅହଂକାରକୁ ନିୟନ୍ତ୍ରଣରେ ରଖିଲେ ଯଶ ଓ ପ୍ରଶଂସାର ଅଧିକାର ମିଳିବ । ସାମାଜିକ ସ୍ତରରେ ଲୋକମାନ୍ୟତାରେ ଭଟ୍ଟା ପଡ଼ିବାର ନାହିଁ । ବିବାଦୀୟ କ୍ଷେତ୍ର ଜଟିଳରୁ ସରଳରେ ପରିଣତ ହେବ । ବେପାର ବାଣିଜ୍ୟରେ ଆଗଧାଡ଼ିରେ ରହିବେ । ମାଙ୍ଗଳିକ କାର୍ଯ୍ୟ ଓ ଆନୁଷ୍ଠାନିକ କାର୍ଯ୍ୟରେ ସଂପୃକ୍ତି ଘଟିବ । ନିର୍ମାଣ କାର୍ଯ୍ୟରେ ଯଥେଷ୍ଟ ମନ ବଳାଇବେ । ଦେବକାର୍ଯ୍ୟରେ ନିଜକୁ ସାମିଲ କରିବେ । ଭ୍ରମଣରୁ ଶାନ୍ତି ମିଳିବ । ଆର୍ଥୀକ ଦିଗ ପୂର୍ବ ତୁଳନାରେ ଉନ୍ନତି ଘଟିବ । ଆପଣାର ମାନେ ସାହାଯ୍ୟର ହାତ ବଢ଼ାଇବେ । କ୍ରୟ ପଟ୍ଟା ଗ୍ରହଣ କରିବେ । ପରିବାରରେ ପ୍ରାଧାନ୍ୟ ବୃଦ୍ଧି ପାଇବ । ଉନ୍ନତି କକ୍ଷେ ଆଗେଇବେ । ବିଦ୍ୟାର୍ଥୀମାନେ ପରାକାଷ୍ଠା ପ୍ରଦର୍ଶାଇବେ ।

ଅଶୁଭ ଦିବସ:- ୧୯, ୨୦, ୨୧, ୨୪, ୨୫ ଅଷ୍ଟମଚନ୍ଦ୍ର:- ୩, ୪ ଘାତଚନ୍ଦ୍ର:- ୨୯, ୩୦, ୩୧ ବାକିଦିନ ଶୁଭ ।



**କନ୍ୟା:-** ଆପଣଙ୍କ ନିମିତ୍ତ ଚଳିତ ମାସଟି ପୂର୍ବତୁଳନାରେ ଅଧିକ ଶୁଭଙ୍କର ହେବ । ଦୁର୍ବଳ ମାନସିକତାର କବଳିତ ହୋଇ ଅନେକ କ୍ଷେତ୍ରରେ ସମୟର ଆହ୍ୱାନକୁ ପୂର୍ଣ୍ଣ ରୂପେ ଗ୍ରହଣ କରିପାରିବେ ନାହିଁ । ଶୁଭ ପ୍ରଭାବର ଲାଭ ଉଠାଇବାରେ ଅସମର୍ଥ ହେବେ । କର୍ମ ସ୍ଥଳରେ ଉତ୍ତମ ଭୂମିକା ନିର୍ବାହ କରିବାର ସମ୍ଭାବନା ଭରପୁର । ନିଜକୁ ସ୍ଥିରଚିତ୍ତ ଓ ଆବଶ୍ୟକୀୟ ଧୈର୍ଯ୍ୟଧାରଣ କଲେ କୌଣସି ପରିବେଶ କଠିନ ହେବନାହିଁ । ଶତ୍ରୁବାଧା କ୍ରମଶଃ ଅପସରିଯିବ । ବିବାଦୀୟ କ୍ଷେତ୍ରରେ ନ୍ୟାୟ ପାଇବା ନିମିତ୍ତ ସମୟର ଆବଶ୍ୟକତା ଅଛି । ବେପାର ବାଣିଜ୍ୟରେ ପଛଘୁଞ୍ଚା ନାହିଁ । ଆର୍ଥୀକ ଦିଗର ସମସ୍ୟା ଦୂରୀଭୂତ ହେବ । ଘରେ ବାହାରେ ନିଜର ପତିଆରାକୁ କେହି ଦବାଇ ପାରିବେ ନାହିଁ । ରସିକତା ଓ ଭାବୁକତା ବୃଦ୍ଧି ପାଇବ । ଦେବକର୍ମ ଓ ଅତିଥି ସେବାରୁ ସନ୍ତୋଷ ପ୍ରାପ୍ତ ହେବେ । ବକେୟା ପ୍ରାପ୍ତ ଅଟକିଥିଲେ ତାହା ହାତକୁ ଆସିବ । ଉତ୍ସବାଦି କର୍ମରେ ଯୋଗ ଦେବେ । ସୁବର୍ଣ୍ଣାଦି ଧାତୁ କ୍ରୟ କରିବେ । ଯାନବାହାନର ଯୋଗ ଅଛି । ପୁରୁଣା ରୋଗରୁ ଉଦ୍ଧାର ପାଇଲେବି ଉଦର ଓ ଚକ୍ଷୁପୀଡ଼ା ଦେଖାଦେବ । ପାରିବାରିକ ଶାନ୍ତି ଅକ୍ଷୁର୍ଣ୍ଣ ରହିବ । ମହିଳାମାନେ ଭୋଗ ବିଳାସରେ ମାତି ରହିଲେବି ଔସତ୍ୟ କର୍ମକୁ ପ୍ରାଧାନ୍ୟ ଦେଇ ତୁଲାଇବେ । ନେତୃତ୍ୱ ବହନ କରିପାରନ୍ତି । ବିଦ୍ୟାର୍ଥୀମାନେ ମଉଜ ମଜଲିସ ମଧ୍ୟରେ କର୍ତ୍ତବ୍ୟରେ ଅବହେଳା କରିବେ ନାହିଁ ।

ଅଶୁଭ ଦିବସ:- ୨୭, ୨୮, ୭, ୮ ଅଷ୍ଟମଚନ୍ଦ୍ର:- ୫, ୬ ଘାତଚନ୍ଦ୍ର:- ୯, ୧୦ ବାକିଦିନ ଶୁଭ ।



**ତୁଳା:-** ଶୁଭାଶୁଭ ମିଶ୍ରିତଫଳ ମାଧ୍ୟମରେ ମାସଟି ଅତିବାହିତ କରିବେ । ସମସ୍ତ ନକରାତ୍ମକ ଚିନ୍ତାଧାରାକୁ ପଛରେ ପକାଇ ଦୃଢ଼ ଇଚ୍ଛାଶକ୍ତି ଯୋଗେ କର୍ମକ୍ଷେତ୍ରରେ ଆଗଇେବାରେ ପ୍ରୟାସ ଜାରିରଖିବେ । ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା କ୍ରମଶଃ

ସହଜ ସରଳ ହେବ। ଗତିପଥରେ ଶତ୍ରୁମାନଙ୍କ ଚକ୍ରାନ୍ତର ଜାଲ ଛିଣ୍ଡାଇ ଦୈବୀକୃପା ଲାଭକରି ଆଗେଇବେ। ପଥଚ୍ୟୁତ ହେବାର ବିଡ଼ମ୍ବନା ଉପୁଜିବ ନାହିଁ। ହତୌଷୀମାନଙ୍କ ଅକୁଣ୍ଠ ସାହାଯ୍ୟ ଓ ପ୍ରେରଣା ଉଦ୍‌ବୁଦ୍ଧ କରିବ। ସାମାଜିକ ସ୍ତରରେ ନିଜର ସ୍ଥିତିରେ ବିଭ୍ରାଟ ଘଟିବାର ନାହିଁ। ବିବାଦୀୟ କ୍ଷେତ୍ର ସାବଲୀଳ ହେବା ଯୋଗେ ଆଶ୍ୱସ୍ତ ହେବେ। ମନର ଅବସାଦ ଦୂରେଇଯାଇ ଆତ୍ମ ସନ୍ତୋଷର ଅଧିକାରୀ ହେବାର ମଉକା ମିଳିବ। ବେପାର ବାଣିଜ୍ୟର ପଥରୋଧ ହେବନାହିଁ। ନୂତନ ଚିନ୍ତାଧାରାରେ ବେପାରର ଶୈଳୀ ପରିବର୍ତ୍ତନ କରିବେ। ଆର୍ଥିକ ଦିଗରୁ ସୁଦୃଢ଼ ହେବାର ସୂଚନା ମିଳୁଛି। ନୂତନ ସଂପର୍କର ସଂଯୋଗରେ ବ୍ରତୀ ହେବେ। ପରିବାରର ସଦସ୍ୟମାନଙ୍କ ସ୍ୱାସ୍ଥ୍ୟ ଚିନ୍ତା ବଢ଼ାଇପାରେ। ବେଳେବେଳେ ମନର ବିଷାଦ ଧୈର୍ଯ୍ୟ ଚ୍ୟୁତି କରାଇପାରେ। ଭବିଷ୍ୟତର ଯୋଜନା ପୋଷଣ କରିବେ। ଜମିଭୂମି କ୍ରୟ ଅଥବା ନିର୍ମାଣ କାର୍ଯ୍ୟ କରିବେ। ଦୂର ଭ୍ରମଣ ଯୋଗଅଛି। ବାତ୍‌ପିତ୍ତ ଓ ରକ୍ତ ଶର୍କରା ରୋଗ ଦେଖାଦେବ। ପରିବାରରେ ନିଃସଙ୍ଗତା ବୋଧ କରିବେ। ମହିଳାମାନେ ପରିବାରରେ ଅନ୍ୟମାନଙ୍କୁ ପ୍ରେରଣା ପ୍ରଦାନ କରି ଦୃଢ଼ ବଳାଇବେ। ସମର୍ପଣ ଭାବ ରହିବ। ଅର୍ଥ ଉପାର୍ଜ୍ଜନରେ ମନ ବଳାଇବେ। ବିଦ୍ୟାର୍ଥୀମାନେ ପ୍ରତିଯୋଗୀତାରେ ସାଫଲ୍ୟତା ଅର୍ଜ୍ଜନ କରିବେ।

ଅଶୁଭ ଦିବସ:- ୨୯, ୩୦, ୩୧, ୯, ୧୦ ଅଷ୍ଟମଚନ୍ଦ୍ର:- ୭, ୮ ଘାତଚନ୍ଦ୍ର:- ୨୭, ୨୮ ବାକି ଦିନ ଶୁଭ।




**ବିଛା:-** ଶୁଭାଶୁଭ ମିଶ୍ରିତ ସ୍ଥିତିରେ ମାସଟି ଗତିଶୀଳ ହେବ। କର୍ମକ୍ଷେତ୍ରରେ ମନକୁ ଶାନ୍ତରଖି ଗତିକଲେ କର୍ମ ଅଟକିବ ନାହିଁ। ଶତ୍ରୁ ପ୍ରତିହତ କରି ନିରୁପଦ୍ରବ ଜୀବନଚର୍ଯ୍ୟା ଚଳୁ ରଖିବେ। ମାସର ଶେଷାର୍ଦ୍ଧରେ ମାନସିକ ଅବସାଦ ସାଙ୍ଗକୁ ଅଯଥା ଖର୍ଚ୍ଚ ବୃଦ୍ଧି ପାଇପାରେ। ମନୋବଳରେ ବଳୀୟାନ ହେବାଫଳରେ ଅନେକ ଗୁଡ଼ିଏ ପରିବେଶକୁ ନିଜ ଆୟତ୍ତରେ ରଖିବାରେ ସମର୍ଥ ହେବେ। ଅଭୀଷ୍ଟ ସାଧନରେ ଆଗୁସାର ହୋଇପାରିବାର ସୁଯୋଗ ଉପଗତ ହେବ। ସାମାଜିକ ସ୍ତରରେ ସ୍ୱାଭିମାନ ବଜାୟ ରହିବ। ଅନ୍ୟ ଉପରେ ଭରସା ନ ରଖି ନିଜ ବୁଦ୍ଧି ଓ ଉଦ୍ୟମରେ ଅନେକ କିଛି ସାଧନ କରିବେ। ବେପାର ବାଣିଜ୍ୟରେ ଐଶୀକୃପା ଦ୍ୱାରା ଅଭିବୃଦ୍ଧି ସାଧନ ହେବ। ନିଜର ଦୁର୍ବଳତା ଅନ୍ୟ ଆଗରେ ପ୍ରକାଶ କରିବେ ନାହିଁ। ଆର୍ଥୀକ ଦିଗ ପୂର୍ବ ତୁଳନାରେ ସୁଧାର ହେବ। ନିର୍ମ୍ମାଣ କାର୍ଯ୍ୟରେ ମନୋନିବେଶ କରି ଆଗେଇବେ। ସୁଖ ଭ୍ରମଣ ଏବଂ ଦେବକାର୍ଯ୍ୟରେ ନିୟୋଜିତ ହେବେ। ନିଜର ବିଚାରଧାରାକୁ ପ୍ରାଧାନ୍ୟ ଦେବେ। ଚିନ୍ତାଜନକ ରୋଗବ୍ୟାଧିର ଆଶଙ୍କା ନାହିଁ। ପାରିବାରିକ ଜୀବନରେ ବିଶୃଙ୍ଖଳା ଘଟିବାର ନାହିଁ। ମହିଳାମାନେ ନିଜର ସ୍ୱାତନ୍ତ୍ର୍ୟତା ପ୍ରତି ପ୍ରାଧାନ୍ୟ ଦେବେ। କର୍ତ୍ତବ୍ୟକୁ ପ୍ରାଧାନ୍ୟତା ପ୍ରଦାନ କରି ଅନ୍ୟ ନକାରାତ୍ମକ ପରିବେଶକୁ ଏଡ଼ାଇ ଚାଲିବେ। ବିଦ୍ୟାର୍ଥୀମାନେ ପରିଶ୍ରମ ଦ୍ୱାରା ଅସାଧ୍ୟ ସାଧନ କରିବେ।

ଅଶୁଭ ଦିବସ:- ୧୫, ୧୬, ୨୨, ୨୩, ୧, ୨, ୧୧, ୧୨ ଅଷ୍ଟମଚନ୍ଦ୍ର:- ୯, ୧୦ ଘାତଚନ୍ଦ୍ର:- ୭, ୮ ବାକିଦିନ ଶୁଭ।



**ଧନୁ:-** ମାସଟି ଆପଣଙ୍କୁ ଶୁଭଫଳ ଦେବାର ଇସାରା ପ୍ରଦର୍ଶନ କରୁଛି। ଅନିଶ୍ଚିତତା ଏବଂ ଅସ୍ଥିରତା ଠାରୁ ବହୁ ପରିମାଣରେ ମୁକ୍ତ ହେବା ଯୋଗେ ଅନ୍ୟମନସ୍କତା ଦୂରହୋଇ କର୍ତ୍ତବ୍ୟ କର୍ମ ପାଳନରେ ଆଗ୍ରହୀ ହେବେ। ଆଖି ଦୃଶିଆ ସାଧନ ଯୁକ୍ତ ହେବେ। ଲକ୍ଷ୍ୟସ୍ଥଳ ପ୍ରାପ୍ତି ନିକଟତର ହେବ। କର୍ମରେ ଉନ୍ନତିର ଆଶା ସର୍ବାଧିକ। କାର୍ଯ୍ୟ ହାସଲ ନିମିତ୍ତ ବିଶ୍ରାମହୀନ ପରିଶ୍ରମକୁ ଆପଣେଇ ନେବେ। ଆତ୍ମୀୟମାନଙ୍କ ବିରୋଧ ସତ୍ତ୍ୱେ ନିଜ ବୁଦ୍ଧିରେ ଆଗେଇଯାଇ ପାରନ୍ତି। ସାମାଜିକ କ୍ଷେତ୍ରରେ ମାନ୍ୟତା ବୃଦ୍ଧି ପାଇବ। ଭୋଗ ବିଳାସର ପ୍ରାଚୁର୍ଯ୍ୟ ଥିଲେବି ସମୟର ଅଭାବ ପରିଲକ୍ଷିତ ହେବ। ବେପାର ବାଣିଜ୍ୟରେ ଆଶଙ୍କା ଉପୁଜିବ ନାହିଁ। ଅର୍ଥ ପ୍ରାପ୍ତି ସାମାନ୍ୟ ବିଳମ୍ବ ପରିଲକ୍ଷିତ ହେବ। ସ୍ଥାନାନ୍ତର ଓ ଭ୍ରମଣ ଯୋଗ ଅଛି। ବିବାଦୀୟ କ୍ଷେତ୍ରରୁ ସହଜ ଉଦ୍ଧାର ମିଳିବ। ଗୁରୁଜନମାନଙ୍କ ନିମିତ୍ତ ଚିନ୍ତିତ ରହିବେ। ଯୋଜନାବଦ୍ଧ କାର୍ଯ୍ୟକୁ ଉତ୍ତମ ରୂପେ ତୁଲାଇବେ। ଥଣ୍ଡାଦୋଷ ଓ ପେଟରୋଗ ଦେଖାଦେବ। ପାରିବାରିକ ଜୀବନରୁ ଶାନ୍ତି ପାଇବେ। ଭଗବତ୍ ବିଶ୍ୱାସ ଉନ୍ନତତର ହେବ। ମହିଳାମାନେ ଅପେକ୍ଷାକୃତ ଭାବେ ଶାନ୍ତି ପାଇବେ। ସହାନୁଭୂତି ଓ ଶାନ୍ତ୍ୱନାବାଣୀର ଅଭାବ ଦେଖାଦେବ ନାହିଁ। ଭବିଷ୍ୟତ ଯୋଜନାକୁ ସାକାର କରିବେ। ବିଦ୍ୟାର୍ଥୀମାନେ ଭବିଷ୍ୟତ ଗଠନରେ ପ୍ରୟାସୀ ହେବେ।

ଅଶୁଭ ଦିବସ:- ୧୭, ୧୮, ୨୪, ୨୫, ୨୬, ୧୩, ୧୪ ଅଷ୍ଟମଚନ୍ଦ୍ର:- ୧୫, ୧୬, ୧୧, ୧୨ ଘାତଚନ୍ଦ୍ର:- ୩, ୪ ବାକିଦିନ ଶୁଭ।



**ମକର:-** ପୂର୍ବ ତୁଳନାରେ ମାସଟି ଆପଣଙ୍କ ନିମିତ୍ତ ଶୁଭଫଳ ଦ୍ୟୋତକ ହେବ। ଅଧିକରୁ ଅଧିକ ଅନୁକୂଳ ପବନ ବହିବା ଯୋଗେ ଉନ୍ନତି ପଥରେ ବିନା ବାଧା ଓ ବିନା ଦ୍ୱିଧାରେ ଆଗେଇବେ। ଇପ୍‌ସିତ ବସ୍ତୁ ହସ୍ତଗତ କରିବାରେ ବିଘ୍ନ ଉପୁଜିବ ନାହିଁ। ଗଡ଼ି ଚାଲିଥିବା ଅଶାନ୍ତି ଓ ଅସୁସ୍ଥିରୁ ଉଦ୍ଧାର ମିଳିବ। ମନୋବଳ ଓ ଶକ୍ତି ସଞ୍ଚୟ କରି ଅସମ୍ଭବକୁ ସମ୍ଭାବନାରେ ପରିଣତ କରିବେ। ଉପରିସ୍ଥ ମାନଙ୍କୁ ମନାଇ କାର୍ଯ୍ୟ ହାସଲ କରିପାରନ୍ତି। ସାମୟିକ ମନରେ ଭୟଜାତ ହେଲେବି ଦୈବୀକୃପା ଓ ପିତୃକୃପା ଯୋଗେ ତାହା ଅପସରିଯିବ। ନୂତନ ପନ୍ଥା ଅନୁସରଣ କରି ଉନ୍ନତି ମାର୍ଗରେ ଆଗେଇବେ। ସାମାଜିକ ସ୍ତରରେ ଲୋକମାନ୍ୟତା ମିଳିବ। ବେପାର ବାଣିଜ୍ୟରୁ ସ୍ଥାଣୁତା ଦୂରୀଭୂତ ହେବା ଯୋଗେ ଆତ୍ମ ସନ୍ତୋଷ ମିଳିବ। ଆର୍ଥୀକ ଦିଗରୁ ଆଶ୍ୱସ୍ତ ହେବେ। ଋଣ ପରିଶୋଧ କରିବାରେ ସମର୍ଥ ହେବେ। ସୃଜନଶୀଳ ଚିନ୍ତାଧାରାରେ ଅଭିବୃଦ୍ଧି ଘଟିବ। ଭ୍ରମଣକୁ ପ୍ରମୁଖତା ଦେବେ। ନୂତନ କାର୍ଯ୍ୟର ଶୁଭାରମ୍ଭ କରିପାରନ୍ତି। ବୟସ୍କ ବ୍ୟକ୍ତିଙ୍କ ନିମିତ୍ତ ଦୁଃଖ ପ୍ରକାଶ କରିବେ। ପ୍ରତିଦ୍ୱନ୍ଦିତାରେ ଜିତାପଟ ହୋଇପାରେ। ସ୍ନାୟବିକ ଦୁର୍ବଳତା ସହିତ ପୁରୁଣା ରୋଗର ଆଂଶିକ ପୀଡ଼ା ମିଳିବ। ପାରିବାରିକ

ଜୀବନ ମଧୁରମୟ ହେବ। ମହିଳାମାନେ ଅପେକ୍ଷାକୃତ ଭାବେ ଶାନ୍ତି ଓ ସୁଖ ପାଇବେ। ଅନେକ କ୍ଷେତ୍ରରେ ନିରବତା ଅବଲମ୍ବନ କରି ପ୍ରଶଂସା ପାଇବେ। ବିଦ୍ୟାର୍ଥୀମାନେ ଶୁଭଫଳ ପ୍ରାପ୍ତହେବେ।

ଅଶୁଭ ଦିବସ:- ୧୯, ୨୦, ୨୧, ୨୭, ୨୮, ୫, ୬, ୭, ୮ ଅଷ୍ଟମଚନ୍ଦ୍ର:- ୧୭, ୧୮, ୧୩, ୧୪ ଘାତଚନ୍ଦ୍ର:- ୧୭, ୧୮, ୧୩, ୧୪ ବାକିଦିନ ଶୁଭ।



**କୁମ୍ଭ:-** ମାସଟି ଆପଣଙ୍କ ନିମିତ୍ତ ମିଶ୍ର ଶୁଭଦାୟକ ହେବ। କେତେକ ସମସ୍ୟାର ସ୍ଥାୟୀ ସମାଧାନ ହେବା ଫଳରେ ଆଶ୍ୱସ୍ତି ଲାଭ କରିବେ। ସ୍ୱାସ୍ଥ୍ୟଗତ ଦୁଶ୍ଚିନ୍ତା ବହୁ ପରିମାଣରେ ଉପସମ ହେବା କାରଣରୁ କର୍ମ କରିବାର ପ୍ରବୃତ୍ତି ଜାଗରିତ ହେବ। ଭାବମୂର୍ତ୍ତିର ବର୍ଦ୍ଧିତ ବିକାଶ ମନରେ ଉତ୍ସାହ ଉଦ୍ଦୀପନା ଭରିପାରେ। କର୍ତ୍ତବ୍ୟ କର୍ମରେ ଅବହେଳା ପରିଲକ୍ଷିତ ହେବନାହିଁ। ସାମାଜିକ ସ୍ତରରେ ସ୍ଥାନ ଓ ମାନ ସୁରକ୍ଷିତ ରହିବ। ବିବାଦୀୟ କ୍ଷେତ୍ରରେ ବଳବୁଦ୍ଧି ଖଟାଇ ନିଜପକ୍ଷକୁ ଦୃଢ଼ କରିବେ। ଆର୍ଥିକ ଦିଗ ପୂର୍ବ ତୁଳନାରେ ବଢ଼ତି ହେବ। କର୍ମସ୍ଥଳରେ ମୌଳିକ ଚିନ୍ତାଧାରା ଉଦ୍ରେକ ହେବ। ଶତ୍ରୁମାନେ ନିଜର ଭୁଲ ବୁଝିବେ। ନିମ୍ନବର୍ଗକୁ କାମରେ ଲଗାଇ ଉପକୃତ ହୋଇପାରନ୍ତି। କୌଣସି ମାଙ୍ଗଳିକ କାର୍ଯ୍ୟରେ ନିବିଡ଼ ସଂପର୍କତା ଲାଗିରହିବ। ଲୋକ ସଂପର୍କକୁ ଆଧାର କରି ବେପାର ବାଣିଜ୍ୟର ପରିସରକୁ ସଂପ୍ରସାରିତ କରିବେ। ନିର୍ମାଣ କାର୍ଯ୍ୟ ଆଗେଇ ଚାଲିବ। ରକ୍ତଚାପ ଓ ରକ୍ତଶର୍କରା ରୋଗର ଶିକାର ହେଲେବି ପୂର୍ବ ତୁଳନାରେ ରୋଗର ଉପଶମ ଘଟିବ। ପାରିବାରିକ ଜୀବନରେ ଅଳ୍ପେ ବହୁତେ ଅଶାନ୍ତି ଦେଖାଦେଇପାରେ। ମହିଳାମାନେ ପରିବାରରେ ଓ ସମାଜରେ ସକ୍ରୀୟ ରହି ଅନେକ ସମସ୍ୟାର ସୁସମାଧାନ କରିବେ। ଦେବତା ଅତିଥି ସେବାରେ ସମୟ ବଢ଼ିବ। ବିଦ୍ୟାର୍ଥୀମାନେ କୁଅଭ୍ୟାସ ତ୍ୟାଗ କରି ଉଚିତ ମାର୍ଗରେ ପରିଚାଳିତ ହେବେ।

ଅଶୁଭ ଦିବସ:- ୨୯, ୩୦, ୩୧, ୯, ୧୦ ଅଷ୍ଟମଚନ୍ଦ୍ର:- ୧୯, ୨୦, ୨୧ ଘାତଚନ୍ଦ୍ର:- ୨୭, ୨୮ ବାକିଦିନ ଶୁଭ।



**ମୀନ:-** ଆପଣଙ୍କ ନିମିତ୍ତ ମାସଟି ଶୁଭାଶୁଭ ମିଶ୍ରିତ ଫଳ ପ୍ରଦାନ ମାଧ୍ୟମରେ ଅତିବାହିତ ହେବ। କର୍ମକ୍ଷେତ୍ରରେ ଆଗ୍ରହ ଊଣା ହେଲେବି କର୍ତ୍ତବ୍ୟ ସଂପାଦନ ନିମିତ୍ତ ଘୋଷାରି ହୋଇ ଚାଲିବେ। ଗତି ପଥରେ ବାଧାବିଘ୍ନ ଓ ସମସ୍ୟା ଦେଖାଦେଲେବି ଧୈର୍ଯ୍ୟ, ମନୋବଳ ଓ ଈଶ୍ୱରଭକ୍ତି ବଳରେ ସେ ସବୁକୁ ଅତିକ୍ରମି ଯିବା ସମ୍ଭବ ହେବ। ଉପରିସ୍ଥ ମାନଙ୍କ ସହଯୋଗ ତଥା ପ୍ରେରଣା ପ୍ରାପ୍ତ ହୋଇ କର୍ମ ସଂପାଦନରେ ଆଗ୍ରହୀ ହେବେ। ସାମାଜିକ ସ୍ତରରେ ମାନ ସମ୍ମାନ ପ୍ରତି ନାଲି ଆଖିର ଆଶଙ୍କା ନାହିଁ। ବିବାଦୀୟ କ୍ଷେତ୍ରରେ କିଛି ଅର୍ଥ ବ୍ୟୟ ହେଲେବି ଇଜ୍ଜତ ରକ୍ଷା ହେବ। ବେପାର ବାଣିଜ୍ୟରେ ମୂଳଧନରେ ଲାଭାଂଶ ମିଶିପାରେ। ଲକ୍ଷ ପରିଶୋଧ ପ୍ରତି ସଚେତନ ହେବେ। ଗୁରୁଜନମାନଙ୍କ ସ୍ୱାସ୍ଥ୍ୟ ସାମୟିକ ଚିନ୍ତିତ କରାଇବ। ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବେ। ଭ୍ରମଣ ଯୋଗେ ମନ ପରିବର୍ତ୍ତନ ହେବ। ମାଙ୍ଗଳିକ କାର୍ଯ୍ୟର ଯୋଜନା ପ୍ରସ୍ତୁତ କରିବେ। ଆର୍ଥିକ ଦିଗରୁ ମୁହଁ ଶୁଖାଇବାର ନାହିଁ। ଥଣ୍ଡାଦୋଷ ଓ ପେଟଦୋଷ ଦେଖାଦେଲେବି ତାହା ଆୟତ୍ତରେ ରହିବ। ପାରିବାରିକ ଅଶାନ୍ତି ଭୋଗିବାର ନାହିଁ। ମହିଳାମାନେ ସୂକ୍ଷ୍ମବୁଦ୍ଧି ପ୍ରୟୋଗ କରି କର୍ମ ନିପୁଣା ହେବେ। ପରିବାରରେ ମାନ ମର୍ଯ୍ୟାଦା ବୃଦ୍ଧି ପାଇବ। ବିଦ୍ୟାର୍ଥୀମାନେ ଉତ୍ତମ ଫଳ ଭୋକ୍ତା ହେବେ।

ଅଶୁଭ ଦିବସ:- ୧୫, ୧୬, ୧୧, ୧୨ ଅଷ୍ଟମଚନ୍ଦ୍ର:- ୨୨, ୨୩ ଘାତଚନ୍ଦ୍ର:- ୧, ୨ ବାକିଦିନ ଶୁଭ।

***ନୂଆଗାଁ, ଇଟିପୁର, ଖୋର୍ଦ୍ଧା***
***ଦୂରଭାଷ: ୬୩୭୨୫୯୬୯୧୯***

Postal Regd. No. CK (C)/91/2024-2026

**The Samaroha** October - 2025, Vol. - 35, Issue - 1

RNI Regd. No. : 034056/1981

KALINGA COMMERCIAL CORPORATION LTD

A Leading Turnkey Service Provider for Mining Sector

(ISO 9001 : 2008 Certified)

*Our Strength is-*
*Unity &*
*Teamwork with*





*Commitment and*
*Dedication*

*Our Motto –*
*No Words but Deeds*





*Aiming for Excellence*
*in Achievement with*
*Customer Satisfaction*

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

*CORPORATE OFFICE*

A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012

MOB: 9937559264

WEB: www.kccl.co.in

₹ 20/-

Date of Publication : 17.10.2025

Facebook: The Samaroha

E-mail: thesamaroha@gmail.com, Website: www.samaroha.in